ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୫/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, July 15/2025 | Page 14 | ₹ 7.00
୫୧ଶ ଭାଗ ୨୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 230 | ମୂଲ୍ୟ ₹୭/-

## विशेष गहन पुनरीक्षण 2025

# क्या आप बिहार के मतदाता हैं?

## क्या आप अस्थाई रूप से राज्य से बाहर हैं?

**अगर आपके पास अभी मोबाइल फोन है, तो आप गणना प्रपत्र तुरंत भर सकते हैं।**




**कृपया QR Code Scan करें।**

https://voters.eci.gov.in/

### ऑनलाइन गणना प्रपत्र आसानी से भरें।

1. "Fill Enumeration Form Online" बटन पर क्लिक करें।
2. मोबाइल नंबर या ईपिक के माध्यम से OTP का प्रयोग कर लॉगिन करें।
3. स्क्रीन पर दिखाई देने वाले फॉर्म में अपनी विवरणी जैसे नाम, जन्मतिथि एवं अन्य जानकारी भरें।
4. एक सादे सफेद कागज़ पर अपने हस्ताक्षर या बाएं हाथ के अंगूठे का निशान बनाएं एवं मोबाइल से उसकी स्पष्ट फोटो खींचकर अपलोड करें।
5. घोषणा (Declaration) पढ़ें और बॉक्स में टिक करें।
6. Preview में सभी जानकारी जांच लें, फिर "Submit Enumeration Form......." बटन पर क्लिक करें।
7. गणना प्रपत्र सफलतापूर्वक जमा होने की सूचना SMS के माध्यम से मिल जाएगी।
8. उसके बाद, अपनी फोटो और दस्तावेज़ जमा करने के लिए दिए गए लिंक पर क्लिक करें।
9. आवश्यक दस्तावेजों की मोबाइल से फोटो लें और अपलोड करें।
10. आपकी फोटो और दस्तावेज़ भी सफलतापूर्वक जमा हो जाएंगे।

### ऑफलाइन माध्यम

अस्थायी रूप से स्थानांतरित (माइग्रेटेड) मौजूदा मतदाता वेबसाइट https://voters.eci.gov.in से पूर्व-भरा हुआ गणना प्रपत्र डाउनलोड कर सकते हैं।

ऐसे मतदाता गणना प्रपत्र को प्रिंट कर हस्ताक्षरित कर सकते हैं और 25 जुलाई 2025 से पहले अपने बीएलओ तक, अपने पारिवारिक सदस्यों के माध्यम से या किसी भी ऑनलाइन माध्यम (जैसे व्हाट्सऐप आदि) द्वारा भेज सकते हैं, ताकि उनका नाम प्रारूप वोटर लिस्ट में सम्मिलित किया जा सके।

CBC 52101/13/0003/2526

- यदि आप आवश्यक दस्तावेज उपलब्ध करा देते हैं तो निर्वाचक निबंधन पदाधिकारी (ERO) को आवेदन को प्रोसेस करने में आसानी रहेगी।
- यदि आप आवश्यक दस्तावेज उपलब्ध नहीं करा पाते हैं तो निर्वाचक निबंधन पदाधिकारी(ERO) द्वारा स्थानीय जाँच या अन्य दस्तावेज के साक्ष्य के आधार पर निर्णय लिया जा सकेगा।
- 2003 की मतदाता सूची दिए गए लिंक https://voters.eci.gov.in/bh_2003_eroll पर उपलब्ध है।

अधिक जानकारी के लिए हेल्पलाइन नंबर 1950 पर कॉल करें

**मुख्य निर्वाचन पदाधिकारी, बिहार**

https://ceoelection.bihar.gov.in | Follow us on: BiharCEO CEOBihar Bihar_CEO | https://voters.eci.gov.in

**ସାଇବର ଠକେଇ: ମାସକୁ ହଜାରେ କୋଟି ହରାଉଛନ୍ତି ଭାରତୀୟ**

ଭାରତୀୟଙ୍କୁ ଟାର୍ଗେଟ କରି ଦକ୍ଷିଣପୂର୍ବ ଏସୀୟଦେଶଗୁଡ଼ିକରୁ ହେଉଥିବା ସାଇବର ଠକେଇ ସମ୍ପର୍କରେ ସୋମବାର ବହିର୍ବ୍ୟାପାର ମନ୍ତ୍ରଣାଳୟର ରିପୋର୍ଟ ପ୍ରକାଶ ପାଇଛି। ଚଳିତ ବର୍ଷର ପ୍ରଥମ ୫ ମାସରେ ଭାରତୀୟମାନେ ମାସିକ ହାରାହାରି ୧,୦୦୦ କୋଟି ଟଙ୍କା ଠକେଇର ସମ୍ମୁଖୀନ ହୋଇଥିବା ମନ୍ତ୍ରଣାଳୟ ଆକଳନ କରିଛି।



# ତଦନ୍ତ ରିପୋର୍ଟକୁ ନେଇ ପ୍ରଶ୍ନ ଉଠିଲା

## ଅହମଦାବାଦ ବିମାନ ଦୁର୍ଘଟଣା



ନୂଆଦିଲ୍ଲୀ,୧୪ା୭(ପି.ଟି.)

ଜୁନ୍ ୧୨ରେ ଏୟାର ଇଣ୍ଡିଆର ଏଆଇ ୧୭୧ ବିମାନ ଦୁର୍ଘଟଣାର ପ୍ରାରମ୍ଭିକ ତଦନ୍ତ ରିପୋର୍ଟକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏୟାର ଇଣ୍ଡିଆ ସିଇଓ କ୍ୟାମ୍ପବେଲ ୱିଲସନ ମଧ୍ୟ ତଦନ୍ତ ରିପୋର୍ଟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପାଇଲଟ୍ ଏବଂ ବିମାନ ସମ୍ପୂର୍ଣ୍ଣ ଉପଯୁକ୍ତ ଥିଲେ ବୋଲି ୱିଲସନ କହିବା ସହ ବିମାନର ମେକାନିକାଲ କିମ୍ବା ମେଣ୍ଟେନାନ୍ସରେ କୌଣସି ସମସ୍ୟା ରିପୋର୍ଟରେ ଦର୍ଶାଯାଇ ନ ଥିବା ସେ କହିଛନ୍ତି। ଅହମଦାବାଦରେ ହୋଇଥିବା ଏହି ବିମାନ ଦୁର୍ଘଟଣାରେ ବିମାନର ୨୪୧ ଜଣଙ୍କ ମୃତ୍ୟୁ ଘଟିବା ସହ ତଳେ ଥିବା ଅନ୍ୟ ୧୯ ଜଣ ପ୍ରାଣ ହରାଇଥିଲେ। ତଦନ୍ତ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ବର୍ତ୍ତମାନ କୌଣସି ସିଦ୍ଧାନ୍ତରେ ପହଞ୍ଚିବା ଅପରିପକ୍ୱ ହେବ ବୋଲି ସିଇଓ କହିଛନ୍ତି।

ବିମାନର ଇନ୍ଧନ ସୁଇଚ୍ କଟ୍ ଅଫ୍ ହୋଇଯାଇଥିଲା ବୋଲି ଏଏଆଇବିର ପ୍ରାରମ୍ଭିକ ତଦନ୍ତ ରିପୋର୍ଟରେ କୁହାଯାଇଛି। ମାନବୀୟ ତ୍ରୁଟି ଯୋଗୁ ଏଭଳି ହୋଇଥିବା କୁହାଯାଉଛି। ତେବେ ଏଏଆଇବିର ତଦନ୍ତ ରିପୋର୍ଟରେ ଅଧିକ ସ୍ୱଚ୍ଛତା ରହିବା ଆବଶ୍ୟକ ବୋଲି ବିମାନ ଚଳାଚଳ ବିଶେଷଜ୍ଞ କ୍ୟାପ୍ଟେନ୍ ମୋହନ ରଙ୍ଗନାଥନ୍ ସୋମବାର କହିଛନ୍ତି। ପାଇଲଟ୍‌ଙ୍କ ତ୍ରୁଟି ଥିବା ସମ୍ଭାବନାକୁ ନେଇ କଳ୍ପନାଜଳ୍ପନା ଲାଗିରହିଥିବାବେଳେ ପାଇଲଟ୍ ଆସୋସିଏଶନ ଏନେଇ ଚିନ୍ତାବ୍ୟକ୍ତ କରିଛି। ଏଆଇ ୧୭୧ ବିମାନର ପାଇଲଟ୍ ଆହ୍ୱାନପୂର୍ଣ୍ଣ ସ୍ଥିତିରେ ସେମାନଙ୍କ ତାଲିମ ଏବଂ ଦାୟିତ୍ୱ ଅନୁଯାୟୀ କାର୍ଯ୍ୟ କରିଥିଲେ। ଅନୁମାନ ଆଧାରରେ ପାଇଲଟମାନଙ୍କୁ ଅପମାନିତ କରିବା ଉଚିତ ନୁହେଁ ବୋଲି ରବିବାର ଭାରତୀୟ ବ୍ୟବସାୟିକ ପାଇଲଟ୍ ଆସୋସିଏଶନ (ଆଇସିପିଏ) କହିଥିଲା।

ବିମାନ ଦୁର୍ଘଟଣାକୁ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ କଳ୍ପନାଜଳ୍ପନା ଚାଲିଥିବାବେଳେ ଶନିବାର ପ୍ରକାଶ ପାଇଥିବା ଏଏଆଇବିର ପ୍ରାରମ୍ଭିକ ରିପୋର୍ଟରେ ଦୁର୍ଘଟଣାର କୌଣସି କାରଣକୁ ଚିହ୍ନଟ କରାଯାଇ ନାହିଁ। ତଦନ୍ତ ଶେଷ ହୋଇ ନ ଥିବାବେଳେ କୌଣସି ନିଷ୍କର୍ଷରେ ନ ପହଞ୍ଚିବା ପାଇଁ ମଧ୍ୟ ଏଥିରେ କାହାକୁ ସୁପାରିସ କିମ୍ବା ନିବେଦନ କରାଯାଇ ନାହିଁ।

## ବୋଇଂ ବିମାନର ଇନ୍ଧନ ନିୟନ୍ତ୍ରଣ ସୁଇଚ୍ ଯାଞ୍ଚ ପାଇଁ ଡିଜିସିଏ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୪ା୭

ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ସମ୍ପର୍କିତ ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ଆସିବା ପରେ ବୋଇଂ ୭୮୭ ଏବଂ ବୋଇଂ ୭୩୭ ବିମାନଗୁଡ଼ିକର ଇନ୍ଧନ ନିୟନ୍ତ୍ରଣ ସୁଇଚ୍ ଆସନ୍ତା ୨୧ ତାରିଖ ସୁଦ୍ଧା ଯାଞ୍ଚ କରିବାକୁ ସୋମବାର ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାରଲାଇନ୍ସଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଏୟାର ଇଣ୍ଡିଆର ଦୁର୍ଘଟଣାଗ୍ରସ୍ତ ବୋଇଂ ୭୮୭ ବିମାନର ଫୁଏଲ୍ କଣ୍ଟ୍ରୋଲ ସୁଇଚ୍ କଟ୍ ଅଫ୍ ହୋଇଯାଇଥିଲା ବୋଲି ପ୍ରାରମ୍ଭିକ ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି। ୨୦୧୮ରେ ଫେଡେରାଲ ଆଭିଏଶନ ଆଡମିନିଷ୍ଟ୍ରେଶନ (ଏଫ୍ଏଏ) ମଧ୍ୟ ବୋଇଂର କେତେକ ନିର୍ଦ୍ଦିଷ୍ଟ ମଡେଲରେ ଫୁଏଲ୍ କଣ୍ଟ୍ରୋଲ ସୁଇଚ୍‌ର ଲକିଂ ବ୍ୟବସ୍ଥାରେ ସମ୍ଭାବ୍ୟ ବିଘଟନ ନେଇ ପ୍ରଶ୍ନ ଉଠାଇଥିଲା।

## ୟୁକ୍ରେନ୍‌କୁ ପାଟ୍ରିଅଟ୍ ମିଶାଇଲ ଯୋଗାଇବେ ଟ୍ରମ୍ପ

ୱାଶିଂଟନ/କିଭ୍,୧୪ା୭

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନ୍‌କୁ ପାଟ୍ରିଅଟ୍ ଏୟାର ଡିଫେନ୍ସ ମିଶାଇଲ୍ ଯୋଗାଇଦେବେ ବୋଲି କହିଛନ୍ତି। ୫୦ ଦିନ ମଧ୍ୟରେ ୟୁକ୍ରେନ୍ ଯୁଦ୍ଧର ସମାଧାନ ନ କଲେ ରୁଷିଆ ଉପରେ ଟାରିଫ୍ ଲଗାଇବେ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ୩ ବର୍ଷରୁ ଊର୍ଦ୍ଧ୍ୱ ହେଲା ଯୁଦ୍ଧ ଲାଗିରହିଛି। ଆମେରିକା ନେତୃତ୍ୱରେ ଯୁଦ୍ଧବିରତି ପାଇଁ ଟ୍ରମ୍ପ ଉଦ୍ୟମ ଚଳାଇଥିଲେ ମଧ୍ୟ ସେଥିରେ ଅଗ୍ରଗତି ହୋଇପାରି ନାହିଁ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଭଲ କଥା କହି ପରେ ବୋମା ପକାଉଥିବା ଟ୍ରମ୍ପ କହିଛନ୍ତି। ରୁଷିଆର ମିଶାଇଲ୍ ଓ ଡ୍ରୋନ୍ ଆକ୍ରମଣକୁ ପ୍ରତିହତ କରିବା ପାଇଁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଅଧିକ ଶକ୍ତିଶାଳୀ ଅସ୍ତ୍ର ଚାହୁଁଛନ୍ତି। ଟ୍ରମ୍ପ ନିଜ ପୂର୍ବ ଆଭିମୁଖ୍ୟରୁ ଓହରିଯାଇ ୟୁକ୍ରେନ୍‌କୁ ଅସ୍ତ୍ର ଯୋଗାଇଦେବା ନିମନ୍ତେ ନୂଆ ଯୋଜନା ଘୋଷଣା କରିବାକୁ ଯାଉଛନ୍ତି। ୟୁକ୍ରେନ୍ ପାଇଁ ଜରୁରୀ ଥିବା ପାଟ୍ରିଅଟ୍ କ୍ଷେପଣାସ୍ତ୍ର ଯୋଗାଇ ଦିଆଯିବ ବୋଲି ଟ୍ରମ୍ପ କହିଛନ୍ତି।

## ସଂକ୍ଷେପରେ

### ଅଭିନେତ୍ରୀ ସରୋଜା ଦେବୀଙ୍କ ପରଲୋକ



ବି. ସରୋଜା ଦେବୀ

ବେଙ୍ଗାଲୁରୁ,୧୪ା୭

ଅଭିନୟ ସରସ୍ୱତୀ ଭାବେ ପରିଚିତ ବର୍ଷୀୟାନ ଅଭିନେତ୍ରୀ ବି. ସରୋଜା ଦେବୀଙ୍କର ବେଙ୍ଗାଲୁରୁର ମାଲେଶ୍ୱରମ୍‌ସ୍ଥିତ ବାସଭବନରେ ସୋମବାର ସକାଳ ୯ଟାରେ ପରଲୋକ ହୋଇଯାଇଛି। ତାଙ୍କୁ ୮୭ ବର୍ଷ ହୋଇଥିଲା ଓ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପରଲୋକରେ ଭାରତୀୟ ଚଳଚ୍ଚିତ୍ର ଶିଳ୍ପ ଅନ୍ୟତମ ଶ୍ରେଷ୍ଠ କଳାକାରଙ୍କୁ ହରାଇଲା ବୋଲି କୁହାଯାଉଛି। ୧୯୩୮ ଜାନୁଆରୀ ୭ରେ ବେଙ୍ଗାଲୁରୁରେ ଜନ୍ମିତ ସରୋଜା ମା'ବାପାଙ୍କ ଦ୍ୱାରା ପ୍ରୋତ୍ସାହିତ ହୋଇ ନୃତ୍ୟଶିକ୍ଷା କରିଥିଲେ, ଯାହା ତାଙ୍କୁ ଅଭିନୟ ଦୁନିଆକୁ ନେଇଯାଇଥିଲା। ୧୯୫୫ରେ ସେ ମହାକବି କାଳୀଦାସ ଚଳଚ୍ଚିତ୍ରରେ ପ୍ରଥମେ ଅଭିନୟ କରିଥିଲେ। ୭ ଦଶନ୍ଧିର କ୍ୟାରିୟର ମଧ୍ୟରେ ସେ ୨୦୦ରୁ ଊର୍ଦ୍ଧ୍ୱ କନ୍ନଡ, ତାମିଲ, ତେଲୁଗୁ ଏବଂ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଭାରତୀୟ ସିନେମାକୁ ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ଓ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା।

### ଲୋକପ୍ରିୟ ମଡେଲଙ୍କ ଆତ୍ମହତ୍ୟା

ଚେନ୍ନାଇ,୧୪ା୭

ପଣ୍ଡିଚେରୀର ଲୋକପ୍ରିୟ ମଡେଲ ତଥା ସୋସିଆଲ ମିଡିଆ ବ୍ୟକ୍ତିତ୍ୱ ୨୬ ବର୍ଷୀୟା ସାନ୍ ରେଚଲ ରବିବାର ଆତ୍ମହତ୍ୟା କରିଛନ୍ତି। ସେ ନିକଟରେ ବିବାହ କରିଥିଲେ। ଆମୋଦ ପ୍ରମୋଦ ଶିଳ୍ପରେ ବର୍ଣ୍ଣବାଦ୍ ବିରୋଧରେ ନିର୍ଭୀକ ଆଭିମୁଖ୍ୟ ପାଇଁ ସେ ବେଶ୍ ଜଣାଶୁଣା ଥିଲେ। ପୋଲିସ କହିବା ଅନୁଯାୟୀ, ସାନ୍ ବାପଘରକୁ ଯାଇଥିବାବେଳେ ସେଠାରେ ବହୁ ପରିମାଣରେ ଟାବଲେଟ୍ ଖାଇଦେଇଥିଲେ। ଗୁରୁତର ଅବସ୍ଥାରେ ଜବାହରଲାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପୋଷ୍ଟଗ୍ରାଜୁଏଟ୍ ମେଡିକାଲ



ସାନ୍ ରେଚଲ

ଏଜୁକେଶନ ଆଣ୍ଡ ରିସର୍ଚ୍ଚରେ ତାଙ୍କୁ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଆର୍ଥିକ ଚିନ୍ତା ଏବଂ ବ୍ୟକ୍ତିଗତ ଚାପ ଯୋଗୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ସୁଇସାଇଡ୍ ନୋଟ୍‌ରେ ସାନ୍ ତାଙ୍କ ମୃତ୍ୟୁ ପାଇଁ କାହାକୁ ଦାୟୀ କରିନାହାନ୍ତି।

## ଆଇଏସ୍ଏସ୍‌ରେ ୭ ପରୀକ୍ଷଣ କଲେ ଶୁଭାଂଶୁ: ଇସ୍ରୋ

### ଆଜି କାଲିଫର୍ନିଆ ଉପକୂଳରେ ଅବତରଣ କରିବେ



ଆଇଏସ୍ଏସ୍ ଛାଡ଼ିବା ପୂର୍ବରୁ ସାଥି ମହାକାଶଚାରୀଙ୍କ ସହ ଶୁଭାଂଶୁ ଶୁକ୍ଲା।

ୱାଶିଂଟନ୍, ୧୪ା୭

ଭାରତୀୟ ମହାକାଶଚାରୀ ତଥା ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ଏବଂ ଆକ୍ସିଓମ୍-୪ ମିଶନର ଅନ୍ୟ ୩ କ୍ରିଉ ସଦସ୍ୟ ପେଗୀ ହ୍ୱିଟ୍‌ସନ୍, ସ୍ଲାଓଜ୍ ଉଜ୍ନାନ୍‌ସ୍କି ଏବଂ ଟିବୋର କାପୁ ସୋମବାର ଭାରତୀୟ ସମୟ ଅପରାହ୍ନ ସାଢ଼େ ୪ଟାରେ ସ୍ପେସ୍‌ଏକ୍ସ'ର ଡ୍ରାଗନ ମହାକାଶଯାନ ଯୋଗେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍) ଛାଡ଼ିଛନ୍ତି। ୧୮ ଦିନ ପରେ ସ୍ପେସ୍‌କ୍ରାଫ୍ଟ ଆଇଏସ୍ଏସ୍‌ରୁ ଅଲଗା ହୋଇଛି। ୨୨ ଘଣ୍ଟାର ଯାତ୍ରା ପରେ ୪ ମହାକାଶଚାରୀ ମଙ୍ଗଳବାର ଅପରାହ୍ନ ୩ଟାରେ କାଲିଫର୍ନିଆ ଉପକୂଳରେ ଅବତରଣ କରିବେ। ଆଇଏସ୍ଏସ୍ ଛାଡ଼ିବା ପୂର୍ବରୁ ଶୁଭାଂଶୁ ସେଠାରେ ଏକ ଶୂନ୍ୟ ଗୁରୁତ୍ୱାକର୍ଷଣ ପରୀକ୍ଷଣ ପ୍ରଦର୍ଶନ କରିଥିଲେ। ଜଳ ମାଧ୍ୟମରେ ସୂକ୍ଷ୍ମ ଗୁରୁତ୍ୱାକର୍ଷଣ କିପରି ଦୈନନ୍ଦିନ ପଦାର୍ଥ ବିଜ୍ଞାନକୁ ରୂପାନ୍ତରିତ କରୁଛି, ତାହା ସେ ଦର୍ଶାଇଥିଲେ। ଏହି ପରୀକ୍ଷଣରେ ଶୁଭାଂଶୁ ମହାକାଶରେ ଜଳର ଅନନ୍ୟ ଆଚରଣକୁ ବୁଝାଇଥିଲେ। ଶୁଭାଂଶୁ ସଫଳତାର ସହ ସମସ୍ତ ୭ଟି ସୂକ୍ଷ୍ମ ଗୁରୁତ୍ୱାକର୍ଷଣ ପରୀକ୍ଷଣକୁ ଶେଷ କରିଥିବା ନେଇ ସୋମବାର ଇସ୍ରୋ ପକ୍ଷରୁ ସୂଚନା ଦିଆଯାଇଛି। ଶୁଭାଂଶୁ ଆଇଏସ୍ଏସ୍‌ରେ ମେଥି ଏବଂ ମୁଗ ବିହନ ଗଜା କରାଇବା, ସାଇନୋ ବ୍ୟାକ୍ଟେରିଆ, ଭୋଏଜର ପ୍ରଦର୍ଶନ, ଟାର୍ଡିଗ୍ରେଡ୍ସ, ମାୟୋଜେନେସିସ୍, ଅଣୁ ଶୈବାଳ ଏବଂ ଫସଲ ବିହନ ଆଦି ଉପରେ ପରୀକ୍ଷଣ ଶେଷ କରିଥିବା ଇସ୍ରୋ କହିଛି। ଆମେରିକୀୟ ମହାକାଶ ସଂସ୍ଥା ନାସା ଏବଂ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ମିଳିତ ଆକ୍ସିଓମ୍-୪ ମିଶନ ଯୋଗେ ଶୁଭାଂଶୁ ପ୍ରଥମ ଭାରତୀୟ ଭାବେ ଆଇଏସ୍ଏସ୍‌ରେ ପହଞ୍ଚିଥିଲେ।

## ବୈବାହିକ ବିବାଦରେ ଗୁପ୍ତ କଲ୍ ରେକର୍ଡିଂ ପ୍ରମାଣ ଭାବେ ଗ୍ରହଣୀୟ

ନୂଆଦିଲ୍ଲୀ, ୧୪ା୭

ବୈବାହିକ ବିବାଦରେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ଦ୍ୱାରା ଗୁପ୍ତ ଭାବେ ରେକର୍ଡ କରାଯାଇଥିବା ଫୋନ୍ ବାର୍ତ୍ତାଳାପକୁ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ବିନା ଅନୁମତିରେ ସ୍ତ୍ରୀଙ୍କ ଫୋନ୍ ବାର୍ତ୍ତାଳାପକୁ ରେକର୍ଡ କରିବା ତାଙ୍କ ମୌଳିକ ଅଧିକାରର ଉଲ୍ଲଂଘନ ବୋଲି ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟ ରାୟ ଦେଇଥିବାବେଳେ ସର୍ବୋଚ୍ଚ ଅଦାଲତ ଏହାକୁ ଖାରଜ କରିଦେଇଛନ୍ତି। ପିଟିଶନର ଶୁଣାଣି ସମୟରେ ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି, ବୈବାହିକ ବିବାଦ ସହ ଜଡ଼ିତ ମାମଲାରେ ଛାଡ଼ପତ୍ର କିମ୍ବା ଅନ୍ୟାନ୍ୟ ପାରିବାରିକ ସମସ୍ୟା ସାମିଲ ଥିଲେ, ଫୋନ୍ ବାର୍ତ୍ତାଳାପର ରେକର୍ଡିଂକୁ କୋର୍ଟରେ ପ୍ରମାଣ ଭାବେ ଉପସ୍ଥାପନ କରାଯାଇପାରିବ। ଏ ପ୍ରକାରର ପ୍ରମାଣ ଗ୍ରହଣ କରିବା 'ଭାରତୀୟ ପ୍ରମାଣ ଆଇନ' ଅନ୍ତର୍ଗତ ଧାରା ୧୨୨ର ଉଲ୍ଲଂଘନ ନୁହେଁ।

## ହରିୟାଣା, ଗୋଆରେ ନୂଆ ରାଜ୍ୟପାଳ



ଅଶିମ କୁମାର ଘୋଷ



ଗଜପଥି ରାଜୁ



କବିନ୍ଦର ଗୁପ୍ତା

ନୂଆଦିଲ୍ଲୀ,୧୪ା୭

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ହରିୟାଣା ଓ ଗୋଆ ପାଇଁ ନୂଆ ରାଜ୍ୟପାଳ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ ପାଇଁ ନୂଆ ଉପରାଜ୍ୟପାଳ ନିଯୁକ୍ତ କରିଛନ୍ତି। ପଶ୍ଚିମବଙ୍ଗର ବରିଷ୍ଠ ଭାଜପା ନେତା ପ୍ରଫେସର ଅଶିମ କୁମାର ଘୋଷଙ୍କୁ ହରିୟାଣା ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ପୂର୍ବତନ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ପୁସପତି ଅଶୋକ ଗଜପଥି ରାଜୁ ଗୋଆ ରାଜ୍ୟପାଳ ଭାବେ ଦାୟିତ୍ୱଗ୍ରହଣ କରିବେ। ସେହିପରି ଜମ୍ମୁ-କଶ୍ମୀରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ କବିନ୍ଦର ଗୁପ୍ତା ଲଦାଖର ନୂଆ ଉପରାଜ୍ୟପାଳ ନିଯୁକ୍ତ ହୋଇଛନ୍ତି।

ପି.ଏସ୍. ଶ୍ରୀଧରନ ପିଲାଇଙ୍କ ସ୍ଥାନରେ ଆନ୍ଧ୍ରପ୍ରଦେଶର ତେଲୁଗୁଦେଶମ୍ ପାର୍ଟିର ବରିଷ୍ଠ ନେତା ରାଜୁ ଗୋଆ ରାଜ୍ୟପାଳ ଭାବେ ଦାୟିତ୍ୱ ନେବାକୁ ଯାଉଛନ୍ତି। ନରେନ୍ଦ୍ର ମୋଦିଙ୍କ ସରକାରରେ ୨୦୧୪ ମେ' ୨୭ରୁ ୨୦୧୮ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ରାଜୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଥିଲେ। ଲଦାଖର ନବନିଯୁକ୍ତ ଉପରାଜ୍ୟପାଳ ଗୁପ୍ତା ପୂର୍ବରୁ ଜମ୍ମୁ-କଶ୍ମୀରର ଉପମୁଖ୍ୟମନ୍ତ୍ରୀ ଓ ବିଧାନସଭାର ବାଚସ୍ପତି ରହିଥିଲେ। ବ୍ରିଗେଡିୟର ବି.ଡି. ମିଶ୍ରାଙ୍କ ସ୍ଥାନରେ ସେ କାର୍ଯ୍ୟଭାର ଗ୍ରହଣ କରିବେ। ସେହିପରି ବଙ୍ଗାରୁ ଦତ୍ତାତ୍ରେୟଙ୍କ ସ୍ଥାନରେ ଅଶିମ୍ ହରିୟାଣା ରାଜ୍ୟପାଳ ଭାବେ ଦାୟିତ୍ୱ ନେବାକୁ ଯାଉଛନ୍ତି।

### ଲଦାଖ ପାଇଁ ଉପରାଜ୍ୟପାଳ ନିଯୁକ୍ତ

## ଭାରତ ଅଧିକ କିଛି କରିପାରିବ ନାହିଁ

### କେରଳ ନର୍ସ ନିମିଶାଙ୍କୁ ଫାଶୀ ମାମଲାରେ ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର

ନୂଆଦିଲ୍ଲୀ,୧୪ା୭

ୟେମେନ୍‌ରେ କେରଳ ନର୍ସ ନିମିଶା ପ୍ରିୟାଙ୍କୁ ଦିନକ ପରେ ଫାଶୀ ଦିଆଯିବାକୁ ଥିବାବେଳେ ତାଙ୍କୁ ବଞ୍ଚାଇବା ଦିଗରେ କେନ୍ଦ୍ର ସରକାର ଯାହା କରିବା କଥା କରିସାରିଛନ୍ତି। ଆଉ ଅଧିକ କିଛି କରାଯାଇପାରିବ ନାହିଁ ବୋଲି ସରକାର ସୋମବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଭାରତ ସରକାର କ'ଣ କରିପାରିବେ, ତାହାର ଏକ ନିର୍ଦ୍ଦିଷ୍ଟ ବିନ୍ଦୁ ରହିଛି। ଆମେ ସେହି ବିନ୍ଦୁରେ ପହଞ୍ଚିସାରିଛୁ ବୋଲି ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ୍ ମେହଟ୍ଟାଙ୍କ ଖଣ୍ଡପୀଠଙ୍କୁ ଜଣାଇଛନ୍ତି। ୟେମେନ୍‌ର ସମ୍ବେଦନଶୀଳତା ଏବଂ ସ୍ଥିତିକୁ ନେଇ ଅଧିକ କିଛି କରିବା ଭାରତ ପକ୍ଷେ ସମ୍ଭବ ନୁହେଁ। ୟେମେନ୍‌ର ହୁତିମାନେ କୂଟନୈତିକ ଦୃଷ୍ଟିରୁ ସ୍ୱୀକୃତିପ୍ରାପ୍ତ ନୁହନ୍ତି। ଦଣ୍ଡକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବା ଦିଗରେ କିଛି କରିହେବ କି ନାହିଁ ଜଣାଇବାକୁ ସରକାର ସେଠାର ସରକାରୀ ଓକିଲଙ୍କୁ ପତ୍ର ଲେଖିଛନ୍ତି। ୩୮ ବର୍ଷୀୟ ନର୍ସ ନିମିଶାଙ୍କୁ ବଞ୍ଚାଇବା ଦିଗରେ କୂଟନୈତିକ ଚ୍ୟାନେଲର ଉପଯୋଗ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା।

## ୫ ହାଇକୋର୍ଟରେ ନୂଆ ମୁଖ୍ୟ ବିଚାରପତି ନିଯୁକ୍ତ

### ୪ ମୁଖ୍ୟ ବିଚାରପତି, ୧୯ ବିଚାରପତିଙ୍କ ବଦଳି

ନୂଆଦିଲ୍ଲୀ,୧୪ା୭(ପି.ଟି.)

ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ୍‌କ୍ରମେ ସୋମବାର ୫ ହାଇକୋର୍ଟରେ ନୂଆ ମୁଖ୍ୟ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଇଛି। ଏହା ବ୍ୟତୀତ ରାଜସ୍ଥାନ, ତ୍ରିପୁରା, ଝାଡ଼ଖଣ୍ଡ ଓ ମାଡ୍ରାସ ହାଇକୋର୍ଟର ମୁଖ୍ୟ ବିଚାରପତିମାନଙ୍କୁ ବଦଳି କରାଯାଇଛି। ସେହିପରି ୧୯ ଜଣ ହାଇକୋର୍ଟ ବିଚାରପତିଙ୍କର ମଧ୍ୟ ବଦଳି ହୋଇଛି। ଆଇନ ମନ୍ତ୍ରଣାଳୟ ବିଜ୍ଞପ୍ତି ଅନୁଯାୟୀ, ଜଷ୍ଟିସ ସଞ୍ଜୀବ ସଚଦେବା ମଧ୍ୟପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ ହୋଇଥିବାବେଳେ ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବିଭୁ ବଖରୁ କର୍ନାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ପାଇଛନ୍ତି। ପାଟନା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଆଶୁତୋଷ କୁମାରଙ୍କୁ ଗୌହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି କରାଯାଇଛି। ପାଟନା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବିପୁଲ ମନୁଭାଇ ପାଞ୍ଚୋଲିଙ୍କୁ ସେଠାର ମୁଖ୍ୟ ବିଚାରପତି ନିଯୁକ୍ତ କରାଯାଇଛି। ହିମାଚଳପ୍ରଦେଶ ହାଇକୋର୍ଟର ଜଷ୍ଟିସ୍ ତର୍ଲୋକ ସିଂ ଚୌହାନଙ୍କୁ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ମିଳିଛି। ମୁଖ୍ୟ ବିଚାରପତିମାନଙ୍କ ମଧ୍ୟରେ ଜଷ୍ଟିସ୍ ମନୀନ୍ଦ୍ର ମୋହନ ଶ୍ରୀବାସ୍ତବଙ୍କୁ ରାଜସ୍ଥାନରୁ ମାଡ୍ରାସ ହାଇକୋର୍ଟକୁ ବଦଳି କରାଯାଇଥିବାବେଳେ ଜଷ୍ଟିସ୍ ଅପରେଶ କୁମାର ସିଂଙ୍କୁ ତ୍ରିପୁରାରୁ ତେଲଙ୍ଗାନା ହାଇକୋର୍ଟକୁ ବଦଳି କରାଯାଇଛି। ସେହିପରି ଜଷ୍ଟିସ୍ ଏମ୍.ଆର୍. ରାମଚନ୍ଦ୍ର ରାଓଙ୍କୁ ଝାଡ଼ଖଣ୍ଡରୁ ତ୍ରିପୁରା ହାଇକୋର୍ଟକୁ ଏବଂ ଜଷ୍ଟିସ୍ କେ.ଆର୍. ଶ୍ରୀରାମଙ୍କୁ ମାଡ୍ରାସରୁ ରାଜସ୍ଥାନ ହାଇକୋର୍ଟକୁ ବଦଳି ହୋଇଛି। ଉପରୋକ୍ତ ବିଚାରପତିମାନଙ୍କୁ ନିଯୁକ୍ତି ଓ ବଦଳି କରିବା ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ମେ' ୨୬ରେ କେନ୍ଦ୍ର ସରକାରଙ୍କୁ ସୁପାରିସ୍ କରିଥିଲେ।

## ଆମ୍ବ ଟ୍ରକ୍ ଓଲଟି ୯ ମୃତ

ଅମରାବତୀ, ୧୪ା୭

ଆନ୍ଧ୍ରପ୍ରଦେଶର ଅନ୍ନାମୟା ଜିଲା ରେଡ୍ଡିଚେରୁଭୁଠାରେ ଏକ ଆମ୍ବ ବୋଝେଇ ଟ୍ରକ୍ ଓଲଟିପଡ଼ିବାରୁ ୯ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୫ ମହିଳା ରହିଛନ୍ତି। ଆହତମାନଙ୍କୁ ନିକଟସ୍ଥ ରାଜମ୍‌ପେଟ୍ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଟ୍ରକରେ ୩୦ରୁ ୪୦ ଟନ୍ ଆମ୍ବ ଥିବାବେଳେ ୨୦ରୁ ଅଧିକ ଶ୍ରମିକ ଆମ୍ବପେଟି ଉପରେ ବସି ଯାଉଥିଲେ। ଟ୍ରକ୍ ଓଲଟିପଡ଼ିବାରୁ ଶ୍ରମିକମାନେ ଆମ୍ବ ତଳେ ଚାପିହୋଇ ପ୍ରାଣ ହରାଇଥିଲେ। ଟ୍ରକ୍‌ଟି ରାଜମ୍‌ପେଟ୍‌ରୁ ରେଲୱେ କୋଡୁର ଯାଉଥିଲା।

## ଚଳନ୍ତା ବୋଟ୍‌ରେ ନୃତ୍ୟକରି ଇଣ୍ଟରନେଟ୍ ସେନ୍‌ସେସନ୍ ପାଲଟିଲେ ଇଣ୍ଡୋନେସୀୟ ବାଳକ

ଜାକର୍ତ୍ତା, ୧୪ା୭

ଇଣ୍ଡୋନେସିଆର ୧୧ ବର୍ଷୀୟ ବାଳକ ରାୟାନ ଆର୍କାନ ଡିଖା ଏବେ ଇଣ୍ଟରନେଟ ସେନ୍‌ସେସନ୍ ପାଲଟିଛନ୍ତି। ରିଆଉ ପ୍ରଦେଶରେ ଆୟୋଜିତ ପ୍ରସିଦ୍ଧ ପାକୁ ଜାଲୁର ଫେଷ୍ଟିଭାଲରେ ଏକ ଲମ୍ବା ପାରମ୍ପରିକ ରେସିଂ ବୋଟ୍‌ରେ ତାଙ୍କର ଲୟବଦ୍ଧ ନୃତ୍ୟ ଭାଇରାଲ ହେବାରେ ଲାଗିଛି, ଯାହା ରାୟାନଙ୍କୁ ଅପ୍ରତ୍ୟାଶିତ ଭାବେ ଗ୍ଲୋବାଲ ଷ୍ଟାର୍ ରୂପେ ପରିଣତ କରିଛି। କଳା ରଙ୍ଗର ପୋଷାକ, ଚଷମା ଏବଂ ଟୋପି ପିନ୍ଧିଥିବା ରାୟାନଙ୍କ ଶାନ୍ତ ଆଚରଣ ଏବଂ ନିଆରା ନୃତ୍ୟଶୈଳୀ ସୋସିଆଲ ମିଡିଆ ୟୁଜର୍ସଙ୍କୁ ଖୁବ୍ ଆକର୍ଷିତ କରିଛି। ଚଳନ୍ତା ବୋଟ୍‌ରେ ନୃତ୍ୟ ସମୟରେ ସେ କିପରି ନିଜକୁ ସନ୍ତୁଳିତ କରୁଛନ୍ତି, ତାହାକୁ ୟୁଜର୍ସ ପସନ୍ଦ କରିଛନ୍ତି। ଜେନେରେଶନ ଜେଡ୍‌ରେ ଏହାକୁ ଔରା ଫାର୍ମିଂ କୁହାଯାଏ। ୟୁଜର୍ସମାନେ ରାୟାନଙ୍କ ଭିଡିଓକୁ ବିଭିନ୍ନ ଗୀତ ସହ ରିମିକ୍ସ କରି ଭାଇରାଲ କରିଛନ୍ତି। ରାୟାନଙ୍କୁ ରିଆଉ ପ୍ରଦେଶର ପର୍ଯ୍ୟଟନ ଆମ୍ବାସାଡର ଘୋଷଣା କରାଯିବା ସହ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି।



## ଗୁମ୍ଫାରୁ ରୁଷୀୟ ମହିଳା, ୨ ଝିଅ ଉଦ୍ଧାର

### ୮ ବର୍ଷ ହେଲା ଲୁଚିଥିଲେ

ବେଙ୍ଗାଲୁରୁ,୧୪ା୭

କର୍ନାଟକର ଉତ୍ତର କନ୍ନଡ ଅନ୍ତର୍ଗତ ରାମତୀର୍ଥ ହିଲ୍ସ ନିକଟ ଜଙ୍ଗଲ ମଧ୍ୟରେ ପାଟ୍ରୋଲିଂ ବେଳେ ସ୍ଥାନୀୟ ପୋଲିସ୍ ରୁଷିଆର ୪୦ ବର୍ଷୀୟା ମହିଳା ନିନା କୁଟିନା ଓରଫ ମୋହି ଏବଂ ତାଙ୍କର ୬ ଓ ୪ ବର୍ଷର ଦୁଇ ଝିଅଙ୍କୁ ଏକ ଗୁମ୍ଫାରୁ ଉଦ୍ଧାର କରିଛନ୍ତି। ପୋଲିସ୍ ଉକ୍ତ ଅଞ୍ଚଳରେ ଦୁଃସାହସିକ ଅଭିଯାତ୍ରୀଙ୍କ ତଲାସ କରୁଥିବାବେଳେ ଗୁମ୍ଫା ନିକଟକୁ ପାଦଚିହ୍ନ ପଡ଼ିଥିବା ଦେଖିବାକୁ ପାଇଥିଲା। ଗୁମ୍ଫା ପ୍ରବେଶପଥକୁ ପ୍ଲାଷ୍ଟିକ୍ ଜରିରେ ଢଙ୍କାଯାଇଥିବାବେଳେ ଭିତରେ ଦେବଦେବୀଙ୍କ ଫଟୋ ଥିଲା। ସେଠାରେ ଗୋଟିଏ ଝିଅ ଖେଳୁଥିବାବେଳେ ଅନ୍ୟଟି ମା' କୁଟିନାଙ୍କ ସହ ଶୋଇଥିଲା। ଭୂସ୍ଖଳନ ହେବାକୁ ଥିବାରୁ ସେମାନଙ୍କୁ ଗୁମ୍ଫାରୁ ବାହାରି ଆସିବାକୁ ପୋଲିସ କହିଥିଲା। ସେଠାରେ ସାପ ଥିବା ସମ୍ପର୍କରେ ପୋଲିସ କହିବାରୁ ସେମାନେ ଆମ ବନ୍ଧୁ ଓ କିଛି କ୍ଷତି କରିବେ ନାହିଁ ବୋଲି ମହିଳା ଜଣକ କହିଥିଲେ। କୁଟିନା ୨୦୧୬ରେ ଏକ ବିଜ୍‌ନେସ୍ ଭିଜାରେ ଭାରତ ଆସିଥିଲେ। ୨୦୧୭ ଏପ୍ରିଲରେ ଭିଜା ସମୟସୀମା ଶେଷ ହେବା ପରେ ୨୦୧୮ରେ ତାଙ୍କୁ ପ୍ରସ୍ଥାନ ଅନୁମତି ମିଳିବାରୁ ସେ ନେପାଳ ଯାଇଥିଲେ। କିଛିଦିନ ପରେ ସେ ଭାରତ ଫେରି କର୍ନାଟକର ଜଙ୍ଗଲ ମଧ୍ୟରେ ରହିବା ଆରମ୍ଭ କରିଥିଲେ। ଗୁମ୍ଫାରେ ଲୁଚି ରହୁଥିବାବେଳେ ୨ ଝିଅଙ୍କ ଜନ୍ମ ହୋଇଥିବା କୁଟିନା କହିଛନ୍ତି।



୨ ଝିଅଙ୍କ ସହ ନିନା କୁଟିନା।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years




# ଆଖିବୁଜିଲେ ଛାତ୍ରୀ

## ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୌନ ନିର୍ଯାତନା ଘଟଣା

### ରାତିଅଧିଆ ମୃତଦେହ ନେବାବେଳେ ଅଟକାଇଥିଲେ ଯୁବ, ଛାତ୍ର ନେତା

### ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ମୃତ୍ୟୁ ଲୁଚାଯାଇଥିଲା: କଂଗ୍ରେସ

**ଭୁବନେଶ୍ୱର,୧୪।୭(ସୁନିତ୍ ମିଶ୍ର)**

ଅଧ୍ୟାପକଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇ ଆତ୍ମାହୁତି ଉଦ୍ୟମ କରି ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବା ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଣ୍ଟିଗ୍ରେଟେଡ୍ ବିଏଡ୍ ଦ୍ୱିତୀୟ ବର୍ଷ ଛାତ୍ରୀଙ୍କ ସୋମବାର ରାତି ୧୧ଟା ୪୬ମିନିଟରେ ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବ୍ୟକ୍ତିଗତ 'X' ଆକାଉଣ୍ଟରେ ସମ୍ପୃକ୍ତ ଛାତ୍ରୀଙ୍କ ମୃତ୍ୟୁ ସମ୍ପର୍କରେ ଜଣାଇବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଛାତ୍ରୀଙ୍କ ମୃତଦେହକୁ ଏମ୍ସର ପଛ ଗେଟ୍ ଦେଇ ବାହାରକୁ ନିଆଯିବାବେଳେ ସେଠାରେ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ବିଜେଡି ଏବଂ କଂଗ୍ରେସର ଛାତ୍ର ଓ ଯୁବନେତାମାନେ ଆମ୍ବୁଲାନ୍ସ ସମ୍ମୁଖରେ ଶୋଇ ପ୍ରତିବାଦ କରିବା ସହ ପୋଲିସ ଓ ପ୍ରଶାସନ ଲୁଚାଇ କରି ମୃତଶରୀର ନେଇଯାଉଥିବା ଅଭିଯୋଗ କରିଥିଲେ। ଏନେଇ ଡିସିପି ଜଗମୋହନ ମୀନା ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ମୃତଦେହକୁ ରାତିରେ ବ୍ୟବଚ୍ଛେଦ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେଣୁ ମୃତଦେହ ନିଆଯାଉଥିବା ସମୟରେ କେତେକ ଛାତ୍ରଗୋଷ୍ଠୀ ଏହାକୁ ବିରୋଧ କରିଛନ୍ତି। ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ୟାସିର ନୱାଜ କହିଛନ୍ତି, ସୋମବାର ଏମ୍ସର ସମାବର୍ତ୍ତନ କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ଯୋଗଦେବାକୁ ଥିବାରୁ ପୀଡ଼ିତାଙ୍କ ମୃତ୍ୟୁକୁ ଲୁଚାଯାଇଥିଲା। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ସରିବା ପରେ ସରକାର ମୃତ୍ୟୁ ସମ୍ପର୍କରେ ଘୋଷଣା କରିଛନ୍ତି, ଯାହାକି ବିଭିନ୍ନ ମହଲରେ ଆଶଙ୍କା କରାଯାଉଥିଲା ତାହା ସତ ହୋଇଛି। ଭାଜପା ଶାସିତ ଉତ୍ତରପ୍ରଦେଶରେ ମଧ୍ୟ ଏଭଳି ରାତି ଅଧିଆ ଶବ ନେବାର ନଜିର ରହିଥିବା ୟାସିର କହିଛନ୍ତି। ଏହା ସହିତ ଉଭୟ ବିଜେଡି ଏବଂ କଂଗ୍ରେସର ଛାତ୍ର ଓ ଯୁବ ନେତାମାନେ ଏମ୍ସର ଶବ ବ୍ୟବଚ୍ଛେଦ ଗୃହ ଆଗରେ ଧାରଣାରେ ବସି ସରକାର ବିରୋଧୀ ନାରା ଦେଇଥିଲେ।



ଭୁବନେଶ୍ୱର ଏମ୍ସ ପଛ ଗେଟ୍ ଦେଇ ଶବ ଲୁଚାଇ ନିଆଯିବା ପ୍ରତିବାଦରେ ଛାତ୍ର, ଯୁବ ବିଜେଡି ପକ୍ଷରୁ ହସ୍ପିଟାଲ ପରିସରରେ ବିକ୍ଷୋଭ ପ୍ରଦର୍ଶନ।

ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ(ଏଚ୍‌ଓଡି) ସମୀର କୁମାର ସାହୁଙ୍କ ଦ୍ୱାରା ପ୍ରାୟ ୬ମାସ ଧରି ପୀଡ଼ିତା ଛାତ୍ରୀ ଶାରୀରିକ ଓ ମାନସିକ ନିର୍ଯାତନା ପାଇ ଆସୁଥିଲେ। ଗତ ଜୁନ୍ ୩୦ ତାରିଖରେ ଏସଂକ୍ରାନ୍ତରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ ଘୋଷଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏହାର ପରଦିନ ଅର୍ଥାତ୍ ଜୁଲାଇ ୧ରେ ପୀଡ଼ିତା ଏହି ଅଭିଯୋଗ ସଂକ୍ରାନ୍ତରେ ନିଜ 'X' ଆକାଉଣ୍ଟରେ ଉଲ୍ଲେଖ କରିବା ସହ ରାଜ୍ୟ ସରକାରଙ୍କ ସମେତ ବିଭିନ୍ନ ଅଧିକାରୀ, ନେତା ☞ପୃଷ୍ଠା–୨

# ଗିରଫ ହେଲେ ନିଲମ୍ବିତ ଅଧ୍ୟକ୍ଷ

**ବାଲେଶ୍ୱର,୧୪।୭(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀର ମୋହନ (ଏଫଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ନିଲମ୍ବିତ କଲେଜ ଅଧ୍ୟକ୍ଷ ଦିଲୀପ କୁମାର ଘୋଷଙ୍କୁ ସୋମବାର ଅପରାହ୍ନରେ ସହଦେବଖୁଣ୍ଟା ଥାନା ପୋଲିସ ଗିରଫ କରିଛି। ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଗଠିତ ହୋଇଥିବା ଉଚ୍ଚସ୍ତରୀୟ କମିଟିର ଅନ୍ତରୀଣ ରିପୋର୍ଟ ଆଧାରରେ ନିଲମ୍ବିତ ଅଧ୍ୟକ୍ଷ ଘୋଷଙ୍କୁ ତାଙ୍କ ବାଲେଶ୍ୱରସ୍ଥିତ ବାସଭବନରୁ ଗିରଫ କରାଯାଇଛି। ବିଏନ୍ଏସ୍ ଦଫା ୭୫(୧୧), ୭୮(୨), ୭୯, ୩୫୧(୨), ୧୦୮



ଦିଲୀପ କୁମାର ଘୋଷ

ଏବଂ ୩(୫)ରେ ତାଙ୍କୁ ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ଏହି ଘଟଣାରେ ଶିକ୍ଷା ବିଭାଗର ଏଚ୍‌ଓଡି ସମୀର ସାହୁଙ୍କୁ ଗିରଫ କରାଯାଇଥିଲା। ଅପରପକ୍ଷରେ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଏଚ୍‌ଓଡି ପ୍ରଫେସର ଫିରୋଜ ପାଢ଼ୀ ସୋମବାର ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରବିବାର ଓ ସୋମବାର ଦୁଇଦିନ ଧରି କ୍ରାଇମ୍‌ବ୍ରାଞ୍ଚର ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁର ଦୁଇଜଣିଆ ଟିମ୍ ମହାବିଦ୍ୟାଳୟରେ ପହଞ୍ଚି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଛନ୍ତି। ଅତିରିକ୍ତ ଏସ୍‌ପି ରାଜଲକ୍ଷ୍ମୀ ନାୟକ ଓ ଡିଏସ୍‌ପି ଇମନ କଲ୍ୟାଣ ନାୟକ ରବିବାର ସନ୍ଧ୍ୟାରେ ୩ଘଣ୍ଟା ଓ ସୋମବାର ମଧ୍ୟାହ୍ନରେ ୩ ଘଣ୍ଟା ନିଲମ୍ବିତ ☞ପୃଷ୍ଠା–୨

# ୨୪ ଘଣ୍ଟାରେ ଇଣ୍ଟରନାଲ କମିଟି ଗଢ଼

## ବିଶ୍ୱବିଦ୍ୟାଳୟ କୁଳସଚିବ, ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗର ଚିଠି

**ଭୁବନେଶ୍ୱର/ଯାଜପୁର,୧୪।୭ (ସୁଚିସ୍ମିତା ସାହୁ/ ହର୍ଷବର୍ଦ୍ଧନ ବେହେରା)**

ଅଧ୍ୟାପକଙ୍କ ଦ୍ୱାରା ପ୍ରାୟ ୬ ମାସ ଧରି ଶାରୀରିକ ଓ ମାନସିକ ନିର୍ଯାତନା ପାଇ ଗତ ଶନିବାର ଆତ୍ମାହୁତି ଉଦ୍ୟମ କରିଥିବା ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ କଲେଜ ଛାତ୍ରୀ ସୋମବାର ରାତିରେ ଭୁବନେଶ୍ୱର ଏମ୍ସରେ ଆଖିବୁଜିଛନ୍ତି। ତେବେ ଏହି ଘଟଣା ସାରା ଦେଶରେ ଚହଳ ପକାଇଥିବାବେଳେ ରାଜ୍ୟ ସରକାରଙ୍କୁ ବିରୋଧୀ ଦଳଗୁଡ଼ିକ ଘେରିଛନ୍ତି। ଘଟଣାକୁ ନେଇ ସୋସିଆଲ ମିଡିଆରେ ଅନେକ କ୍ଷୋଭ ପ୍ରକାଶ ପାଇବା ସହ ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଯାଉଛି। ଏଭଳିସ୍ଥଳେ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ପ୍ରତି ଯୌନ ଓ ମାନସିକ ନିର୍ଯାତନା ରୋକିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଏବଂ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତଦନୁଯାୟୀ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ଅଭିଯୋଗ ଶୁଣି ତ୍ୱରିତ୍ ପଦକ୍ଷେପ ନେବା ପାଇଁ ଇଣ୍ଟରନାଲ କମିଟି, ଯୌନ ନିର୍ଯାତନା ନିରୋଧୀ ସେଲ୍ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କ୍ୟାମ୍ପସ୍‌ରେ ବାଧାମୁକ୍ତ ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା ବ୍ୟବସ୍ଥା ଉପଲବ୍ଧ କରାଯିବାକୁ କୁହାଯାଇଛି। ଏଥିରେ ଖିଲାପ ହେଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦିଆଯାଇଛି।

ବାଲେଶ୍ୱର ଘଟଣା ପରେ ସମସ୍ତ ସରକାରୀ, ବେସରକାରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ତୁରନ୍ତ ଇଣ୍ଟରନାଲ କମିଟି ଗଢ଼ିବାକୁ ଉଚ୍ଚଶିକ୍ଷା ବିଭାଗ ☞ପୃଷ୍ଠା–୨


**ଆଜିର ସମ୍ପାଦକୀୟ** ଯେଉଁମାନେ ଡେଉଁଥିଲେ



HONDA




USB TYPE-C CHARGER+GLOVE BOX | IDLING STOP SYSTEM | FIERCE LED HEADLAMP · REAL-TIME MILEAGE · AVERAGE FUEL EFFICIENCY · ECO INDICATOR · Honda RoadSync / ADVANCED IDLING STOP SYSTEM | H-SMART TECHNOLOGY

**Honda Exclusive Authorized Dealerships:** **BHUBANESWAR:** MO Honda - 0674-2964289, 7008990541; Gugnani Honda - 9778611111, 8658916111; PGL Honda - 0674-2354418, 7735012345; Khimji Honda - 7735734882, 7735734888; Shivam Honda - 7873024400, 7873024320; **ATHAGARH:** Sidhivinayak Honda - 9937060136, 9658080060; **BALUGOAN:** Khimji Honda - 8114605673, 9778045606; **BANKI:** Shree Honda - 9658201234; **BIDHARPUR:** Saivinayak Honda - 9937060477, **KHURDA:** Gugnani Honda- 7077771900, 9937844533; **UTTARA:** Gugnani Honda- 7077771944, 7852930844; **JANKIA:** PGL Honda- 7788001030; **CUTTACK:** Durga Honda - 9114800102\17\121; Durga Honda (Choudwar) - 9114800120; SGBL Honda - 7437010004, 9040433000; Utkal Honda - 9439827522, 9437029811; **JAJPUR ROAD:** TEZ Honda - 7504991301 7504994444; **JAJPUR TOWN:** Agasti Honda - 9437518600; **MANGALPUR:** SP Honda - 9861843931, 7609065533; **KUAKHIA:** Sai Honda - 9938906077; **SINGHPUR:** Ramachandi Honda - 7377688445; **CHANDIKHOL:** Basanti Honda - 06725-227011, 9853066000; **BALICHANDRAPUR:** Mahavir Honda - 7978393608, 9438553478; **JAGATSINGHPUR:** Kanchan Murali Honda - 7809568988, 9090876483; **JAGATPUR:** Durga Honda - 9114800118; **JATNI:** PGL Honda - 7788001046, 7788001033; **NAYAGRAH:** Pattnaik Honda - 7008812540, 6370422120, Nayagarh Honda - 06753-296355, 7437000507; **CHANDPUR:** Pattnaik Honda - 7978913904; **NARSINGHPUR:** Baba Honda - 9438057701; **NIALI:** Hindustan Honda - 9040091922, 0671-2803355; **PURI:** Shivam Honda - 7735743520, 9040088747; **KUJANG:** Kanchan Murali Honda - 9937786824; **RAHAMA:** Navjyoti Honda - 9938339189, 7809568988; **SALEPUR:** S.N.Honda - 9437439076; **KENDRAPARA:** Saisudha Honda - 9178455081/2/3/4; **PATTAMUNDAI:** Satya Honda - 9439375055; **KANDARPUR:** Jay Pee Honda - 9861007679; **KAKATPUR:** Shree Ganesh Honda - 9937842437; **RAJSUNAKHALA:** NC Honda - 9078583100; **PARADEEP:** Kanchan Murali Honda - 9040650040. **NIMAPADA:** Santosh Honda -8917353149; **PIPLI:** SR Honda-9437885004, 9437129924; **KONRAK:** Konrak Honda- 9777565956; **BRAHAMGIRI:** Om Sai Honda- 9078953555; **BALIAPATNA:** Swastik Honda- 9439744817; **BADAMBA:** Somanath Honda-9438560360/9937271125; **NISCHINTAKOILI:** Anant Honda- 9437271903

**For Bulk/Institutional enquiries, please write us at: institutionalsales@honda2wheelersindia.com**

**ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସର ନବନିଯୁକ୍ତ ପଦାଧିକାରୀ**

ଭୁବନେଶ୍ୱର, ୧୪।୭ (ରବିନାରାୟଣ ଜେନା): ସୋମବାର ଜାତୀୟ ଛାତ୍ର କଂଗ୍ରେସ ସଭାପତି ବରୁଣ ଚୌଧୁରୀଙ୍କ ଅନୁମୋଦନକ୍ରମେ ରାଜ୍ୟର ୪ ଜିଲା ପାଇଁ ୮ ଜଣଙ୍କୁ ଉପସଭାପତି, ୩୧ ଜଣଙ୍କୁ ସାଧାରଣ ସମ୍ପାଦକ ଏବଂ ୩୭ ଜଣଙ୍କୁ ସମ୍ପାଦକ ନିଯୁକ୍ତ କରାଯାଇଛି। ବିଭିନ୍ନ ଜିଲାରେ ସଂଗଠନ ସୁଦୃଢ଼ ଲାଗି ନିଯୁକ୍ତ କରାଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗୁରୁ ଶ୍ରୀ ଦେବ ପ୍ରସାଦ ଦାସଙ୍କ ୩୯ତମ ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସକାଳ ୯ଟା।
- ବେଦାନ୍ତ କମ୍ପାନୀ ସ୍ୱାର୍ଥରେ ସିଜିମାଳି ଅଞ୍ଚଳରେ ସରକାରୀ ଆତଙ୍କ ବିରୋଧରେ ଗଣ ପ୍ରତିବାଦ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଘଟଣାରେ ଶିକ୍ଷାମନ୍ତ୍ରୀଙ୍କ ଗିରଫ ଦାବିରେ ସିପିଆଇର ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଘଟଣାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।

## କଟକ
- ରେଭେନ୍‌ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ସମାବର୍ତ୍ତନ ସମାରୋହ, ସ୍ଥାନ: ସେଭେନ୍ ପିଲାର୍ସ ଅଫ୍ ୱିଜଡମ୍ ସମ୍ମିଳନୀ କକ୍ଷ, ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ରେଭେନ୍‌ସା ବାଳିକା ଉଚ୍ଚ ବିଦ୍ୟାଳୟର ପୁନଃ ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ବିଦ୍ୟାଳୟ ପରିସର, ଗୌରୀଶଙ୍କର ପାର୍କ ନିକଟ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଆଦିକବି ସାରଳା ଦାସଙ୍କ ୬୦୦ତମ ଜୟନ୍ତୀ ଓ ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବ, ସ୍ଥାନ: ଜେ.ଏନ୍. ଇନ୍‌ଡୋର ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର
- ଭାଜପା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ହୋଟେଲ ଲକି ଇଣ୍ଟରନ୍ୟାଶନାଲ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ
- ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ, ସ୍ଥାନ: ରାଣୀତାଳ ହାଇଟେକ୍ ଇଞ୍ଜିନିୟରିଂ କଲେଜ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ନାଟକ 'ହେ ମଣିମା ଶୁଣିବା ହେଉ' ମଞ୍ଚସ୍ଥ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ଏସ୍‌ଏଫ୍‌ଆଇ ପକ୍ଷରୁ ପ୍ରତିବାଦ, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ, ସ୍ଥାନ:ଭଞ୍ଜନଗର କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ବିଶ୍ୱ ୟୁଥ ସ୍କିଲ ଦିବସ ପାଳନ, ସ୍ଥାନ: ସରକାରୀ ଆଇଟିଆଇ କେନ୍ଦ୍ର, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ତେନ୍ତୁଲିଖୁଣ୍ଟି, ସମୟ: ୧୦ଟା।
- ବିଶ୍ୱ ଯୁବ ଦକ୍ଷତା ଦିବସ, ସ୍ଥାନ: ନବରଙ୍ଗପୁର ବିଏଡ୍ କଲେଜ୍, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୭ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ହାଉସିଂ ବୋର୍ଡ କଲୋନୀସ୍ଥିତ ଆରୋଗ୍ୟ ନିକେତନ, ସମୟ: ସକାଳ ୮ଟା।
- ସାଓଲିନ କୁଙ୍ଗ୍‌ଫୁ ଉସୁ ଆସୋସିଏଶନ ଆୟୋଜିତ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦।
- ସମ୍ବଲପୁରୀ ଦିନ୍ ସକାଶେ ସମ୍ବଲପୁରୀ ଏକତା ମଞ୍ଚର ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ଆଲୋଚନା, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ରାତି ୭ଟା।

## ବରଗଡ଼
- ଶିବ ପୁରାଣ ପାରାୟଣ,ସ୍ଥାନ:ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ,ସମୟ: ସକାଳ ୯ଟା।

## କଳାହାଣ୍ଡି
- ଛାତ୍ର ବୃତ୍ତି ବନ୍ଦ ପ୍ରତିବାଦରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂଗଠନ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରରେ ଦିଶା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପୌର୍ଣ୍ଣମାସୀଙ୍କ ମନ୍ଦିରରେ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୪୦।

## ନୂଆପଡ଼ା
- ପୂର୍ବତନ ମନ୍ତ୍ରୀ ତଥା ନୂଆପଡ଼ା ଜିଲା ବିଧାଣି ସ୍ୱର୍ଗତ ଘାସିରାମ ମାଝିଙ୍କ ଶହେ ତମ ଜୟନ୍ତୀ ଉତ୍ସବ, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ଅପରାହ୍ନ ୩ଟା।

# ବିନା ଭିଜାରେ ୯୨% ଯୁବପିଢ଼ି ବିଦେଶରେ ନିଯୁକ୍ତି ପାଇଁ ଆଗ୍ରହୀ

ନୂଆଦିଲ୍ଲୀ, ୧୪।୭

ମୁକ୍ତ ଭିଜା ସୁବିଧା ମିଳିଲେ ୯୨% ଭାରତୀୟ ଯୁବପିଢ଼ି ବିଦେଶରେ ନିଯୁକ୍ତି ପାଇଁ ଆବେଦନ କରିବାକୁ ଆଗ୍ରହୀ। ଏଆଇ ପାୱାର୍ଡ ଗ୍ଲୋବାଲ ଟ୍ୟାଲେଣ୍ଟ ମୋବିଲିଟି ପ୍ଲାଟ୍‌ଫର୍ମ ଟର୍ନ ଗ୍ରୁପ୍ ପକ୍ଷରୁ ସୋମବାର ଜାରି ଏକ ସର୍ଭେ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ସମ୍ପ୍ରତି ଭାରତୀୟ ଯୁବପିଢ଼ି ବିଦେଶରେ କ୍ୟାରିୟର ଗଢ଼ିବା ପାଇଁ ଉତ୍ସାହିତ ଥିବାବେଳେ ସେମାନଙ୍କର ରାସ୍ତାରେ ବିଶ୍ୱାସର ଅଭାବ, ଭୁଲ୍ ମାର୍ଗଦର୍ଶନ, ଠକ ଏଜେଣ୍ଟଙ୍କ ସଂଖ୍ୟା ବୃଦ୍ଧି ଆଦି ଅନେକ ପ୍ରତିବନ୍ଧକ ରହିଥିବା ଏହି ରିପୋର୍ଟ କହିଛି।

ବିଦେଶରେ ନିଯୁକ୍ତି ପାଇଁ ଆବେଦନ ପ୍ରକ୍ରିୟା କିପରି ଆରମ୍ଭ କରାଯାଏ, ସେ ବିଷୟରେ କୌଣସି ଧାରଣା ନ ଥିବା ନେଇ ଏହି ସର୍ଭେରେ ୫୭% ଉତ୍ତରଦାତା କହିଛନ୍ତି। ବିଦେଶରେ ନିଯୁକ୍ତି ପାଇଁ ସୂଚନାର ଅଭାବ ଏକ ପ୍ରମୁଖ କାରଣ ବୋଲି ଏହି ସର୍ଭେ କହିଛି। ଅବିଶ୍ୱସନୀୟ ଏଜେଣ୍ଟଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ବିଦେଶରେ କାମ କରିବା ପାଇଁ ସେମାନଙ୍କ ଆତ୍ମବିଶ୍ୱାସ ହ୍ରାସ ପାଉଛି ବୋଲି ୩୪.୬% ଉତ୍ତରଦାତା କହିଛନ୍ତି। ଅତ୍ୟଧିକ ଫି' ଏବଂ ଅସ୍ପଷ୍ଟ ସେବା ଯୋଗୁ ୨୭% ଯୁବପିଢ଼ି ନିରୁତ୍ସାହିତ ହୋଇ ବିଦେଶରେ ନିଯୁକ୍ତି ସୁଯୋଗ ହରାଉଛନ୍ତି। ସ୍ୱଚ୍ଛତା ଏବଂ ବିଶ୍ୱସନୀୟତାଠାରୁ ବହୁ ଦୂରରେ ଥିବା ଏଜେଣ୍ଟ ଏବଂ କମ୍ପାନୀଗୁଡ଼ିକ ଦ୍ୱାରା ଏପରି ଅତ୍ୟଧିକ ଫି' ଆଦାୟ କରାଯାଏ। ଫଳରେ ସେମାନେ ବିଦେଶରେ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହେଉଛନ୍ତି ବୋଲି ଏହି ନିଯୁକ୍ତି ଆଶାୟୀମାନେ କହିଛନ୍ତି।



ଟର୍ନ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ସିଇଓ ଅଭିନବ ନିଗମ କହିଛନ୍ତି, ସମ୍ପ୍ରତି ବିଶ୍ୱର ସବୁଠାରୁ ଯୁବ ଏବଂ ମହତ୍ତ୍ୱାକାଂକ୍ଷୀ କର୍ମଶକ୍ତି ଭାବେ ଭାରତର ସ୍ଥାନ ରହିଛି। ଏହାସତ୍ତ୍ୱେ ମଧ୍ୟ ଅନେକ ସମୟରେ ଉପଯୁକ୍ତ ମାର୍ଗ ଦର୍ଶନ, ସ୍ୱଚ୍ଛ ପ୍ଲାଟ୍‌ଫର୍ମ ଏବଂ ନିର୍ଭରଯୋଗ୍ୟ ଏଜେଣ୍ଟଙ୍କ ଅଭାବରୁ ଦେଶର ଯୁବପିଢ଼ି ବିଦେଶରେ ନିଯୁକ୍ତି ନେଇ ସେମାନଙ୍କର ସ୍ୱପ୍ନକୁ ସାକାର କରିପାରନ୍ତି ନାହିଁ। ବିଦେଶରେ ଭାରତୀୟ ଯୁବପିଢ଼ିଙ୍କ ନିଯୁକ୍ତି କ୍ଷେତ୍ରରେ ମିଥ୍ୟା ପ୍ରତିଶ୍ରୁତି, କାଗଜପତ୍ର ପ୍ରକ୍ରିୟାର ଜଟିଳତା ଆଦି ସମସ୍ୟା କଣ୍ଟା ସାଜିଥିବା ସେ କହିଛନ୍ତି। ଯଦି ସରକାର, ବିଭିନ୍ନ ଏଜେନ୍ସି ଏବଂ ଘରୋଇ କମ୍ପାନୀଗୁଡ଼ିକ ଦ୍ୱାରା ମିଳିତ ଭାବେ ବିଦେଶରେ ନିଯୁକ୍ତି ପାଇଁ ଏକ ସ୍ୱଚ୍ଛ ଏବଂ ସୁରକ୍ଷିତ ପ୍ଲାଟ୍‌ଫର୍ମ ସୃଷ୍ଟି କରାଯାଏ, ତେବେ ଭାରତ ବିଶ୍ୱର ଟ୍ୟାଲେଣ୍ଟ ହବ୍ ଭାବେ ପରିଣତ ହୋଇପାରିବ ବୋଲି ଅଭିନବ କହିଛନ୍ତି। ହେଲ୍‌ଥକେୟାର, ଲଜିଷ୍ଟିକ୍, ଇଞ୍ଜିନିୟରିଂ ଆଦି ବିଭିନ୍ନ ଉଚ୍ଚ ଚାହିଦା କ୍ଷେତ୍ରର ୨,୫୦୦ ନିଯୁକ୍ତି ଆଶାୟୀଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା।

# ଡିଜିଟାଲ ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ

**ଆଜି ବିଶ୍ୱ ଯୁବ ଦକ୍ଷତା ଦିବସ**



ବେକାରି ସମସ୍ୟା ବିଶ୍ୱସ୍ତରରେ ବଡ଼ ଚିନ୍ତାର କାରଣ ପାଲଟିଛି। ଏହା ପ୍ରଗତିରେ ବାଧକ ସାଜୁଛି। ଯୁବପିଢ଼ି ଦେଶର ଭବିଷ୍ୟତ ହୋଇଥିବାରୁ ସେମାନଙ୍କ ଦକ୍ଷତା ଓ ସାମର୍ଥ୍ୟର ବିକାଶ ଜରୁରୀ। ଯୁବବର୍ଗଙ୍କୁ ରୋଜଗାରକ୍ଷମ କରିବା ପାଇଁ କୌଶଳ ଶିକ୍ଷା ସହ ଉଚିତ ରଣନୀତି ପ୍ରସ୍ତୁତିରେ ଆବଶ୍ୟକତା ରହିଛି। ସାରା ବିଶ୍ୱରେ ଯୁବପିଢ଼ି ମଧ୍ୟରେ ବେରୋଜଗାରର ଆହ୍ୱାନକୁ ହ୍ରାସ ସହିତ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ସଚେତନ କରିବା ଲାଗି ୨୦୧୪ରୁ ୧୫ ଜୁଲାଇକୁ 'ବିଶ୍ୱ ଯୁବ ଦକ୍ଷତା ଦିବସ' ଭାବରେ ପାଳନ କରାଯାଉଛି। ଚଳିତବର୍ଷ ବିଷୟବସ୍ତୁ ହେଉଛି 'କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଡିଜିଟାଲ ଦକ୍ଷତା ମାଧ୍ୟମରେ ଯୁବଶକ୍ତିକୁ ସଶକ୍ତ କରିବା'। ଏହାମାଧ୍ୟମରେ ଯୁବବର୍ଗ ରୋଜଗାରକ୍ଷମ ହେବା ଲାଗି କେନ୍ଦ୍ରଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଯୋଜନାମାନ କରାଯାଉଥିଲେ ମଧ୍ୟ ସେପରି ସଫଳତା ମିଳୁ ନ ଥିବାରୁ ଏ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପକୁ ଆହୁରି ବ୍ୟାପକ କରିବାକୁ ମତ ପ୍ରକାଶ ପାଉଛି।

**- ରିପୋର୍ଟ: ସୁଚିସ୍ମିତା ସାହୁ, ଭୁବନେଶ୍ୱର**

### ବୟସ୍କଙ୍କ ତୁଳନାରେ ଯୁବପିଢ଼ି ବେକାରି ସଂଖ୍ୟା ଅଧିକ



"ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଅନୁଯାୟୀ, ବୟସ୍କଙ୍କ ତୁଳନାରେ ଯୁବପିଢ଼ି ବେକାର ହେବାର ସମ୍ଭାବନା ତିନିଗୁଣ ଅଧିକ। ବର୍ଷ ବର୍ଷ ଧରି ଚାକିରି ପାଇଁ ଯୁବପିଢ଼ି ଅପେକ୍ଷା କରିଥିଲେ ସୁଦ୍ଧା ଖାଲି ପଡ଼ିଥିବା ପଦବୀ ପୂରଣ ହେଉନାହିଁ। ଡିଜିଟାଲ ଦକ୍ଷତା ନିଯୁକ୍ତି କ୍ଷମତା ବୃଦ୍ଧି କରିବା ସହ ଭବିଷ୍ୟତରେ ଚାକିରି ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରେ। ତେଣୁ ଏହା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

**- ସୁନୀଲ କୁମାର ମିଶ୍ର, ଚାକିରି ଆଶାୟୀ**

### ବାସ୍ତବ ଯୋଜନା କାର୍ଯ୍ୟକାରୀ କରାଯାଉ



"ଯୁବଶକ୍ତିଙ୍କ ଦକ୍ଷତା ଉପରେ ହିଁ ସମଗ୍ର ରାଜ୍ୟର ସାମଗ୍ରିକ ବିକାଶ ନିର୍ଭର କରେ। ଏବର୍ଷ ବିଶ୍ୱ ଯୁବ ଦକ୍ଷତା ବିକାଶ ଦିବସରେ ଏଆଇ ଏବଂ ଡିଜିଟାଲ ଦକ୍ଷତାର ବିକାଶ ବିଷୟ ରହିଛି। କିନ୍ତୁ ଏଯାଏ ଉପଯୁକ୍ତ ତାଲିମ ପ୍ରଦାନ, ନୂଆ କ୍ଷୁଦ୍ର ଓ ମଧ୍ୟମ ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦିଆଯାଇନାହିଁ। ବିଶ୍ୱବିଦ୍ୟାଳୟରେ ଏଆଇକୁ ନେଇ ବିଭିନ୍ନ ଗବେଷଣାରେ ଆମ ରାଜ୍ୟ ବହୁ ପଛରେ ରହିଛି। ରାଜଧାନୀ ଭୁବନେଶ୍ୱରକୁ ଶିକ୍ଷା ଓ ବୈଷୟିକ ହବ୍ କରିବାକୁ କେବଳ ସ୍ୱପ୍ନ ଦେଖିଦେଲେ ହେବ ନାହିଁ, ଏଥିନିମନ୍ତେ ବାସ୍ତବ ଯୋଜନାର କାର୍ଯ୍ୟକାରିତାକୁ ନେଇ ଅଗ୍ରସର ହେବାକୁ ହେବ।

**- ଅଂଶୁମାନ ସାହୁ, ଯୁବ ସାହିତ୍ୟିକ**

### ନୂତନ ଉଦ୍ୟୋଗୀ ସୁଯୋଗକୁ ଗୁରୁତ୍ୱ ଦିଆଯାଉଛି



"ରାଜ୍ୟରେ ଯୁବବର୍ଗ କିଭଳି ଦକ୍ଷ ହେବେ, ନୂତନ ଉଦ୍ୟୋଗୀ ହୋଇ ଅନ୍ୟମାନଙ୍କୁ ରୋଜଗାର ଯୋଗାଇ ପାରିବେ ତାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ କରିବାକୁ ରାଜ୍ୟ ସରକାର ସଂକଳ୍ପ କରିଛନ୍ତି। ଏହି ଲକ୍ଷ୍ୟ ପୂରଣ କରିବାକୁ ହେଲେ ଶିଳ୍ପ ବିକାଶ ସାଙ୍ଗକୁ ମାନବସମ୍ବଳର ସଦୁପଯୋଗ ହେବା ନିହାତି ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ବିଶ୍ୱ ଦକ୍ଷତା କେନ୍ଦ୍ର ଜରିଆରେ ଯୁବବର୍ଗଙ୍କୁ ଜାତୀୟସ୍ତରର ଦକ୍ଷତା ବୃଦ୍ଧି କରାଯାଉଛି। ଯଦ୍ୱାରା ବିକଶିତ ଓଡ଼ିଶା ଗଠନ ସମ୍ଭବ ହୋଇପାରିବ।

**- ସମ୍ପଦ ଚନ୍ଦ୍ର ସ୍ୱାଇଁ, ମନ୍ତ୍ରୀ, ଶିଳ୍ପ ଓ ଦକ୍ଷତା ବିକାଶ**

### ୨୦୩୬ ବିକଶିତ ଓଡ଼ିଶାରେ ସାମିଲ ହେବେ ୧ଲକ୍ଷ ଦକ୍ଷ ଯୁବକ



"ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୩୬ ସୁଦ୍ଧା ଯେଉଁ ବିକଶିତ ଓଡ଼ିଶାର ଲକ୍ଷ୍ୟ ରଖାଯାଇଛି ସେଥିରେ ୧ଲକ୍ଷ ଦକ୍ଷ ଯୁବବର୍ଗଙ୍କ ଭାଗୀଦାରି ରହିବ। ବର୍ତ୍ତମାନ ଯୁବବର୍ଗଙ୍କୁ ବିଶ୍ୱସ୍ତରୀୟ ଦକ୍ଷତା ଯୋଗାଇବାକୁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପ୍ରତିବର୍ଷ ୧୦ହଜାର ଯୁବବର୍ଗଙ୍କୁ ଦକ୍ଷ କରାଯିବାକୁ ଲକ୍ଷ୍ୟ ରହିଛି। ଆଗାମୀ ଦିନରେ ଯେଉଁ ଦକ୍ଷ ଯୁବବର୍ଗ ଓଡ଼ିଶାରୁ ବାହାରିବେ, ସେମାନେ ବିକଶିତ ଓଡ଼ିଶାକୁ ସାକାର କରିବାରେ ସହାୟକ ହେବେ।

**- ଭୂପିନ୍ଦର ସିଂ ପୁନିଆ, ସଚିବ, ରାଜ୍ୟ ଦକ୍ଷତା ବିକାଶ ବିଭାଗ**

# ଘୃଣିତ ବକ୍ତବ୍ୟକୁ ନିୟନ୍ତ୍ରଣ କର

**କେନ୍ଦ୍ର, ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

## ନାଗରିକ ବାକ୍ ସ୍ୱାଧୀନତାର ମୂଲ୍ୟ ଜାଣିବା ଜରୁରୀ

ନୂଆଦିଲ୍ଲୀ, ୧୪।୭

ଅଭିବ୍ୟକ୍ତି ସ୍ୱାଧୀନତାର ପବିତ୍ରତାକୁ ଉଲ୍ଲଂଘନ ନ କରି ଘୃଣିତ ବକ୍ତବ୍ୟକୁ ନିୟନ୍ତ୍ରଣ କରିବା ପାଇଁ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ଓ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତାର ମୂଲ୍ୟବୋଧ ସମ୍ପର୍କରେ ନାଗରିକମାନେ ଜାଣିବା ଜରୁରୀ ବୋଲି ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ କହିଛନ୍ତି।

ହିନ୍ଦୁ ଦେବଦେବୀଙ୍କ ବିରୋଧରେ ଏକ୍ସ'ରେ ଆପତ୍ତିଜନକ ପୋଷ୍ଟିଂ ପାଇଁ ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟରେ ମାମଲାର ସମ୍ମୁଖୀନ ହୋଇଥିବା ୱାଜାହଟ ଖାନ୍‌ଙ୍କ ଏକ ପିଟିଶନ୍‌ର ଶୁଣାଣି ବେଳେ ଅଦାଲତ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗତ ଜୁନ୍ ୨୩ରେ ସର୍ବୋଚ୍ଚ ଅଦାଲତ ତାଙ୍କୁ ଜୁଲାଇ ୧୪ ପର୍ଯ୍ୟନ୍ତ ଅନ୍ତରୀଣ ସୁରକ୍ଷା ଦେଇଥିଲେ। ଅନ୍ୟଜଣେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଶର୍ମିଷ୍ଠା ପାନୋଲି ଏକ ଭିଡିଓରେ ସାମ୍ପ୍ରଦାୟିକ ମନ୍ତବ୍ୟ ଦେଇଥିବାରୁ ୱାଜାହଟ ତାଙ୍କ ବିରୋଧରେ ଅଭିଯୋଗ ଦାଏର କରିଥିଲେ। ଆପତ୍ତିଜନକ ପୋଷ୍ଟ ଜବାବରେ ଆପତ୍ତିଜନକ ଟିପ୍ପଣୀ ଦିଆଯିବା ଉଚିତ ନୁହେଁ ବୋଲି ତାଙ୍କ ଓକିଲ କହିଥିଲେ।

ଶୁଣାଣି ବେଳେ ଜଷ୍ଟିସ୍ ନାଗରତ୍ନା କହିଛନ୍ତି, ନାଗରିକମାନେ ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତାର ମୌଳିକ ଅଧିକାରର ମୂଲ୍ୟବୋଧକୁ ଜାଣିବା ଆବଶ୍ୟକ। ଏହାର ଉଲ୍ଲଂଘନ ହେଲେ ରାଷ୍ଟ୍ର କାର୍ଯ୍ୟାନୁଷ୍ଠାନ ନେଇପାରିବ। କିନ୍ତୁ ରାଷ୍ଟ୍ର କାର୍ଯ୍ୟାନୁଷ୍ଠାନ ନେବା କେହି ଚାହାନ୍ତି ନାହିଁ ବୋଲି ବିଚାରପତି କହିଛନ୍ତି। ସୋସିଆଲ ମିଡିଆରେ ଏଭଳି ସମସ୍ତ ବିଭାଜନକାରୀ ପ୍ରବୃତ୍ତି ଉପରେ ଅଙ୍କୁଶ ଲଗାଇବାକୁ ହେବ। ତେବେ ଏହାର ଅର୍ଥ ସେନ୍‌ସରଶିପ୍ ନୁହେଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ନାଗରିକଙ୍କ ପାଇଁ ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ଗାଇଡ୍‌ଲାଇନ ପ୍ରସ୍ତୁତ କରିବାକୁ ବିଚାର କରୁଥିବା ଖଣ୍ଡପୀଠ କହିଛନ୍ତି, ନାଗରିକମାନଙ୍କ ମଧ୍ୟରେ ଭ୍ରାତୃଭାବ ରହିବା ଆବଶ୍ୟକ। ସମ୍ବିଧାନର ଅନୁଚ୍ଛେଦ ୧୯(୨) ଅନୁଯାୟୀ ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ରହିଥିବା ଉଚିତ କଟକଣା ସମ୍ପର୍କରେ ଖଣ୍ଡପୀଠ କହିଥିଲେ, ସେଗୁଡ଼ିକ ଠିକ୍ ଭାବରେ ରଖାଯାଇଛି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ୱାଜାହଟଙ୍କୁ ଗିରଫଦାରିରୁ ସୁରକ୍ଷା ଦିଆଯାଇଥିବାବେଳେ ନାଗରିକଙ୍କ ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତାର ସ୍ୱନିୟନ୍ତ୍ରଣ ପ୍ରସଙ୍ଗରେ ଖଣ୍ଡପୀଠଙ୍କୁ ସହାୟତା କରିବା ପାଇଁ ତାଙ୍କୁ ଓକିଲଙ୍କୁ କୁହାଯାଇଛି। ସୂଚନାଯୋଗ୍ୟ, କେତେକ ପୁରୁଣା ଟୁଇଟ୍‌କୁ ନେଇ ଜୁନ୍ ୯ରେ କୋଲକାତା ପୋଲିସ ୱାଜାହଟଙ୍କୁ ଗିରଫ କରିବା ପରେ ତାଙ୍କ ବିରୋଧରେ ବିଭିନ୍ନ ରାଜ୍ୟରେ ଏତଲା ଦାଏର ହୋଇଥିଲା। ଏହା ବିରୋଧରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲାଜ ନାହିଁ କହିବାକୁ**
**ଆଣ୍ଠୁକ ପାଣିରେ ତପ କରୁଥିଲା**
**ପର ଘର ଭାଙ୍ଗିବାକୁ।**

ଦୁନିଆରେ ଏଭଳି କେତେଜଣ ଲୋକ ଥାଆନ୍ତି ଯେଉଁମାନେ ଅନ୍ୟର ସୁଖ ଶିରୀକୁ ଆଦୌ ସହିପାରି ନ ଥାନ୍ତି। କଳେବଳେ କୌଶଳେ ସେମାନଙ୍କ ଘରେ ଅଶାନ୍ତିର ବାତାବରଣ ସୃଷ୍ଟି କରିବା ସହ ପରିବାର ମଧ୍ୟରେ ଫାଟ ସୃଷ୍ଟି କରିଥାନ୍ତି। ପରଘର ଭଙ୍ଗା ଲୋକର ଚରିତ୍ର ପ୍ରତି ଏଭଳି କବୃକ୍ତି ଉଲ୍ଲେଖ କରାଯାଇଛି।

**ଲୁଚି ଛପି କରୁଥା ପ୍ରେମ,**
**ଆଖି ଗଲେଇ ଦେଖୁଚି ଯମ।**

ଲୁଚାଛପା ପ୍ରେମର ପରିଣତି ବେଳେବେଳେ ଅତି ଭୟଙ୍କର ହୋଇଥାଏ। ଏହା ଅନେକ ସମୟରେ ମରଣମୁହଁକୁ ଟାଣି ନେଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

ପ୍ରଥମ ପୃଷ୍ଠାରୁ...

## ଆଖିବୁଜିଲେ ଛାତ୍ରୀ...

ଏବଂ କର୍ତ୍ତୃପକ୍ଷଙ୍କୁ ଟ୍ୟାଗ୍ କରିଥିଲେ। ହେଲେ କୌଣସି ନ୍ୟାୟ ନ ପାଇ ୧୨ତାରିଖ ଶନିବାର ଛାତ୍ରୀ ଜଣକ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ୍ ଢାଳି ନିଆଁ ଲଗାଇ ଦେଇଥିଲେ। ଉପସ୍ଥିତ କେତେଜଣ ଛାତ୍ରଙ୍କ ଦ୍ୱାରା ସେ ଉଦ୍ଧାର ହୋଇଥିଲେ ସୁଦ୍ଧା ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଅପରାହ୍ନରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ଶରୀରର ପ୍ରାୟ ୯୫% ପୋଡ଼ି ଯାଇଥିବାରୁ ତାଙ୍କୁ ଏମ୍‌ସ ବର୍ନ ୟୁନିଟ୍ ଆଇସିୟୁ ଭେଣ୍ଟିଲେଟରରେ ରଖାଯାଇ ଚିକିତ୍ସା କରାଯାଉଥିଲା। ଏପରି କି ଦିଲ୍ଲୀ ଏମ୍‌ସର ଡାକ୍ତରୀ ଦଳଙ୍କ ସହାୟତାରେ ଏଠାକାର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ ୨୪ ଘଣ୍ଟିଆ ନିରୀକ୍ଷଣରେ ରଖି ଚିକିତ୍ସା ଚଳାଇଥିଲେ। କିନ୍ତୁ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ପୀଡ଼ିତା ସୋମବାର ରାତିରେ ଆଖି ବୁଜିଛନ୍ତି। ବ୍ୟବଚ୍ଛେଦ ହେବା ପରେ ମୃତଦେହକୁ ବାଲେଶ୍ୱର ଜିଲା ଭୋଗରାଇସ୍ଥିତ ବାସଭବନକୁ ନିଆଯିବା ପାଇଁ ପରିବାର ଲୋକ ନିଷ୍ପତ୍ତି ନେଇଥିଲେ।

## ଗିରଫ ହେଲେ...

ଅଧ୍ୟକ୍ଷ ଘୋଷ ଓ ଇଣ୍ଟରନାଲ କମିଟି ସଦସ୍ୟଙ୍କୁ ପଚରାଉଚରା କରି ଫେରିଥିଲେ। ଏହି ସମୟରେ ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସ, ନିରଞ୍ଜନ ବେହେରା, ଡିଏସ୍‌ପି ତପସ୍ୱିନୀ କହଁର, ଆଇଆଇସି ଅଜୟ କୁମାର ମୁର୍ମୁଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ରବିବାର ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର, ଉଚ୍ଚ ଶିକ୍ଷା ଯୁଗ୍ମ ସଚିବ ମୌସୁମୀ ନାୟକ, ବିଜେବି କଲେଜ ଅଧ୍ୟକ୍ଷା ବରିଷ୍ଠ ଏକାଡେମିସିଆନ୍ ଝୁମ୍‌କି ରଥ ମହାବିଦ୍ୟାଳୟରେ ପହଞ୍ଚି ନିଲମ୍ବିତ ଅଧ୍ୟକ୍ଷ ଦିଲୀପ ଘୋଷ ଓ ଇଣ୍ଟରନାଲ କମିଟି ସଦସ୍ୟଙ୍କୁ ସାଢ଼େ ୩ଘଣ୍ଟା ଧରି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ପ୍ରାଥମିକ ତଦନ୍ତର ସବିଶେଷ ତଥ୍ୟ ସଂଗ୍ରହ କରି ଭୁବନେଶ୍ୱର ଫେରିଥିଲେ।

ସୂଚନା ଯେ, ଗତ ୧୨ତାରିଖ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଚାମ୍ବର ସମ୍ମୁଖରେ ଜଣେ ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଦ୍ୱିତୀୟ ବର୍ଷର ଛାତ୍ରୀ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିଲେ। ସେ ବିଭାଗୀୟ ଏଚ୍‌ଓଡି ସମୀର ସାହୁଙ୍କ ଦ୍ୱାରା ମାନସିକ ନିର୍ଯାତନାର ଶିକାର ହୋଇଆସୁଥିଲେ। ପୂର୍ବରୁ ଛାତ୍ରୀ ଜଣକ ଅଭିଯୋଗ କରିଥିଲେ ଯେ, ଏଚ୍‌ଓଡି ସାହୁ ତାଙ୍କୁ ଜାଣିଶୁଣି ହଇରାଣ ହରକତ କରିବା ସହ ଖରାପ ଇଙ୍ଗିତ କରୁଛନ୍ତି। ଏନେଇ ସେ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ବି ଘଟଣାର କୌଣସି ସମାଧାନ ହୋଇ ନ ଥିଲା। ଗତ ଶନିବାର ମଧ୍ୟ ତାଙ୍କୁ ଅଧ୍ୟକ୍ଷ କକ୍ଷକୁ ଡାକି ଅଭିଯୋଗ ପ୍ରତ୍ୟାହାର କରିନେବାକୁ କହିଥିଲେ। ଯାହା ପରେ ସେ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେବାକୁ ବାଧ ହୋଇଥିଲେ। ଏହି ଘଟଣାକୁ ନେଇ ପୂରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି।

## ୨୪ ଘଣ୍ଟାରେ...

ନିର୍ଦ୍ଦେଶ ଦେଇଛି। ୨୪ ଘଣ୍ଟା ମଧ୍ୟରେ ଇଣ୍ଟରନାଲ କମିଟି ଗଠନ କରି ଏ ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବାକୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳସଚିବ ଓ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ସୋମବାର ଚିଠି କରାଯାଇଛି। ଏହି କମିଟିରେ ଆବଶ୍ୟକ ମହିଳା ସଦସ୍ୟଙ୍କ ସମେତ ଅନ୍ୟ ପ୍ରତିନିଧିମାନେ ରହିପାରିବେ। ୟୁଜିସି (ପ୍ରିଭେନ୍‌ଶନ, ପ୍ରୋହିବିଜଶନ ଆଣ୍ଡ ରିଡ୍ରେଶାଲ ଅଫ୍ ସେକ୍ସୁଆଲ ହାରାସ୍‌ମେଣ୍ଟ ଅଫ୍ ୱିମେନ୍ ଏମ୍ପ୍ଲୟିଜ୍ ଆଣ୍ଡ ଷ୍ଟୁଡେଣ୍ଟ୍ସ ଇନ୍ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ) ନିୟମାବଳୀ ୨୦୧୫କୁ ଅନୁପାଳନ କରିବାକୁ କୁହାଯାଇଛି। ସେହିପରି ଇଣ୍ଟରନାଲ କମିଟିର ସଦସ୍ୟଙ୍କ ନାମ ଓ ଯୋଗାଯୋଗ ନମ୍ବର ସ୍ପଷ୍ଟ ଭାବେ ଲେଖାଯିବାକୁ ଚିଠିରେ ଉଲ୍ଲେଖ ରହିଛି। ଏଥିସହ କମିଟି ସଦସ୍ୟଙ୍କ ବାବଦରେ ସମସ୍ତ ତଥ୍ୟ ହାୟର ଏଜୁକେଶନ ଇନ୍‌ଫରମେଶନ ମ୍ୟାନେଜମେଣ୍ଟ ସିଷ୍ଟମ(ଏଚ୍‌ଆଇଏମ୍‌ଏସ୍) ପୋର୍ଟାଲରେ ଅପଲୋଡ୍ ହେବ। ଯୌନ ନିର୍ଯାତନା ସଂକ୍ରାନ୍ତରେ ସଚେତନତା ପାଇଁ ତୁରନ୍ତ କର୍ମଶାଳା ଆୟୋଜନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଯୌନ ନିର୍ଯାତନା ସମ୍ପର୍କିତ ମାମଲାର ତୁରନ୍ତ ସମାଧାନ ପାଇଁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ ସୋମବାର ନିର୍ଦ୍ଦେଶ ଜାରି ହୋଇଛି। ଏଭଳି ଘଟଣା ସମ୍ପର୍କରେ ଅଭିଯୋଗ ହେଲେ ତୁରନ୍ତ ସକ୍ରିୟ ଭାବରେ କାର୍ଯ୍ୟ କରିବା, ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଏବଂ ଯୌନ ନିର୍ଯାତନା ନିରୋଧୀ ସେଲ୍ ଗଠନ କରିବାକୁ ନିର୍ଦ୍ଦେଶ ପତ୍ରରେ ଦର୍ଶାଯାଇଛି। କଲେଜ କ୍ୟାମ୍ପସ୍‌ରେ ଇନ୍-ହାଉସ୍ ସ୍କ୍ୱାଡ୍ ଦ୍ୱାରା ୨୪ ଘଣ୍ଟା ନଜର ରଖାଯିବା ଏବଂ ସିସିଟିଭିର ଅବାଧ ପରିଚାଳନା ନିଶ୍ଚିତ କରିବାକୁ ବାଧ୍ୟ। ଏହି କ୍ଷେତ୍ରରେ କୌଣସି ପ୍ରକାର ଶିଥିଳତା ଥିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଶୁକ୍ରଙ୍କ ପ୍ରଭାବରେ ଧନଲାଭ ସାଙ୍ଗକୁ ସମ୍ପର୍କୀୟଙ୍କ ଆଦର ଓ ସୌଜନ୍ୟତାରୁ ଖୁସି ରହିବେ। ଶିଳ୍ପ, ନିର୍ମାଣ, ବ୍ୟବସାୟ ଓ ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ପରିସ୍ଥିତିବିଶତଃ କେତେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବୃଷ** - ସ୍ୱଗୃହୀ ରାଶ୍ୟାଧିପ ହେତୁ ବିବାଦରେ ମଧ୍ୟସ୍ଥତା, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ଅଂଶଗ୍ରହଣକରି ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି, ସାହିତ୍ୟ, କ୍ରୀଡ଼ା ପ୍ରଭୃତିରେ ସମସ୍ୟା ସମାଧାନ ହେବ। ଶିଳ୍ପ, ବାଣିଜ୍ୟ, ପରିବହନ, ଲେଖାପଢ଼ା ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**ମିଥୁନ** - ବୁଧାଦିତ୍ୟ ଯୋଗ ପ୍ରଭାବରୁ ଆପଣଙ୍କ କଥା ଯେମିତି କାମ ମଧ୍ୟ ଠିକ୍ ସେମିତି ରହିବ। ବହୁଦିନ ହେଲା ଅଟକି ରହିଥିବା କାମଗୁଡିକ ସୁବିଧାରେ ହୋଇଯିବ। ମାତ୍ର ସାମୟିକ ଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ ବଳାଇ କର୍ମମୁଖର ହେବେ।

**କର୍କଟ** - ଆଜି ଯାହା କହିବେ ତାହା କରି ଦେଖାଇବେ। ଶନି ପ୍ରଭାବରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେମିତି କିଛି ହେବନି। ବ୍ୟବସାୟ ଓ ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟିହୋଇ କାମ ସ୍ଥଗିତ ରହିଯାଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଜୀବନରେ ବୁଝାମଣାରେ ବ୍ୟତିକ୍ରମ ସୃଷ୍ଟି ହୋଇପାରେ।

**ସିଂହ** - ପରିସ୍ଥିତିବିଶତଃ ଗୁରୁତ୍ୱପୂର୍ଣ୍ଣ କାମକୁ ପଛକୁ ରଖିବା ସକାଶେ ବାଧହୋଇପାରନ୍ତି। ଋଣଭାରରେ ଅତିଷ୍ଠ ହେବା ସହ ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ। କିନ୍ତୁ ବାରମ୍ବାର ଚେଷ୍ଟାକରିବା କାରଣରୁ ବନ୍ଧୁଙ୍କ ନିକଟରୁ ପରିଶେଷରେ କିଛି ପାଇପାରନ୍ତି। କ୍ରୀଡ଼ା, ସାହିତ୍ୟ ଚର୍ଚ୍ଚା , ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବେ।

**କନ୍ୟା** - କୌଣସି ଖଳଲୋକଙ୍କ କଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣରେ ହଇରାଣ ହୋଇପାରନ୍ତି। କାମରେ ଅବହେଳା ଯୋଗୁ ଉପରିସ୍ଥ ଅଧିକାରୀଙ୍କ ରୋଷର ଶିକାର ହେବେ। ମାଲିମକଦ୍ଦମା, ତର୍କବିତର୍କ, ସଭାସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ। କଚେରି ମାମଲାରେ ବିଜୟ ଯୋଗ ରହିଛି।

**ତୁଳା** - କର୍ମକ୍ଷେତ୍ରରେ ବ୍ୟତିକ୍ରମ କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ସାମାଜିକ ସ୍ତରରେ ବନ୍ଧୁଙ୍କ ଉପରେ ରାଗି ବିଭିନ୍ନ ପ୍ରକାର କଥା କହିବା କାରଣରୁ ବିବାଦ ବଢ଼ିପାରେ। ଶିଳ୍ପ, ବାଣିଜ୍ୟ, ରାଜନୀତି, ସାହିତ୍ୟ ଓ ସାମ୍ବାଦିକତାରେ ସନ୍ତୋଷଜନକ ଫଳ ପାଇବେ। ସ୍ୱାସ୍ଥ୍ୟ ନିୟନ୍ତ୍ରଣ ଭିତରେ ରହିବା ସହ ପାରିବାରିକ ସ୍ଥିତି ପୂର୍ବପରି ରହିବ।

**ବିଛା** - ଆଜି ଚନ୍ଦ୍ରଙ୍କ କୁପ୍ରଭାବ ଏବଂ ଦୁର୍ବଳ ମଙ୍ଗଳଜନିତ ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଦ୍ରବ୍ୟ ନଷ୍ଟହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। ସାହିତ୍ୟ, ସାମ୍ବାଦିକତା, ସଙ୍ଗଠନ ଓ କ୍ରୀଡ଼ା,ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** - କର୍ମକ୍ଷେତ୍ରରେ ବନ୍ଧୁଙ୍କୁ ପ୍ରିୟ କଥା କହି ଭୁଲ୍ ବୁଝାମଣାଜନିତ ସମସ୍ୟାକୁ ସୁଧାରିନେବେ। ପଡ଼ୋଶୀ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ଅପପ୍ରଚାର କରିପାରନ୍ତି। ଆଜିର ଯାତ୍ରା, ବ୍ୟବସାୟ ଓ ପରିବହନରୁ ଖୁସି ରହିବେ। ଦୀର୍ଘଦିନରୁ ବନ୍ଧୁଙ୍କ ନିକଟରେ ବାକି ରହିଥିବା ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ।

**ମକର** - ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କମିଯିବାରୁ ଆଂଶିକ ଆଶ୍ୱସ୍ତି ଲାଭ କରିବେ। ଅଫିସ୍ କାମରେ ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ କ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନି କାରବାର, ନିର୍ମାଣ, ପରିବହନ, ବାଣିଜ୍ୟ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ସାହିତ୍ୟ କ୍ଷେତ୍ରରୁ ମଧ୍ୟ ପ୍ରଶଂସା ପାଇବେ।

**କୁମ୍ଭ** - ଆଜି ମନ ଅଶାନ୍ତ ରହିଥିବା ହେତୁ ମାନସିକ ଅସ୍ଥିରତା ଲାଗି ରହିବ। ଜଣେ ବନ୍ଧୁ ପାରିବାରିକ କ୍ଷେତ୍ରର ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିପାରନ୍ତି। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଫେରନ୍ତା ବାଟରେ ମିତ୍ରତା ସୃଷ୍ଟିକରି ସମ୍ପର୍କକୁ ଦୃଢ଼ୀଭୂତ କରିବାକୁ ଚେଷ୍ଟାକଲେ ସଫଳ ହେବେ।

**ମୀନ** - ଆଜି ଅଟକି ରହିଥିବା କାମ ସୁବିଧାରେ ସମ୍ପନ୍ନ ହେବ। କିନ୍ତୁ ଆନୁଷ୍ଠାନିକ କାମରେ ଅର୍ଥ ଓ ସମ୍ମାନ ପାଇବାରେ ଅସୁବିଧା ହେବନାହିଁ। ଅବଶ୍ୟ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ସାମୟିକ ରହି ନ ପାରେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ସଫଳତା ହାସଲ କରିବେ।

ଆଜି ଜୁଲାଇ ୧୫ ତାରିଖ, ବିଶ୍ୱ ଯୁବକୌଶଳ ଦିବସ, ଶ୍ରାବଣ କୃଷ୍ଣ ୫ମୀ ମଙ୍ଗଳବାର। ରାଶି ନକ୍ଷତ୍ର-ପୂର୍ବ ଭାଦ୍ରପଦ/କୁମ୍ଭ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୨୦ ମି. ଗତେ, ଘ.୦୬।୫ ମଧ୍ୟେ, ଘ.୦୯।୪୧ ଗତେ, ଘ.୧୨।୧୮ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୮ ଗତେ, ଘ.୦୪।୪୭ ମଧ୍ୟେ ରାହୁକାଳ।

**ବରଗଡ଼ରେ ସ୍କ୍ରବ୍ ଟାଇଫସ୍ ଆକ୍ରାନ୍ତ ଚିହ୍ନଟ**

ପଦ୍ମପୁର,(ପ୍ରଦୀପ୍ତ ଦାଶ): ବରଗଡ଼ ଜିଲାକୁ ପୁଣି ସ୍କ୍ରବ ଟାଇଫସ ରୋଗ ଫେରିଛି। ଏଥିରେ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣକ ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକ ଅଞ୍ଚଳର ବୋଲି ଜଣାପଡ଼ିଛି। ଆକ୍ରାନ୍ତଙ୍କୁ ଜ୍ୱର ଲାଗି ରହିଥିଲା। ପରୀକ୍ଷା ପରେ ସେ ସ୍କ୍ରବ୍ ଟାଇଫସ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ବର୍ତ୍ତମାନ ଆକ୍ରାନ୍ତ ଜଣକ ସୁସ୍ଥ ଅଛନ୍ତି ଏବଂ ଅଧିକ ପରୀକ୍ଷା ପାଇଁ ତାଙ୍କ ରକ୍ତ ନମୁନା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି ବୋଲି ପଦ୍ମପୁର ଉପଖଣ୍ଡ ଚିକିତ୍ସା ଅଧିକାରୀ (ଏସ୍‌ଡିଏମ୍‌ଓ) ଡା. ଆଶୁତୋଷ ହୋତା କହିଛନ୍ତି।




# ଡାକ୍ତରମାନେ ଭଗବାନଙ୍କ ପ୍ରତିନିଧି ହୋଇ ସେବା କରନ୍ତୁ: ରାଷ୍ଟ୍ରପତି



ଏମ୍‌ସ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଣେ ଡାକ୍ତରୀ ଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରୁଛନ୍ତି। ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟ ଅତିଥିମାନେ ଉପସ୍ଥିତ ଅଛନ୍ତି।

## ଏମ୍‌ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ଉତ୍ସବ

### ୩୧ଜଣ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୧୪।୭ (ବନ୍ଦନା ସେଠୀ)

ମା' ଓ ଭଉଣୀମାନେ ସେବାର ପ୍ରତୀକ। ଝିଅମାନେ ଡାକ୍ତରୀ ପାଠ ପଢିଲେ ସେବା ଆହୁରି ଜୋର୍‌ଦାର ଓ ଯତ୍ନଶୀଳ ହେବ। ଅନ୍ୟ କ୍ଷେତ୍ର ଭଳି ମେଡିକାଲ କ୍ଷେତ୍ରରେ ଝିଅମାନଙ୍କର ଅଧିକ ସଫଳତା ନିଶ୍ଚିତ ଭାବେ ଉତ୍ସାହଜନକ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ସୋମବାର ଏମ୍‌ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି କହିଲେ, ଏମ୍‌ସରେ ସ୍ୱଳ୍ପ ଖର୍ଚ୍ଚରେ ଗୁଣାତ୍ମକ ଚିକିତ୍ସା ମିଳିପାରୁଛି। ଏହା କେବଳ ଦେଶବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଉନାହିଁ, ବରଂ ଅନ୍ୟ ଦେଶର ଲୋକମାନେ ମଧ୍ୟ ଚିକିତ୍ସା ପାଇଁ ଏମ୍ସ ଆସିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଏମ୍‌ସର ସ୍ୱାସ୍ଥ୍ୟସେବା ଭିତ୍ତିରେ ଭାରତ ପୃଥିବୀରେ ଏକ ଅଗ୍ରଣୀ ହେଲ୍‌ଥ କେୟାର ଡେଷ୍ଟିନେଶନରେ ପରିଣତ ହୋଇଛି। ଭାରତୀୟ ସଂସ୍କୃତିରେ ସେବାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଏ। ଲୋକମାନେ ମଧ୍ୟ ଡାକ୍ତରଙ୍କୁ ଭଗବାନ୍‌ଙ୍କ ଅବତାର ବୋଲି ମାନିଥାନ୍ତି। ତେଣୁ ସମସ୍ତ ଡାକ୍ତର ଭଗବାନ୍‌ଙ୍କ ପ୍ରତିନିଧି ହୋଇ ଲୋକମାନଙ୍କ ସେବା କରିବା ଆବଶ୍ୟକ। ଡାକ୍ତର ଏକ ବୃତ୍ତି ନୁହେଁ, ବ୍ରତ। ତେଣୁ ଏହି ବ୍ରତ ଜୀବନସାରା ଜାରି ରହିବା ଆବଶ୍ୟକ ବୋଲି ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି।

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗଦେଇ ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟଧାରାକୁ ପ୍ରଶଂସା କରି କହିଲେ, ଏହି ଜାତୀୟ ସ୍ୱାସ୍ଥ୍ୟାନୁଷ୍ଠାନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛି। ଏଠାରେ ସ୍ୱଳ୍ପ ଖର୍ଚ୍ଚରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ସବୁ ବର୍ଗର ଲୋକଙ୍କ ପାଇଁ ଉପଲବ୍ଧ ହୋଇପାରୁଛି। କୋଭିଡ୍-୧୯ ମହାମାରୀ ସମୟରେ ଏମ୍‌ସ ଭୁବନେଶ୍ୱର ରୋଗୀସେବା, ଭ୍ୟାକ୍ସିନ, ଟେଷ୍ଟିଂ ଏବଂ ଜନସଚେତନତା କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଏହି ସମାବର୍ତ୍ତନ ଉତ୍ସବ ଗର୍ବ ଓ ଗୌରବର ଦିନ ବୋଲି ରାଜ୍ୟପାଳ ମତ ରଖିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତିଥି ଭାବେ ଯୋଗଦେଇ କହିଲେ, ଏମ୍‌ସ ଭୁବନେଶ୍ୱର ସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛି। ସିକଲ ସେଲ୍, ଆନିମିଆ ଭଳି ରୋଗର ନିରାକରଣ ମିଶନରେ ଏମ୍‌ସ ଭୁବନେଶ୍ୱରକୁ ଉତ୍କର୍ଷତା କେନ୍ଦ୍ର ଭାବରେ ମାନ୍ୟତା ଦିଆଯାଇଛି। ଏଥିସହ ଏହା ଦେଶରେ ଚିକିତ୍ସା ଶିକ୍ଷା, ଗବେଷଣା ଏବଂ ସ୍ୱାସ୍ଥ୍ୟସେବାରେ ଉତ୍କର୍ଷତାର ପ୍ରତୀକ ଭାବରେ ଉଭା ହୋଇଛି। ଅଳ୍ପ ସମୟ ମଧ୍ୟରେ, ଏହା ଦେଶର ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନ ମଧ୍ୟରୁ ଗୋଟିଏ ହୋଇଗଲାଣି। ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଆପଣମାନେ କେବଳ ଶିକ୍ଷାଗତ ଜ୍ଞାନ ବହନ କରନ୍ତି ନାହିଁ, ବରଂ ଲକ୍ଷଲକ୍ଷ ଲୋକଙ୍କ ଆଶା ଏବଂ ମଙ୍ଗଳ ବହନ କରିଥାନ୍ତି। ତେଣୁ ଆପଣମାନଙ୍କ ବିଶେଷଜ୍ଞତା ଜୀବନ ରକ୍ଷା କରିବ, ଗବେଷଣା ଔଷଧକୁ ଆଗକୁ ବଢ଼ାଇବ ଏବଂ ଆପଣଙ୍କ କରୁଣା ରୋଗୀଙ୍କୁ ମାନସିକସ୍ତରରେ ସୁସ୍ଥ ତଥା ଦୃଢ ହେବାକୁ ପ୍ରେରଣା ଯୋଗାଇବ ବୋଲି ମତ ରଖିଥିଲେ।

ଏହି ଅବସରରେ ଏମ୍‌ସର ୩୧ଜଣ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ମୋଟ ୫୯ଟି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ସେହିପରି ୬୪୩ଜଣ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ଏମ୍‌ସ ଭୁବନେଶ୍ୱରର ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ, ସଭାପତି ଡା. ଶୈଳେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

### ପୀଡ଼ିତା ଛାତ୍ରୀଙ୍କୁ ଭେଟିଥିଲେ ରାଷ୍ଟ୍ରପତି

ଭୁବନେଶ୍ୱର,୧୪।୭(ବନ୍ଦନା ସେଠୀ)

ଏମ୍‌ସ ଭୁବନେଶ୍ୱରରେ ଚିକିତ୍ସାଧୀନ ବାଲେଶ୍ୱର ଫକୀରମୋହନ କଲେଜ ପୀଡିତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭେଟିଥିଲେ। ସୋମବାର ରାଷ୍ଟ୍ରପତି ଏମ୍ସର ୫ମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷ ହେବା ପରେ ସେ ଏମ୍ସର ବର୍ଣ୍ଣ ୟୁନିଟ୍‌କୁ ଯାଇ ପୀଡିତାଙ୍କୁ ଭେଟିବା ସହ ତାଙ୍କ ପରିବାର ସଦସ୍ୟଙ୍କ ସହ କଥା ହୋଇଥିଲେ। ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୀଡିତାଙ୍କୁ ଭେଟିଥିଲେ। ସୂଚନାଯୋଗ୍ୟ, ଗୁରୁତର ଅବସ୍ଥାରେ ପୀଡିତା ଜଣକ ଶନିବାରଠାରୁ ଏମ୍ସର ବର୍ଣ୍ଣ ୟୁନିଟ୍ ଆଇସିୟୁରେ ଚିକିତ୍ସିତ ହେଉଥିଲେ। ବିଳମ୍ବିତ ରାତିରେ ପୀଡ଼ିତା ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ହୋଇଥିବା ସୂଚନା ମିଳିଛି।

# 'ଏଆଇ' ନଜରରେ ରହିବ ସବୁ 'ବ୍ଲାକ୍‌ସ୍ପଟ୍'

■ ଦୁର୍ଘଟଣାଗ୍ରସ୍ତଙ୍କୁ ମିଳିବ ତ୍ୱରିତ୍ ଚିକିତ୍ସା
■ ଜିରୋ କାଜୁଆଲ୍‌ଟିକୁ ପ୍ରାଥମିକତା

ଭୁବନେଶ୍ୱର,୧୪।୭ (ରବିନାରାୟଣ ଜେନା)

ରାଜ୍ୟରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା)ର କାୟା ବିସ୍ତାର ହେବ। ପ୍ରତ୍ୟେକ ବିଭାଗ ଏଆଇ ମାଧ୍ୟମରେ ତାଙ୍କର ସରକାରୀ କାର୍ଯ୍ୟ ସମ୍ପାଦନା କରିବେ। କର୍ମଚାରୀଙ୍କ ଦକ୍ଷତା ବିକାଶଠାରୁ ଆରମ୍ଭ କରି ନଥିର ସୁରକ୍ଷା ରଖିବା ଭଳି ବିଭିନ୍ନ କ୍ଷେତ୍ରରେ ଏହାର ଉପଯୋଗ କରାଯିବ। ଏପରିକି ସଡ଼କ ଦୁର୍ଘଟଣାରେ ମଧ୍ୟ 'ଏଆଇ'ର ସଦୁପଯୋଗ କରାଯାଇ ମୂଲ୍ୟବାନ ଜୀବନ ବଞ୍ଚାଯାଇ ପାରିବ। ରାଜ୍ୟରେ ଥିବା ୧୯୫ ଦୁର୍ଘଟଣା ପ୍ରବଣ ଅଞ୍ଚଳ(ବ୍ଲାକସ୍ପଟ୍) ଏଆଇ ନଜରରେ ରହିବ। ସେଥିମଧ୍ୟରୁ ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ ୧୯ଟି ବ୍ଲାକସ୍ପଟ୍ ରହିଥିବାବେଳେ କଟକରେ ୨୪ଟି ବ୍ଲାକସ୍ପଟ୍ ଅଞ୍ଚଳ ରହିଛି। ଏହିସବୁ ଅଞ୍ଚଳକୁ ଏଆଇ ମାଧ୍ୟମରେ ଯୋଡ଼ାଯାଇ ଦୁର୍ଘଟଣାଗ୍ରସ୍ତ ଲୋକଙ୍କ ଜୀବନ ବଞ୍ଚାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

ଏହାକୁ ନେଇ ଚଳିତମାସ ୭ରୁ ୧୦ତାରିଖ ପର୍ଯ୍ୟନ୍ତ 'ଏଆଇ କାଟାଲିଷ୍ଟ' ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସମସ୍ତ ବିଭାଗକୁ ଏହାର ସଦୁପଯୋଗ ଲାଗି ସ୍ୱତନ୍ତ୍ର ପ୍ରୋଗ୍ରାମିଂ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ସରକାରୀ ଅଫିସରମାନଙ୍କୁ 'କୃତ୍ରିମ ବୁଦ୍ଧିମତ୍ତା' ପ୍ରୟୋଗର ବ୍ୟବହାରିକ ଜ୍ଞାନ ସମ୍ପର୍କରେ ଅବଗତ କରାଯାଇଥିଲା। ଏହାସହିତ ନୀତିଗତ ଯୋଜନା ଓ ତା'ର ମନିଟରିଂ ନିମନ୍ତେ ଡାଟା-ପରିଚାଳିତ ନିଷ୍ପତ୍ତି ଗ୍ରହଣ, ଡିଜିଟାଲାଇଜେସନ ଓ ଡିଜିଟାଲ ଟ୍ରାନ୍ସଫର୍ମେଶନ ମଧ୍ୟରେ ଥିବା ପାର୍ଥକ୍ୟ, ବିଚାର ଅବସ୍ଥାରୁ କ୍ରିୟାନ୍ୱୟନ ଅବସ୍ଥାକୁ ଯିବାପାଇଁ ଢାଞ୍ଚା ପ୍ରସ୍ତୁତି, ଶାସନଗତ ଆହ୍ୱାନର ବିଶ୍ଳେଷଣ ତଥା ବୈଷୟିକ ସମ୍ଭାବ୍ୟତା ଓ ବିଶେଷଜ୍ଞଙ୍କ ମତାମତ ସଂଗ୍ରହ ଉପରେ ଆଲୋଚନା କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ଏବେ ସଡ଼କ ଦୁର୍ଘଟଣାଜନିତ ଜିରୋ କାଜୁଆଲ୍‌ଟି(ଶୂନ୍ୟମୃତ୍ୟୁ)କୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ଏବେ ସଡ଼କ ଦୁର୍ଘଟଣା ମୃତ୍ୟୁହାର ୪୮ ପ୍ରତିଶତ ରହିଛି। ଏହାକୁ କିଭଳି ୧୫ ପ୍ରତିଶତକୁ ହ୍ରାସ କରାଯାଇପାରିବ ତାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଏବେ ୫୬୩୯ଟି ଆମ୍ବୁଲାନ୍ସ ରହିଛି। ଏହାବାଦ୍ ଦୁର୍ଗମ ଅଞ୍ଚଳ ଲାଗି ବୋଟ୍ ଆମ୍ବୁଲାନ୍ସ ସେବାକୁ ତ୍ୱରାନ୍ୱିତ କରିବାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି।

ସ୍ୱାସ୍ଥ୍ୟବିଭାଗର ତଥ୍ୟ ଅନୁଯାୟୀ, ଦୁର୍ଘଟଣାକୁ ରୋକିବା ପାଇଁ ଓଡ଼ିଶା ଦେଇ ଯାଇଥିବା ପ୍ରତ୍ୟେକ ଜାତୀୟ ରାଜପଥର ୫୦ରୁ ୧୦୦ କିଲୋମିଟର ଅନ୍ତରରେ ଟ୍ରମା କେୟାର କେନ୍ଦ୍ରଗୁଡ଼ିକୁ ଏଆଇ ସହିତ ସଂଯୋଗ କରାଯିବ, ଯାହାଫଳରେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ତ୍ୱରିତ ଚିକିତ୍ସା ମିଳିପାରିବ। ଦୁର୍ଘଟଣା ଘଟିଲେ ୪୮ ଘଣ୍ଟା ମଧ୍ୟରେ କିଭଳି ଆହତଙ୍କୁ ସବୁ ପ୍ରକାର ଚିକିତ୍ସା ମାଗଣାରେ ଯୋଗାଇ ଦିଆଯିବ ସେନେଇ ବ୍ୟବସ୍ଥା କରାଯିବା ସହିତ ସଜାଗ ରହିବାକୁ ସତର୍କ କରାଯାଇଛି। ସବୁ 'ରକ୍ଷକ'ଙ୍କୁ ଏସଂକ୍ରାନ୍ତରେ ବାର୍ତ୍ତା ଜରିଆରେ ଅବଗତ କରାଯିବାକୁ ପ୍ରୋଗ୍ରାମିଂ କରାଯାଉଛି। ଖୁବ୍‌ଶୀଘ୍ର ଏଆଇ ଜରିଆରେ ଏସବୁ କାର୍ଯ୍ୟ ସମ୍ପାଦନା କରାଯିବ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି।

## ପ୍ଲାଟଫର୍ମରୁ ୨ ମୃତଦେହ ଜବତ ଘଟଣା

### ପୁଅ ବିବାହ ପାଇଁ ରାଜି ନ ହେବାରୁ ବିଷ ପିଇଥିଲେ ମା'ବାପା

ବ୍ରହ୍ମପୁର/ଦିଗପହଣ୍ଡି, ୧୪।୭(ସୁବାସ ଚନ୍ଦ୍ର ପାଢ଼ୀ/ ଅଶେଷନାଥ ମିଶ୍ର)

ରେଳବାଇ ପୋଲିସ (ଜିଆରପି) ଗତ ୧୨ ତାରିଖରେ ବ୍ରହ୍ମପୁର ଷ୍ଟେସନ ୪ନଂ ପ୍ଲାଟଫର୍ମରୁ ଜଣେ ପୁରୁଷ ଓ ଜଣେ ମହିଳାଙ୍କ ମୃତଦେହ ଜବତ କରିଥିଲା। ସେମାନଙ୍କ ପରିଚୟ ମିଳିଛି। ମୃତଙ୍କ ପୁଅ ଏମ. ରଞ୍ଜନ ଦୋରା ଜିଆରପି ଥାନାରେ ପହଞ୍ଚି ନିଜ ବାପା ଓ ମା'ଙ୍କୁ ଚିହ୍ନଟ କରିଛନ୍ତି। ସେମାନେ ହେଲେ ଦିଗପହଣ୍ଡି ଥାନା ଲକ୍ଷ୍ମୀନାରାୟଣପୁର ଏମ. ସୁଦର୍ଶନ ଦୋରା ଓ ତାଙ୍କ ସ୍ତ୍ରୀ ଏମ. କୁମାରୀ। ସେମାନଙ୍କ ଏକମାତ୍ର ପୁଅ ରଞ୍ଜନଙ୍କ ବିବାହ ପାଇଁ ଘର ଲୋକ ସ୍ଥିର କରିଥିଲେ। ହେଲେ ସେ ଏଥିରେ ରାଜି ହୋଇ ନ ଥିଲେ। ଫଳରେ ସେମାନେ ରେଳଷ୍ଟେଶନ ଆସି ବିଷପାନ କରି ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଭାରପ୍ରାପ୍ତ ଥାନାଧିକାରୀ ବିକାଶ ପୋଲାଇ କହିଛନ୍ତି। ଏମକେସିଜିରେ ସଂରକ୍ଷିତ ଥିବା ୨ ମୃତଦେହକୁ ପୋଲିସ ତାଙ୍କ ପୁଅଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ୪ନଂ ପ୍ଲାଟଫର୍ମ ଛତ୍ରପୁର ପଟରେ ଥିବା ଫୁଟ ଓଭରବ୍ରିଜ ତଳେ ଜଣେ ମହିଳା ଓ ଜଣେ ପୁରୁଷ ଦୀର୍ଘ ସମୟ ଧରି ପଡ଼ିରହିଥିବା ଜିଆରପି ପୋଲିସ ଖବର ପାଇଥିଲା। ସେଠାରେ ପହଞ୍ଚି ଦେଖିବା ବେଳେ ଉଭୟଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡିଥିଲା।

## ବିଚାରପତି ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟ ବଦଳି

କଟକ,୧୪।୭ (କାର୍ତ୍ତିକ ସାହୁ)



ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ଭାବେ ଗୁଆହାଟୀ ହାଇକୋର୍ଟର ବିଚାରପତି ମାନସ ରଞ୍ଜନ ପାଠକଙ୍କୁ ବଦଳି କରାଯାଇଛି। ଜଷ୍ଟିସ ପାଠକଙ୍କ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ଗତ ମେ' ୨୬ ତାରିଖରେ ସୁପାରିସ୍ କରିଥିଲେ। କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏ ନେଇ ବିଧିବଦ୍ଧବିଜ୍ଞପ୍ତିପ୍ରକାଶପାଇଛି। ୧୯୬୫ ଅଗଷ୍ଟ ୨୮ରେ ଗୁଆହାଟୀଠାରେ ଜନ୍ମିତ ଜଷ୍ଟିସ୍ ପାଠକ ଗୁଆହାଟୀ ବିଶ୍ୱବିଦ୍ୟାଳୟରୁ ଏଲ୍‌ଏଲ୍‌ବି ପାସ୍ କରିଥିଲେ। ସେ ୧୯୯୦ରେ ଆଇନଜୀବୀ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ୨୦୦୪ରୁ ବିଭାଜନ ପର୍ଯ୍ୟନ୍ତ ସେ ତ୍ରିପୁରା ରାଜ୍ୟର ଷ୍ଟାଣ୍ଡିଂ କାଉନସେଲ ଭାବେ କାର୍ଯ୍ୟ କରିଥିଲେ। ସେ ମଧ୍ୟ ଆସାମ ଲ' କମିଶନ୍‌ର ସଦସ୍ୟ ଏବଂ ଇଣ୍ଡିଆନ ଲ' ଇନଷ୍ଟିଚ୍ୟୁଟ୍‌ର ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ସେ ଗୁଆହାଟୀ ହାଇକୋର୍ଟ ଓ ଆସାମ ସରକାରଙ୍କ ଶିକ୍ଷା ବିଭାଗର ଷ୍ଟାଣ୍ଡିଂ କାଉନସେଲ ଭାବେ କାର୍ଯ୍ୟ କରିଥିଲେ। ସେ ୨୦୧୩ ମେ' ୨୨ରେ ଗୁଆହାଟୀ ହାଇକୋର୍ଟ ଅତିରିକ୍ତ ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। ପୁନଶ୍ଚ ୨୦୧୮ ନଭେମ୍ବର ୧୨ରେ ସେ ଗୁଆହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ହୋଇଥିଲେ।

## ରାଜ୍ୟ ସରକାର ଗୁରୁତ୍ୱର ସହ ନିଅନ୍ତୁ: ନବୀନ

**କାନାଡ଼ାରେ ରଥଯାତ୍ରା ସମୟରେ ଅଣ୍ଡାମାଡ଼ ଘଟଣା**

ଭୁବନେଶ୍ୱର,୧୪।୭(ସୁନିତ୍ ମିଶ୍ର)



କାନାଡ଼ାର ଟରୋଣ୍ଟୋ ସହରରେ ରଥଯାତ୍ରା ପାଳନ ସମୟରେ ଶ୍ରଦ୍ଧାଳୁଙ୍କ ଉପରକୁ ଅଣ୍ଡା ମାଡ଼ କରାଯାଇଛି। ଏହି ଖବର ଶୁଣିବା ପରେ ବ୍ୟଥିତ ଲାଗିଛି। ଏହି ଘଟଣା କେବଳ ସାରା ବିଶ୍ୱର ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଦୁଃଖ ପହଞ୍ଚାଇ ନାହିଁ ବରଂ ଓଡ଼ିଶାବାସୀଙ୍କ ଭିତରେ ଅସନ୍ତୋଷ ବଢ଼ାଇଛି। କାରଣ ଓଡ଼ିଶା ଲୋକଙ୍କ ପାଇଁ ଏହି ଯାତ୍ରା ଭାବାବେଗ ଏବଂ ସଂସ୍କୃତିର ପ୍ରତୀକ। ଯଦି ଗଣମାଧ୍ୟମର ଏହି ରିପୋର୍ଟ ସତ୍ୟ ତେବେ ରାଜ୍ୟ ସରକାର ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଗୁରୁତ୍ୱର ସହ ନିଅନ୍ତୁ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଜଣାଇ କାନାଡ଼ା କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ ପ୍ରତିବାଦ ରେଜିଷ୍ଟର କରାନ୍ତୁ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି।

## ଯୌତୁକ ପାଇଁ ବୋହୂଙ୍କୁ ଜାଳିଲେ

ଖଲ୍ଲିକୋଟ/ବ୍ରହ୍ମପୁର,୧୪।୭
(ପ୍ରଶାନ୍ତ କୁମାର ମିଶ୍ର/ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ କହ୍ନେଇପୁର ଗାଁରେ ସୋମବାର ଭୋରରେ ଏକ ଅଭାବନୀୟ ଘଟଣା ଘଟିଛି। ଯୌତୁକ ପାଇଁ ବୋହୂଙ୍କୁ ପୋଡ଼ି ମାରିଦେବାକୁ ଉଦ୍ୟମ ହୋଇଛି। ବୋହୂ ଆରତି ଦାସଙ୍କ ଶରୀରର ୨୫ ପ୍ରତିଶତ ପୋଡ଼ିଯାଇଛି। ତାଙ୍କୁ ଉଦ୍ଧାର କରି ପ୍ରଥମେ ଖଲ୍ଲିକୋଟ ମେଡିକାଲ ଓ ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଯୌତୁକ ପାଇଁ ଝିଅକୁ ହତ୍ୟା ଉଦ୍ୟମ କରାଯାଇଥିବା ଆରତିଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି। ସର୍ଜରି ୱାର୍ଡରେ ଆରତିଙ୍କ ଚିକିତ୍ସା ଚାଲିଛି। ଡାକ୍ତର ସତ୍ୟସ୍ୱରୂପ ପଟ୍ଟନାୟକ ତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ କରିବା ପାଇଁ ଜଣାଇଛନ୍ତି। ତାହାରି ଆଧାରରେ ଏମ୍‌କେସିଜି ମେଡିକାଲ ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାଶ ମାଜିଷ୍ଟ୍ରେଟ ରିକ୍ୟୁଜିଶନ ପାଇଁ ବୈଦ୍ୟନାଥପୁର ଥାନାଧିକାରୀଙ୍କୁ ଚିଠି କରିଛନ୍ତି। ମଙ୍ଗଳବାର ମୃତ୍ୟୁକାଳୀନ ଜମାନବନ୍ଦୀ ନିଆଯିବ ବୋଲି ଜଣାପଡିଛି।

ଖଲ୍ଲିକୋଟ ଥାନା କହ୍ନେଇପୁର ଗାଁର ଆକାଶ ପରିଡ଼ା ୨ ବର୍ଷ ତଳେ ତାଙ୍କରି ଗାଁର ଆରତିଙ୍କୁ ପ୍ରେମବିବାହ କରିଥିଲେ। ସେମାନଙ୍କର ଗୋଟିଏ ଝିଅ ଅଛି। ଆକାଶ ଦୁବାଇରେ କାମ କରୁଛନ୍ତି। ଯୌତୁକ ପାଇଁ ଶାଶୁଘର ଲୋକେ ଆରତିଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଆସୁଥିଲା। ରବିବାର ରାତିରେ ଶାଶୁଙ୍କ ସହିତ ଆରତିଙ୍କ ଝଗଡ଼ା ହୋଇଥିଲା। ସୋମବାର ସକାଳେ ଆରତିଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦିଆଯାଇଥିବା ଅଭିଯୋଗ ହେଉଛି। ଆରତି ଚିତ୍କାର କରିବାରୁ ପଡୋଶୀମାନେ ସେଠାକୁ ଧାଇଁ ଆସି ତାଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ମେଡିକାଲ ନେଇଥିଲେ। ଖଲ୍ଲିକୋଟ ପୋଲିସ ମେଡ଼ିକାଲରେ ପହଞ୍ଚି ପଚରଉଚରା କରିଥିବା ବେଳେ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ଶାଶୁଘରେ କେହି ନ ଥିବା ବେଳେ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

## ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଦ୍ୱିତୀୟ ମହଲାରୁ ଡେଇଁ ରୋଗୀ ଗୁରୁତର

ବଲାଙ୍ଗୀର, ୧୪।୭ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଗନ୍ଧରେଳସ୍ଥିତ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ସୋମବାର ସକାଳେ ଏକ ଅଘଟଣ ଘଟିଥିଲା। ମେଡିକାଲ କଲେଜ କୋଠାର ଦ୍ୱିତୀୟ ମହଲାରୁ ଜଣେ ରୋଗୀ ଡେଇଁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତେବେ ସେ ଗୁରୁତର ଆହତ ହୋଇଥିବାରୁ ତାଙ୍କୁ ପୁଣି ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଗତ ୧୨ ତାରିଖରେ ବଲାଙ୍ଗୀର ସହର ଖର୍ସେଲପଡାର ପୂର୍ଣ୍ଣଚନ୍ଦ୍ର ସାହୁ (୪୫)ଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସିତ ହେଉଥିଲେ। ସୋମବାର ସକାଳ ପ୍ରାୟ ୫ଟାରେ ପୂର୍ଣ୍ଣଚନ୍ଦ୍ର ହଠାତ୍ ମେଡିସିନ୍ ୱାର୍ଡରୁ ବାହାରି ଯାଇଥିଲେ। ସକାଳ ପ୍ରାୟ ସାଢ଼େ ୮ଟାରେ ସେ ହସ୍ପିଟାଲର ଦ୍ୱିତୀୟ ମହଲା ଶିଢ଼ି ନିକଟରୁ ଫାୟାର ସେଫଟି ପାଇଁ ବ୍ୟବହୃତ ପାଇପ୍ ଧରି ତଳକୁ ଡେଇଁପଡିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଥିଲେ।

# ଅଗଷ୍ଟରୁ ବଦଳିବ ସରକାରୀ ଢାଞ୍ଚା

## ୨୫ ସୁଦ୍ଧା ସବୁ ବିଭାଗ ଦେବେ ରିପୋର୍ଟ

ଭୁବନେଶ୍ୱର,୧୪।୭
(ରବିନାରାୟଣ ଜେନା)

ରାଜ୍ୟରେ ପ୍ରଶାସନିକ ଢାଞ୍ଚା ପରିବର୍ତ୍ତନ ହେବ। ଅଗଷ୍ଟ ପହିଲାରୁ ନୂଆ ଢାଞ୍ଚାରେ ସରକାରୀ କାର୍ଯ୍ୟ କରାଯିବ। ଫାଇଲ ଆଉ ୬ଟି ପର୍ଯ୍ୟାୟରେ ନ ଘୂରି ୩ଟିରେ ସରିବ। ଏନେଇ ନିକଟରେ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ସୋମବାର ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ସୁରେନ୍ଦ୍ର କୁମାର ସବୁ ବିଭାଗ ମୁଖ୍ୟଙ୍କୁ ପତ୍ର ଲେଖି ୨୫ ସୁଦ୍ଧା ରିପୋର୍ଟ ଦେବାକୁ ଦର୍ଶାଇଛନ୍ତି।

ଏସିଏସ୍ ସୁରେନ୍ଦ୍ର କୁମାର ଚିଠିରେ ଦର୍ଶାଇଛନ୍ତି, ବିଭାଗ ସ୍ତରରେ ଏଷ୍ଟାବ୍ଲିସମେଣ୍ଟ ଅଫିସର ନିଯୁକ୍ତି, ସହକାରୀ ବିଭାଗୀୟ ଅଧିକାରୀ (ଏଏସ୍‌ଓ) ଏବଂ ବିଭାଗୀୟ ଅଧିକାରୀ (ଏସଓ)ଙ୍କ କାର୍ଯ୍ୟଭାର କମାଇବା ଏବଂ ଓସ୍ୱାସ୍‌ରେ ଫାଇଲ ନିଷ୍ପତ୍ତି ପ୍ରକ୍ରିୟାକୁ ସରଳୀକୃତ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଣିକି ଏଷ୍ଟାବ୍ଲିସମେଣ୍ଟ ଅଫିସର ଭାବେ ପ୍ରତ୍ୟେକ ବିଭାଗରେ ଜଣେ ସ୍ୱତନ୍ତ୍ର ସଚିବ କିମ୍ବା ଅତିରିକ୍ତ ସଚିବ ସ୍ତରର ଅଧିକାରୀ ରହିବେ। ଏହି ଅଧିକାରୀ ବିଭାଗୀୟ ସ୍ଥାପନା ସମ୍ବନ୍ଧୀୟ ବିଷୟ ଯଥା ବଦଳି, ନିଯୁକ୍ତି, ପଦୋନ୍ନତି ପାଇଁ ବିଭାଗୀୟ ପ୍ରମୋଶନ କମିଟି (ଡିପିସି), ଶୃଙ୍ଖଳା କାର୍ଯ୍ୟାନୁଷ୍ଠାନ, ପେନସନ ମାମଲା, ଆର୍‌ଏସିପି-ଏମ୍‌ଏସିପି, ଗ୍ରେଡେସନ ତାଲିକା ଏବଂ ଆରଏ ମାମଲା ଆଦି ପରିଚାଳନା କରିବେ। ଏହା ପାଇଁ ସମ୍ବନ୍ଧୀୟ କ୍ୟାଡର ନିୟନ୍ତ୍ରଣ ବିଭାଗ ଯଥା ଅର୍ଥ ବିଭାଗ (ଓଏଫ୍‌ଏସ୍, ଓଟିଏ ଆଣ୍ଡ ଏସ୍ ପାଇଁ) ଏବଂ ଗୃହ ବିଭାଗ (ସଚିବାଳୟ କ୍ୟାଡର ସେବା ପାଇଁ) ସହିତ ସମନ୍ୱୟ ରକ୍ଷା କରିବେ। ଜିଏ ଆଣ୍ଡ ପିଜି ବିଭାଗର ସର୍ଭିସ କଣ୍ଡିସନ ଶାଖା ପ୍ରତି ଦୁଇ ମାସରେ ଥରେ ଏଷ୍ଟାବ୍ଲିସମେଣ୍ଟ ଅଫିସରଙ୍କ ସହ ବୈଠକ କରି ନିର୍ଦ୍ଦେଶନାମା, ପେନ୍‌ସନ ମାମଲା, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏବଂ ଅନ୍ୟାନ୍ୟ ବିଷୟରେ ସମୀକ୍ଷା କରିବ।




ଓସ୍ୱାସ୍‌ରେ ଫାଇଲ ନିଷ୍ପତ୍ତି ଆଧାରରେ ଏଏସ୍‌ଓ ଏବଂ ଏସ୍‌ଓଙ୍କ କାର୍ଯ୍ୟଭାର ବିଶ୍ଳେଷଣରୁ ଜଣାପଡ଼ିଛି ଯେ, କିଛି ଅଧିକାରୀ ଦୈନିକ ଦୁଇଟିରୁ କମ୍ ଫାଇଲ ପରିଚାଳନା କରୁଛନ୍ତି, ଯାହା ବିଭାଗୀୟ କାର୍ଯ୍ୟଭାରରେ ଅସମାନତା ସୃଷ୍ଟି କରୁଛି। ଏହାକୁ ସମାଧାନ କରିବା ପାଇଁ ସମସ୍ତ ବିଭାଗକୁ ଏଏସ୍‌ଓ/ଏସ୍‌ଓଙ୍କ କାର୍ଯ୍ୟଭାର ବିଶ୍ଳେଷଣ କରି ସେମାନଙ୍କ କାର୍ଯ୍ୟଦକ୍ଷତା ଆଧାରରେ ସୁବ୍ୟବସ୍ଥାପନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବିଶ୍ଳେଷଣ ରିପୋର୍ଟ ସମ୍ବନ୍ଧୀୟ ବିଭାଗର ସଚିବଙ୍କୁ ପ୍ରଦାନ କରାଯିବ, ଯିଏ ଏହାକୁ ଗୃହ ବିଭାଗକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଇବେ। ଏହାଦ୍ୱାରା କାର୍ଯ୍ୟଭାରର ସମବଣ୍ଟନ ଏବଂ ସେବାର ଫଳପ୍ରଦ ବ୍ୟବହାର ସୁନିଶ୍ଚିତ ହେବ। ଫାଇଲ ନିଷ୍ପତ୍ତି ପ୍ରକ୍ରିୟାରେ ସ୍ତର ହ୍ରାସ ଓସ୍ୱାସ୍‌ରେ ଫାଇଲ ନିଷ୍ପତ୍ତି ପ୍ରକ୍ରିୟାକୁ ସରଳୀକୃତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ତ୍ତମାନ ଫାଇଲଗୁଡ଼ିକ ବିଭାଗୀୟ ସଚିବଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ଅନେକ ସ୍ତର, କେତେକ ସମୟରେ ଛଅଟିରୁ ଅଧିକ ଦେଇ ଗତି କରୁଛି, ଯାହା ନିଷ୍ପତ୍ତି ପ୍ରକ୍ରିୟାରେ ବିଳମ୍ବ କରୁଛି। ଏହାର ସମାଧାନ ପାଇଁ ଏଣିକି ଫାଇଲ ନିଷ୍ପତ୍ତି ପ୍ରକ୍ରିୟାକୁ ସର୍ବାଧିକ ତିନି ସ୍ତରକୁ ସୀମିତ ରହିବ। ଏହି ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ବିଭାଗକୁ ସେମାନଙ୍କ ଅଧୀନରେ ଥିବା କାର୍ଯ୍ୟାଳୟଗୁଡ଼ିକରେ ଶାଖା/ବିଭାଗ ଅନୁଯାୟୀ ଉପରୋକ୍ତ ଶ୍ରେଣୀବିଭାଗ ମାପିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ, ଓସ୍ୱାସ୍ ସହିତ ସଂଯୁକ୍ତ ନିର୍ଦ୍ଦେଶାଳୟଗୁଡ଼ିକରେ ମଧ୍ୟ ସମାନ ପ୍ରକ୍ରିୟା ଅନୁସରଣ କରାଯିବ, ଯେଉଁଠାରେ ଫାଇଲ ନିର୍ଦ୍ଦେଶକଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ସର୍ବାଧିକ ତିନି ସ୍ତର ଚିହ୍ନଟ କରାଯିବ। ଏହି ପ୍ରକ୍ରିୟା ୨୫ ଜୁଲାଇ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ସୁରେନ୍ଦ୍ର କୁମାର ଚିଠିରେ ଦର୍ଶାଇଛନ୍ତି। ସେହିପରି ନିର୍ଦ୍ଦେଶନାମାରେ ସମସ୍ତ ବିଭାଗକୁ ୩୧ ଜୁଲାଇ ୨୦୨୫ ସୁଦ୍ଧା ସମ୍ମତି ସୁନିଶ୍ଚିତ କରିବାକୁ କୁହାଯାଇଛି।



ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି- ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। -ଶ୍ରୀଅରବିନ୍ଦ

-ମନସା ପଞ୍ଚମୀ ଓ ଶରଣ ଶେଷ

# ଯେଉଁମାନେ ଡେଉଁଥିଲେ

ବିହାର ବିଧାନସଭା ନିର୍ବାଚନ ଚଳିତବର୍ଷ ନଭେମ୍ବରରେ ହେବାର ଅଛି। ତା' ପୂର୍ବରୁ ଯେଉଁ ପ୍ରସଙ୍ଗଟି ଏବେ ଦେଶବ୍ୟାପୀ ଏକ ବିତର୍କର ବିଷୟ ପାଲଟିଛି, ତା' ହେଲା ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ ବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)। ଭୋଟର ତାଲିକାରେ ଥିବା ଅଯୋଗ୍ୟ ଭୋଟରଙ୍କ ନାମ ହଟାଇବା ପାଇଁ ଭାରତର ନିର୍ବାଚନ କମିଶନ (ଇସିଆଇ) ଜୁନ୍ ୨୪ରେ ଏସ୍‌ଆଇଆର୍ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ପାଖାପାଖି ୮ କୋଟି ଭୋଟରଙ୍କୁ ଯାଞ୍ଚ କରିବା ଲାଗି ବୁଥ୍ ଲେଭଲ ଅଫିସର (ବିଏଲ୍‌ଓ)ଙ୍କୁ ଘରକୁ ଘର ଯାଇ କାର୍ଯ୍ୟ କରିବା ଲାଗି କମିଶନ ନିର୍ଦ୍ଦେଶନାମା ଜାରି କରିଥିଲେ। ଜୁଲାଇ ୨୬ ଯାଏ ସଂଶୋଧନ ଅଭିଯାନ ଜାରି ରହି ସେପ୍ଟେମ୍ବର ୩୦ ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ହେଲେ ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ହେବାଠାରୁ ବିରୋଧୀ ଦଳଗୁଡ଼ିକ ନିର୍ବାଚନ କମିଶନଙ୍କ ପଦକ୍ଷେପକୁ ସମାଲୋଚନା କରି ଆସୁଛନ୍ତି। ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି ଯେ, ଶାସକ ଦଳକୁ ସୁହାଇଲା ଭଳି ଭୋଟର ତାଲିକା ପ୍ରସ୍ତୁତ କରିବା ସକାଶେ ନିର୍ବାଚନ କମିଶନଙ୍କୁ ବ୍ୟବହାର କରାଯାଉଛି। ଅନ୍ୟପକ୍ଷରେ ଅଯୋଗ୍ୟ ଭୋଟରଙ୍କୁ ହଟାଇବା ପାଇଁ ନିର୍ବାଚନ କମିଶନ ତାଙ୍କ ରୁଟିନ୍ କାର୍ଯ୍ୟ କରୁଛନ୍ତି ବୋଲି ଶାସକ ଦଳ ପକ୍ଷରୁ କୁହାଯାଇଛି। ଏଥିସହିତ ୧୩ ଜୁଲାଇରେ ନିର୍ବାଚନ କମିଶନ କହିଛନ୍ତି, ଭୋଟର ତାଲିକାରେ ନେପାଳ, ବାଂଲାଦେଶ ଓ ମ୍ୟାନ୍‌ମାରର କେତେକ ନାଗରିକଙ୍କ ନାମ ବେଆଇନ ଭାବେ ସାମିଲ ହୋଇଥିବାରୁ ତାହାକୁ ଯାଞ୍ଚ ପରେ ତାଲିକାରୁ ବାଦ୍ ଦିଆଯିବ।

ସମ୍ବିଧାନର ଅନୁଚ୍ଛେଦ ୩୨୪ ଅନୁଯାୟୀ ସଂସଦ ଓ ରାଜ୍ୟ ବିଧାନସଭା ପାଇଁ ନିର୍ବାଚନ କମିଶନ ଭୋଟର ତାଲିକା ପ୍ରସ୍ତୁତ କରିଥାଆନ୍ତି। ସେହିପରି ଅନୁଚ୍ଛେଦ ୩୨୬ରେ ଉଲ୍ଲେଖ ରହିଛି ଯେ, ୧୮ ବର୍ଷ ବୟସରେ ପହଞ୍ଚିଥିବା ପ୍ରତ୍ୟେକ ନାଗରିକ ଭୋଟର ହୋଇପାରିବେ। ଜନପ୍ରତିନିଧି ଆଇନ ୧୯୫୦ର ଧାରା ୨୧ ଅନୁଯାୟୀ ଭୋଟର ତାଲିକାର ପ୍ରସ୍ତୁତି ଓ ସଂଶୋଧନର ବ୍ୟବସ୍ଥା ରହିଛି। ଏହା ଯେକୌଣସି ସମୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କରିବା ଲାଗି ନିର୍ବାଚନ କମିଶନଙ୍କୁ ଅନୁମତି ଦେଇଛି। କିନ୍ତୁ ଯେଉଁ ସମୟରେ ବିହାରରେ ସ୍ୱତନ୍ତ୍ର ସଂଶୋଧନ ଲାଗି କାର୍ଯ୍ୟ ଆରମ୍ଭ ହୋଇଛି, ସେହି ସମୟକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୦୩ରେ ଶେଷ ଥର ପାଇଁ ବିହାରରେ ଏସ୍‌ଆଇଆର୍ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ କରାଯାଉଥିବା ଏସ୍‌ଆଇଆର୍‌ରେ ପ୍ରତ୍ୟେକ ଭୋଟର ତାଙ୍କ ନିର୍ଦ୍ଦିଷ୍ଟ ବିଏଲ୍‌ଓଙ୍କ ନିକଟରେ ଏନୁମେରେଶନ ଫର୍ମ ବା ଗଣନା ଫର୍ମ ଦାଖଲ କରିବେ। ୨୦୦୩ ଏସ୍‌ଆଇଆର୍ ଅନୁଯାୟୀ ଯେଉଁମାନଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକୃତ ହୋଇଥିବ, ସେମାନଙ୍କ ପାଇଁ ଜାନୁଆରୀ ୨୦୦୩ରେ ପ୍ରସ୍ତୁତ ଭୋଟର ତାଲିକା ପର୍ଯ୍ୟାପ୍ତ ରହିବ। ଏହା ପରେ ଯେଉଁମାନଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକୃତ ହୋଇଥିବ, ସେମାନଙ୍କର ଓ ସେମାନଙ୍କ ମାତାପିତାଙ୍କ ଜନ୍ମ ତାରିଖ, ଜନ୍ମସ୍ଥାନ ସମ୍ବନ୍ଧୀୟ ପ୍ରମାଣପତ୍ର ଦାଖଲ କରିବା ବାଧ୍ୟତାମୂଳକ। ୨୫ ଜୁନ୍‌ରୁ ୨୬ ଜୁଲାଇ ମଧ୍ୟରେ ଡିଜିଟାଲ କିମ୍ବା ଅନ୍ୟ କୌଣସି ବୈଷୟିକ ସହାୟତା ବିନା କାଗଜ ପ୍ରମାଣ ଦାଖଲ କରିବା ଲାଗି କୁହାଯାଇଛି।

ଇସିଆଇଙ୍କ ତରଫରୁ ୧୧ଟି ଦଲିଲ ଯଥା- ଜନ୍ମ ପ୍ରମାଣପତ୍ର, ସ୍ଥାୟୀ ବାସସ୍ଥାନ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ପାସ୍‌ପୋର୍ଟ, ମାଟ୍ରିକ୍ ବା ତଦୂର୍ଦ୍ଧ୍ୱ ଶିକ୍ଷାଗତ ପ୍ରମାଣପତ୍ର, ଜମିଜମା ସଂକ୍ରାନ୍ତ ଦସ୍ତାବିଜ୍, ଜଙ୍ଗଲ ଅଧିକାର ପ୍ରମାଣପତ୍ର, ପେନ୍‌ସନ୍ ପାଇବା ଲାଗି ସରକାରୀ ପରିଚୟପତ୍ର, ଆବଶ୍ୟକ ସ୍ଥଳେ ଏନ୍‌ଆର୍‌ସି ପ୍ରମାଣପତ୍ର, ସ୍ଥାନୀୟ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପରିବାର ପଞ୍ଜୀକରଣ ଏବଂ ୧୯୮୭ ପୂର୍ବରୁ ସରକାର କିମ୍ବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଦ୍ୱାରା ପ୍ରଦାନ କରାଯାଇଥିବା ପରିଚୟପତ୍ରକୁ ବୈଧ ପ୍ରମାଣପତ୍ର ଭାବେ ସ୍ୱୀକାରଯୋଗ୍ୟ ହେବ ବୋଲି କୁହାଯାଇଛି। ହେଲେ ପୁରୁଣା ଭୋଟର ପରିଚୟପତ୍ର, ରାଶନକାର୍ଡ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଧାର କାର୍ଡକୁ ସ୍ୱୀକାର କରିବେ ନାହିଁ ବୋଲି ନିର୍ବାଚନ କମିଶନ ସ୍ପଷ୍ଟ ଭାବେ ଜଣାଇ ଦେଇଛନ୍ତି। ସମସ୍ୟା ହେଉଛି ଯେ ବିହାରର ଅନେକ ଜିଲାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସଂଖ୍ୟା ଯଥେଷ୍ଟ ଅଧିକ ବୋଲି ଜଣାପଡ଼ିଛି। ବିଶେଷକରି ସେହିସବୁ ଜିଲାରେ ୧୦୦ ପ୍ରତିଶତରୁ ଊର୍ଦ୍ଧ୍ୱ ଆଧାର ପରିଚୟପତ୍ର ଜାରି କରାଯାଇଥିବା ହେତୁ କେନ୍ଦ୍ର ସରକାରଙ୍କ ଚିନ୍ତା ପଶିଛି। ବିହାର ଏବଂ ଦିଲ୍ଲୀରେ ଶାସନ କରୁଥିବା ଦଳ ପାଇଁ ସଂଖ୍ୟାଲଘୁଙ୍କ ସମର୍ଥନ ରହି ନ ଥିବା ହେତୁ ବିହାରର କେତେକ ଜିଲାରେ ଶାସକ ଦଳ ଜିତିବା ଅସମ୍ଭବ ହୋଇପାରେ। ଅନ୍ୟପଟେ ଆଧାରକୁ ସବୁ ଅନ୍ୟ ଦଲିଲର କେନ୍ଦ୍ରବିନ୍ଦୁ କରିଦେଇଥିବା କେନ୍ଦ୍ର ସରକାର ନିଜ ଗାତରେ ନିଜେ ପଡ଼ିଯାଉଛନ୍ତି। ଆଧାର ବ୍ୟବସ୍ଥାକୁ ମୁଖ୍ୟତଃ ସରକାରୀ ଜନକଲ୍ୟାଣକାରୀ ଯୋଜନାର ହିତାଧିକାରୀମାନଙ୍କ ବ୍ୟବହାର ପାଇଁ ପ୍ରାଥମିକ ସ୍ତରରେ ଉଦ୍ଦିଷ୍ଟ ଥିଲା। ଏହି ବ୍ୟବସ୍ଥାକୁ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ କେନ୍ଦ୍ରର ଭାଜପା ସରକାର ତାହାକୁ ଅତି କଡ଼ାକଡ଼ି ଭାବେ ଲାଗୁ କଲେ। ୨୦୧୭ ମସିହାରୁ ନାଗରିକଙ୍କ ଉପରେ ଚାପ ପକାଇ କେବଳ ଆଧାର ସଂଯୋଗ କାର୍ଯ୍ୟରେ ସମଗ୍ର ଦେଶକୁ ବ୍ୟସ୍ତ ରଖିଲେ। ମୋବାଇଲ୍ ସିମ୍‌କାର୍ଡ କିଣିବାଠାରୁ ଆରମ୍ଭ କରି ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ରେଳଗାଡ଼ିରେ ତତ୍କାଳ ଟିକେଟ କିଣିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ଆଧାରକୁ ବାଧ୍ୟତାମୂଳକ କଲେ। ନବଜାତ ଶିଶୁଙ୍କ ପାଇଁ ଆଧାର କରାଗଲା ଏବଂ ସେହି ପରିଚୟପତ୍ର ବିନା ପିଲାଙ୍କୁ ସ୍କୁଲରେ ନାମଲେଖାଇବା ସମ୍ଭବପର ହେଲା ନାହିଁ। ଅର୍ଥାତ୍ ଆଧାରକୁ ଶତପ୍ରତିଶତ ତ୍ରୁଟିଶୂନ୍ୟ ଭାବି ଦେଶବାସୀଙ୍କୁ ଦୌଡ଼ାଉଥିବା ସରକାର ଏବେ ବୁଝୁଛନ୍ତି ଯେ ଭାରତର ସାଧାରଣ ନାଗରିକର ଚତୁରତାଠାରୁ କୌଣସି ବ୍ୟବସ୍ଥା ଊର୍ଦ୍ଧ୍ୱକୁ ଯାଇପାରିବ ନାହିଁ। ବିହାର ଘଟଣାରେ ଅଣଶାସକ ଦଳଗୁଡ଼ିକ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେଲେ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବେ କୌଣସି ନିର୍ଦ୍ଦେଶ ଦେବା ପରିବର୍ତ୍ତେ କହିଲେ ଯେ, ନିର୍ବାଚନ କମିଶନ ଆଧାର, ରାଶନ କାର୍ଡ ସମ୍ପର୍କରେ ବିଚାର କରିବା ଉଚିତ ହେବ। ଏହା କେବଳ ପରାମର୍ଶରେ ରହିଗଲା, ନିର୍ଦ୍ଦେଶ ଭାବେ ନିଆଯିବ ବୋଲି ବିଶ୍ୱାସ ହେଉନାହିଁ। ରାଜନୈତିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଆଧାରକୁ ମୂଳ ପରିଚୟପତ୍ର ଭାବେ ନିଆଯିବା ଉଚିତ ନୁହେଁ। ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକୁ ଖୁଣି ହେବ ନାହିଁ। ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ବିରୋଧୀଙ୍କ ଦାବି ହେଉଛି ଆଧାର ଓ ରାଶନ କାର୍ଡକୁ ସ୍ୱୀକାର କରାଯାଉ। ନିର୍ବାଚନ କମିଶନ ଏବଂ କେନ୍ଦ୍ର ସରକାର ଏବେ ତିଷ୍ଠି ରହିବା ପାଇଁ ଆଧାରକୁ ଅସ୍ୱୀକାର କରୁଛନ୍ତି। ଏକ ଅସରନ୍ତି କାର୍ଯ୍ୟକ୍ରମ ଭାବେ ଆଧାରର ଗୁରୁତ୍ୱ ହୁଏତ ଏବେ ହ୍ରାସ ପାଇବାର ସମ୍ଭାବନା ସୃଷ୍ଟି ହୋଇଛି। ଯେଉଁମାନେ ଆଧାର ପାଇଁ ବେଶି ଦୌଡୁଥିଲେ ସେଇମାନେ ଏବେ ଆଧାରକୁ ଅକାମୀ କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି।

# ଯୁଦ୍ଧ ଓ ସାମ୍ୟବାଦ



ନିରାକାର ଦାସ

ସାରା ବିଶ୍ୱ ବର୍ତ୍ତମାନ ଯୁଦ୍ଧର ଆତଙ୍କ, ଉଗ୍ରବାଦର ଭୟ ଏବଂ ଜଳବାୟୁ ସଙ୍କଟରେ ଜର୍ଜରିତ। ଜନସାଧାରଣଙ୍କ ଧନଜୀବନ ବିପର୍ଯ୍ୟସ୍ତ। କେଉଁ ଦେଶରେ ଦାରିଦ୍ର୍ୟର କଷାଘାତରେ ସାଧାରଣ ମଣିଷ ମୁମୂର୍ଷୁ ଅବସ୍ଥାରେ ବଞ୍ଚୁଛି ତ କେଉଁ ଦେଶରେ ଉଗ୍ରବାଦ, ଅଶିକ୍ଷା, ଜାତି, ଧର୍ମ, ବର୍ଣ୍ଣକୁ ନେଇ ସୃଷ୍ଟ ସଙ୍କଟରେ ମଣିଷ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛି ଏବଂ କେଉଁଠି ଦେଶ ଯୁଦ୍ଧରେ ଲିପ୍ତ। ଏହିସବୁ ସଙ୍କଟକୁ ଦୂରେଇବାକୁ ଓ ଦେଶଗୁଡ଼ିକ ମଧ୍ୟରେ ଭାରସାମ୍ୟ ରକ୍ଷା କରିବାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୨୪ ଅକ୍ଟୋବର ୧୯୪୫ରେ ଜାତିସଂଘ ଗଠନ ହେଲା। ତଥାପି ଯେଉଁ ସଙ୍କଟକୁ ସେଇ ସଙ୍କଟ। ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କର ଦାଦାଗିରି ଓ ଏକଚ୍ଛତ୍ରବାଦୀ ନୀତି ବିଶ୍ୱ ଶାନ୍ତି ପ୍ରକ୍ରିୟାକୁ ଧୂଳିସାତ୍ କରୁଛି। ଏଥି ନିମନ୍ତେ ସମସ୍ତ ବୁଦ୍ଧିଜୀବି ଏବଂ ଜନନାୟକମାନେ ବିଚଳିତ ଓ ମର୍ମାହତ। ସମସ୍ତଙ୍କ ମୁହଁରେ ଗୋଟିଏ ପ୍ରଶ୍ନ ଏ ବିଶ୍ୱ ସୁରକ୍ଷିତ ରହିବ କେମିତି ? କେମିତି ଏ ସଙ୍କଟରୁ ପୃଥିବୀ ଉଦ୍ଧାର ପାଇବ ? ବିଶ୍ୱ ଅସୁରକ୍ଷିତ ରହିବାର ପାଞ୍ଚଟି କାରଣ ଭାବେ ଯୁଦ୍ଧ, ଧର୍ମାନ୍ଧତା, ପରିବେଶ ପ୍ରଦୂଷଣ, ସାମ୍ପ୍ରଦାୟିକତା ଓ ଦାରିଦ୍ର୍ୟକୁ ଗଣାଯାଇପାରେ। ସବୁଠୁ ପ୍ରମୁଖ କାରଣ ହେଉଛି 'ଯୁଦ୍ଧ' ଓ ପରମାଣୁ ବୋମା ସଙ୍କଟ।

୧୯୩୯ରୁ ୧୯୪୫ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟଙ୍କର ରୂପ ଓ ମଣିଷର ହତ୍ୟା ମାନବ ସଭ୍ୟତାକୁ ଦୋହଲାଇ ଦେଇଥିଲା। ଜାପାନର ହିରୋସିମା ଓ ନାଗାସାକିରେ ଆମେରିକା ପକେଇଥିବା ପରମାଣୁ ବୋମାର ଆତଙ୍କ ଏବେ ବି ମଣିଷ ଭୁଲିପାରୁନି। ହିଟଲରଙ୍କ ଭଳି ଏକଚ୍ଛତ୍ରବାଦୀ ଓ ସାମ୍ରାଜ୍ୟବାଦୀ ଶାସକଙ୍କୁ ସୋଭିଏତ୍ ରୁଷିଆର ଲାଲ୍‌ବାହିନୀର ବୀରତ୍ୱ ଓ ପରାକ୍ରମ ବିନାଶ କରିପାରିଥିଲା। ପୁଞ୍ଜିବାଦୀ ସାମ୍ରାଜ୍ୟବାଦ ବିରୋଧରେ ସୋଭିଏତ୍ ରୁଷିଆ ଭଳି ସମାଜବାଦୀ ରାଷ୍ଟ୍ର ଶକ୍ତ ଲୌହଦଣ୍ଡ ଭଳି ଦଣ୍ଡାୟମାନ ହେଲା। ୟୁରୋପର ବହୁଦେଶରେ ସମାଜବାଦ ପ୍ରତିଷ୍ଠା ହେଲା, ଯାହାଫଳରେ ବିଶ୍ୱର ଏକ ନୂଆ ସମୀକରଣ ସୃଷ୍ଟି ହେଲା। ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନଙ୍କ ଭିତରେ କମ୍ପନ ସୃଷ୍ଟି ହେଲା। ଏକଚ୍ଛତ୍ରବାଦ ବନ୍ଦ ହେଲା। ଏହାସହ ବିଶ୍ୱରେ ସନ୍ତୁଳନ ରକ୍ଷା ହେଲା ଏବଂ ଯୁଦ୍ଧର ଭୟ କମିଲା। ଏହାର ଏକ ଉଦାହରଣ ଏଠାରେ ପ୍ରଦାନ କରାଯାଇପାରେ। ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଭାରତକୁ ପରାଜିତ କରିବାକୁ ପାକିସ୍ତାନ ଅନୁରୋଧରେ ଯୁକ୍ତରାଷ୍ଟ୍ର ଆମେରିକା ତା'ର ନୌସେନାର ସର୍ବାଧିକ କ୍ଷମତାଶାଳୀ ସେଭେନ୍ଥ



ଫ୍ଲିଟ୍‌ର ଟାସ୍କଫୋର୍ସ-୭୪କୁ ବଙ୍ଗୋପସାଗରରେ ପ୍ରବେଶ କରାଇଲା ଏବଂ ସେହିପରି ଆମେରିକାର ବନ୍ଧୁରାଷ୍ଟ୍ର ଚରମ ସାମ୍ରାଜ୍ୟବାଦୀ ଚରିତ୍ରର ଦେଶ ସଂଯୁକ୍ତ ରାଜ୍ୟ ଗ୍ରେଟ୍ ବ୍ରିଟେନ୍ ତା'ର ସର୍ବୋଚ୍ଚ କ୍ଷମତାଶାଳୀ ଏୟାରକ୍ରାଫ୍ଟ କ୍ୟାରିଅର୍ ଏଚ୍‌ଏମ୍‌ଏସ୍ ଇଗଲକୁ ଆରବ ସାଗରରେ ଛାଡ଼ିଲା। ଭାରତକୁ ତିନିପଟରୁ ଘେରିବାକୁ ଯୁକ୍ତରାଷ୍ଟ୍ର ଆମେରିକାର ଥିଲା ସୁଚିନ୍ତିତ ଯୋଜନା। ଭାରତ ତୁରନ୍ତ ସୋଭିଏତ୍ ଋଷିଆକୁ ସାହାଯ୍ୟ ପାଇଁ ଅନୁରୋଧ ଜଣାଇଲା। ରୁଷିଆ ତତ୍କାଳ ସାହାଯ୍ୟର ହାତବଢାଇ ରୁଷିଆନ୍ ଫ୍ଲିଟ୍ ଯାହା ପରମାଣୁ ଅସ୍ତ୍ର ଧ୍ୱଂସକାରୀ ଏବଂ ମିଶାଇଲ୍ ସୁସଜ୍ଜିତ ଯୁଦ୍ଧପୋତ ପଠାଇଲା। ଆମେରିକା ଓ ଗ୍ରେଟ୍ ବ୍ରିଟେନ୍ ଯୁଦ୍ଧପୋତକୁ ଏମିତି ଘେରିଦେଲା ସେମାନେ ବାଧ ହୋଇ ନିଜ ନିଜ ଦେଶକୁ ଫେରିଯାଇଥିଲେ। ତା'ପରେ ପାକିସ୍ତାନ ପରାଜୟ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ସ୍ୱାଧୀନ ବାଂଲାଦେଶ ଗଠନ ହେଲା। ଯଦି ରୁଷିଆର ଏପରି କ୍ଷମତା ନ ଥାନ୍ତା ତେବେ ଅନୁମାନ କରନ୍ତୁ ଭାରତର ଅବସ୍ଥା କ'ଣ ହୋଇଥାନ୍ତା।

ଏହିପରି କୋରିଆ ଯୁଦ୍ଧ, କ୍ୟୁବା ଯୁଦ୍ଧ, ସୁଏଜ ସଙ୍କଟ, ହଙ୍ଗେରୀ ସଙ୍କଟ ଇତ୍ୟାଦି ସହ ଆମେରିକାର ଉଦଣ୍ଡତା ଓ ପଶ୍ଚିମ ଦେଶ ସମୂହର ଉଗ୍ରଯୁଦ୍ଧପ୍ରବଣତାକୁ ରୋକିବାରେ ସୋଭିଏଟ୍ ରୁଷିଆର ଉଦ୍ୟମ ସର୍ବବିଦିତ। ଏହି ସାମ୍ରାଜ୍ୟବାଦୀ ଓ ପୁଞ୍ଜିବାଦୀ ଦେଶସମୂହ ରୁଷିଆ ପରି ସମାଜତାନ୍ତ୍ରିକ ଦେଶର ଶକ୍ତିରେ ଖୁବ୍ ଭୟଭୀତ ହୋଇପଡ଼ିଥିଲେ। ସିଧା ଯୁଦ୍ଧରେ ରୁଷିଆକୁ ପରାସ୍ତ କରିପାରିବେ ନାହିଁ ହୃଦୟଙ୍ଗମ କଲା ପରେ ସେମାନେ ରୁଷିଆର ସାମ୍ୟବାଦକୁ ଧ୍ୱଂସବିଧ୍ୱଂସ୍ତ କରିବାକୁ ବିଭିନ୍ନ କୂଟନୀତି ପ୍ରୟୋଗ କଲେ ଏବଂ ସୋଭିଏଟ ରୁଷିଆକୁ ଖଣ୍ଡବିଖଣ୍ଡିତ କରିବାକୁ ସକ୍ଷମ ହେଲେ। ଏବେ ଆମେରିକାର ଶିଳ୍ପପତିମାନେ ସାରା ସଂସାରକୁ ପ୍ରଭାବିତ କରି ତାଙ୍କର ବ୍ୟବସାୟିକ ବଜାର ଖୋଜିବାରେ ବ୍ୟସ୍ତ ଏବଂ ମିଛ ଜାତୀୟତାବାଦ ସୃଷ୍ଟି କରି ସାରା ବିଶ୍ୱକୁ ନିଜ ଇସାରାରେ ନଚେଇବାକୁ ସାମ୍ରାଜ୍ୟବାଦୀ ଆମେରିକା ତତ୍ପର। ଏହାର ସଦ୍ୟ ଉଦାହରଣ ନେଦରଲାଣ୍ଡର ହେଗ୍ ସହରରେ ଶେଷ ହୋଇଥିବା 'ନାଟୋ' ସମ୍ମିଳନୀ। ଏଥିରେ ସବୁ ସଦସ୍ୟ ରାଷ୍ଟ୍ର ତା'ର ଜିଡିପିର ୫ ପ୍ରତିଶତ ପ୍ରତିରକ୍ଷା ଖର୍ଚ୍ଚ ବଢାଇବାକୁ ପ୍ରସ୍ତାବ ରଖିଛି ଏବଂ ଏକପ୍ରକାର ବାଧ୍ୟ କରିଛି ଆମେରିକା। ବହୁ ରାଷ୍ଟ୍ର ଏହାକୁ ବିରୋଧ କରିଛନ୍ତି। ସେହିପରି ଏବେ ଆମେରିକାର ଆଇନ ପ୍ରଣେତାମାନେ ସିନେଟ୍‌ରେ 'ଶାଙ୍କସନିଂ ରୁଷିଆ ଆକ୍ଟ - ୨୦୨୫' ନାମରେ ଏକ ନୂଆ ବିଲ୍ ଆଗତ କରିଛନ୍ତି। ଉକ୍ତ ବିଧେୟକ ଅନୁଯାୟୀ ରୁଷିଆ ସହ ୟୁରାନିୟମ୍ ଓ ପେଟ୍ରୋଲିୟମ୍ ସାମଗ୍ରୀ କାରବାରରେ ସମ୍ପୃକ୍ତ ଥିବା ଦେଶଗୁଡ଼ିକରୁ ଆମେରିକା ରପ୍ତାନି କରୁଥିବା ସମସ୍ତ ସାମଗ୍ରୀ ଓ ସେବା ଉପରେ ଶୁଳ୍କ ପରିମାଣକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୫୦୦% ପର୍ଯ୍ୟନ୍ତ ବଢାଇପାରିବେ। ବର୍ତ୍ତମାନ ଭାରତକୁ ସର୍ବାଧିକ ତୈଳ ଯୋଗାଉଥିବା ଦେଶ ହେଉଛି ରୁଷିଆ। ଜୁନ୍‌ରେ ଭାରତ ରୁଷିଆଠାରୁ ଦୈନିକ ୨ରୁ ୨.୨ ନିୟୁତ ବ୍ୟାରେଲ୍ ତୈଳ ଆମଦାନୀ କରିଛି, ଯାହାକି ଗତ ୨ ବର୍ଷରେ ସର୍ବାଧିକ। ଭାରତୀୟ ସାମଗ୍ରୀ ଉପରେ ଅତ୍ୟଧିକ ଟାରିଫ୍ ଲଗାଇପାରେ ଆମେରିକା। ଏହି ଦୁଇଟି ଉଦାହରଣରୁ ଅନୁମାନ କରାଯାଉ, ଆମେରିକା ବଜାର ବୃଦ୍ଧି ପାଇଁ କେତେ ବ୍ୟଗ୍ର ଏବଂ ଯେଉଁଥିପାଇଁ ଟିକସ୍ ବୃଦ୍ଧିଠାରୁ ଯୁଦ୍ଧ ପର୍ଯ୍ୟନ୍ତ ସବୁ ଲାଗୁ କରିପାରିବ। ଏହା ଆମେରିକାର ଏକଚାଟିଆ ଗୁଣର ପରିପ୍ରକାଶ ନୁହେଁ କି ?

ପରମାଣୁ ବୋମା ଗଚ୍ଛିତ କରିପାରିବ ନାହିଁ ଇରାନ୍, ଏହା ଏକ ବାହ୍ୟ ଧମକ। ବାସ୍ତବରେ ସାରା ଦୁନିଆକୁ ନିଜ ଅକ୍ତିଆରରେ ରଖିବା ମୂଳ ଉଦ୍ଦେଶ୍ୟ। ଏବେ ପାଶ୍ଚାତ୍ୟର କେତେକ ଖଳନାୟକ ଦେଶ ବିଶ୍ୱକୁ ଯୁଦ୍ଧର ସଙ୍କଟ ଭିତରକୁ ଟାଣି ନେଉଛନ୍ତି। ତଥାପି ସେମାନଙ୍କୁ ଉଚିତ ଶିକ୍ଷା ଶିଖେଇବାକୁ ରୁଷିଆ, ଚାଇନା ଆଦି ଦେଶ ଅଛନ୍ତି। କିନ୍ତୁ ଦୁଃଖ ଯେ ଏହି ଦୁଇଟି ଦେଶ ଆଉ ପ୍ରକୃତ ସମାଜବାଦ କି ସାମ୍ୟବାଦ ରାସ୍ତାରେ ନାହାନ୍ତି। ତଥାପି ଯେହେତୁ ଏମାନଙ୍କର ମୂଳଦୁଆ ସମାଜବାଦ ତେଣୁ ଏମାନଙ୍କର ପ୍ରତିଟି ପଦକ୍ଷେପ ହୁଏତ ବିଶ୍ୱ ପାଇଁ କଲ୍ୟାଣକାରୀ ହୋଇପାରେ। ସାମ୍ୟବାଦ ଯୁଦ୍ଧ ଚାହେଁନା, ଶାନ୍ତି ଚାହେଁ। ସାମ୍ୟବାଦୀ ରାଷ୍ଟ୍ରରେ ପୁଞ୍ଜିପତିଙ୍କ ପ୍ରଭାବ ନଥାଏ, ତେଣୁ ତାଙ୍କର ମନଇଚ୍ଛା ମୁନାଫା ଆବଶ୍ୟକ ପଡ଼େନା। କେବଳ ଶାନ୍ତି ପାଇଁ ଏବଂ ଦୁଷ୍ଟ ଶକ୍ତିଙ୍କ ଦମନ ପାଇଁ ସାମ୍ୟବାଦୀ ବା ସମାଜବାଦୀ ରାଷ୍ଟ୍ରମାନେ ନିଜ ନିଜର ପ୍ରତିରକ୍ଷା ଶକ୍ତିବୃଦ୍ଧି କରିଥାନ୍ତି। ଏବେ ବିଶ୍ୱଶାନ୍ତି ପାଇଁ ଏବଂ ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ରାଷ୍ଟ୍ରଙ୍କର ଯୁଦ୍ଧ ପ୍ରବଣତାକୁ ରୋକିବା ପାଇଁ ସାମ୍ୟବାଦୀ ବା ସମାଜବାଦୀ ତଥା ଭାରତ ଭଳି ରାଷ୍ଟ୍ରମାନେ ଏକଜୁଟ୍ ହେବାର ସମୟ ଆସିଛି। ବିଶ୍ୱର ସମସ୍ତ ଶାନ୍ତିପ୍ରିୟ ରାଷ୍ଟ୍ର ଏକାଠି ହୋଇ 'ସାମ୍ରାଜ୍ୟବାଦୀ ଓ ଉଗ୍ରବାଦୀ ବିରୋଧୀ ରାଷ୍ଟ୍ର ସମୂହ ସଂଘ' ଗଠନ କରିବା ବିଧେୟ।

**ଏସ୍‌ବିଟି ଇଣ୍ଡସ୍ ଭ୍ୟାଲି, ରଘୁନାଥପୁର, ଭୁବନେଶ୍ୱର**
**ମୋ: ୯୪୩୭୦୧୩୧୩୯**

# ବଦଳା ଯାଉଛି ଭାବନା



ଭଗବାନ ଦାଶ

ଶାସନରେ ଶାସକର ଛାପ ରହେ। ଏଇ ଯେପରି ଆମ ଦେଶରେ ପ୍ରଥମେ କଂଗ୍ରେସ ସରକାର ହେଲା ପରେ ଲୋକମାନେ ଦି'ଓଳି ଦି'ମୁଠା କିପରି ଖାଇ ପିଇ ବଞ୍ଚିବେ, ଶିଳ୍ପାୟନ ବା କୃଷି କାର୍ଯ୍ୟ କିପରି କରାଯିବ, ଶ୍ରମିକଙ୍କୁ କିପରି କାମ ମିଳିବ ଇତ୍ୟାଦି ସର୍ବନିମ୍ନ ଭାବନା ଜନତାଙ୍କ ପାଇଁ ସରକାରଙ୍କ ମନରେ ରହୁଥିଲା। କୃଷି, ଜଳସେଚନକୁ ଆଖି ଆଗରେ ରଖି ନଦୀବନ୍ଧ ଯୋଜନା କରାଯାଉଥିଲା। ବେକାରି ସମସ୍ୟା ସମାଧାନର ଚିନ୍ତା ଥିଲା ସରକାରଙ୍କର। କିନ୍ତୁ ଦୀର୍ଘବର୍ଷ ଶାସନ ପରେ ମଧ୍ୟ ସେଥିରେ ଆଖିଦୃଶିଆ ପରିବର୍ତ୍ତନ ହେଇ ନ ଥିଲା। ଅବଶ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ଗମନାଗମନ, ବିଦ୍ୟୁତୀକରଣ ଇତ୍ୟାଦିର କିଛିଟା ଉନ୍ନତି ହୋଇଥିଲା। ଏ ସବୁ ତ ସରକାରୀ କଳର ଜନାଭିମୁଖୀ କାର୍ଯ୍ୟକ୍ରମ। ଯେଉଁ ସରକାର ଥାଉନା କାହିଁକି ଏ ପ୍ରକାର ସମସ୍ୟା ପ୍ରତି ନିଶ୍ଚିତ ଧ୍ୟାନ ଦେବ। କାରଣ ଏହା ଜନତାଙ୍କର ସର୍ବନିମ୍ନ ଆବଶ୍ୟକତା ଭିତରେ ରହୁଛି। ସର୍ବନିମ୍ନ ଆବଶ୍ୟକତା ପୂରଣ କରିବା ହିଁ ଜନାଭିମୁଖୀ ସରକାରଙ୍କ ପ୍ରାଥମିକତା। ଆଉ ଆମ ଦେଶର ଶାସନ ପଦ୍ଧତି ଗଣତନ୍ତ୍ର। ଲୋକ ଚାହିଁଲେ ସରକାର ବଦଳାଇ ପାରିବେ। ଲୋକଙ୍କର ଚିନ୍ତାଥାଏ, ସରକାର କିପରି ରୋଜଗାର ଯୋଗାଇଦେବ, ଦି'ଓଳି ଦି'ମୁଠା ଖାଇବାକୁ ମିଳିବ। ଆଗକୁ ବଢ଼ିବା ବା ପିଲାଙ୍କୁ ଗଢ଼ିବା ଚିନ୍ତା ଥିଲେ ମଧ୍ୟ ତାହା ଅପ୍ରକାଶ୍ୟ ରହୁଥାଏ। ଆଉ ଦେଶ ବାହାର ବା ଭିତର ସୁରକ୍ଷା ଥାଏ ସରକାରଙ୍କର ପ୍ରାଥମିକତା ଭିତରେ।

ପୂର୍ବ ଶାସନରେ ସନ୍ତୁଷ୍ଟ ନ ଥିବାରୁ ଶାସନ ବଦଳିଲା। ସୁଶାସନର ନାରା, ଶାନ୍ତି ପ୍ରତିଷ୍ଠାର ବାଣୀ, ବାର୍ଷିକ ବହୁ ଲୋକଙ୍କୁ ରୋଜଗାର ଦେବାର ପ୍ରତିଶ୍ରୁତି ଏବଂ କଳାଟଙ୍କା ଉଦ୍ଧାର ସହ ଲୋକଙ୍କୁ ସେହି ଟଙ୍କାରୁ ଲକ୍ଷ ଲକ୍ଷ ଟଙ୍କା ଫେରାଇ ଦେବା ଥିଲା ଆଧାର। ଏ ସବୁ କାର୍ଯ୍ୟକାରୀ ହେଲେ ଲୋକେ ଉପକୃତ ହେବେ ଭାବି ସରକାରକୁ ବଦଳାଇ ସ୍ଥାୟିତ୍ୱ ଦେଲେ। ପାଞ୍ଚ ବର୍ଷ ନୁହେଁ। ଦଶ ବର୍ଷ ବି ନୁହେଁ। ଆହୁରି ପାଞ୍ଚବର୍ଷ ପାଇଁ। ଯାହା ଦେଖାଯାଏ, ସରକାର ନିଜର ଅଧିକ ସ୍ଥାୟିତ୍ୱ ପାଇଁ ଦରକାର ହେଉଥିବା ବେକାରି ଦୂରୀକରଣ, ଦରଦାମ ନିୟନ୍ତ୍ରଣ ଏ ସବୁକୁ ଅପହଞ୍ଚ ଭାବି ଅନ୍ୟ ନୀତି ଆପଣେଇବାକୁ ଚେଷ୍ଟିତ ରହୁଛନ୍ତି। ଜନସଂଖ୍ୟା ବୃଦ୍ଧି ଯୋଗୁ ଆମ ଦେଶର ଆୟ ବହୁଧା ବିଭକ୍ତ ହେଉଛି। ଯୁବଶକ୍ତି ଚାକିରି ନ ପାଇ ହତାଶ ହେଉଛି। ଟିକସ ଭାର ଅତ୍ୟଧିକ ବଢ଼ିଛି। ଦରଦାମ ବଢ଼ିଚାଲିଥିଲେ ବି ଠିକ୍ ସୂଚକାଙ୍କ ପ୍ରକାଶ କରାଯାଉଛି କି ନାହିଁ ତାହା ପ୍ରତ୍ୟେକ ଅନୁଭବ କରୁଥିବେ। ସୂଚକାଙ୍କ କମ୍ପ୍ୟୁଟରାଇଜେଶନ ଯୁଗରେ ଶୀଘ୍ର ପ୍ରକାଶ ସ୍ଥଳରେ ନିର୍ଦ୍ଧାରିତ ସମୟଠାରୁ ବେଶ୍ କିଛିଦିନ ପରେ ପ୍ରକାଶିତ ହେବା ସନ୍ଦେହ ଆଣୁଛି। ବିଳମ୍ବଜନିତ ସରକାରୀ ବିବୃତି କେବେ ନଜରରେ ଆସୁନି। ପୂର୍ବ ସରକାରର ଅବହେଳା ଏ ସରକାରର ଅବହେଳାକୁ ଏଡାଇ ଯିବାରେ ଦର୍ଶାଯାଉଛି। ପ୍ରଗତିର ଧାରା ଯେ କେହି ସରକାର ରହିଲେ ଯେ ବଢ଼ିବ ଏହା ନିଃସନ୍ଦେହ। ନଚେତ୍ ଜନତା ସରକାର ବଦଳାଇଦେବେ। ପ୍ରଗତି ଅନିବାର୍ଯ୍ୟ।



ଗଣତନ୍ତ୍ର ଦେଶରେ ଦରବୃଦ୍ଧିରେ ଆନ୍ଦୋଳନ ହେବା ସ୍ୱାଭାବିକ। କିନ୍ତୁ ବିଚିତ୍ର ଏ ଦେଶ। ଦର ବୃଦ୍ଧି ହେଉଛି, ବେକାରି ବଢୁଛି ତଥାପି କାହାର ସ୍ୱର ଶବ୍ଦ ନାହିଁ। ବିରୋଧୀ ଦଳ ବି କରାୟତ୍ତ। ସରକାରୀ ହେଉ କି ବିରୋଧୀ ସମସ୍ତେ ବାହାରକୁ ଅଲଗା ହେଲେ ମଧ୍ୟ ଭିତରେ ଏକ ଥିଲା ପରି ମନେହୁଏ। ଦୀର୍ଘଦିନ ଧରି ଇପିଏଫ୍ ପେନ୍‌ସନ ବଢୁନି। ସେହି ଏକହଜାର ଟଙ୍କା। ଅଥଚ ବାର୍ଦ୍ଧକ୍ୟ ପ୍ରୋତ୍ସାହନ ଭତ୍ତା ତା' ଠାରୁ ଢେର ଅଧିକ ଏଇ ସରକାର ଦେଉଛନ୍ତି। ତା'ହେଲେ କ'ଣ ଆମେ କହିପାରିବା ଷାଠିଏ ବର୍ଷ ପର୍ଯ୍ୟନ୍ତ କାମକରି ଅବସର ନେଇଥିବା କର୍ମଚାରୀ ପ୍ରତି ନ୍ୟାୟ ହେଉଛି। ପେନ୍‌ସନରେ ପାତରଅନ୍ତର। ଷାଠିଏ ବର୍ଷ ପରେ ସମସ୍ତେ ତ ସରକାରଙ୍କ ଦୃଷ୍ଟିରେ ସମାନ ହେବା କଥା। କାହାକୁ ଲକ୍ଷ ଲକ୍ଷ ଟଙ୍କା ପେନ୍‌ସନ ମିଳୁଥିବା ବେଳେ କାହାକୁ ମାତ୍ର ଏକ ହଜାର ଟଙ୍କା। ଧନ୍ୟରେ ସରକାରୀ ବିଚାର। ଇଏ ପୁଣି ଆମ ଜନତାର ଓ ଜନତା ପାଇଁ ସରକାର। କିନ୍ତୁ ଯଦି ନିର୍ବାଚିତ ପ୍ରତିନିଧିଙ୍କର ଭତ୍ତା ବୃଦ୍ଧି ପ୍ରସ୍ତାବ ଆସେ ତାହା ପାସ୍ ହେବାରେ ବିଳମ୍ବ ହୁଏନି। ସରକାର ଆଉ ବିରୋଧୀ ଦଳ ଏକ ହୋଇଯାନ୍ତି। ପାଞ୍ଚ ବର୍ଷରେ ସେମାନଙ୍କର ପେନ୍‌ସନ, ଆଉ ଅନ୍ୟର ଏବେ ପଚିଶ ବର୍ଷରେ। ତାରତମ୍ୟ ପ୍ରତ୍ୟେକ କ୍ଷେତ୍ରରେ।

କହି ଜାଣିଲେ କଥା ସୁନ୍ଦର। ବେକାର ପିଲାଟିଏ ତା' ଚାକିରି କଥା ନ ଭାବି ଜାତିଆଣ ଭାବରେ ନିଜର ବିଚାରକୁ ଉଗ୍ର କରୁଛି। ଏହି କୁତ୍ସିତ ଭାବନା, ଶାସନରେ ଦୀର୍ଘଦିନ ତିଷ୍ଠି ରହିବା ପାଇଁ ବହୁ ଲୋକଙ୍କୁ କଳୁଷିତ କରି ଭ୍ରାତୃତ୍ୱ ଭାବର ବିଲୋପ ପାଇଁ ନୁହେଁ ତ। ଆମେ ପରା ବିଶ୍ୱଗୁରୁ ହେଉଛେ। ତେବେ ବିଶ୍ୱର କଲ୍ୟାଣ ଚିନ୍ତା କରିବା ଆମର କର୍ତ୍ତବ୍ୟରେ ଆସୁନି କାହିଁକି ? ଆମର ବିଚାର ପରା, ସର୍ବେ ଭବନ୍ତୁ ସୁଖିନଃ, ତେବେ ଜାତି ଭେଦଭାବ ଆସିବ କେଉଁଠୁ। ଗୁରୁଙ୍କର ସମସ୍ତେ ଶିଷ୍ୟ। ଜାତି ଆସିଲା କେଉଁଠୁ। ଜାତି ତ ଗୋଟିଏ ଶିଷ୍ୟ। ବିଚାର ବଦଳୁ। ମନରେ ଧର୍ମଜନିତ ବିଦ୍ୱେଷ ଭାବ ସୃଷ୍ଟିକରି ଉତ୍ତେଜିତ ରଖି ସ୍ୱାର୍ଥ ଆଦାୟ କରା ନ ଯାଉ। ସରକାର ସଭିଙ୍କର, ସମସ୍ତଙ୍କୁ ପ୍ରାଧାନ୍ୟ ଦେଉ। ସହାବସ୍ଥାନ ନୀତି ବଞ୍ଚୁ। ବସୁଧୈବ କୁଟୁମ୍ବକମ୍ କଥାରେ ସୀମିତ ନ ରହି କାର୍ଯ୍ୟରେ ପରିଲକ୍ଷିତ ହେଉ। ସମ୍ବିଧାନର ମୂଳତତ୍ତ୍ୱ ବଜାୟ ରହୁ। ଦେଶବାସୀଙ୍କର ବିକାଶ ହିଁ ଦେଶର ବିକାଶ। ସେଇ ଲକ୍ଷ୍ୟ ରଖି ଏବେଠାରୁ ଦୁଇହଜାର ଶତଚାଳିଶରେ ବିକଶିତ ଭାରତ ପାଇଁ ଯେଉଁ ପ୍ରସ୍ତୁତି ଚାଲିଛି, ସେଥିରେ ଆନୁପାତିକ ପ୍ରତି ପଞ୍ଚବାର୍ଷିକ ଯୋଜନା ଶମ୍ଭୁତ ବୃଦ୍ଧି ପ୍ରତି ସମୀକ୍ଷାଜନିତ ତୀକ୍ଷ୍ଣ ଦୃଷ୍ଟି ଦିଆଯାଉ। ସ୍ୱାଧୀନତାର ଶହେ ବର୍ଷ ପୂର୍ତ୍ତି ଉତ୍ସବ ଶୃଙ୍ଖଳିତ ଭାବରେ ସମସ୍ତ ଭାରତୀୟଙ୍କୁ ନେଇ ପାଳିତ ହେଉ। ଏ ଦେଶ ସମସ୍ତ ଭାରତୀୟଙ୍କର। ଦେଶ ବିକାଶଶୀଳରୁ ବିକଶିତ ରାଷ୍ଟ୍ରରେ ପରିଣତ ହେଉ। ବେକାରି ଲୋପପାଉ। ସମସ୍ତ ଯୁବଶକ୍ତି ରୋଜଗାରକ୍ଷମ ହୁଅନ୍ତୁ। ଭାଇଚାରା ଆଦର୍ଶ ହେଉ। ଅରାଜକତା ଲୋପହେଉ। ସରକାରଙ୍କର ମହତ ଆକାଂକ୍ଷା ପୂରଣ ହେଉ।

**ଗୁଣ୍ଡିଚା ବିହାର, ପୁରୀ**
**ମୋ: ୮୨୪୯୦୮୨୪୦୦**

## ଏଇ ଭାରତରେ

ଛତିଶଗଡ଼ର ମହିଳା ଚାଷୀ ସମୀକ୍ଷା ଚନ୍ଦ୍ରକର ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସେ ଏମ୍‌ବିଏ ପାସ୍ କରି ପୁଣେର ଏକ କମ୍ପାନୀରେ ଚାକିରି କରିଥିଲେ। ତାହାକୁ ଛାଡ଼ି ରାୟପୁରର ଚାରୁମୁଦିଆ ଗାଁକୁ ଫେରି ୨୦୨୧ରେ ଚାଷ ଆରମ୍ଭ କରିଥିଲେ। ସେ କେବଳ ପନିପରିବା ଚାଷ କରୁଛନ୍ତି ଓ ବର୍ଷକୁ ୧.୫ କୋଟି ଟଙ୍କା ରୋଜଗାର କରୁଛନ୍ତି। ସମୀକ୍ଷା ଟମାଟୋ ଚାଷ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ୨୦ ଏକରରେ ଏହି ଚାଷ କରୁଛନ୍ତି। ପ୍ରଥମେ ସେ ଟମାଟୋ ଚାଷ ଆରମ୍ଭ କରିଥିଲେ ଓ ଏକର ପିଛା ୫୦ ଟନ ଟମାଟୋ ଉତ୍ପାଦନ କରିଥିଲେ ଏବଂ ଏବେ ଏହା ୫୫ ଟନ୍‌ରେ ପହଞ୍ଚିଛି। ସେ ୨୦୨୩-୨୪ ବର୍ଷରେ ୧.୫ କୋଟିରୁ ଅଧିକ ଟଙ୍କାରେ ପନିପରିବା ବିକ୍ରି କରିଥିଲେ। ଉତ୍ପାଦକୁ ସେ ରାୟପୁର, ପାଟନା, କୋଲକାତା, ନୂଆଦିଲ୍ଲୀ, ବେଙ୍ଗାଲୁରୁ ଆଦି ସହର ମଣ୍ଡିକୁ ବିକ୍ରି ପାଇଁ ପଠାଉଛନ୍ତି। ଟମାଟୋ ବ୍ୟତୀତ କାକୁଡ଼ି, ଲାଉ ଓ ବାଇଗଣ ଚାଷ କରୁଛନ୍ତି। ସମୀକ୍ଷାଙ୍କ ବାପା ଓ ଭାଇ ତାଙ୍କୁ ଚାଷରେ ସହଯୋଗ କରୁଛନ୍ତି। ଚଳିତବର୍ଷ ସେ ଆଉ ୧୫ ଏକର ଅଧିକ ଚାଷ କରିବାକୁ ଯୋଜନା କରିଛନ୍ତି। ଚାଷ କାର୍ଯ୍ୟରେ ସେ ୧୨୦ ଲୋକଙ୍କୁ ନିଯୁକ୍ତ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୫ ଜୁଲାଇ ୧୯୭୬**

- ଭାରତୀୟ ଲୋକ ଦଳରୁ କଳାହାଣ୍ଡି ଏମ୍‌ପି ପ୍ରତାପ କେଶରୀ ଦେଓଙ୍କ ଇସ୍ତଫା ପ୍ରଦାନ।
- ମୟୂରଭଞ୍ଜର ଆଦିବାସୀ ଅଧ୍ୟୁଷିତ ନଳଗଦା ଗ୍ରାମରେ କେନ୍ଦ୍ର ପେଟ୍ରୋଲିୟମ ଓ ରସାୟନ ଉପମନ୍ତ୍ରୀ ଚୈତନ୍ୟ ପ୍ରସାଦ ମାଝୀ ଏକ ନୂତନ କଲେଜ ଉଦ୍‌ଘାଟନ କରିଛନ୍ତି।
- ବିହାର ରାଜ୍ୟକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ୩୩୩.୫୭ କୋଟି ଟଙ୍କା ର ବୃହତ୍ ଯୋଜନାକୁ ବିହାର ସରକାର କାର୍ଯ୍ୟକାରୀ କରିବାକୁ ଅସମର୍ଥ ବୋଲି ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ର ପ୍ରକାଶ କରିଛନ୍ତି।

## ସୁ-ଡୋ-କୁ

su|do|ku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 8 | 5 |
| | | 9 | 6 | | 4 | | | |
| | | | | 3 | | 2 | | |
| | | | | | | | | |
| 5 | 6 | | | | 8 | | | |
| | | | | 4 | 2 | | | 1 |
| | 1 | | 2 | | | 3 | 5 | |
| | | 6 | | | | | 4 | |
| | | 3 | | | 7 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 2 | 5 | 9 | 4 | 7 | 1 | 6 |
| 5 | 4 | 7 | 6 | 2 | 1 | 8 | 3 | 9 |
| 1 | 9 | 6 | 3 | 8 | 7 | 5 | 4 | 2 |
| 4 | 7 | 3 | 2 | 1 | 6 | 9 | 5 | 8 |
| 2 | 6 | 1 | 9 | 5 | 8 | 4 | 7 | 3 |
| 9 | 5 | 8 | 7 | 4 | 3 | 6 | 2 | 1 |
| 8 | 2 | 5 | 4 | 3 | 9 | 1 | 6 | 7 |
| 6 | 3 | 9 | 1 | 7 | 5 | 2 | 8 | 4 |
| 7 | 1 | 4 | 8 | 6 | 2 | 3 | 9 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଅଜଣା ସ୍ୱାସ୍ଥ୍ୟ ସମସ୍ୟା

ମହାଶୟ,

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅନୁଯାୟୀ, ଦେଶର ୩୦-୪୦% ମହିଳାଙ୍କ ମଧ୍ୟରେ ପିସିଓଡି (ପଲିସିଷ୍ଟିକ ଓଭାରିଆନ ଡିଜିଜ)ର ସମାନ୍ୟ କିମ୍ବା ଗୁରୁତର ଲକ୍ଷଣ ଦେଖାଯାଉଛି । ଗତ କିଛି ବର୍ଷରେ ଗଞ୍ଜାମ, କଟକ, ଭୁବନେଶ୍ୱର ଓ ସମ୍ବଲପୁର ଅଞ୍ଚଳରେ କଲେଜ ଛାତ୍ରୀ ଓ ଯୁବତୀମାନଙ୍କ ମଧ୍ୟରେ ଏହି ରୋଗ ଅଧିକ ମାତ୍ରାରେ ଦେଖାଯାଉଛି। ଡାକ୍ତରଙ୍କ ମତ ଅନୁଯାୟୀ, ଅନେକ ଯୁବତୀ ଏହି ରୋଗ ଥିବା ସତ୍ତ୍ୱେ ଏଥିରେ ଲଜ୍ଜା କରିଥାନ୍ତି, ଡାକ୍ତରଙ୍କ ପାଖକୁ ଯିବାକୁ ବା ମାନସିକ ଭାବେ ମାନିବାକୁ ଭୟ କରନ୍ତି। ଏହା ଗର୍ଭଧାରଣରେ ଅସୁବିଧା ସୃଷ୍ଟି କରିବା ସହ ହର୍ମୋନାଲ ଅସନ୍ତୁଳନ, ହୃଦ୍‌ରୋଗ ଓ ଡାଇବେଟିସ୍ ପର୍ଯ୍ୟନ୍ତ ପହଞ୍ଚିଯାଏ । ଗ୍ରାମାଞ୍ଚଳର ମହିଳାମାନେ ଏହି ରୋଗରେ ଅଧିକ ଆକ୍ରାନ୍ତ ହେଉଛନ୍ତି। କିନ୍ତୁ ସଚେତନତା ଓ ଚିକିତ୍ସା ଅଭାବରୁ ଅନେକ ମାନସିକ ଓ ଶାରୀରିକ ଦୁଃଖ ଭୋଗୁଛନ୍ତି। ସମାଧାନ ଅଛି, କେବଳ ସଚେତନା ଦରକାର। ସନ୍ତୁଳିତ ଆହାର , ନିୟମିତ ବ୍ୟାୟାମ, ମାନସିକ ସ୍ୱାସ୍ଥ୍ୟ ଦିଗରେ ଧ୍ୟାନ ଦେଲେ ଏବଂ ଠିକ୍ ସମୟରେ ଡାକ୍ତରୀ ପରାମର୍ଶ ଗ୍ରହଣକଲେ ଏହି ରୋଗକୁ ନିୟନ୍ତ୍ରଣ କରାଯିବା ସମ୍ଭବ।

**-ଜିତେନ୍ଦ୍ର ଦାସ, ଗୋପବନ୍ଧୁ ପାଠାଗାର, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ଚଳ ଚଳ ଚିତ୍ରୋତ୍ପଳା ହସ ହସ ମୁଖ
ତରଳ ଅନ୍ତରେ ତୋର ନଚାଇ ମୟୁଖ,
ନୀଳ ହେଲା ତୋର ଜଳ
ଧୋଇ ସେ କାହା କୁନ୍ତଳ ?
ସେ ମୋର ପ୍ରେୟସୀ ମୋର ଚିର ଦୁଃଖସୁଖ ।
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜୀବନ ଯୁଦ୍ଧରେ ହାରିଗଲେ ପୀଡ଼ିତା



## ଏମ୍ସରେ ୩ ଦିନର ସଂଗ୍ରାମ

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇ ଆତ୍ମାହୁତି ଦେଇଥିବା ଛାତ୍ରୀ ୩ଦିନ ମୃତ୍ୟୁ ସହ ସଂଗ୍ରାମ କରି ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି। ତାଙ୍କ ଶରୀରର ୯୫% ପୋଡ଼ି ଯାଇଥିବାରୁ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ବର୍ନ ୟୁନିଟ୍ ଆଇସିୟୁରେ ଭେଣ୍ଟିଲେଟରରେ ରଖାଯିବା ସହ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଚିକିତ୍ସା ଚଳାଉଥିଲେ। ଏପରି କି ଦିଲ୍ଲୀ ଏମ୍ସର ବିଶେଷଜ୍ଞ ଡାକ୍ତରଙ୍କ ସହ ଯୋଗାଯୋଗ କରି ତାଙ୍କର ଚିକିତ୍ସା କରାଯାଉଥିଲା। ସବୁ ଚେଷ୍ଟା ସତ୍ତ୍ୱେ ତାଙ୍କୁ ବଞ୍ଚା ଯାଇପାରିଲା ନାହିଁ ବୋଲି ଡାକ୍ତରୀ ଟିମ୍ ସୂଚନା ଦେଇଛନ୍ତି।

## ରାତିଅଧରେ ଏମ୍ସରେ ଲାଗିଲା ଭିଡ଼

ପୀଡ଼ିତା ଛାତ୍ରୀଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ଏମ୍ସ ପରିସରରେ ବିଭିନ୍ନ ଦଳ ଏବଂ ସଙ୍ଗଠନର ନେତା ଓ କର୍ମୀଙ୍କ ଭିଡ଼ ଲାଗିଥିଲା। ବିଶେଷକରି ଛାତ୍ର, ଯୁବ ବିଜେଡି ଓ କଂଗ୍ରେସର ନେତାମାନେ ପୀଡ଼ିତା ଛାତ୍ରୀଙ୍କ ମୃତଦେହକୁ ଏମ୍ସର ପଛଗେଟ ଦେଇ ନେଇ ଯାଉଥିବା ଅଭିଯୋଗ ଆଣି ହୋହଲ୍ଲା କରିଥିଲେ। ଏହି ସମୟରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଆମ୍ବୁଲାନ୍ସ ଆଗରେ ଛାତ୍ରଗୋଷ୍ଠୀ ଶୋଇ ରହିବାରୁ ପୋଲିସ ସେମାନଙ୍କୁ ଉଠାଇବାକୁ ନାକେଦମ ହୋଇଥିଲା। ପରେ ନେତା ଓ କର୍ମୀମାନେ ଏମ୍ସ ପରିସରରେ ଧାରଣାରେ ବସି ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ସେହିପରି ନବନିର୍ମାଣ କୃଷକ ସଙ୍ଗଠନର ଆବାହକ ଅକ୍ଷୟ କୁମାର ଛାତ୍ରୀ ମୃତ୍ୟୁ ଘଟଣାର ଉଚିତ ନ୍ୟାୟ ଦାବି କରିଛନ୍ତି। ରାତିସାରା ଏମ୍ସ ପରିସରରେ ଏକପ୍ରକାର ବିକ୍ଷୋଭ ପରିବେଶ ସୃଷ୍ଟି ହୋଇଥିଲା।

## ସ୍ଥିତିକୁ ଦେଖି ରାତି ଅଧରେ ବ୍ୟବଚ୍ଛେଦ ନିଷ୍ପତ୍ତି: ଡିସିପି

ପୀଡ଼ିତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଏମ୍ସ ପରିସରରେ ହଠାତ୍ ଭିଡ଼ ଦେଖିବାକୁ ମିଳିଥିଲା। ବିଭିନ୍ନ ଦଳ ଏବଂ ସଙ୍ଗଠନର ନେତା ଓ କର୍ମୀମାନେ ସେଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରି ସରକାର ବିରୋଧରେ ନାରାବାଜି ଦେଇଥିଲେ। ତେଣୁ ଆଇନଶୃଙ୍ଖଳା ପରିସ୍ଥିତିକୁ ଦେଖି ରାତିରେ ହିଁ ବ୍ୟବଚ୍ଛେଦ କରାଯିବାକୁ ନିଷ୍ପତ୍ତି ନିଆଗଲା ବୋଲି ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି। ମୃତଦେହକୁ ଏମ୍ସ ପରିସରରେ ଥିବା ଶବ ବ୍ୟବଚ୍ଛେଦ ଗୃହକୁ ପଛ ଗେଟ୍ ଦେଇ ନିଆଯାଉଥିବାବେଳେ କେତେକ ଛାତ୍ରଗୋଷ୍ଠୀ ଏହାକୁ ବିରୋଧ କରିଥିଲେ। ଏପରିକି କଂଗ୍ରେସ କର୍ମୀମାନେ ଶବ ବ୍ୟବଚ୍ଛେଦ ଗୃହ ଆଗରେ ଧାରଣାରେ ବସି ରହିଥିବା ଦେଖିବାକୁ ମିଳିଥିଲା।



Suryabanshi Suraj
@suryabanshibjp
Follow

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀଙ୍କ ଦେହାନ୍ତ ଖବର ଶୁଣି ମୁଁ ଗଭୀର ଭାବେ ମର୍ମାହତ। ତମାମ ପ୍ରଚେଷ୍ଟା ତଥା ପ୍ରାର୍ଥନା ସତ୍ତ୍ୱେ ଆମେ ଛାତ୍ରୀଜଣଙ୍କୁ ହରାଇଲୁ।

ଇତି ମଧ୍ୟରେ ଦୋଷୀଙ୍କ ପ୍ରତି ଶୂନ୍ୟ ସହନଶୀଳତା ନୀତିରେ କଠୋରରୁ କଠୋରତମ ଦଣ୍ଡ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏପରି ଘଟଣା ଆଗକୁ ନ ଘଟିବ ସେଥିପ୍ରତି ଆମେ ଯତ୍ନଶୀଳ ଅଛୁ।

ସବୁ ପରେ ବି ଯାହା ଘଟିଛି ତାହା ଘଟିବାର ନଥିଲା। ଏଭଳି ଘଟଣାକୁ ନିନ୍ଦା କରିବା ପାଇଁ ଶବ୍ଦର ଅଭାବ ମୋ ନିକଟରେ। ପରିବାରବର୍ଗଙ୍କୁ ପ୍ରଭୁ ସାହସ ଓ ଶକ୍ତି ପ୍ରଦାନ କରନ୍ତୁ।

ଓଁ ଶାନ୍ତି।

Translate post
2:13 am · 15 Jul 25 · 254 Views

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଛାତ୍ରୀଙ୍କ ମୃତ୍ୟୁ ପରେ ନିଜ 'X' ଆକାଉଣ୍ଟରେ କରିଥିବା ପୋଷ୍ଟ।

## ମୁଁ ମର୍ମାହତ: ମୁଖ୍ୟମନ୍ତ୍ରୀ



Post
Mohan Charan Majhi
@MohanMOdisha

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀଙ୍କ ଦେହାନ୍ତ ଖବର ଶୁଣି ମୁଁ ଅତ୍ୟନ୍ତ ମର୍ମାହତ। ସରକାରଙ୍କ ସମସ୍ତ ଦାୟିତ୍ୱ ନିର୍ବାହ ତଥା ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଅକ୍ଲାନ୍ତ ପରିଶ୍ରମ ସତ୍ତ୍ୱେ ପୀଡ଼ିତାଙ୍କ ଜୀବନ ରକ୍ଷା ହୋଇପାରିଲା ନାହିଁ। ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହ ପରିବାରବର୍ଗଙ୍କୁ ଏହି ଅପୂରଣୀୟ କ୍ଷତି ସହ୍ୟ କରିବା ପାଇଁ ଶକ୍ତି ପ୍ରଦାନ କରିବା ନିମନ୍ତେ ମୁଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

ମୁଁ ଦିବଂଗତ ଛାତ୍ରୀଙ୍କ ପରିବାରକୁ ଆଶ୍ୱାସନା ଦେଉଛି ଯେ ସମ୍ପୃକ୍ତ ମାମଲାରେ ସମସ୍ତ ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡ ବିଧାନ କରାଯିବ। ଏଥିପାଇଁ ବ୍ୟକ୍ତିଗତ ଭାବେ ମୁଁ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛି। ପରିବାର ସହିତ ସରକାର ଦୃଢ଼ ଭାବରେ ଛିଡ଼ା ହୋଇଛନ୍ତି।

Translate post
1:01 · 15 Jul 25 · 443 Views
Post your reply

ପୀଡ଼ିତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'X' ଆକାଉଣ୍ଟରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, 'ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀଙ୍କ ଦେହାନ୍ତ ଖବର ଶୁଣି ମୁଁ ଅତ୍ୟନ୍ତ ମର୍ମାହତ। ସରକାରଙ୍କ ସମସ୍ତ ଦାୟିତ୍ୱ ନିର୍ବାହ ତଥା ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଅକ୍ଲାନ୍ତ ପରିଶ୍ରମ ସତ୍ତ୍ୱେ ପୀଡ଼ିତାଙ୍କ ଜୀବନ ରକ୍ଷା ହୋଇପାରିଲା ନାହିଁ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ପରିବାରବର୍ଗଙ୍କୁ ଏହି ଅପୂରଣୀୟ କ୍ଷତି ସହ୍ୟ କରିବା ପାଇଁ ଶକ୍ତି ପ୍ରଦାନ କରିବା ନିମନ୍ତେ ମୁଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ମୁଁ ଦିବଂଗତ ଛାତ୍ରୀଙ୍କ ପରିବାରକୁ ଆଶ୍ୱାସନା ଦେଉଛି ଯେ, ସମ୍ପୃକ୍ତ ମାମଲାରେ ସମସ୍ତ ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡ ବିଧାନ କରାଯିବ। ଏଥିପାଇଁ ବ୍ୟକ୍ତିଗତ ଭାବେ ମୁଁ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛି। ପରିବାର ସହିତ ସରକାର ଦୃଢ଼ ଭାବରେ ଛିଡ଼ା ହୋଇଛନ୍ତି।'

ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାତିରେ ଏମ୍ସ ଯାଇ ପୀଡ଼ିତାଙ୍କ ଶେଷ ଦର୍ଶନ କରିବା ସହ ମୃତାଙ୍କ ମା' ବାପାଙ୍କ ସହ ଆଲୋଚନା କରିଛନ୍ତି। ଛାତ୍ରୀଙ୍କୁ ବଞ୍ଚାଇବା ପାଇଁ ସମସ୍ତ ଉଦ୍ୟମ କରାଯାଇଥିଲା। ତାଙ୍କ ମୃତ୍ୟୁ ଘୋର ଅବଶୋଷ ଆଣିଛି। ଏହି ଘଟଣାରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବ ବୋଲି ପ୍ରଭାତୀ କହିଛନ୍ତି।




ଏମ୍ସ ଶବ ବ୍ୟବଚ୍ଛେଦ ଗୃହ ସମ୍ମୁଖରେ ଧାରଣାରେ ବସିଥିବା କଂଗ୍ରେସ ନେତା ଓ କର୍ମୀ।

## ଭାଜପା, ଆରଏସ୍ଏସ୍ ଦୋଷୀଙ୍କୁ ସୁରକ୍ଷା ଦେଉଛନ୍ତି: ଅଲକା

### ପ୍ରଧାନମନ୍ତ୍ରୀ ନୀରବତା ଭାଙ୍ଗନ୍ତୁ: ସୋଫିଆ



ସୋମବାର ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଆଇସିସି ସଭାନେତ୍ରୀ ଅଲକା, କଟକ ବାରବାଟୀ ବିଧାୟିକା ସୋଫିଆ ଫିରଦୋସ।

ଭୁବନେଶ୍ୱର,୧୪।୭(ରବିନାରାୟଣ ଜେନା)

ଏଫ୍ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ଜାତୀୟସ୍ତରରେ ଭାଜପା ଏବଂ ଆର୍ଏସ୍ଏସ୍‌କୁ କଂଗ୍ରେସ ଟାର୍ଗେଟ କରିଛି। ସୋମବାର ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଆଇସିସି ସଭାନେତ୍ରୀ ଅଲକା ଲାମ୍ବା କହିଛନ୍ତି, ଗୋପାଳପୁରରେ ଛାତ୍ରୀଙ୍କୁ ଗଣବଳାତ୍କାରର ୧ମାସ ନ ପୂରୁଣୁ ଏଫ୍ଏମ୍ କଲେଜ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ସାରା ଓଡ଼ିଶାକୁ କଳଙ୍କିତ କରିଛି। ଏହି ଘଟଣାରେ ସମ୍ପୃକ୍ତ କଲେଜ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ତଦନ୍ତ କମିଟି ଗଠନ ହେବା ପରେ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନ ଥିଲା। ଏପରି କି ପୀଡ଼ିତାଙ୍କୁ ଧମକ ଦିଆଯାଇ ଅଭିଯୋଗକୁ ରଫାଦଫା କରିବାକୁ କୁହାଯାଇଥିଲା। ଏବିଭିପି ପଦାଧିକାରୀ ତାଙ୍କୁ ଏତେ ହଇରାଣ ଏବଂ ଆଘାତ ଦେଇଥିଲେ ଯେ ସେ ଶେଷରେ ହତାଶ ହୋଇ ନିଜକୁ ଦାହ କରିଥିଲେ। ଏହା କେବଳ ଭାଜପା ଶାସିତ ଓଡ଼ିଶାରେ ହେଉଛି ତାହା ନୁହେଁ, ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ, ଉତ୍ତରାଖଣ୍ଡ ଏବଂ ହରିୟାଣା ଭଳି ରାଜ୍ୟରେ ହେଉଛି; ଯେଉଁଠାରେ ଦୋଷୀକୁ ସୁରକ୍ଷା ଦେବାପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଛି। ଫଳରେ ନାରୀ ନିର୍ଯାତନା ବଢ଼ି ଚାଲିଛି। ଏହି ଅବସରରେ ଲାମ୍ବା ଏନ୍‌ସିଆର୍‌ବି ତଥ୍ୟକୁ ଆଧାରିତ କରି ବର୍ଷକ ଭିତରେ ୨ଲକ୍ଷ ୧୪ହଜାର ୧୧୩ ନାରୀ ନିର୍ଯାତନା ମାମଲା ରୁଜୁ ହୋଇଥିବା କହିଥିଲେ। ସେ କହିଥିଲେ, ଏଥିମଧ୍ୟରୁ ୩୦୫୪ଜଣଙ୍କୁ ବଳାତ୍କାରର ଶିକାର ହେବାକୁ ପଡ଼ିଥିବାବେଳେ ୧୨୦୭ ଜଣଙ୍କୁ ହତ୍ୟା ଏବଂ ୯ଜଣଙ୍କୁ ଏସିଡ୍ ପକାଇ ପୋଡ଼ିବାକୁ ଉଦ୍ୟମ କରାଯାଇଛି। ଏଥିରୁ ଭାଜପା ଶାସିତ ରାଜ୍ୟରେ ମହିଳାମାନେ କେତେ ସୁରକ୍ଷିତ ତାହା ସ୍ପଷ୍ଟ ଅନୁମେୟ ବୋଲି ଲାମ୍ବା କହିଛନ୍ତି।

ଏହି ଅବସରରେ କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋସ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ନୀରବତା ଭାଙ୍ଗନ୍ତୁ। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଯେଉଁମାନେ ସଂଶ୍ଳିଷ୍ଟ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସୋଫିଆ କହିଛନ୍ତି।

### ଅଲକା ଲାମ୍ବାଙ୍କ ପ୍ରେସ୍‌ମିଟ୍ ହାସ୍ୟାସ୍ପଦ: ଭାଜପା

ଭୁବନେଶ୍ୱର,୧୪।୭(ସୁନିତ୍ ମିଶ୍ର)



ମମତା ମହାନ୍ତ

ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହ ଘଟଣାରେ ମହିଳା କଂଗ୍ରେସର ସଭାପତି ଅଲକା ଲାମ୍ବା ଓ ଅନ୍ୟ ନେତ୍ରୀ ଦିଲ୍ଲୀରେ ପ୍ରେସମିଟ୍ କରି ଯେଉଁ କଥା କହିଛନ୍ତି ତାହା ବହୁତ ହାସ୍ୟାସ୍ପଦ। ସେ ଜଣେ ମାଆ ହୋଇ ମଧ୍ୟ ଏଭଳି କହିବା ତାଙ୍କୁ ଶୋଭା ଦେଉନାହିଁ ବୋଲି ଭାଜପା ରାଜ୍ୟ ସଭା ଏମ୍‌ପି ମମତା ମହାନ୍ତ କହିଛନ୍ତି।

ଏମ୍ସ ମେଡିକାଲ ପରିସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମମତା କହିଛନ୍ତି, ଏହା ଏକ ସମ୍ବେଦନଶୀଳ ବିଷୟ। ଅନ୍ୟପକ୍ଷେ ଏହି ଅଭାବନୀୟ ଘଟଣାରେ ରାଜ୍ୟ ସରକାର ତ୍ୱରିତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟର ମନ୍ତ୍ରୀମାନେ ପୀଡ଼ିତାଙ୍କ ପରିବାରକୁ ଭେଟି ଆଲୋଚନା କରିଛନ୍ତି। ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। କଂଗ୍ରେସର ଚିନ୍ତାଧାରା ସବୁବେଳେ ଏସ୍‌ସି-ଏସ୍‌ଟି-ଓବିସି ବିରୋଧୀ। କଂଗ୍ରେସ ସବୁବେଳେ ରାଷ୍ଟ୍ରପତିଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟ ଦେଇ ହୀନ ମାନସିକତାର ପରିଚୟ ଦେଇଛି। କଂଗ୍ରେସର ଛାମୁଆ କର୍ମକର୍ତ୍ତାମାନେ ଏହି ଝିଅର ଚରିତ୍ର ସଂହାର କରିବାକୁ ବି ପଛାଇନାହାନ୍ତି। ନିଜ ଜୀବନ ନେବାକୁ ଉଦ୍ୟମ କରିବା ପାଇଁ ଛାତ୍ର କଂଗ୍ରେସ ନେତାମାନେ ଛାତ୍ରୀଙ୍କୁ ଉସ୍‌କାଇଥିବାର ପ୍ରମାଣ ସୋସିଆଲ ମିଡିଆରେ ଆସି ସାରିଛି। ତେଣୁ କଂଗ୍ରେସ ଆଗ ନିଜର ମାନସିକତା ବଦଳାଇବା ଦରକାର ବୋଲି ସେ କହିଛନ୍ତି।

## ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା
## ରିପୋର୍ଟ ମାଗିଲେ ରାଜ୍ୟପାଳ

ଭୁବନେଶ୍ୱର,୧୪।୭(ସୁନିତ୍ ମିଶ୍ର)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାକୁ ନେଇ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଶେଷରେ ମୁହଁ ଖୋଲିଛନ୍ତି। ଏହି ଘଟଣାରେ ସେ ରିପୋର୍ଟ ମାଗିଛନ୍ତି। ସାମାଜିକ ଗଣମାଧ୍ୟମରେ ସେ ତାଙ୍କ ପ୍ରତିକ୍ରିୟା ରଖି କହିଛନ୍ତି, ଏ ବିଷୟରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ କଥା ହୋଇଛନ୍ତି। କେଉଁ ପରିସ୍ଥିତିରେ ଏପରି ଘଟିଲା ଏବଂ ଏହା ଉପରେ କ'ଣ ପଦକ୍ଷେପ ନିଆଯାଇଛି ସେନେଇ ତଥ୍ୟ ମାଗିଛନ୍ତି। ରାଜ୍ୟରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା, ମାନସିକ ସ୍ଥିତି ଏବଂ ଆତ୍ମସମ୍ମାନ ଯେପରି ସର୍ବଦା ସୁରକ୍ଷିତ ରହିବ ସେଥିପ୍ରତି ଧ୍ୟାନ ଦିଆଯିବା ଦରକାର। କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ। ଭବିଷ୍ୟତରେ ଏଭଳି ଘଟଣାକୁ ଯେପରି ରୋକାଯାଇପାରିବ ତାହା ଉପରେ ପଦକ୍ଷେପ ନେବା ଲାଗି ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି।

## ୧୫ ଦିନରେ ରିପୋର୍ଟ ଦିଅ: ଏନ୍ଏଚ୍ଆର୍‌ସି

ଭୁବନେଶ୍ୱର,୧୪।୭(ସତ୍ୟଜିତ୍ ରାଉତ)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାକୁ ଜାତୀୟ ମାନବ ଅଧିକାର କମିଶନ(ଏନ୍ଏଚ୍ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାରେ ରୁଜୁ ହୋଇଥିବା ଏକ ଆବେଦନର ତ୍ୱରିତ ଶୁଣାଣି କରି ପୋଲିସ ଓ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିସହ ୧୫ଦିନ ମଧ୍ୟରେ ଘଟଣାର ତଦନ୍ତ କରି ଏସମ୍ପର୍କୀତ ସମସ୍ତ ଦସ୍ତାବିଜ ସହ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଅଫ୍ ଇଣ୍ଡିଆ(ଏଚ୍ଆର୍ଏଫ୍ଆଇ)ର ଅଧ୍ୟକ୍ଷ ମନୋଜ ଜେନା ଏନ୍ଏଚ୍ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ।

## ଆତ୍ମହତ୍ୟା ଲାଗି ଛାତ୍ର କଂଗ୍ରେସ ଉସ୍‌କାଇଥିଲା: ଭାଜପା

ଭୁବନେଶ୍ୱର,୧୪।୭(ସୁନିତ୍ ମିଶ୍ର)

ବାଲେଶ୍ୱର ଏଫ୍.ଏମ୍. କଲେଜରେ ଯେଉଁ ଘଟଣା ଘଟିଲା ତାହା ଅତ୍ୟନ୍ତ ଦୁଃଖଦାୟକ ଓ ହୃଦୟବିଦାରକ। ଏହି ଘଟଣା ସମସ୍ତ ରାଜ୍ୟବାସୀଙ୍କୁ ଦୁଃଖ ଦେଇଛି। ରାଜନୈତିକ ଦଳ ହିସାବରେ ଭାଜପା ଏବଂ ରାଜ୍ୟ ସରକାର ସମସ୍ତେ ଏହି ଘଟଣାରେ ବ୍ୟଥିତ ଅଛନ୍ତି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ କଂଗ୍ରେସ ହୀନ ରାଜନୀତି କରୁଛି। ନାରୀ ନିର୍ଯାତନା ଉପରେ କଂଗ୍ରେସର କହିବାର ଅଧିକାର କେଉଁଠୁ ଆସିଲା। ଛାତ୍ରୀ ଆତ୍ମାହୁତି ଘଟଣା ପଛରେ ଛାତ୍ର କଂଗ୍ରେସର ନେତାମାନେ ଉସ୍‌କାଇଥିବା ପ୍ରମାଣ ସାମାଜିକ ଗଣମାଧ୍ୟମରେ ରହିଛି। ଗତ ୧ ତାରିଖରେ ପୀଡ଼ିତା ଛାତ୍ରୀ ଯେତେବେଳେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ ସେତେବେଳେ ଛାତ୍ର କଂଗ୍ରେସର ବାଲେଶ୍ୱର ଜିଲ୍ଲା ସମ୍ପାଦକ ସାମାଜିକ ଗଣାମଧ୍ୟମରେ ଏହି ଅଭିଯୋଗ ମିଥ୍ୟା ବୋଲି ଲେଖିଥିଲେ।




ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

ଉପସ୍ଥାନ କମ୍ ଯୋଗୁ ରାଜନୀତି କରିହେବ ନାହିଁ ସେଥିପାଇଁ ଏଭଳି ମିଛ ଅଭିଯୋଗ ଆଣିଥିବା ସେ ଉଲ୍ଲେଖ କରିଥିଲେ। ସେପରି ଛାତ୍ର କଂଗ୍ରେସର ଅନ୍ୟ ଜଣେ କର୍ମୀ ମଧ୍ୟ ଆତ୍ମହତ୍ୟା କରିଦିଅ ବୋଲି ଲେଖିଥିଲେ। ମାତ୍ର ଏବେ ପକ୍ଷ ପରିବର୍ତ୍ତନ କରି ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ପୀଡ଼ିତାଙ୍କ ପରିବାର ସହ ଠିଆହେବା ବଦଳରେ କଂଗ୍ରେସ ହୀନ ରାଜନୀତି କରୁଛି ବୋଲି ଭାଜପା ମୁଖପାତ୍ର ବିରଞ୍ଚି ତ୍ରିପାଠୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିରଞ୍ଚି କହିଛନ୍ତି, ଉସ୍‌କାଇଥିବା ଛାତ୍ର କଂଗ୍ରେସ ନେତାଙ୍କ ଉପରେ ତାଙ୍କ ଦଳ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛି ତାହା ପ୍ରଥମେ ସ୍ପଷ୍ଟ କରୁ ବୋଲି ସେ କହିଛନ୍ତି।

## ରାଜ୍ୟରେ ମହିଳା ବିରୋଧୀ ହିଂସା ଉଦ୍‌ବେଗଜନକ ଭାବେ ବଢୁଛି

### ରାଷ୍ଟ୍ରପତିଙ୍କୁ ଭେଟିଲା ବିଜେଡି ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର,୧୪।୭(ସୁନିତ୍ ମିଶ୍ର)

ରାଜଭବନରେଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବିଜୁ ମହିଳା ଜନତା ଦଳର ୩ ଜଣିଆ ପ୍ରତିନିଧି ମଣ୍ଡଳୀ ଭେଟିବା ସହିତ ରାଜ୍ୟରେ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ମହିଳା, ଛାତ୍ରୀ ଓ ନାବାଳିକା ବିରୋଧୀ ହିଂସା ଘଟଣାରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି। ସମ୍ପ୍ରତି ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ କଲେଜର ଜଣେ ଛାତ୍ରୀଙ୍କୁ ନିଜ ବିଭାଗୀୟ ଅଧ୍ୟାପକ ମାନସିକ ନିର୍ଯାତନା ଦେବା ସହ ଶାରୀରିକ ଅନୁଗ୍ରହ ପାଇଁ ବାଧ୍ୟ କରୁଥିଲେ। ଛାତ୍ରୀ ଜଣକ କଲେଜ ଅଧ୍ୟକ୍ଷ, ସ୍ଥାନୀୟ ସାଂସଦ ଓ ପୋଲିସଙ୍କୁ ଜଣାଇଲା ପରେ ମଧ୍ୟ ତାଙ୍କୁ ନ୍ୟାୟ ମିଳିଲା ନାହିଁ। ପରିଶେଷରେ ପ୍ରଶାସନ, ପୋଲିସ ଓ ସରକାରଙ୍କ ପକ୍ଷରୁ କୌଣସି ସହାୟତା ନ ମିଳିବାରୁ ଅନନ୍ୟୋପାୟ ହୋଇ ଗତ ୧୨ ତାରିଖରେ ଆତ୍ମାହୁତି ଉଦ୍ୟମ କରିଥିଲେ।




ବାଲେଶ୍ୱର ଏଫଏମ୍ କଲେଜ ଫାଟକ ଆଗରେ ସୋମବାର ବିଜେଡି ପକ୍ଷରୁ କୁଶପୁତ୍ତଳିକା ଦାହ କରାଯାଉଛି।

ଜୁନ ୧୫ ତାରିଖରେ ଗୋପାଳପୁର ବେଳାଭୂମିକୁ ନିଜ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିବା ଜଣେ କଲେଜ ଛାତ୍ରୀଙ୍କୁ ୧୦ ଜଣ ଦୁର୍ବୃତ୍ତ ଗଣବଳାତ୍କାର କରିଥିଲେ। କିଛିଦିନ ତଳେ ଶାସକ ଦଳର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଯେଉଁଭଳି ବ୍ୟକ୍ତିଗତ ଚରିତ୍ର ସଂହାର କରି କୁତ୍ସିତ ଓ ଅଶୋଭନୀୟ ଭାଷା ବ୍ୟବହାର କଲେ ତାହା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଶାସକ ଦଳ ଓ ସରକାରଙ୍କ ମାନସିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟରେ ଗତ ବର୍ଷକ ମଧ୍ୟରେ ମହିଳା ବିରୋଧୀ ହିଂସାରେ ଦୋଷୀ ସାବ୍ୟସ୍ତ ହାର ୫.୫୭% ରହିଛି, ଯାହା ଦେଶରେ ସର୍ବନିମ୍ନ। ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଓ ସଦସ୍ୟା ପଦ ବର୍ଷେ ହେଲା ଖାଲିପଡ଼ିଥିବା ବିଜେଡି ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଏବଂ ଏମ୍‌ପି ସୁଲତା ଦେଓ ପ୍ରମୁଖ ରହିଥିଲେ।

## ସରକାରୀ ଦାୟିତ୍ୱହୀନତାର ପରିଚୟ: କଂଗ୍ରେସ

ଭୁବନେଶ୍ୱର,୧୪।୭ (ରବିନାରାୟଣ ଜେନା)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ପ୍ରସଙ୍ଗରେ କେବଳ ଅଧ୍ୟାପକ ଦୋଷୀ ନୁହନ୍ତି, ତଳସ୍ତରରୁ ଉପରିସ୍ଥ ପ୍ରଶାସନିକ ମୁଖ୍ୟଙ୍କ ପର୍ଯ୍ୟନ୍ତ ସମସ୍ତେ ଚରମ ଦାୟିତ୍ୱହୀନତାର ପରିଚୟ ଦେଇଛନ୍ତି ବୋଲି କଂଗ୍ରେସ କହିଛି।

ସୋମବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ତିନିଜଣ ଅଧ୍ୟାପକ, କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ, ସ୍ଥାନୀୟ ବିଧାୟକ ଓ ସାଂସଦ, ଉଚ୍ଚଶିକ୍ଷାମନ୍ତ୍ରୀ ଏପରି କି ଖୋଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ଘଟଣାର ତଦନ୍ତ ପରିସରଭୁକ୍ତ ହେବା ଆବଶ୍ୟକ। ତେଣୁକରି ଏହି ଘଟଣାର ନ୍ୟାୟିକ ତଦନ୍ତ କରାଯାଉ, ନଚେତ୍ ହାଇକୋର୍ଟର ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ସିବିଆଇକୁ ମଧ୍ୟ ତଦନ୍ତଭାର ଅର୍ପଣ କରାଯାଇପାରିବ ବୋଲି କାଡାମ କହିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ, ରାଜ୍ୟ ସରକାର ଯଦି ମହିଳା ଆୟୋଗ ଗଠନ କରିଥାନ୍ତେ ହୁଏତ ଏପରି ଦୁର୍ଭାଗ୍ୟଜନକ ଘଟଣା ଦେଖିବାକୁ ମିଳି ନ ଥାନ୍ତା। ଘଟଣାର ବହୁଦିନ ପୂର୍ବରୁ ଛାତ୍ରୀ ଉଚ୍ଚଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ଜାତୀୟ ମହିଳା କମିଶନଙ୍କୁ ଅଧ୍ୟାପକଙ୍କ ଏନେଇ ଟୁଇଟ୍ କରିଥିଲେ। ରାଜ୍ୟ ମହିଳା କମିଶନ ଥିଲେ ଏହି ପ୍ରସଙ୍ଗରେ ହୁଏତ ପୋଲିସ ଡିଜିଙ୍କୁ ଜବାବ ଦେବାପାଇଁ କହିଥାନ୍ତେ। ତେଣୁ ମୁଖ୍ୟମନ୍ତ୍ରୀ ମଧ୍ୟ କାଠଗଡ଼ାରେ। ଉକ୍ତ ଛାତ୍ରୀଙ୍କ ଟୁଇଟ୍ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଦିଆଯାଇଥିଲା ନା ନାହିଁ? ଯଦି ନାହିଁ ଯେଉଁମାନେ ଜଣାଇ ନ ଥିଲେ, ସେମାନଙ୍କୁ ତୁରନ୍ତ ବରଖାସ୍ତ କରାଯିବାକୁ ସେ ଦାବି କରିଥିଲେ।

ଏହି ପ୍ରସଙ୍ଗରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଥିଲେ, ଉକ୍ତ ଅଧ୍ୟାପକଙ୍କର କଳଙ୍କିତ ଅତୀତ ରହିଥିବାରୁ ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ଥିଲା। ଆଶ୍ଚର୍ଯ୍ୟର କଥା, ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ପ୍ରତି ନିର୍ଯାତନା ହେଲା, ଅଥଚ ଖୋଦ୍ ଭାଜପାର ସାଂସଦ ଓ ବିଧାୟକ ତାଙ୍କୁ ସୁରକ୍ଷା ଦେଇପାରିଲେ ନାହିଁ।

# ଭାଜପା, ଆରଏସ୍‌ଏସ୍ ଦୋଷୀଙ୍କୁ ସୁରକ୍ଷା ଦେଉଛନ୍ତି: ଅଳକା

## ପ୍ରଧାନମନ୍ତ୍ରୀ ନୀରବତା ଭାଙ୍ଗନ୍ତୁ: ସୋଫିଆ



ସୋମବାର ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଆଇସିସି ସଭାନେତ୍ରୀ ଅଳକା, କଟକ ବାରବାଟୀ ବିଧାୟିକା ସୋଫିଆ ଫିରଦୋସ।

ଭୁବନେଶ୍ୱର,୧୪।୭(ରବିନାରାୟଣ ଜେନା)

ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ଜାତୀୟସ୍ତରରେ ଭାଜପା ଏବଂ ଆର୍‌ଏସ୍‌ଏସ୍‌କୁ କଂଗ୍ରେସ ଟାର୍ଗେଟ କରିଛି। ସୋମବାର ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଆଇସିସି ସଭାନେତ୍ରୀ ଅଳକା ଲାମ୍ବା କହିଛନ୍ତି, ଗୋପାଳପୁରରେ ଛାତ୍ରୀଙ୍କୁ ଗଣବଳାତ୍କାରର ୧ମାସ ନ ପୂରୁଣୁ ଏଫ୍‌ଏମ୍ କଲେଜ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ସାରା ଓଡ଼ିଶାକୁ କଳଙ୍କିତ କରିଛି। ଏହି ଘଟଣାରେ ସମ୍ପୃକ୍ତ କଲେଜ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ତଦନ୍ତ କମିଟି ଗଠନ ହେବା ପରେ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନ ଥିଲା। ଏପରି କି ପୀଡ଼ିତାଙ୍କୁ ଧମକ ଦିଆଯାଇ ଅଭିଯୋଗକୁ ରଫାଦଫା କରିବାକୁ କୁହାଯାଇଥିଲା। ଏବିଭିପି ପଦାଧିକାରୀ ତାଙ୍କୁ ଏତେ ହଇରାଣ ଏବଂ ଆଘାତ ଦେଇଥିଲେ ଯେ ସେ ଶେଷରେ ହତାଶ ହୋଇ ନିଜକୁ ଦାହ କରିଥିଲେ। ସେ ଏବେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଏହା କେବଳ ଭାଜପା ଶାସିତ ଓଡ଼ିଶାରେ ହେଉଛି ତାହା ନୁହେଁ, ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ, ଉତ୍ତରାଖଣ୍ଡ ଏବଂ ହରିୟାଣା ଭଳି ରାଜ୍ୟରେ ହେଉଛି; ଯେଉଁଠାରେ ଦୋଷୀକୁ ସୁରକ୍ଷା ଦେବାପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଛି। ଫଳରେ ନାରୀ ନିର୍ଯାତନା ବଢ଼ି ଚାଲିଛି। ଏହି ଅବସରରେ ଲାମ୍ବା ଏନ୍‌ସିଆର୍‌ବି ତଥ୍ୟକୁ ଆଧାରିତ କରି ବର୍ଷକ ଭିତରେ ୨ଲକ୍ଷ ୧୪ହଜାର ୧୧୩ ନାରୀ ନିର୍ଯାତନା ମାମଲା ରୁଜୁ ହୋଇଥିବା କହିଥିଲେ। ସେ କହିଥିଲେ, ଏଥିମଧ୍ୟରୁ ୩୦୫୪ଜଣଙ୍କୁ ବଳାତ୍କାରର ଶିକାର ହେବାକୁ ପଡ଼ିଥିବାବେଳେ ୧୨୦୭ ଜଣଙ୍କୁ ହତ୍ୟା ଏବଂ ୯ଜଣଙ୍କୁ ଏସିଡ୍ ପକାଇ ପୋଡ଼ିବାକୁ ଉଦ୍ୟମ କରାଯାଇଛି। ଏଥିରୁ ଭାଜପା ଶାସିତ ରାଜ୍ୟରେ ମହିଳାମାନେ କେତେ ସୁରକ୍ଷିତ ତାହା ସ୍ପଷ୍ଟ ଅନୁମେୟ ବୋଲି ଲାମ୍ବା କହିଛନ୍ତି।

ଏହି ଅବସରରେ କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ନୀରବତା ଭାଙ୍ଗନ୍ତୁ। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଯେଉଁମାନେ ସଂଶ୍ଳିଷ୍ଟ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସୋଫିଆ କହିଛନ୍ତି।

## ଅଳକା ଲାମ୍ବାଙ୍କ ପ୍ରେସ୍‌ମିଟ୍ ହାସ୍ୟାସ୍ପଦ: ଭାଜପା

ଭୁବନେଶ୍ୱର,୧୪।୭(ସୁନିତ୍ ମିଶ୍ର)



ମମତା ମହାନ୍ତ

ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ମହିଳା କଂଗ୍ରେସର ସଭାପତି ଅଳକା ଲାମ୍ବା ଓ ଅନ୍ୟ ନେତ୍ରୀ ଦିଲ୍ଲୀରେ ପ୍ରେସମିଟ୍ କରି ଯେଉଁ କଥା କହିଛନ୍ତି ତାହା ବହୁତ ହାସ୍ୟାସ୍ପଦ। ସେ ଜଣେ ମାଆ ହୋଇ ମଧ୍ୟ ଏଭଳି କହିବା ତାଙ୍କୁ ଶୋଭା ଦେଉନାହିଁ ବୋଲି ଭାଜପା ରାଜ୍ୟ ସଭା ଏମ୍‌ପି ମମତା ମହାନ୍ତ କହିଛନ୍ତି।

ଏମ୍‌ସ ମେଡିକାଲ ପରିସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମମତା କହିଛନ୍ତି, ଏହା ଏକ ସମ୍ବେଦନଶୀଳ ବିଷୟ। ସେ ଝିଅ ଏବେ ମରଣ ସହ ସଂଘର୍ଷ କରୁଛି। ଅନ୍ୟପକ୍ଷେ ଏହି ଅଭାବନୀୟ ଘଟଣାରେ ରାଜ୍ୟ ସରକାର ତ୍ୱରିତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟର ମନ୍ତ୍ରୀମାନେ ପୀଡ଼ିତାଙ୍କ ପରିବାରକୁ ଭେଟି ଆଲୋଚନା କରିଛନ୍ତି। ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। କଂଗ୍ରେସର ଚିନ୍ତାଧାରା ସବୁବେଳେ ଏସ୍‌ସି-ଏସ୍‌ଟି-ଓବିସି ବିରୋଧୀ। କଂଗ୍ରେସ ସବୁବେଳେ ରାଷ୍ଟ୍ରପତିଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟ ଦେଇ ହୀନ ମାନସିକତାର ପରିଚୟ ଦେଇଛି। କଂଗ୍ରେସର ଛାମୁଆ କର୍ମକର୍ତ୍ତାମାନେ ଏହି ଝିଅର ଚରିତ୍ର ସଂହାର କରିବାକୁ ବି ପଛାଇନାହାନ୍ତି। ନିଜ ଜୀବନ ନେବାକୁ ଉଦ୍ୟମ କରିବା ପାଇଁ ଛାତ୍ର କଂଗ୍ରେସ ନେତାମାନେ ଛାତ୍ରୀଙ୍କୁ ଉସ୍‌କାଇଥିବାର ପ୍ରମାଣ ସୋସିଆଲ ମିଡିଆରେ ଆସି ସାରିଛି। ତେଣୁ କଂଗ୍ରେସ ଆଗ ନିଜର ମାନସିକତା ବଦଳାଇବା ଦରକାର ବୋଲି ସେ କହିଛନ୍ତି।

# ସରକାରୀ ଦାୟିତ୍ୱହୀନତାର ପରିଚୟ: କଂଗ୍ରେସ

ଭୁବନେଶ୍ୱର,୧୪।୭ (ରବିନାରାୟଣ ଜେନା)




କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ପ୍ରସଙ୍ଗରେ କେବଳ ଅଧାପକ ଦୋଷୀ ନୁହନ୍ତି, ତଳସ୍ତରରୁ ଉପରିସ୍ଥ ପ୍ରଶାସନିକ ମୁଖ୍ୟଙ୍କ ପର୍ଯ୍ୟନ୍ତ ସମସ୍ତେ ଚରମ ଦାୟିତ୍ୱହୀନତାର ପରିଚୟ ଦେଇଛନ୍ତି ବୋଲି କଂଗ୍ରେସ କହିଛି।

ସୋମବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ତିନିଜଣ ଅଧାପକ, କଲେଜର ଭାରପ୍ରାପ୍ତ ଅଧକ୍ଷ, ସ୍ଥାନୀୟ ବିଧାୟକ ଓ ସାଂସଦ, ଉଚ୍ଚଶିକ୍ଷାମନ୍ତ୍ରୀ ଏପରି କି ଖୋଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ଘଟଣାର ତଦନ୍ତ ପରିସରଭୁକ୍ତ ହେବା ଆବଶ୍ୟକ। ତେଣୁକରି ଏହି ଘଟଣାର ନ୍ୟାୟିକ ତଦନ୍ତ କରାଯାଉ, ନଚେତ୍ ହାଇକୋର୍ଟର ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ସିବିଆଇକୁ ମଧ୍ୟ ତଦନ୍ତଭାର ଅର୍ପଣ କରାଯାଇପାରିବ ବୋଲି କାଡାମ କହିଛନ୍ତି। କାଡାମ କହିଥିଲେ, ବିଧାନସଭାରେ ମହିଳା ନିର୍ଯାତନା ପ୍ରସଙ୍ଗ ଉଠାଇବାରୁ ଆମେ ସମସ୍ତେ ମହିଳା ବାଚସ୍ପତିଙ୍କ ଦ୍ୱାରା ନିଲମ୍ବିତ

## ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା

### ମହିଳା ବାଚସ୍ପତି ସମ୍ବେଦନଶୀଳ ହୁଅନ୍ତୁ: ରାମଚନ୍ଦ୍ର

ହୋଇଥିଲୁ। ଆଶାକରୁଛୁ ଏହି ଘଟଣାରେ ବାଚସ୍ପତି ସମ୍ବେଦନଶୀଳ ହେବେ। ନିଜ ସଂଗଠନର ଜଣେ ମହିଳା କାର୍ଯ୍ୟକର୍ତ୍ତାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଏବିଭିପି କର୍ମୀମାନେ ତାଙ୍କୁ ଏମ୍‌ସ ପରିସରରେ ବାଧା ଉପୁଜାଇବା ଘୋର ନିନ୍ଦନୀୟ ବୋଲି କାଡାମ କହିଥିଲେ।

ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ, ରାଜ୍ୟ ସରକାର ଯଦି ମହିଳା ଆୟୋଗ ଗଠନ କରିଥାନ୍ତେ ହୁଏତ ଏପରି ଦୁର୍ଭାଗ୍ୟଜନକ ଘଟଣା ଦେଖିବାକୁ ମିଳି ନ ଥାନ୍ତା। ଘଟଣାର ବହୁଦିନ ପୂର୍ବରୁ ଛାତ୍ରୀ ଉଚ୍ଚଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ଜାତୀୟ ମହିଳା କମିଶନଙ୍କୁ ଅଧାପକଙ୍କ ଏନେଇ ଟୁଇଟ୍ କରିଥିଲେ। ରାଜ୍ୟ ମହିଳା କମିଶନ ଥିଲେ ଏହି ପ୍ରସଙ୍ଗରେ ହୁଏତ ପୋଲିସ ଡିଜିଙ୍କୁ ଜବାବ ଦେବାପାଇଁ କହିଥାନ୍ତେ। ତେଣୁକରି ମୁଖ୍ୟମନ୍ତ୍ରୀ ମଧ୍ୟ କାଠଗଡ଼ାରେ। ଉକ୍ତ ଛାତ୍ରୀଙ୍କ ଟୁଇଟ୍ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଦିଆଯାଇଥିଲା ନା ନାହିଁ? ଯଦି ନାହିଁ ଯେଉଁମାନେ ଜଣାଇ ନ ଥିଲେ, ସେମାନଙ୍କୁ ତୁରନ୍ତ ବରଖାସ୍ତ କରାଯିବାକୁ ସେ ଦାବି କରିଥିଲେ।

ଏହି ପ୍ରସଙ୍ଗରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଥିଲେ, ଉକ୍ତ ଅଧାପକଙ୍କର କଳଙ୍କିତ ଅତୀତ ରହିଥିବାରୁ ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ଥିଲା। ଆଶ୍ଚର୍ଯ୍ୟର କଥା, ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ପ୍ରତି ନିର୍ଯାତନା ହେଲା, ଅଥଚ ଖୋଦ୍ ଭାଜପାର ସାଂସଦ ଓ ବିଧାୟକ ତାଙ୍କୁ ସୁରକ୍ଷା ଦେଇପାରିଲେ ନାହିଁ।

# ପ୍ରେମୀଯୁଗଳ, ଗ୍ରାମବାସୀଙ୍କ ବୟାନ ରେକର୍ଡ

## ୟୁଆଳି ପକାଇ ହଳ କରାଇବା ଘଟଣାର ତଦନ୍ତ ଆରମ୍ଭ

ରାୟଗଡ଼ା/କଲ୍ୟାଣସିଂପୁର, ୧୪/୭ (ଆଶିଷ ରଞ୍ଜନ ପଣ୍ଡା/ଦୀପକ କୁମାର ପରିଡ଼ା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ କଞ୍ଚାମଯୋଡ଼ି ଗ୍ରାମରେ ପ୍ରେମୀଯୁଗଳଙ୍କ ବେକରେ ଜୁଆଳି ପକାଇ ହଳ କରିବା ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ରାୟଗଡ଼ା ଉପଜିଲାପାଳ ରମେଶ କୁମାର ଜେନାଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ସୋମବାର କଞ୍ଚାମଯୋଡି ଗ୍ରାମକୁ ଯାଇ ଉଭୟ ଗ୍ରାମବାସୀ ଏବଂ ପ୍ରେମୀଯୁଗଳଙ୍କ ବୟାନ ରେକର୍ଡ କରିଛନ୍ତି। ଦୀର୍ଘ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଅଧିକାରୀମାନେ ସମସ୍ତଙ୍କୁ ଜଣ ଜଣ କରି ଜେରା କରିବା ସହ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ସେ ସଂକ୍ରାନ୍ତରେ ପଚରାଉଚରା କରିଥିଲେ। ଏହି ଟିମ୍‌ରେ ଉପଜିଲାପାଳ ଜେନାଙ୍କ ସମେତ କଲ୍ୟାଣସିଂହପୁର ତହସିଲଦାର, ସିଡିପିଓ, ଥାନା ଅଧିକାରୀ ଓ ସମାଜ ମଙ୍ଗଳ ଅଧିକାରୀ ଉପସ୍ଥିତ ରହି ତଦନ୍ତ କରିଥିଲେ। ଅନ୍ୟପକ୍ଷେ ମଙ୍ଗଳବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର କାର୍ଯ୍ୟାଳୟ ଉପନିର୍ଦ୍ଦେଶକ ଅଶୋକ ଶତପଥୀ ଘଟଣାର ତଦନ୍ତ ପାଇଁ ଆସୁଥିବା ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସେ ଆସୁଥିବା କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ମାଈ ହାତୀ ମୃତ, ଜଣେ ଗିରଫ

ଢେଙ୍କାନାଳ,୧୪।୭(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଖଜୁରିଆକଟା ସେକ୍ସନ ସରାସିଂ ବିଟ୍ ବାରିହା ରଗଡ଼ି ଗ୍ରାମ ନିକଟସ୍ଥ ଜଙ୍ଗଲରେ ସୋମବାର ସକାଳେ ବିଦ୍ୟୁତ୍ ଆଘାତରେ ଏକ ମାଈ ହାତୀର ମୃତ୍ୟୁ ହୋଇଛି। ହାତୀଟିର ବୟସ ୯ରୁ ୧୦ବର୍ଷ ମଧ୍ୟରେ ହେବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ। ଏହି ଘଟଣାରେ ବନବିଭାଗ ପକ୍ଷରୁ ବାରିହା ରଗଡ଼ି ଗ୍ରାମର ପ୍ରଭାକର ସାହୁ(୫୫)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ସାହୁ ଏଲ୍‌ଟି ଲାଇନ୍ ମାଧ୍ୟମରେ ଜମି ଚାରିପାଖରେ ବେଆଇନ ଭାବେ ବିଦ୍ୟୁତ୍ ତାର ଭିଡିଥିଲେ। ଏହା ସଂସ୍ପର୍ଶରେ ହାତୀଟି ଆସିବାରୁ ପ୍ରାଣ ହରାଇଥିବା ବନବିଭାଗ ଓ ବିଦ୍ୟୁତ୍ ବିଭାଗ ତଦନ୍ତରୁ ଜଣାପଡିଛି। ଜଏଣ୍ଟ ଟାସ୍କଫୋର୍ସ ଟିମ୍ ସହିତ ଡା. ମନୋଜ ଭି. ନାୟାରଙ୍କ ସମେତ ଅନୁଗୋଳସ୍ଥିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ସଞ୍ଜୀବ କୁମାର ସ୍ୱାଇଁ, ଜଏଣ୍ଟ ଟାସ୍କ ଫୋର୍ସର ବିବେକ କୁମାର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ବନବିଭାଗ ଅଧିକାରୀ ଓ ହିନ୍ଦୋଳ ରେଞ୍ଜର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

# ପୂର୍ବ ସରକାରଙ୍କ ଭୁଲ୍ ପାଇଁ ବର୍ଷାଜଳ ନିଷ୍କାସନରେ ସମସ୍ୟା ଦେଖାଯାଉଛି: ମନ୍ତ୍ରୀ

ଭୁବନେଶ୍ୱର,୧୪।୭(ସୁନିତ୍ ମିଶ୍ର)

ରାଜ୍ୟର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ବଢ଼ିବାରେ ଲାଗିଛି। ସ୍ଥାୟୀ ସମାଧାନ ପାଇଁ ଏବେ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ବିଭିନ୍ନ ନଦୀର ଗତିପଥକୁ ସଫା କରିବା ପାଇଁ ସରକାର ଯୋଜନା କରୁଛନ୍ତି। ଖୁବ୍‌ଶୀଘ୍ର ସରକାର ନଦୀ ସଫେଇ ଅଭିଯାନ ଆରମ୍ଭ କରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ରାଜ୍ୟରେ ହେବାକୁ ଥିବା ବଡ଼ ବର୍ଷାର ମୁକାବିଲା ପାଇଁ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୪୮ ଘଣ୍ଟାର ମାଷ୍ଟର ପ୍ଲାନ୍ ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ବୈଠକ ପରେ ମନ୍ତ୍ରୀ ସୂଚନା ଦେଇଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ପୂଜାରୀ କହିଛନ୍ତି, ବିଭିନ୍ନ କାରଣରୁ ନଦୀର ଗତିପଥ ଅବରୋଧ ଥିବାରୁ ଜଳ ନିଷ୍କାସନ ସମସ୍ୟା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବଢ଼ି ଚାଲିଛି। ଏହାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାର ଆସନ୍ତା ୫୦ ବର୍ଷକୁ ଆଖି ଆଗରେ ରଖି ଯୋଜନା କରୁଛନ୍ତି। ପୂର୍ବ ସରକାରଙ୍କର ଭୁଲ୍ ପାଇଁ ବର୍ଷା ଜଳ ନିଷ୍କାସନ ହୋଇପାରିବାରେ ସମସ୍ୟା ଦେଖାଯାଉଛି। ରାଜ୍ୟ ସରକାର ଏ ଦିଗରେ ଯୋଜନାବଦ୍ଧ ପଦକ୍ଷେପ ଗ୍ରହଣ କରୁଛନ୍ତି। ପ୍ରବଳ ବର୍ଷା ହେଉଛି କିନ୍ତୁ ବଡ଼ ବନ୍ୟା ସ୍ଥିତି ଉପୁଜିବ ନାହିଁ। ନଦୀଗୁଡିକ ସତର୍କ ସଙ୍କେତଠାରୁ ମଧ୍ୟ ତଳେ ରହିଛି, କିନ୍ତୁ ଆସୁଥିବା ବଡ଼ ବର୍ଷା ଦ୍ୱାରା କିଛି ସ୍ଥାନରେ ପାଣି ପଶିବାର ସମ୍ଭାବନା ରହିଛି। ବିଶେଷ କରି ଏହି ବର୍ଷା ସମୟରେ ସହରାଞ୍ଚଳ ଲୋକେ ସତର୍କ ରହିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

# ଅତି ପ୍ରବଳ ବର୍ଷିବ, ବନ୍ୟା ଆଶଙ୍କା

## ଅବପାତର ରୂପ ନେଲା ଲଘୁଚାପ

ଭୁବନେଶ୍ୱର, ୧୪।୭ (ଅନୁରାଧା ମହାରଣା)

ଦକ୍ଷିଣପୂର୍ବ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟାକା ଓ ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଅଞ୍ଚଳରେ ସକ୍ରିୟ ଲଘୁଚାପ କ୍ଷେତ୍ର ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଏହା ଆଗାମୀ ୨୪ ଘଣ୍ଟା ଯାଏ ପଶ୍ଚିମ ଉତ୍ତରପଶ୍ଚିମ ଦିଗରେ ଗାଙ୍ଗେୟ ପଶ୍ଚିମବଙ୍ଗ ମଧ୍ୟ ଦେଇ ଗତିକରିବାର ସମ୍ଭାବନା ରହିଛି। ଅବପାତ ପ୍ରଭାବରେ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଅବପାତଜନିତ ବର୍ଷା ରାଜ୍ୟରେ ବନ୍ୟା ଭଳି ପରିସ୍ଥିତି ଆଣିପାରେ ବୋଲି ଆଶଙ୍କା କରାଯାଉଛି।

ସୋମବାର ଉତ୍ତର ଓଡ଼ିଶାରେ ଅତି ପ୍ରବଳ ବର୍ଷା ହୋଇଥିବାବେଳେ ମଙ୍ଗଳବାରଠାରୁ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷିବ। ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଅବବାହିକା, ମହାନଦୀ ଓ ବ୍ରାହ୍ମଣୀ ଅବବାହିକାରେ ବର୍ଷା ହେବ। କିଛି ସ୍ଥାନରେ ୨୦ ସେମି ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ଅନ୍ୟପଟେ ସମୁଦ୍ର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ଅତିରୁ ଅତି ପ୍ରବଳ ବର୍ଷା ହେବା ନେଇ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଆଦି ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଏହି ୩ ଜିଲାକୁ ବଜ୍ରପାତ ବିପଦ ରହିଥିବାବେଳେ ପବନର ବେଗ ଘଣ୍ଟାପ୍ରତି ୪୦ରୁ ୫୦ କିମି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା

# ରିପୋର୍ଟ ମାଗିଲେ ରାଜ୍ୟପାଳ

ଭୁବନେଶ୍ୱର,୧୪।୭(ସୁନିତ୍ ମିଶ୍ର)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାକୁ ନେଇ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି ଶେଷରେ ମୁହଁ ଖୋଲିଛନ୍ତି। ଏହି ଘଟଣାରେ ସେ ରିପୋର୍ଟ ମାଗିଛନ୍ତି। ସାମାଜିକ ଗଣମାଧ୍ୟମରେ ସେ ତାଙ୍କ ପ୍ରତିକ୍ରିୟା ରଖି କହିଛନ୍ତି, ଏ ବିଷୟରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ କଥା ହୋଇଛନ୍ତି। କେଉଁ ପରିସ୍ଥିତିରେ ଏପରି ଘଟିଲା ଏହଂ ଏହା ଉପରେ କ'ଣ ପଦକ୍ଷେପ ନିଆଯାଇଛି ସେନେଇ ତଥ୍ୟ ମାଗିଛନ୍ତି। ଛାତ୍ରୀ ଜଣଙ୍କ ଏବେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅଛନ୍ତି। ଘଟଣା ସମ୍ପର୍କରେ ଜାଣିବା ପରେ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବୁଝିଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ମଧ୍ୟ ଏହି ଘଟଣାକୁ ଗୁରୁତ୍ୱର ସହ ନିଆଯାଇଥିବା ବେଳେ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏହାସହ ସେ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏମ୍‌ସ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଛନ୍ତି। ଦିଲ୍ଲୀ ଏମ୍‌ସର ଏକ ସ୍ପେଶାଲିଷ୍ଟ ଟିମ୍ ଚିକିତ୍ସା ବ୍ୟବସ୍ଥାକୁ ମନିଟରିଂ କରୁଛନ୍ତି। ଛାତ୍ରୀଙ୍କ ତୁରନ୍ତ ଆରୋଗ୍ୟ ନିମନ୍ତେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହ ସେ ତୁରନ୍ତ ସୁସ୍ଥ ହୁଅନ୍ତୁ ବୋଲି ଆଶା କରୁଛନ୍ତି। ରାଜ୍ୟରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା, ମାନସିକ ସ୍ଥିତି ଏବଂ ଆତ୍ମସମ୍ମାନ ଯେପରି ସର୍ବଦା ସୁରକ୍ଷିତ ରହିବ ସେଥିପ୍ରତି ଧ୍ୟାନ ଦିଆଯିବା ଦରକାର। କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ। ଭବିଷ୍ୟତରେ ଏଭଳି ଘଟଣାକୁ ଯେପରି ରୋକାଯାଇପାରିବ ତାହା ଉପରେ ପଦକ୍ଷେପ ନେବା ଲାଗି ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି।

# ୧୫ ଦିନରେ ରିପୋର୍ଟ ଦିଅ: ଏନ୍‌ଏଚ୍‌ଆର୍‌ସି

ଭୁବନେଶ୍ୱର,୧୪।୭(ସତ୍ୟଜିତ୍ ରାଉତ)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାକୁ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାରେ ରୁଜୁ ହୋଇଥିବା ଏକ ଆବେଦନର ତ୍ୱରିତ ଶୁଣାଣି କରି ପୋଲିସ ଓ ଜିଲା ପ୍ରଶାସନକୁ ନିର୍ଦ୍ଦେଶାନାମା ଜାରି କରିଛନ୍ତି। ଏଥିସହିତ ଚିକିତ୍ସାଧୀନ ଛାତ୍ରୀଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ବାଲେଶ୍ୱର ଜିଲାପାଳ ଓ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍‌ଓ)ଙ୍କୁ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ୧୫ଦିନ ମଧ୍ୟରେ ଘଟଣାର ତଦନ୍ତ କରି ଏସମ୍ପର୍କୀତ ସମସ୍ତ ଦସ୍ତାବିଜ ସହ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଅଫ୍ ଇଣ୍ଡିଆ(ଏଚ୍‌ଆର୍‌ଏଫ୍‌ଆଇ)ର ଅଧକ୍ଷ ମନୋଜ ଜେନା ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ।

# ଆତ୍ମହତ୍ୟା ଲାଗି ଉସ୍‌କାଇଥିଲା ଛାତ୍ର କଂଗ୍ରେସ: ଭାଜପା

ଭୁବନେଶ୍ୱର,୧୪।୭(ସୁନିତ୍ ମିଶ୍ର)



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

ବାଲେଶ୍ୱର ଏଫ୍.ଏମ୍. କଲେଜରେ ଯେଉଁ ଘଟଣା ଘଟିଲା ତାହା ଅତ୍ୟନ୍ତ ଦୁଃଖଦାୟକ ଓ ହୃଦୟବିଦାରକ। ଏହି ଘଟଣା ସମସ୍ତ ରାଜ୍ୟବାସୀଙ୍କୁ ଦୁଃଖ ଦେଇଛି। ରାଜନୈତିକ ଦଳ ହିସାବରେ ଭାଜପା ଏବଂ ରାଜ୍ୟ ସରକାର ସମସ୍ତେ ଏହି ଘଟଣାରେ ବ୍ୟଥିତ ଅଛନ୍ତି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ କଂଗ୍ରେସ ହୀନ ରାଜନୀତି କରୁଛି। ନାରୀ ନିର୍ଯାତନା ଉପରେ କଂଗ୍ରେସର କହିବାର ଅଧିକାର କେଉଁଠୁ ଆସିଲା। ଛାତ୍ରୀ ଆତ୍ମାହୁତି ଘଟଣା ପଛରେ ଛାତ୍ର କଂଗ୍ରେସର ନେତାମାନେ ଉସ୍‌କାଇଥିବା ପ୍ରମାଣ ସାମାଜିକ ଗଣମାଧ୍ୟମରେ ରହିଛି। ଗତ ୧ ତାରିଖରେ ପୀଡ଼ିତା ଛାତ୍ରୀ ଯେତେବେଳେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ ସେତେବେଳେ ଛାତ୍ର କଂଗ୍ରେସର ବାଲେଶ୍ୱର ଜିଲା ସମ୍ପାଦକ ସାମାଜିକ ଗଣାମଧ୍ୟମରେ ଏହି ଅଭିଯୋଗ ମିଥ୍ୟା ବୋଲି ଲେଖିଥିଲେ। ଉପସ୍ଥାନ କମ୍ ଯୋଗୁ ରାଜନୀତି କରିହେବ ନାହିଁ ସେଥିପାଇଁ ଏଭଳି ମିଛ ଅଭିଯୋଗ ଆଣିଥିବା ସେ ଉଲ୍ଲେଖ କରିଥିଲେ। ସେପରି ଛାତ୍ର କଂଗ୍ରେସର ଅନ୍ୟ ଜଣେ କର୍ମୀ ମଧ ଆତ୍ମହତ୍ୟା କରିଦିଅ ବୋଲି ଲେଖିଥିଲେ। ମାତ୍ର ଏବେ ପକ୍ଷ ପରିବର୍ତ୍ତନ କରି ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ପୀଡ଼ିତାଙ୍କ ପରିବାର ସହ ଠିଆହେବା ବଦଳରେ କଂଗ୍ରେସ ହୀନ ରାଜନୀତି କରୁଛି ବୋଲି ଭାଜପା ମୁଖପାତ୍ର ବିରଞ୍ଚି ତ୍ରିପାଠୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିରଞ୍ଚି କହିଛନ୍ତି, ଉସ୍‌କାଇଥିବା ଛାତ୍ର କଂଗ୍ରେସ ନେତାଙ୍କ ଉପରେ ତାଙ୍କ ଦଳ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛି ତାହା ପ୍ରଥମେ ସ୍ପଷ୍ଟ କରୁ ବୋଲି ସେ କହିଛନ୍ତି।

# ରାଜ୍ୟରେ ମହିଳା ବିରୋଧୀ ହିଂସା ଉଦ୍‌ବେଗଜନକ ଭାବେ ବଢୁଛି

## ରାଷ୍ଟ୍ରପତିଙ୍କୁ ଭେଟିଲା ବିଜେଡି ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର,୧୪।୭(ସୁନିତ୍ ମିଶ୍ର)

ରାଜଭବନରେଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବିଜୁ ମହିଳା ଜନତା ଦଳର ୩ ଜଣିଆ ପ୍ରତିନିଧି ମଣ୍ଡଳୀ ଭେଟିବା ସହିତ ରାଜ୍ୟରେ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ମହିଳା, ଛାତ୍ରୀ ଓ ନାବାଳିକା ବିରୋଧୀ ହିଂସା ଘଟଣାରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି। ସମ୍ପ୍ରତି ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ କଲେଜର ଜଣେ ଛାତ୍ରୀଙ୍କୁ ନିଜ ବିଭାଗୀୟ ଅଧ୍ୟାପକ ମାନସିକ ନିର୍ଯାତନା ଦେବା ସହ ଶାରୀରିକ ଅନୁଗ୍ରହ ପାଇଁ ବାଧ କରୁଥିଲେ। ଛାତ୍ରୀ ଜଣକ କଲେଜ ଅଧକ୍ଷ, ସ୍ଥାନୀୟ ସାଂସଦ ଓ ପୋଲିସଙ୍କୁ ଜଣାଇଲା ପରେ ମଧ ତାଙ୍କୁ ନ୍ୟାୟ ମିଳିଲା ନାହିଁ। ପରିଶେଷରେ ପ୍ରଶାସନ, ପୋଲିସ ଓ ସରକାରଙ୍କ ପକ୍ଷରୁ କୌଣସି ସହାୟତା ନ ମିଳିବାରୁ ଅନନ୍ୟୋପାୟ ହୋଇ ଗତ ୧୨ ତାରିଖରେ ଆତ୍ମାହୁତି ଉଦ୍ୟମ କରିଥିଲେ।

ଜୁନ ୧୫ ତାରିଖରେ ଗୋପାଳପୁର ବେଳାଭୂମିକୁ ନିଜ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିବା ଜଣେ କଲେଜ ଛାତ୍ରୀଙ୍କୁ ୧୦ ଜଣ ଦୁର୍ବୃତ୍ତ ଗଣବଳାତ୍କାର କରିଥିଲେ। କିଛିଦିନ ତଳେ ଶାସକ ଦଳର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଯେଉଁଭଳି ବ୍ୟକ୍ତିଗତ ଚରିତ୍ର ସଂହାର କରି କୁତ୍ସିତ ଓ ଅଶୋଭନୀୟ ଭାଷା ବ୍ୟବହାର କଲେ ତାହା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଥିଲେ ମଧ ପୋଲିସ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଶାସକ ଦଳ ଓ ସରକାରଙ୍କ ମାନସିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟରେ ଗତ ବର୍ଷକ ମଧ୍ୟରେ ମହିଳା ବିରୋଧୀ ହିଂସାରେ ଦୋଷୀ ସାବ୍ୟସ୍ତ ହାର ୫.୫୭% ରହିଛି, ଯାହା ଦେଶରେ ସର୍ବନିମ୍ନ। ରାଜ୍ୟ ମହିଳା କମିଶନର ଅଧକ୍ଷା ଓ ସଦସ୍ୟା ପଦ ବର୍ଷେ ହେଲା ଖାଲିପଡ଼ିଥିବା ବିଜେଡି ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକ୍, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଏବଂ ଏମ୍‌ପି ସୁଲତା ଦେଓ ପ୍ରମୁଖ ରହିଥିଲେ।

# ମିଳିତ ବିରୋଧୀ ଦଳର ନ୍ୟାୟିକ ତଦନ୍ତ ଦାବି



କଂଗ୍ରେସ ଭବନରେ ଅନୁଷ୍ଠିତ ମିଳିତ ବୈଠକରେ ଉପସ୍ଥିତ ବିଭିନ୍ନ ଦଳର ନେତୃବୃନ୍ଦ।

ଭୁବନେଶ୍ୱର,୧୪।୭(ରବିନାରାୟଣ ଜେନା)

## ୧୮ରେ ଲୋକସେବା ଭବନ ସମ୍ମୁଖରେ ଗଣବିକ୍ଷୋଭ

ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ପ୍ରସଙ୍ଗରେ କଂଗ୍ରେସ ଓ ସମଭାବାପନ୍ନ ଧର୍ମନିରପେକ୍ଷ ବାମପନ୍ଥୀ ଦଳଗୁଡ଼ିକ ମିଳିତ ଭାବେ ନ୍ୟାୟିକ ତଦନ୍ତ ଦାବି କରିଛନ୍ତି। ସରକାର ଯଦି ଏଦିଗରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନ ନିଅନ୍ତି ତେବେ ଚଳିତମାସ ୧୮ରେ ଲୋକସେବା ଭବନ ସମ୍ମୁଖରେ ଗଣବିକ୍ଷୋଭ କରାଯିବ ବୋଲି କଂଗ୍ରେସ ଭବନରେ ଅନୁଷ୍ଠିତ ମିଳିତ ବୈଠକରୁ ଜଣାଯାଇଛି।

ସୋମବାର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲାରେ ସଂଗଠିତ ଗଣବଳାତ୍କାର ଘଟଣା ସମେତ ନିକଟ ଅତୀତରେ ଗୋପାଳପୁର ପରି ଏକାଧିକ ଅନୁରୂପ କାଣ୍ଡ ରାଜ୍ୟରେ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ରାଜ୍ୟରେ କିଟ୍ ଛାତ୍ରୀ ଆତ୍ମହତ୍ୟାଠାରୁ ଆରମ୍ଭ କରି ନୀଳଗିରି ବିଧାୟକଙ୍କ ଅଶାଳୀନ ମନ୍ତବ୍ୟ, ଶିମିଳିପାଳରେ ଆଦିବାସୀଙ୍କ ଉପରେ ନିର୍ଯାତନା, ଧରାକୋଟ ଘଟଣା, ବିଏମ୍‌ସିରେ ବର୍ବରତା, ରଥଯାତ୍ରାରେ ଅଘଟଣ ଓ ବାଂଲାଦେଶୀ ଆରୋପ ଘଟଣା ସରକାରଙ୍କ ଚରମ ବିଫଳତାକୁ ଦର୍ଶାଉଛି। ନୈତିକତା ଦୃଷ୍ଟିରୁ ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଏବଂ ବାଲେଶ୍ୱର ବିଧାୟକ ଇସ୍ତଫା ଦିଅନ୍ତୁ। ଯଦି ସରକାର ଏଥିରେ ବିଫଳ ହେବେ ତେବେ ଏହାକୁ ନେଇ ରାଜ୍ୟବ୍ୟାପୀ ଆଇନ ଅମାନ୍ୟ ଆନ୍ଦୋଳନ, ଗଣଧାରଣା, ଏପରି କି ରାଜଭବନ ଆଗରେ ଧାରଣା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, କଂଗ୍ରେସର ବରିଷ୍ଠ ନେତା ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ସନ୍ତୋଷ ସିଂ ସାଲୁଜା, ସିପିଆଇ ତରଫରୁ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ପୂର୍ବତନ ବିଧାୟକ ଏନ୍ ନାରାୟଣ ରେଡ୍ଡୀ, ଜୟନ୍ତ ଦାସ, ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଦୁଷ୍ମନ୍ତ କୁମାର ଦାଶ, ସିପିଆଇ(ଏମ୍‌ଏଲ)-ଲିବରେଶନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ରାଷ୍ଟ୍ରପତିଙ୍କୁ ଦଳ ପକ୍ଷରୁ ଏକ ସ୍ମାରକପତ୍ର ଦିଆଯାଇଛି। ଫକୀର ମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ନ୍ୟାୟିକ ତଦନ୍ତ ଦାବି କରାଯାଇଛି। ଏଥିସହିତ ତୁରନ୍ତ ମହିଳା କମଶନ ଆୟୋଗର ସମସ୍ତ ପଦ ପୂରଣ କରିବା ପାଇଁ ଦାବି କରାଯାଇଥିବା ଭକ୍ତ ପ୍ରକାଶ କରିଛନ୍ତି।




୧୪।୭।୨୦୨୫

| | |
|---|---|
| ୫,୨୨,୬୨୦ ଟଙ୍କା | |
| ସୁନା | ୪.୦୫୦ ଗ୍ରାମ୍ |
| ରୁପା | ୩୦.୨୦୦ ଗ୍ରାମ୍ |

# ଶ୍ରୀଲୋକନାଥଙ୍କ ପୀଠରେ ଜଳଲାଗି କଲେ କାଉଡ଼ିଆ

ପୁରୀ,୧୪।୭(ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ମାସ ପ୍ରଥମ ସୋମବାରରେ ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବପୀଠ ଶ୍ରୀଲୋକନାଥଙ୍କ ମନ୍ଦିରରେ ସହସ୍ରାଧିକ କାଉଡ଼ିଆ ଜଳଲାଗି କରିଛନ୍ତି। ପ୍ରଥମ ଦିନରେ ୧୩ ହଜାରରୁ ଊର୍ଦ୍ଧ୍ୱ କାଉଡିଆ ଜଳ ଲାଗି କରିଥିବା ଜଣାପଡ଼ିଛି। ପ୍ରତ୍ୟେକ ଭକ୍ତ ୩୦ ଟଙ୍କାର ଟିକେଟ କାଟି ବ୍ୟାରିକେଡ୍ ଦେଇ ଧାଡ଼ିରେ ମନ୍ଦିର ପରିସରକୁ ଯାଇ ଜଳଲାଗି କରିଥିଲେ। ଶ୍ରୀକ୍ଷେତ୍ରରେ ଶିବମୟ ପରିବେଶ ସୃଷ୍ଟି ହୋଇଥିଲା। ରବିବାର ରାତ୍ର ୧୨ଟା ୧୦ରେ ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ମଇଲମ, ଅବକାଶ ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ପରେ ୧୨ଟା ୩୦ରୁ ଜଳଲାଗି ଆରମ୍ଭ ହୋଇଥିଲା। କୁଷ୍ଠାଶ୍ରମ ନିକଟ ଟିକେଟ କାଉଣ୍ଟରରୁ ୩୦ ଟଙ୍କାର


ଜଳଲାଗି ପାଇଁ କାଉଡ଼ିଆମାନେ ଯାଉଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ଟିକେଟ ନେଇ କାଉଡ଼ିଆମାନେ ଧାଡ଼ିରେ ବ୍ୟାରିକେଡ୍‌ରେ ଯାଇ ରୋଷଘର ପଛପାର୍ଶ୍ୱ ପଟୁ ମନ୍ଦିରରେ ପ୍ରବେଶ କରିବା ସହ ଲକ୍ଷ୍ମୀଦ୍ୱାର ନିକଟରେ ଜଳଲାଗି କରି ଫେରିଥିଲେ। ପ୍ରଶାସନ ପକ୍ଷରୁ ମନ୍ଦିର ପରିସର ଓ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ ସହ ପ୍ରାୟ ୫ ହଜାର ଲୋକଙ୍କ ପାଇଁ ଅସ୍ଥାୟୀ ଶେଡ୍, ଆଶ୍ରୟସ୍ଥଳୀ, ପାନୀୟଜଳ, ଆଲୋକୀକରଣ ଏବଂ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଆଦି ବ୍ୟବସ୍ଥା ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ୩ ଅତିରିକ୍ତ ଏସ୍‌ପି, ୧୩ ଡିଏସ୍‌ପି, ୧୧ ଇନ୍ସପେକ୍ଟର, ୬୪ ଏସ୍ଆଇ ଏବଂ ଏଏସ୍ଆଇ, ୨୨ ହାବିଲଦାର, ୬୮ କନଷ୍ଟେବଲ ଏବଂ ୨୫୦ ଜଣ ହୋମଗାର୍ଡ ମୁତୟନ ଥିଲେ। ଛିନ୍‌ତାଇ, ଲୁଟ୍ ଓ ମୋବାଇଲ ଚୋରି ଉପରେ କଡ଼ା ନଜର ରଖାଯାଇଥିଲା। ଚଳିତବର୍ଷ ୫ଟି ସୋମବାରରେ କାଉଡ଼ିଆମାନେ ଜଳଲାଗି କରିପାରିବେ। ଏନେଇ ଶ୍ରୀଲୋକନାଥ ମନ୍ଦିର ମ୍ୟାନେଜର ଅପଚ୍ଛ କୁମାର ପରିଡ଼ା କହିଛନ୍ତି, ଚଳିତ ବର୍ଷ ୪ଟି ଶ୍ରାବଣ ସୋମବାର ପଡୁଛି। ପ୍ରଥମ ସୋମବାରରେ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ୯୦ ଅଭିଯୋଗ ଶୁଣିଲେ ଜିଲାପାଳ


ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ପୁରୀ,୧୪।୭(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ଭୂଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା ଅଧକ୍ଷତା କରିବା ସହ ଅଭିଯୋଗକାରୀମାନଙ୍କ ଅଭିଯୋଗର ଶୁଣାଣି କରିଥିଲେ। ବିଭିନ୍ନ ଅଧିକାରୀମାନଙ୍କ ପାଖକୁ ଯାଉଥିବା ଆବେଦନଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଆଇନ ଅନୁଯାୟୀ ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ମୋଟ ୯୦ ଅଭିଯୋଗ ମିଳିଥିଲା। ସେଥିରୁ ୬୫ଟି ବ୍ୟକ୍ତିଗତ, ୨୦ଟି ଗାଁ ସମସ୍ୟା, ୪ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ଏବଂ ଗୋଟିଏ ରେଡ୍‌କ୍ରସରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍‌କ୍ଷଣାତ ୨ଟି ଅଭିଯୋଗର ସମାଧାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ସୌମ୍ୟ ରଞ୍ଜନ ମଲ୍ଲିକ, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ତହସିଲଦାର ଅଭିଷେକ ଦାଶ, ଅଭିଯୋଗ ଶୁଣାଣି ଅଧିକାରୀ ଆଶୁତୋଷ ଦେ ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଜିଲାପାଳ ରାଣା କହିଛନ୍ତି ଯେ, ଜନଶୁଣାଣି କାର୍ଯ୍ୟକ୍ରମରେ ବିଭିନ୍ନ ଅଭିଯୋଗ ସମ୍ପର୍କରେ ଶୁଣାଣି ହୋଇଥିଲା। ଘଟଣାସ୍ଥଳରେ କେତେକ ଅଭିଯୋଗର ସମାଧାନ କରାଯାଇଛି। ସେହିପରି ଖୁବ୍‌ଶୀଘ୍ର ଅନ୍ୟ ଅଭିଯୋଗର ସମାଧାନ କରାଯିବ। ଉଠାଦୋକାନୀଙ୍କ ସମସ୍ୟା ଓ ଶ୍ରୀସେତୁ ତଳୁ ସ୍ଥାନାନ୍ତର ଆଦି ଅଭିଯୋଗ ଆସିଥିଲା। ସେ ସଂକ୍ରାନ୍ତରେ ଏକ କମିଟି ଗଠନ କରାଯାଇ ଆଲୋଚନା କରାଯିବା ସହ ଘଟଣାସ୍ଥଳକୁ ଯାଇ ଅନୁଧାନ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ରାଣା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

## ଭାଜପାରେ ମିଶିଲେ କଂଗ୍ରେସ, ବିଜେଡି କର୍ମୀ

କୋଣାର୍କ,୧୪।୭(ଜ୍ୟୋତିରାଜ ମହାନ୍ତି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୧ ବର୍ଷ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୧ବର୍ଷ ପୂର୍ତ୍ତି ପାଳନ ଅବସରରେ ମା' ଭଗବତୀ ପୀଠରେ ବନାଖଣ୍ଡି ଗ୍ରାମପଞ୍ଚାୟତରେ ଭାଜପାର ମିଶ୍ରଣ ପର୍ବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବାଲିକପିଳେଶ୍ୱର ଭାଜପା ମଣ୍ଡଳ ସଭାପତି ଦିଲୀପ କୁମାର ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ମିଶ୍ରଣ ପର୍ବରେ ପୂର୍ବତନ ଭାଜପା ବିଧାୟକ ବାଇଧର ମଲ୍ଲିକ ଯୋଗଦେଇ ତୃଣମୂଳସ୍ତରରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସଫଳତାକୁ ପ୍ରଚାରପ୍ରସାର କରିବା ସହିତ ଏହାର ଲୋକାଭିମୁଖୀ କରିବାକୁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, ସତ୍ୟ ବରାଳ, ବନାଖଣ୍ଡି ପଞ୍ଚାୟତ ଭାଜପା ସଭାପତି ଅଶୋକ ସ୍ୱାଇଁ, ବନାଖଣ୍ଡି ସରପଞ୍ଚ ପ୍ରଜ୍ଞା ପାରମିତା ନାୟକ, ନିରଞ୍ଜନ ସ୍ୱାଇଁ ଏବଂ ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସଙ୍ଗଠନର ବିକାଶ ନିମନ୍ତେ ମତ ରଖିଥିଲେ। ମିଶ୍ରଣ ପର୍ବରେ ବନାଖଣ୍ଡି ଗ୍ରାମପଞ୍ଚାୟତ କଂଗ୍ରେସ ଏବଂ ବିଜେଡିରୁ ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ବନାଖଣ୍ଡି ଗ୍ରାମପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ଶ୍ରୀକ୍ଷେତ୍ର ପରିଡ଼ା, ପୂର୍ବତନ ନାଏବ ସରପଞ୍ଚ ଯୁଗଳ ଖୁଣ୍ଟିଆଙ୍କ ସମେତ ୪୪ ପରିବାର ଭାଜପାରେ ଯୋଗଦେଇଥିଲେ। ଏଥିରେ ତରକୋର ପଞ୍ଚାୟତର ଯୁବନେତା ବିଜ୍ଞାନ ପାଣି ଏବଂ କୈଳାଶ ସ୍ୱାଇଁ, ବୁଲା ପାଣ୍ଡିଆ, ସନ୍ତୋଷ ସ୍ୱାଇଁ, ନାଏବ ସରପଞ୍ଚ ଜଳନ୍ଧର ବେହେରା, ଦେବାଶିଷ ସ୍ୱାଇଁ ରବି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍ଏସିର ସ୍ୱତନ୍ତ୍ର କାଉନସିଲ ବୈଠକରେ ବିଭିନ୍ନ ଯୋଜନା ଅନୁମୋଦନ

ନିମାପଡ଼ା,୧୪।୭(ବିଚିତ୍ରାନନ୍ଦ ସାହୁ)

ଦୀର୍ଘ ମାସର ବ୍ୟବଧାନ ପରେ ନିମାପଡ଼ା ଏନ୍ଏସିର ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଶେଷ ହୋଇଛି। ବୈଠକରେ ଏନ୍ଏସି ଅଧକ୍ଷା ସସ୍ମିତା ସାହୁ ଅଧକ୍ଷତା କରି କାଉସିଲରମାନଙ୍କୁ ସ୍ୱାଗତ କରିଥିଲେ। ଅତିଥି ଭାବେ ଉପାଧକ୍ଷା ସନ୍ତୋଷ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ବିଧାୟିକାଙ୍କ ପ୍ରତିନିଧି ଯଚିନ୍ଦ୍ର ସ୍ୱାଇଁ, ସହକାରୀ ଯନ୍ତ୍ରୀ ଅନାଥ ସାହୁ, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ଉନ୍ନୟନ ଯୋଜନାର ବାର୍ଷିକ ଚିଠା ଖସଡ଼ା ଉପସ୍ଥାପନ ଓ ଅନୁମୋଦନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ସମ୍ପର୍କରେ ବିଶଦ ଆଲୋଚନା କରାଯାଇ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ଚିଠା ପ୍ରସ୍ତୁତ କରାଯାଇ ଅନୁମୋଦିତ ହୋଇଥିଲା। ଅନ୍ୟପକ୍ଷରେ ମୁଖ୍ୟରାସ୍ତାରେ ଥିବା ବିଦ୍ୟୁତ୍ ସଂଯୋଗ ଓ ଆଲୋକୀକରଣ କାର୍ଯ୍ୟର ପୁନରୁଦ୍ଧାର ଓ ଯୁଦ୍ଧକାଳୀନଭିତ୍ତିରେ ମରାମତି କାର୍ଯ୍ୟ କରାଯିବା, ଚଳିତ ବର୍ଷା ଋତୁରେ ବର୍ଷାଜଳ ନିଷ୍କାସନର ସୁବ୍ୟବସ୍ଥା ଓ ପରିମଳ କାର୍ଯ୍ୟର ଠିକ୍ ଭାବେ ତ୍ୱରାନ୍ୱିତ କରାଯିବା ସମ୍ପର୍କରେ ବିଶଦ ଆଲୋଚନା କରାଯାଇ ବହୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଏନ୍ଏସିର ମୋଟରେ ୧୧ ଜଣ କାଉନସିଲରଙ୍କ ମଧ୍ୟରୁ ୧୦ ଜଣ ଯୋଗଦେଇଥିଲେ। ଶାନ୍ତିଶୃଙ୍ଖଳାର ସହ ବୈଠକ ଶେଷ ହୋଇଥିବାରୁ ଅଧକ୍ଷା ସାହୁ କାର୍ଯ୍ୟନିର୍ବାହୀ ଅଧିକାରୀ ଦାସ ସମସ୍ତ କାଉନସିଲରଙ୍କୁ ଧନ୍ୟବାଦ ଜଣାଇଥିଲେ।



ବିଜୟନଗର ବସ୍ତିକୁ ପଟ୍ଟା ପ୍ରଦାନ ଦାବିରେ ବସ୍ତିବାସିନ୍ଦାଙ୍କ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ପଟ୍ଟା ପ୍ରଦାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ,୧୪।୭(ଅଜିତ୍ କୁମାର ମହାନ୍ତି)

ପୁରୀ ପୌରାଞ୍ଚଳର ବିଜୟନଗର ବସ୍ତିକୁ ପଟ୍ଟା ପ୍ରଦାନ ଦାବିରେ ବସ୍ତିବାସିନ୍ଦାଙ୍କ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ବହୁଥର ଆନ୍ଦୋଳନ ଫଳରେ ୨୦୨୪ ଅଗଷ୍ଟ ୩୦ରେ ସ୍ଥାନୀୟ ବିଧାୟକ ଏବଂ ଏମ୍‌ପିଙ୍କ ଉପସ୍ଥିତିରେ ୨୮୬ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା । କିନ୍ତୁ ଏକ ବର୍ଷ ବିତି ଯାଇଥିଲେ ମଧ ସମସ୍ତଙ୍କୁ ପଟ୍ଟା ପ୍ରଦାନ କରାଯାଇନାହିଁ । ଆଗାମୀ ୭ ଦିନ ମଧ୍ୟରେ ସମସ୍ତଙ୍କୁ ପଟ୍ଟା ପ୍ରଦାନ ନ କଲେ ଆମରଣ ଅନଶନ କରାଯିବ ବୋଲି ବସ୍ତିବାସିନ୍ଦା ଚେତାବନୀ ଦେଇଛନ୍ତି ।

# ବିଗ୍ରହ ସ୍ଥାନାନ୍ତର କରାଯିବ: ଜିଲାପାଳ

ପୁରୀ,୧୪।୭(ଅଜିତ୍ କୁମାର ମହାନ୍ତି)

**ପାର୍କରେ ଜରିପାଲ ତଳେ ମହାପ୍ରଭୁଙ୍କ ବିଗ୍ରହ ଘଟଣା**

ମହାପ୍ରଭୁଙ୍କ ଚିତ୍ତବିନୋଦନ ଉଦ୍ୟାନ ଭାବେ ଜଣାଶୁଣା ଜଗନ୍ନାଥବଲ୍ଲଭସ୍ଥିତ ବହୁତଳ ପାର୍କିରେ ଦାରୁଡ଼ିଅଁଙ୍କ ପ୍ରତୀକାତ୍ମକ ବିଗ୍ରହମାନଙ୍କୁ ବାନ୍ଧି ଅସୁରକ୍ଷିତ ଭାବେ ରଖାଯାଇଥିବା ନେଇ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ପ୍ରଶାସନ ତୁରନ୍ତ ମୂର୍ତ୍ତିଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ନେବା ସହ ଉଚିତ ସମ୍ମାନ ଦେବାକୁ ଦାବି କରାଯାଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ପ୍ରତିମୂର୍ତ୍ତିଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି। ଚତୁର୍ଦ୍ଧାବିଗ୍ରହଙ୍କ ୧୦୦ଟି ପ୍ରତୀକାତ୍ମକ ବିଗ୍ରହ ଶ୍ରୀଜଗନ୍ନାଥ ବଲ୍ଲଭ ବହୁତଳ ପାର୍କିରେ ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ଗଣମାଧ୍ୟମରୁ ସୂଚନା ମିଳିଥିଲା। ପରେ ସଂପୃକ୍ତ ନିଯୋଗ ଅର୍ଥାତ୍ ସିଂହାରୀ ନିଯୋଗ ସହ ଆଲୋଚନା କରାଯାଇଥିଲା। କାରଣ ସିଂହାରୀ ନିଯୋଗ ଜିମାରେ ତାହା ରହିବା କଥା। ଆଲୋଚନା ପରେ ବିଗ୍ରହଗୁଡ଼ିକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୨୪ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ସମୟରେ ତତ୍କାଳୀନ ସରକାରଙ୍କ ପକ୍ଷରୁ ଭବ୍ୟ ପ୍ରସ୍ତୁତି ହୋଇଥିଲା। ଜଗନ୍ନାଥବଲ୍ଲଭ ପରିସରରେ ଶୀତତାପ ନିୟନ୍ତ୍ରିତ କୋଠରିରେ ମହାପ୍ରଭୁଙ୍କ ୨୫ ପ୍ରକାର ବେଶ ପ୍ରଦର୍ଶନ କରାଯାଇଥିଲା। ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ସୁଦର୍ଶନ, ଭୂଦେବୀ ଓ ଶ୍ରୀଦେବୀ ଆଦିଙ୍କ ୧୦୦ ପ୍ରକାର ପ୍ରତୀକାତ୍ମକ ବିଗ୍ରହ କରାଯାଇଥିଲା। ଅବକାଶ ବେଶଠାରୁ ବଡ଼ସିଂହାର ବେଶ ତଥା ୧୨ ମାସରେ ଶ୍ରୀବିଗ୍ରହଙ୍କ ସମସ୍ତ ବେଶକୁ ଭକ୍ତଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯାଇଆସୁଥିଲା। ଏପରିକି ଦୁର୍ଲଭ ନାଗାର୍ଜୁନ ବେଶ ଓ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବନ୍ଦ ରହିଥିବା ରଘୁନାଥ ବେଶ ମଧ ପ୍ରଦର୍ଶନ କରାଯାଉଥିଲା। ଏଥିସହ ମହାପ୍ରଭୁଙ୍କ ଅନ୍ୟାନ୍ୟ ଦ୍ରବ୍ୟ, ବିଭିନ୍ନ ବସ୍ତ୍ର, କୁଣ୍ଡୁଆ ଆଦି ପ୍ରଦର୍ଶନ ହେଉଥିଲା। ଗୋଟିଏ ସ୍ଥାନରେ ମହାପ୍ରଭୁଙ୍କ ୨୫ରୁ ଊର୍ଦ୍ଧ୍ୱ ପ୍ରକାର ବେଶ ଦର୍ଶନ କରି ଭକ୍ତମାନେ କୃତାର୍ଥ ହେଉଥିଲେ। ଶ୍ରୀମନ୍ଦିରକୁ ଯାଇପାରୁ ନ ଥିବା ଭକ୍ତମାନେ ମଧ ଏହା ଦେଖିବାର ସୁଯୋଗ ପାଉଥିଲେ।

## ପୁରୀ ପୌରସଂସ୍ଥାକୁ ହାଇକୋର୍ଟଙ୍କ ନୋଟିସ

ପୁରୀ,୧୪।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ଜାତୀୟ ରାଜପଥର ମାନ୍ୟତା ଲାଭ କରିଛି। ତେଣୁ ରାସ୍ତା ଉଭୟ ପାର୍ଶ୍ୱରେ ଷ୍ଟଲ, ଭେଣ୍ଡିଙ୍ଗ ଜୋନ୍ ହୋଇପାରିବ ନାହିଁ। ଏନେଇ ହାଇକୋର୍ଟ ରାୟ ଦେଇଥିଲେ। ତେବେ ଗତବର୍ଷ ରଥଯାତ୍ରା ସମୟରେ ପୌରସଂସ୍ଥା ପକ୍ଷରୁ ବଡ଼ଶଙ୍ଖଠାରୁ ଶରଧାବାଲି ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଷ୍ଟଲ କରିବା ନେଇ ଟେଣ୍ଡର ଡକାଯାଇଥିଲା। ଏ ନେଇ ରଜତ କୁମାର ସାହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଷ୍ଟଲ ବନ୍ଦ କରିବାକୁ କୋର୍ଟ ଆଦେଶ ଦେଇଥିଲେ। ମାତ୍ର ଆଦେଶକୁ ଅବମାନନା କରି ପୌରସଂସ୍ଥା ପକ୍ଷରୁ ଷ୍ଟଲ କରାଯାଇଥିଲା। ତେଣୁ ସାହୁ ଏ ସଂକ୍ରାନ୍ତରେ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ମାମଲାରେ ହାଇକୋର୍ଟ ଗତ ୩ ତାରିଖରେ ପୁରୀ ପୌରସଂସ୍ଥାକୁ କାରଣ ଦର୍ଶାଅ ନୋଟିସେ ଜାରି କରିଛନ୍ତି। ଉକ୍ତ ମାମଲାକୁ ହାଇବ୍ରିଡ୍ ମୋଡ୍‌ରେ ବିଚାର କରାଯିବ। କୋର୍ଟଙ୍କ ଆଦେଶକୁ ଅବମାନନା କରିଥିବାରୁ ପୁରୀ ପୌର କର୍ତ୍ତୃପକ୍ଷଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ସେ ନେଇ ଦର୍ଶାଇବାକୁ କୁହାଯାଇଛି। ଜୁଲାଇ ୭ ସୁଦ୍ଧା ପଞ୍ଜୀକୃତ ପୋଷ୍ଟ ସ୍ପିଡ୍‌ପୋଷ୍ଟ ଦ୍ୱାରା ପ୍ରତିପକ୍ଷ ତାଙ୍କ ମତ ଦାଖଲ କରିବେ। ଡାକ ବିଭାଗର ଟ୍ରାକିଂ ରିପୋର୍ଟ ଦାଖଲ ସହ ଅଗଷ୍ଟ ୮ରେ ପରବର୍ତ୍ତୀ ଶୁଣାଣି ହେବ ବୋଲି କୋର୍ଟ ତାଙ୍କ ରାୟରେ ପ୍ରକାଶ କରିଛନ୍ତି।

# ନିମାପଡ଼ା, ଗୋପରେ ହେବ ୧୦ ବସ୍‌ଷ୍ଟପ ଶେଡ୍

ନିମାପଡ଼ା,୧୪।୭(ବିଚିତ୍ରାନନ୍ଦ ସାହୁ)

ଖୁବ୍‌ଶୀଘ୍ର ବଦଳିବ ନିମାପଡ଼ା ଓ ଗୋପର ରୂପରେଖ। ବିକଶିତ ହେବ ସମଗ୍ର ନିମାପଡ଼ା। ନିମାପଡ଼ାର ସାମଗ୍ରିକ ବିକାଶ ଓ ଏକ ବିକଶିତ ନିମାପଡ଼ା ଗଠନ ମୋର ପରିକଳ୍ପନା ଓ ମୂଳମନ୍ତ୍ର ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମତବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନିମାପଡ଼ା ବ୍ଲକ କାଜିପାଟଣା ଛକ, ଗୋଲେଇ ଛକ, ଚାରିଛକ ବ୍ରହ୍ମକୁଣ୍ଡି, ଖେଳାର ଛକ, ଶ୍ରୀମୁଖ ଛକ, ହରିପୁର-ତୁଳସୀପୁର ଛକ ଓ ଜୟଶ୍ରୀ ଛକଠାରେ ୮ଟି ଓ ଗୋପ ବ୍ଲକରେ ୨ଟି ସ୍ଥାନରେ ଖୁବ୍‌ଶୀଘ୍ର ଅତ୍ୟାଧୁନିକ, ଆକର୍ଷଣୀୟ ନୂତନ ବସ୍‌ଷ୍ଟାଣ୍ଡ ଶେଡ୍ ନିର୍ମାଣ ହେବ। ଏହି ଶେଡ୍ ନିର୍ମାଣ ହେଲେ ବସ୍‌ରେ ଦୈନିକ ଯାତାୟାତ କରୁଥିବା ଯାତ୍ରୀ ବହୁଳ ଭାବେ ଉପକୃତ ହେବେ ବୋଲି ଉପମୁଖ୍ୟମନ୍ତ୍ରୀ ଧରିତ୍ରୀକୁ କହିଛନ୍ତି। ଏହି ୧୦ଟି ନୂତନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ନିମାପଡ଼ା ବ୍ଲକ ଓ ଗୋପ ବ୍ଲକକୁ ପ୍ରଥମ ପର୍ଯ୍ୟାୟରେ ତାଙ୍କ ବିଧାୟକ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ମଞ୍ଜୁର କରି ଅନୁଦାନ ଯୋଗାଇ ଦେଇଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ ଆଉ ଆବଶ୍ୟକ ପରିମାଣର ସମସ୍ତ ଅର୍ଥ ଉପମୁଖ୍ୟମନ୍ତ୍ରୀ ଯୋଗାଇଦେବେ ବୋଲି କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ନିମାପଡ଼ା ବ୍ଲକର କାଜିପାଟଣାଠାରେ ଏହି ଆକର୍ଷଣୀୟ ନୂତନ ବସ୍‌ଷ୍ଟପ୍ ଶେଡ୍ ନିର୍ମାଣ କାର୍ଯ୍ୟ ଚାଲିଛି।

# ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ୭ ବର୍ଷର ସାଇ

ପୁରୀ,୧୪।୭(ଅଜିତ୍ କୁମାର ମହାନ୍ତି)

**ଚିକିତ୍ସା ଲାଗି ସରକାରୀ ସହାୟତା ଲୋଡ଼ିଲେ ମା', ବାପା**

ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ହୋଇ ଯନ୍ତ୍ରଣା ଭୋଗୁଛନ୍ତି ପୁରୀ ସଦର ଚନ୍ଦନପୁର ଥାନା ଅନ୍ତର୍ଗତ ବାଙ୍ଗୁରୁବା ବାଲିସାହିର ଲିଲି ପ୍ରଧାନ ଓ ସୋମନାଥ ପ୍ରଧାନଙ୍କ ୭ବର୍ଷର ପୁଅ ସାଇ। ଖେଳକୁଦ ବୟସରେ ସାଇ ଉଠିବସି ପାରୁନାହାନ୍ତି। ମା', ବାପା ବିଭିନ୍ନ ହସ୍ପିଟାଲକୁ ଯାଇ ସାଇଙ୍କ ବ୍ରେନ୍ ଟ୍ୟୁମର ଚିକିତ୍ସା ଏବଂ ଅପରେଶନ କରିସାରିଛନ୍ତି। କିନ୍ତୁ ଏବେ ୮ମାସ ହେବ ସାଇ କଥା କହୁନାହାନ୍ତି କି ଗୋଡ଼ ହାତ ହଲଚଲ୍ କରୁନାହାନ୍ତି। ଖାଦ୍ୟନଳୀ ଯୋଗେ ସେ ଖାଦ୍ୟ ଖାଉଛନ୍ତି। ପୁରୀରେ ସୋମବାର ଅନୁଷ୍ଠିତ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ଏଭଳି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ସାଢେ ତିନି ବର୍ଷରେ ସାଇଙ୍କୁ ବ୍ରେନ୍ ଟ୍ୟୁମର ହୋଇଥିଲା। ଚିକିତ୍ସା ପାଇଁ ସାଇଙ୍କୁ ମା, ବାପା ବିଭିନ୍ନ ହସ୍ପିଟାଲକୁ ନେଇଥିଲେ। ଅପରେଶନ ମଧ କରାଇଥିଲେ। ସାଇଙ୍କୁ ସୁସ୍ଥ କରିବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବା ପରେ ମଧ ସେ ଆରୋଗ୍ୟ ଲାଭ କରିନାହାନ୍ତି। ସେମାନଙ୍କ ପାଖରେ ଆଉ ଅର୍ଥ ସମ୍ବଳ ନାହିଁ। ତେଣୁ ସେମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସରକାରଙ୍କ ପକ୍ଷରୁ ସହାୟତା ମିଳିଲେ ପୁଅ ସୁସ୍ଥ ହୋଇ ଅନ୍ୟ ଛୋଟ ପିଲାଙ୍କ ଭଳି ଖେଳିବୁଲି ପାରିବ ବୋଲି କୋହଭରା କଣ୍ଠରେ ମା' ଲିଲି ପ୍ରଧାନ କହିଛନ୍ତି। ପ୍ରଶାସନ ପକ୍ଷରୁ ସାଇଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବାକୁ ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ ଆଶ୍ୱସନା ଦେଇଛନ୍ତି।

# ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ, ପାଠ୍ୟ ପୁସ୍ତକ ଅଭାବ

କଣାସ,୧୪।୭(ବିଭୂତି ଭୂଷଣ ତ୍ରିପାଠୀ)

ରାଜ୍ୟ ସରକାର ଶିକ୍ଷାର ମାନ ଉନ୍ନତି ପାଇଁ ପ୍ରତ୍ୟେକ ବ୍ଲକରେ ଆଦର୍ଶ ବିଦ୍ୟାଳୟମାନ ଖୋଲିଥିବା ବେଳେ ପୁରୀ ଜିଲା କଣାସ ବ୍ଲକର ଯାମଳଗୋଦାଠାରେ ଆଦର୍ଶ ବିଦ୍ୟାଳୟ ଖୋଲିଛି। ସେହି ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବା ବେଳେ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ମିଳି ନ ଥିବାବେଳେ ପାନୀୟଜଳ ମୁଖ୍ୟ ସମସ୍ୟା ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ଯାମଳଗୋଦାଠାରେ ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ୮୦ଜଣ ଅଧ୍ୟୟନ କରୁଥିବା ବେଳେ ୭ମ ଶ୍ରେଣୀରେ ୮୦ଜଣ, ୮ମ ଶ୍ରେଣୀରେ ୮୦ଜଣ, ୯ମ ଶ୍ରେଣୀରେ ୮୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ଅଧକ୍ଷ, ଇଂଲିଶ, ପୋଷ୍ଟଗ୍ରାଜୁଏଟ୍ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ସଂସ୍କୃତ, ହିନ୍ଦୀ ପାଠ୍ୟପୁସ୍ତକ ଆଜିପର୍ଯ୍ୟନ୍ତ ମିଳିନାହିଁ। ବିଦ୍ୟାଳୟ ପରିସରରେ ଏକ ନଳକୂପ ନିର୍ମାଣ କରାଯାଇଥିବା ବେଳେ ସେହି ନଳକୂପରୁ ଲୁଣିପାଣି ବାହାରୁଥିବାରୁ ପାନୀୟ ଉପଯୋଗୀ ହୋଇପାରୁ ନ ଥିବାରୁ ଛାତ୍ରୀଛାତ୍ରମାନେ ବହୁଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ଦିନ ଭାରପ୍ରାପ୍ତ ଅଧକ୍ଷ ସରୋଜ ନାୟକ ପାନୀୟ ଜଳ କିଣି ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରୁଛନ୍ତି। ଭାରପ୍ରାପ୍ତ ଅଧକ୍ଷ ନାୟକ ବାରମ୍ବାର ପାନୀୟଜଳ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ସ୍ଥାୟୀ ପ୍ରତିକାର ହୋଇପାରି ନାହିଁ। ଚଳିତ ଶିକ୍ଷାବର୍ଷ ୧୦୦ଦିନରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ ଛାତ୍ରୀଛାତ୍ରମାନେ ପାଠ୍ୟ ପୁସ୍ତକ ପାଇବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ଶିକ୍ଷକ ନିଯୁକ୍ତି, ପାଠ୍ୟପୁସ୍ତକ ଯୋଗାଣ କରିବାପାଇଁ ଅଭିଭାବକମାନେ ଦାବି କରିଛନ୍ତି।

# ବିଧାୟକଙ୍କ ଉପସ୍ଥିତିରେ ଦଳ ସଫା କଲେ କର୍ମୀ

କଣାସ,୧୪।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା ଓ ଶାଖାନଦୀ ରାଜୁଆ, ମକରାରେ ପ୍ରବଳ କଳିକତି ଦଳ ଜମି ରହିଥିବାରୁ ବନ୍ୟାଜଳ ନିଷ୍କାସନରେ ବ୍ୟାଘାତ ସୃଷ୍ଟି ହେଉଥିଲା। ସ୍ଥାନୀୟ ଲୋକମାନେ ବାରମ୍ବାର ଡ୍ରେନେଜ୍ ବିଭାଗର ଅଧିକାରୀଙ୍କୁ ଦଳସଫା କରିବା ପାଇଁ ନିବେଦନ କରିଥିଲେ ମଧ କେହି ଶୁଣି ନ ଥିଲେ। ଲୋକେ ସ୍ଥାନୀୟ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ମକରା ନଦୀର ଜଗନ୍ନାଥସଡ଼କ ଚୁପୁରିଙ୍ଗି ବ୍ରିଜ୍ ନିକଟରେ ପ୍ରଚୁର କଳିକତି ଦଳ ଜମା ହୋଇଥିବାରୁ ବନ୍ୟାଜଳ ନିଷ୍କାସନ ହେଉ ନ ଥିବା ଏବଂ ବ୍ରିଜ୍ ପ୍ରତି ବିପଦ ଥିବା ଜଣାଇଥିଲେ। ବିଧାୟକ ଓମ୍ ପ୍ରକାଶ ମିଶ୍ର ସୋମବାର ଉପସ୍ଥିତ ରହି କର୍ମୀ ଏବଂ କେତେକ ମତ୍ସ୍ୟଜୀବୀମାନଙ୍କୁ ଲଗାଇ ଦଳ ସଫା କରିଛନ୍ତି। ଏହି ସମୟରେ ପୁରୀ ଏମ୍‌ପି ସମ୍ବିତ ପାତ୍ର ଉପସ୍ଥିତ ଥିଲେ।


ଦଳ ସଫା ଅବସରରେ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଏମ୍‌ପି ସମ୍ବିତ ପାତ୍ର ଏବଂ ଅନ୍ୟମାନେ ।

# ଶ୍ରୀକ୍ଷେତ୍ରର ମଠ, ମନ୍ଦିର ସଂସ୍କୃତି ସମ୍ପର୍କରେ ଆଲୋକପାତ

**ଐତିହ୍ୟ ପଦଯାତ୍ରା**

ପୁରୀ,୧୪।୭(ଅଜିତ୍ କୁମାର ମହାନ୍ତି)



ଐତିହ୍ୟ ପଦଯାତ୍ରାରେ ସାମିଲ ହୋଇଥିବା ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଏବଂ ଅନ୍ୟମାନେ ।

୨୪ଜଣ ଐତିହ୍ୟ ଗବେଷକ ତଥା ଅନୁସନ୍ଧିତ୍ସୁଙ୍କ ଗହଣରେ ୧୨ଦଶ ଐତିହ୍ୟ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ, ରାଉରକେଲା, ବ୍ରହ୍ମପୁର, ଭୁବନେଶ୍ୱର ଓ କୋଣାର୍କ ପ୍ରଭୃତି ଅଞ୍ଚଳରୁ ପଦଯାତ୍ରୀମାନେ ଯୋଗଦେଇଥିଲେ। ପଦଯାତ୍ରାର ପ୍ରଥମ ପର୍ଯ୍ୟାୟରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଶିଖ୍ ଧର୍ମଗୁରୁ ନାନକଙ୍କ ଦ୍ୱାରା ପ୍ରତିଷ୍ଠିତ ମଙ୍ଗୁମଠରେ ଘଟିଥିବା ସର୍ବଭାରତୀୟ ଆଧ୍ୟାତ୍ମିକ ତଥା ସାଂସ୍କୃତିକ ସମୀକରଣ ସମ୍ପର୍କରେ ଉଲ୍ଲେଖ କରିଥିଲେ। ପରେ ନିମ୍ବାର୍କାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ରାଧାବଲ୍ଲଭ ମଠ ପରିସରରେ ଆୟୋଜିତ ଐତିହ୍ୟ ଆଲୋଚନାରେ ଡ. ମିଶ୍ର ଶ୍ରୀକ୍ଷେତ୍ରର ମଠ ସଂସ୍କୃତି ତଥା ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ମଠ ସମୂହର ଐତିହ୍ୟ ବିଷୟରେ ଆଲୋକପାତ କରିଥିଲେ। ଆହୁରି ବିଭିନ୍ନ ମଠର ଶ୍ରୀମନ୍ଦିର ସହିତ ସମ୍ପର୍କ ଓ ସେବା ଅଧିକାର ଥିବା ସମ୍ପର୍କରେ ସେ ସୂଚନା ଦେଇଥିଲେ। ରଥ ପର୍ଯ୍ୟବେକ୍ଷଣ ପର୍ଯ୍ୟାୟରେ ଶ୍ରୀବଳଭଦ୍ରଙ୍କ ରଥର ମୁଖ୍ୟ କାରିଗର ବାଳକୃଷ୍ଣ ମହାରଣା ରଥ ନିର୍ମାଣର ବିଭିନ୍ନ କୌଶଳ ବିଷୟରେ ସୂଚନା ଦେଇଥିଲେ। ସେ ତିନି ରଥ ଚକର ବ୍ୟାସରେ ରହିଥିବା ତାରତମ୍ୟ, ରଥ ଠିକ୍ ଭାବେ ଗଢ଼ିବାର ନିୟମ, ଚାଲିବା ବେଳେ ମୋଡ଼ ନେବାର କାରଣ ଏବଂ ଦକ୍ଷିଣମୋଡ଼ର ବିଧି ଇତ୍ୟାଦି ସଂକ୍ରାନ୍ତରେ ବ୍ୟାଖ୍ୟା କରିଥିଲେ। ଶେଷରେ ସାନଛତା ମଠ ଓ ଉତ୍ତରପାର୍ଶ୍ୱ ମଠ ପରିଦର୍ଶନ କରାଯାଇଥିଲା। ମଠାଧୀଶ ନାରାୟଣ ରାମାନୁଜ ଦାସ ମଠରେ ବିଭିନ୍ନ ଅଧିକୃତ ସେବାର ବିବରଣୀ ପ୍ରକାଶ କରିବା ସହ ଶ୍ରୀମନ୍ଦିର ରୋଷଘରେ ମଠର ୫ଟି ଚୁଲି ତଥା ୨ଟି ସରଘର ରହିଛି ବୋଲି କହିଥିଲେ। ଅନ୍ତିମ ପର୍ଯ୍ୟାୟରେ ମଠରେ ପୂଜିତ ଶ୍ରୀରଘୁନାଥଦେବଙ୍କୁ ଦର୍ଶନ କରି ଐତିହ୍ୟ ପଦଯାତ୍ରା ସମାପ୍ତ ହୋଇଥିଲା। ଦେବୀପ୍ରସନ୍ନ ନନ୍ଦଙ୍କ ଅଧ୍ୟକ୍ଷତାରେ ଐତିହ୍ୟ ପଦଯାତ୍ରା ପରିଚାଳିତ ହୋଇଥିଲା। ଐତିହ୍ୟକର୍ମୀ ସଞ୍ଜୟ ବରାଳ ଯୁବ ଐତିହ୍ୟପ୍ରେମୀଙ୍କୁ ଅଧିକ ସକ୍ରିୟ ଓ ସଂଗଠିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଡା. କୁମାର ଔରୋଜ୍ୟୋତି ଧନ୍ୟବାଦ ଦେଇଥିଲେ। ପଦଯାତ୍ରାରେ ସଂଗଠକ ବିଶ୍ୱରଞ୍ଜନ ଦେହୁରୀ, ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାତା ବିଶ୍ୱେଶ୍ୱର ଦାସ, ଐତିହ୍ୟ ପ୍ରଚାରକ ଅଶୋକ ନାୟକ, ତରଣୀସେନ ପଟ୍ଟନାୟକ, ପ୍ରିୟଙ୍କର ମହାରଣା, ରବିନ୍ଦ୍ରନାଥ ପ୍ରଧାନ, ସୌମେନ୍ଦ୍ର ମିଶ୍ର, ସୁବ୍ରତ କୁମାର ବଳ, ଜ୍ୟୋତ୍ସ୍ନା ମହାପାତ୍ର, ସୁପ୍ରଭା ସାହୁ, ସତ୍ୟପ୍ରକାଶ ନାୟକ, ଜିନୋଦ ମହାନ୍ତି, ଅଜୟ କୁମାର ପଣ୍ଡା ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ଝଗଡ଼ା ନ କରିବାକୁ କହିବାରୁ ଆକ୍ରମଣ, ୩ ଗିରଫ

ଭୁବନେଶ୍ୱର, ୧୪।୭ (ସତ୍ୟଜିତ୍ ରାଉତ)

ଝଗଡ଼ା ନ କରିବାକୁ କହିବାରୁ ଆକ୍ରମଣ ମାମଲାରେ ନୟାପଲ୍ଲୀ ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପିଣ୍ଟନ ନାୟକ, ମାନସ ନାୟକ ଓ ସେକ୍ ଅବଦୁଲ ଓରଫ ମୁନା। ରବିବାର ସକାଳେ ୩ ଅଭିଯୁକ୍ତ ଏବଂ ତାଙ୍କର କେତେଜଣ ସହଯୋଗୀ ନିଶାସକ୍ତ ଅବସ୍ଥାରେ ସିଆର୍‌ପି ମୁଣ୍ଡା ସାହିରେ ଥିବା ବାଦଲ ବେହେରାଙ୍କ ଦୋକାନ ନିକଟରେ ଝଗଡ଼ା କରୁଥିଲେ। ଏହାଦେଖି ଝଗଡ଼ା ନ କରିବାକୁ ବାଦଲ ସେମାନଙ୍କୁ କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତମାନେ ଲାଠିରେ ବାଦଲଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ବାଦଲ ଗୁରୁତର ହୋଇଥିଲେ। ଏନେଇ ଭାଇ ପ୍ରକାଶଙ୍କ ଏତଲାକ୍ରମେ ପୋଲିସ ମାମଲା (ନଂ.୩୫୦/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ପିଣ୍ଟନଙ୍କ ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୪ଟି ମାମଲା ଏବଂ ମୁନାଙ୍କ ନାମରେ ୬ଟି ମାମଲା ରହିଥିବା ଜଣାପଡ଼ିଛି।

### ଗାଁ ବିକାଶ ପାଇଁ ଗାଡ଼କଣ ବରିଷ୍ଠ ନାଗରିକ କମିଟିର ବନ୍ଧୁମିଳନ

ଭୁବନେଶ୍ୱର, ୧୪।୭ (ସୌମ୍ୟରଞ୍ଜନ ରାଉତ)

ଗାଡ଼କଣ ବରିଷ୍ଠ ନାଗରିକ କମିଟିର ବନ୍ଧୁମିଳନ ଉତ୍ସବ ରବିବାର କୋଠଘରଠାରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ସୁର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଗ୍ରାମର ବିକାଶ ନେଇ ଆଲୋଚନା କରାଯାଇଥିଲା। କମିଟି ସମ୍ପାଦକ କିଶୋର ଚନ୍ଦ୍ର ସାହୁ ଗ୍ରାମର ପୋଖରୀ ବିଷୟରେ ଆଲୋଚନା କରିବା ସହ ବିଗତ ଦିନରେ କମିଟି କ'ଣ ସବୁ କାମ ହାତକୁ ନେଇଛି ସେବିଷୟରେ କହିଥିଲେ। କାର୍ଯ୍ୟକାରୀ ସଭାପତି ପୀତବାସ ସାହୁ ଗ୍ରାମରେ ଥିବା ହସ୍ପିଟାଲରେ ମହିଳା ଓ ପ୍ରସୂତି ବିଭାଗ ଖୋଲାଯିବା ଓ ୨୪ ଘଣ୍ଟିଆ ହସ୍ପିଟାଲ ଖୋଲା ରହିବା ନେଇ ପ୍ରସ୍ତାବ ଦେଇଥିଲେ। ମୁଖ୍ୟ ଉପଦେଷ୍ଟା ଧୀରେନ୍ଦ୍ର କୁମାର ପତି ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ଗୃହକୁ ଛାତ ପକାଯିବା, ପିଲାଙ୍କ ଖେଳପଡିଆର ଉନ୍ନତୀକରଣ ପାଇଁ ସରକାରଙ୍କ ସହ ଆଲୋଚନା କରାଯିବା ଦରକାର ବୋଲି କହିଥିଲେ। ଅନ୍ୟ କମିଟି ସଦସ୍ୟଙ୍କ ସମେତ ଗ୍ରାମବାସୀ ଶିକ୍ଷାର ବିକାଶ ପାଇଁ ପ୍ରସ୍ତାବ ରଖିଥିଲେ। ୯ ନମ୍ବର ୱାର୍ଡ କର୍ପୋରେଟର ସୁଷମା ସାହୁ କହିଲେ, ଗ୍ରାମରେ ଯେଉଁ ସବୁସବୁ ସମସ୍ୟା ରହିଛି ତାହା ତୁରନ୍ତ ସମାଧାନ କରାଯିବ। ସମସ୍ତେ ମିଳିତ ଭାବେ ଉଦ୍ୟମ କଲେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ କମିଟି ଉପ ସଭାପତି ରାସନ୍ତ ସାହୁ, ନରେନ୍ଦ୍ର ଦାସ, ଯୋଗେନ୍ଦ୍ର ପାତ୍ର, ପ୍ରଫୁଲ୍ଲ ସାମନ୍ତ, ପଦ୍ମ ଚରଣ ନନ୍ଦ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। କମିଟି ସହ ସମ୍ପାଦକ ବିଚିତ୍ର ନନ୍ଦ ପରିଡା ଧନ୍ୟବାଦ ଦେଇଥିଲେ।

# ରାଜଧାନୀବାସୀ ଆଉ ବର୍ଷେ ଭୋଗିବେ ଜଳବନ୍ଦୀ

## ବିଧାନସଭା ସ୍ଥାୟୀ କମିଟିରେ ବିଧାୟକଙ୍କ ଜଳ ନିଷ୍କାସନ ଉଦ୍‌ବେଗ

ଭୁବନେଶ୍ୱର, ୧୪।୭ (ରବିନାରାୟଣ ଜେନା)

ରାଜଧାନୀରେ ବର୍ଷା ହେଲେ ସୃଷ୍ଟି ହେଉଥିବା କୃତ୍ରିମ ବନ୍ୟା ଏବଂ ଜଳବନ୍ଦୀ ସମସ୍ୟା ଆଉ ୧ବର୍ଷ ପର୍ଯ୍ୟନ୍ତ ଲାଗି ରହିବ। ବର୍ଷା ହେଲେ ଇସ୍କନ ଓ ରସୁଲଗଡ଼ ସମେତ ବିଭିନ୍ନ ସ୍ଥାନରେ ଯେଉଁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବ, ତାକୁ ଅସ୍ଥାୟୀ ଭାବେ ପମ୍ପ ଲଗାଇ ନିଷ୍କାସନ କରାଯିବ। ମାତ୍ର ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହାର ସ୍ଥାୟୀ ସମାଧାନ କରିବା ଲାଗି ଆଉ ୧ବର୍ଷ ସମୟ ଲାଗିବ। ତେଣୁ ରାଜଧାନୀବାସୀ ବର୍ଷେ ପର୍ଯ୍ୟନ୍ତ କୃତ୍ରିମ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେବେ ବୋଲି ସୋମବାର ବିଭାଗୀୟ ସ୍ଥାୟୀ କମିଟି-୩ ବୈଠକରୁ ଜଣାଯାଇଛି।

ବିଧାନସଭା ସଭାକକ୍ଷରେ କମିଟି ଅଧ୍ୟକ୍ଷ ବିଧାୟକ ବାବୁ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ କହିଥିଲେ, ରାଜ୍ୟରେ ବିଭିନ୍ନ ନଦୀରେ ଦୂଷିତ ଜଳ ଯୋଗୁ ହଇଜା ପରିସ୍ଥିତି ଉପୁଜୁଛି। ବିଶେଷ କରି ଗଙ୍ଗୁଆନାଳର ବର୍ଜ୍ୟଜଳ ଦୟାରେ ମିଶିବା ଯୋଗୁ ଏହି ପରିସ୍ଥିତି ଦେଖାଦେଉଛି। ଏଦିଗରେ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ। ଏନେଇ ଅଧ୍ୟକ୍ଷ ବାବୁ ସିଂ ନଗର ଉନ୍ନୟନ ବିଭାଗକୁ ତ୍ୱରିତ୍ ପଦକ୍ଷେପ ସ୍ୱରୂପ ଗଙ୍ଗୁଆନାଳ ନିକଟରେ ବର୍ଜ୍ୟ ବିଶୋଧନ ପ୍ଲାଣ୍ଟ ବସାଇବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ପୁରୀ ବିଧାୟକ ସୁନୀଲ ମହାନ୍ତି, ବିଧାୟକ ଆକାଶ ଦାସ ନାୟକ, ବିଧାୟକ ମାନସ ଦତ୍ତ ପ୍ରମୁଖ ନିଜ ଅଞ୍ଚଳରେ ବର୍ଷାଜଳ କିଭଳି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରୁଛି ଏବଂ ଏହାର ନିରାକରଣ ଦିଗରେ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ବିଧାୟକ ସୁଶାନ୍ତ ରାଉତ ତାଙ୍କ ଅଞ୍ଚଳର ବିଭିନ୍ନ ୱାର୍ଡସ୍ତରରେ ହେବାକୁ ଥିବା ପାର୍କ ନିର୍ମାଣ କାର୍ଯ୍ୟ ଶେଷ କରିବା ଲାଗି ଦାବି କରିବା ସହିତ ୱାର୍ଡ ଅଫିସର ନିଯୁକ୍ତି ଉପରେ ଗୁରୁତ୍ୱ ଦେଇଥିଲେ।



ନଗର ଉନ୍ନୟନ ବିଭାଗର ବିଧାନସଭା ସ୍ଥାୟୀ କମିଟି ଅଧ୍ୟକ୍ଷ ତଥା ବିଧାୟକ ବାବୁ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟ ବିଧାୟକମାନେ।

# ୨୩ରେ ରାଜ୍ୟସ୍ତରୀୟ ଛାତ୍ର ବିକ୍ଷୋଭ

## ଛାତ୍ରୀ ନିର୍ଯାତନା, ବଳାତ୍କାର ବନ୍ଦ ଦାବିକଲା ଏଆଇଡିଏସ୍‌ଓ

ଭୁବନେଶ୍ୱର, ୧୪।୭ (ସୁଚିସ୍ମିତା ସାହୁ)

ରାଜ୍ୟରେ ଛାତ୍ରୀ ଓ ମହିଳାଙ୍କ ଉପରେ କ୍ରମଗତ ହେଉଥିବା ନିର୍ଯାତନା ଓ ବଳାତ୍କାର ବନ୍ଦ ପାଇଁ ପଦକ୍ଷେପ ଗ୍ରହଣ କରିବା, ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ଭଳି ବିଭିନ୍ନ ବେଆଇନ କାର୍ଯ୍ୟ ବନ୍ଦ କରିବା ପାଇଁ ଏଆଇଡିଏସଓ ଦାବି କରିଛି। ସୋମବାର ଗୋଦାବରୀଶ ସାହିତ୍ୟ ସଂସଦଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଙ୍ଗଠନ କର୍ମକର୍ତ୍ତାମାନେ ରାଜ୍ୟରେ ଛାତ୍ରୀଙ୍କ ସହ ଘଟୁଥିବା ଗୋଟିଏ ପରେ ଗୋଟିଏ ଘଟଣାକୁ ନିନ୍ଦା କରାଯାଇଛି। ବାଲେଶ୍ୱରର ଏଫ୍‌ଏମ ମହାବିଦ୍ୟାଳୟରେ ଘଟିଯାଇଥିବା ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଛାତ୍ରୀଙ୍କ ଆତ୍ମାହୁତି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ତଥା ସମସ୍ତ ଦୋଷୀଙ୍କୁ ଚିହ୍ନଟ କରି ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ ବୋଲି ଦାବି କରାଯିବା ସହ ଆଗାମୀ ଦିନରେ ଏହି ପ୍ରତିବାଦ ଆହୁରି ଦୁର୍ବାର ରୂପ ନେବ ବୋଲି କୁହାଯାଇଛି। ଆସନ୍ତା ୨୩ ତାରିଖରେ ବିଧାନସଭା ସମ୍ମୁଖରେ ରାଜ୍ୟସ୍ତରୀୟ ଛାତ୍ର ବିକ୍ଷୋଭ କରାଯିବ ବୋଲି ଏଆଇଡିଏସଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ, ଅଫିସ ସମ୍ପାଦକ ନସିମ ସରକାର, ଉପ-ସଭାପତି ଭାଗ୍ୟରବି ଦାସ, କୋଷାଧକ୍ଷା ସପ୍ତର୍ଷିନୀ ରାଉଳ ପ୍ରମୁଖ ଆହ୍ୱାନ ଦେଇଛନ୍ତି।

# ସଂଗ୍ରାମୀ ଗଙ୍ଗାଧର ମହାପାତ୍ର ଥିଲେ ରାଜନୀତିର ଅଜାତ ଶତ୍ରୁ


ଆଇନଜୀବୀ ଶିବାନନ୍ଦ ରାୟଙ୍କୁ 'ଗଙ୍ଗାଧର ମହାପାତ୍ର ସମ୍ମାନ' ପ୍ରଦାନ କରାଯାଉଛି।

ଭୁବନେଶ୍ୱର, ୧୪।୭ (ସୌମ୍ୟରଞ୍ଜନ ରାଉତ)

ଗଙ୍ଗାଧର ମହାପାତ୍ର ଫାଉଣ୍ଡେଶନ ପକ୍ଷରୁ ସୋମବାର ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ମହାପାତ୍ରଙ୍କ ୧୧୨ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ, ଗଙ୍ଗାଧର ରାଜନୀତିରେ ଜଣେ ମୂଲ୍ୟବୋଧଭିତ୍ତିକ ରାଜନୀତିଜ୍ଞ ଥିଲେ। ଆଜିର ଯୁବସମାଜ ତାଙ୍କ ଜୀବନୀ ପଢିବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ବିଶ୍ୱରଞ୍ଜନ କହିଲେ, ଗଙ୍ଗାଧର ମହାପାତ୍ର ରାଜନୀତିର ଅଜାତ ଶତ୍ରୁ ଥିଲେ। ସେ ପୁରୀ ଜିଲାରେ ପ୍ରତ୍ୟେକ ନାଗରିକଙ୍କୁ ନିଜର ପରିବାର ବୋଲି ଭାବୁଥିଲେ। ତାଙ୍କ ମନ୍ତ୍ରୀତ୍ୱ ସମୟରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ଶ୍ରୀମନ୍ଦିରରେ ହୁଣ୍ଡି ପ୍ରତିଷ୍ଠା ହୋଇଥିଲା। ଆଜି ବି ଶ୍ରୀମନ୍ଦିରର ସେବାୟତମାନେ ତାଙ୍କର ମଣିଷ ପଣିଆକୁ ପ୍ରଶଂସା କରିଥାନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟଙ୍କୁ 'ଗଙ୍ଗାଧର ମହାପାତ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟି ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲାବେଳେ ଅରବିନ୍ଦ ତ୍ରିପାଠୀ ପରିଚାଳନା କରିଥିଲେ। ସୀତାବଲ୍ଲଭ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଶ୍ରୀଲିଙ୍ଗରାଜଙ୍କ ପୀଠରେ ପ୍ରଥମ ଜଳଲାଗି



## ଶ୍ରାବଣ ପ୍ରଥମ ସୋମବାର

ପୁରୁଣା ଭୁବନେଶ୍ୱର, ୧୪।୭ (ସୁବାସ ଚନ୍ଦ୍ର ପ୍ରଧାନ)

ଶ୍ରାବଣ ମାସର ପ୍ରଥମ ସୋମବାର ପାଇଁ ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠ ଚଳଚଞ୍ଚଳ ହୋଇପଡ଼ିଥିଲା। ଓଁ ନମଃ ଶିବାୟ ଏବଂ ହର ହର ମହାଦେବ ଧ୍ୱନିରେ କମ୍ପିଥିଲା ପରିବେଶ। ମନ୍ଦିର ପ୍ରଶାସନ ପ୍ରଦତ୍ତ ଟିକେଟ କାଟି କାଉଡ଼ିଆ ଭକ୍ତମାନେ ଧାଡ଼ିରେ ଯାଇ ଜଳଲାଗି କରିଥିଲେ। ଭୋରରୁ ମଙ୍ଗଳ ଆଳତି, ଅବକାଶ ପରେ ସର୍ବସାଧାରଣଙ୍କ ପାଇଁ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା। ପରେ ସିଂହଦ୍ୱାରଠାରେ ଅପେକ୍ଷାରତ କାଉଡ଼ିଆ ଭକ୍ତମାନେ ମୁଖ୍ୟ ଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିଥିଲେ। ସେମାନେ ଶକ୍ତିରେ ସିଧାସଳଖ ଜଳଲାଗି କରି ନ ଥିଲେ। ମନ୍ଦିର ପ୍ରଶାସନ ଯୋଗାଇ ଦିଆଯାଇଥିବା ଏକ ତ୍ରିଭୂଜାକାର କୁଣ୍ଡରେ ଜଳଲାଗି କରିଥିଲେ। ପୂର୍ବାହ୍ନ ୧୦ଟା ମଧ୍ୟରେ କାଉଡିଆ ଭକ୍ତଙ୍କ ଜଳଲାଗି ଶେଷ ହୋଇଥିଲା। ପ୍ରାୟ ୩ହଜାର କାଉଡ଼ିଆ ଭକ୍ତ ଜଳଲାଗି କରିଛନ୍ତି ବୋଲି ଲିଙ୍ଗରାଜ ଥାନା ଆଇଆଇସି ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ କହିଛନ୍ତି। ଅନ୍ୟପଟେ କେତେଜଣ କାଉଡ଼ିଆ ଭକ୍ତ ଜଳଲାଗି କରିଛନ୍ତି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇନାହିଁ। ଏ ସମ୍ପର୍କରେ ଶ୍ରୀଲିଙ୍ଗରାଜ ଟ୍ରଷ୍ଟ ବୋର୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ମହାନ୍ତିଙ୍କୁ ପଚାରିବାରୁ ଅନ୍ୟ ଷ୍ଟାଫଙ୍କୁ କାଉଡ଼ିଆ ଭକ୍ତଙ୍କ ସଂଖ୍ୟା ସମ୍ବନ୍ଧରେ ପଚାରନ୍ତୁ ବୋଲି କହିଥିଲେ। ସେହିପରି ଟ୍ରଷ୍ଟ ବୋର୍ଡର କର୍ମଚାରୀ ମନୋଜ କୁମାର ମିଶ୍ରଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନ ଥିଲା। ଅନ୍ୟପଟେ ସେ ଉକ୍ତ ଦାୟିତ୍ୱରେ ନ ଥିଲେ ବୋଲି ବରିଷ୍ଠ କର୍ମଚାରୀ ଦ୍ୱାରିକାନାଥ ପତି କହିଛନ୍ତି।

### ଓଡ଼ିଶା ମନସ୍କରେ ଅଙ୍ଗେନିଭା କଥା ଶୁଣିଲେ, କହିଲେ

ଭୁବନେଶ୍ୱର, ୧୪।୭ (ସୌମ୍ୟରଞ୍ଜନ ରାଉତ)– ଅଲ୍ ଥିଙ୍ଗ୍‌ସ ଓଡ଼ିଶା ପକ୍ଷରୁ ମାସିକ ଆଲୋଚନାଚକ୍ର ଓଡ଼ିଶା ମନସ୍କର ୧୨ତମ ଅଧ୍ୟାୟ ଅନୁଷ୍ଠିତ ହୋଇଯାଇଛି। ରବିବାର ଶହୀଦନଗରସ୍ଥିତ ଏକ୍ସ୍ଟ୍ରାଓଡିନାରୀ ଓ ସେଫ୍ ଓଡ଼ିଶା ଫର୍ ହାର୍ ମୁଖ୍ୟାଳୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରର ବିଷୟବସ୍ତୁ ଥିଲା 'ଆମ ପରିଚୟ ବହୁ ରଙ୍ଗେ ରଙ୍ଗାୟିତ ଏକ ଇନ୍ଦ୍ରଧନୁ ପରି'। ବିଭିନ୍ନ କ୍ଷେତ୍ରରୁ ଆସିଥିବା ୨୫ଜଣ ବ୍ୟକ୍ତି ପ୍ରସଙ୍ଗ ଉପରେ ମତ ରଖିବା ସହିତ ଅନ୍ୟମାନଙ୍କ କାହାଣୀଗୁଡ଼ିକୁ ଶୁଣିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଚଳଚ୍ଚିତ୍ର ଇନ୍ଦ୍ରଧନୁର କାଷ୍ଟ ଏବଂ କ୍ରୀଉ ଯୋଗଦେଇ ସିନେମା ବିଷୟରେ ମତ ରଖିଥିଲେ। ସିନେମାର ନିର୍ଦ୍ଦେଶକ ଅର୍ଜୁନ ସାମନ୍ତରାୟ, କଳାକାର ଅଭିଷେକ ଗିରି, ସମର୍ପିତା ଦାଶ, ଐତିହ୍ୟ ଗବେଷକ ଅନୀଲ ଧୀର, ଖାଦ୍ୟ ଗବେଷିକା ରତ୍ନୁ ପଟ୍ଟନାୟକ, ଇଣ୍ଡି ଫିଲ୍ମମେକର ତଥା ଅଭିନେତା ସ୍ୱସ୍ତିକ ଚୌଧୁରୀ, ସିନେମାଟୋଗ୍ରାଫର ଫଲ୍‌ଗୁ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ସନ୍ଦୀପ କୁମାର ବଳ, ସୋନାଲି ପ୍ରୀୟଦର୍ଶିନୀ ଓ ସୋନାଲି ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡ଼ିଆ କାବ୍ୟ ସାହିତ୍ୟକୁ ବିଦ୍ୟୁତ୍‌ପ୍ରଭାଙ୍କ ଅବଦାନ ଅତୁଳନୀୟ

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ କବିଙ୍କ ଜନ୍ମ ଶତବାର୍ଷିକୀ ପାଳନ

ଭୁବନେଶ୍ୱର, ୧୪।୭ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ କବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ସୋମବାର ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଓ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରଫେସର ସଂଘମିତ୍ରା ମିଶ୍ର ଯୋଗଦେଇ କହିଲେ, ଓଡ଼ିଆ କାବ୍ୟ ସାହିତ୍ୟକୁ ବିଦ୍ୟୁତ୍‌ପ୍ରଭାଙ୍କ ଅତୁଳନୀୟ ଅବଦାନ ରହିଛି। ତାଙ୍କ କବିତାର ରଚନାଶୈଳୀ ଓ ଶବ୍ଦ ସଂଯୋଜନା ଅନନ୍ୟ ବୋଲି ସେ କହିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇ କବି ବିଦ୍ୟୁତ୍‌ପ୍ରଭାଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ନାରୀବାଦ, ନାରୀ ସଶକ୍ତୀକରଣ, ସାମାଜିକ ନ୍ୟାୟ ଓ ନାରୀ ସ୍ୱାଧୀନତାକୁ ବିଦ୍ୟୁତ୍‌ପ୍ରଭା ଦେବୀ ନିଜ କବିତାରେ ଗୁରୁତ୍ୱ ଦେଉଥିଲେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଯୋଗଦେଇଥିଲେ। ପରେ ପ୍ରଫେସର ଡ. ଧୀରଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ କବି ବିଦ୍ୟୁତ୍‌ପ୍ରଭାଙ୍କ ରଚନାରୁ ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗର ଛାତ୍ରୀମାନେ ବୃନ୍ଦ ସଙ୍ଗୀତ ପରିବେଷଣ କରିଥିଲେ। ଏଥିସହ କବିଙ୍କ ରଚନାରୁ ଛାତ୍ରୀଛାତ୍ର କବିତା ପାଠ କରିଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଡ. ଚକ୍ରଧର ବେହେରା ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତିଙ୍କ ସହ ଅନ୍ୟ ଅତିଥିମାନେ।

# ୧୨୩ ଅଭିଯୋଗରୁ ୨୦ ସାମୂହିକ ଅପରାଧ


ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ବାଲିପାଟଣା, ୧୪।୭ (ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅନ୍ତର୍ଗତ ତୁରିନ୍ତିରା ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ସୋମବାର ବ୍ଲକସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ୍ ୧୨୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୦୩ଟି ବ୍ୟକ୍ତିଗତ ଏବଂ ୨୦ଟି ସାମୂହିକ ସମସ୍ୟା ରହିଥିଲା। ୩ଜଣଙ୍କ ସମସ୍ୟା ତତ୍କାଳ ସମାଧାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି, ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା କସ୍ତୁରୀବାଳା ସ୍ୱାଇଁ, ତହସିଲଦାର ତଥା ବିଡିଓ କଳ୍ପନା ଦାସ, ଏଲବିଏମ୍ ଅଜୟ କୁମାର ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥ, ସରପଞ୍ଚ ମିତାରାଣୀ ମଲ୍ଲିକ, ସମିତିସଭ୍ୟ ସନାତନ ସେଠୀ, ସାଂସଦଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ, ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀକାନ୍ତ କୁମାର ବେହେରାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟଜ୍ୟୋତି ଭୁତିଆ ଏବଂ ସଂଗ୍ରାମ କେଶରୀ ଦାସ ଶିବିର ପରିଚାଳନା କରିଥିଲେ।

# ୬ଜଣ ପାଇଲେ 'ତେଜସ୍ୱିନୀ ସମ୍ମାନ'

## ତେଜସ୍ୱିନୀର ଡିଜିଟାଲ ମିଡିଆ ଲୋକାର୍ପିତ

ଭୁବନେଶ୍ୱର, ୧୪।୭ (ସୌମ୍ୟରଞ୍ଜନ ରାଉତ)

ତେଜସ୍ୱିନୀ ଫାଉଣ୍ଡେଶନର ୩ୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ସାପ୍ତାହିକ ପତ୍ରିକା ତେଜସ୍ୱିନୀର ଡିଜିଟାଲ ମିଡିଆର ଲୋକାର୍ପଣ ଉତ୍ସବ ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ସଭାପତି ଯତୀନ୍ଦ୍ର ନାଥ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ବ୍ରଜ କିଶୋର ନାୟକ, ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତିଭୂଷଣ କର, ଉପଦେଷ୍ଟା ଗିରିଜା ଶଙ୍କର ରାୟ, ସମ୍ପାଦକ ସଞ୍ଜୀ ସମୀର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ତେଜସ୍ୱିନୀ ଡିଜିଟାଲ ମଡ଼ିଆ ଲୋକାର୍ପିତ ହୋଇଥିଲା। ଡା. ଜଗଦୀଶ ବେହେରା, ସାହିତ୍ୟିକ ଶତ୍ରୁଜିତ, ସମାଜସେବୀ ଶିବସୁନ୍ଦର ସ୍ୱାଇଁ, ପର୍ବତାରୋହୀ ମଧୁସ୍ମିତା ପାତ୍ର, ଖବରଦାତା ବନିତା ସାହୁ, ବିଏମ୍ ହାଇସ୍କୁଲର ମେଧାବୀ ଛାତ୍ରୀ ଈପ୍ସିତା ଛୋଟରାୟଙ୍କୁ 'ତେଜସ୍ୱିନୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟର ଉପସଭାପତି ରଣଜିତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନସୂୟା ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ସୋନମ ମହାପାତ୍ର ଧନ୍ୟବାଦ ଦେଇଥିଲେ।


ତେଜସ୍ୱିନୀ ଫାଉଣ୍ଡେଶନର ୩ୟ ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ତେଜସ୍ୱିନୀ ସମ୍ମାନ ପ୍ରଦାନ କରୁଛନ୍ତି।

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

## ୨୦ରେ ସେମି, ୨୨ରେ ରାଜ୍ୟସ୍ତରୀୟ ଗ୍ରାଣ୍ଡ ଫାଇନାଲ

ଭୁବନେଶ୍ୱର, ୧୪।୭ (ସୁଚିସ୍ମିତା ସାହୁ)

ମିଶନ ଶକ୍ତି ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ମଧ୍ୟରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏହି ପ୍ରତିଯୋଗିତାରେ ବ୍ଲକ ଓ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ସରିଯାଇଛି। ୩୦ଟି ଜିଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମା'ଭଉଣୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଏହି ପରିପ୍ରେକ୍ଷୀରେ ୧୪ ତାରିଖଠାରୁ ସମସ୍ତ ବିଜେତାଙ୍କୁ ନେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହୋଟେଲ ମ୍ୟାନେଜମେଣ୍ଟରେ ଖାଦ୍ୟ ପ୍ରସ୍ତୁତି ସମ୍ବନ୍ଧରେ ସାତଦିନିଆ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ପ୍ରଶିକ୍ଷଣ ପରେ ଜିଲାସ୍ତରୀୟ ବିଜେତାଙ୍କ ମଧ୍ୟରେ ଆସନ୍ତା ୨୦ ତାରିଖରେ ରାଜ୍ୟସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ସେମିଫାଇନାଲ ଓ ୨୨ରେ ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ। ତେବେ ଖାଦ୍ୟ ପ୍ରସ୍ତୁତି ପ୍ରଶିକ୍ଷଣର ପ୍ରଥମ ଦିନରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଭୁବନେଶ୍ୱରରେ ମାଷ୍ଟର ସେଫ୍ ଇଣ୍ଡିଆର ଷଷ୍ଠ ସଂସ୍କରଣ ବିଜେତା ସେଫ ଅବିନାଶ ନାୟକ, ହୋଟେଲ ମେ' ଫେୟାର ଲାଗୁନର ଏକ୍‌ଜିକ୍ୟୁଟିଭ ସେଫ ସୁରଜ, ଇନ୍‌ଷ୍ଟିଚ୍ୟୁଟ୍ ଅଧ୍ୟକ୍ଷ ସାରଦା ଘୋଷ, ମିଶନ ଶକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ଆଞ୍ଚଳିକ, ପାରମ୍ପରିକ ଓ ବିସ୍ମୃତ ଖାଦ୍ୟ ଯଥା ମିଲେଟ, ମୁଢି ମାଂସ, ମାଣ୍ଡିଆ ଚକୁଳି, ସିଜା ପିଠା, ଛେନା ଝିଲ୍ଲୀ ଇତ୍ୟାଦି ସ୍ୱାଦିଷ୍ଟ ତଥା ପୁଷ୍ଟିକର ଖାଦ୍ୟ ଲୋକଲୋଚନକୁ ମଧ୍ୟ ଆସିପାରିବ। ଗ୍ରାଣ୍ଡ ଫାଇନାଲରେ ବିଚାରକଙ୍କ ଦ୍ୱାରା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦଳକୁ ଯଥାକ୍ରମେ ୨ ଲକ୍ଷ, ୧.୫ ଲକ୍ଷ ଓ ୧ ଲକ୍ଷ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବ।



ଜିଲାସ୍ତରୀୟ ବିଜେତାଙ୍କୁ ନେଇ ଆରମ୍ଭ ହୋଇଥିବା ଖାଦ୍ୟ ପ୍ରଶିକ୍ଷଣ ପ୍ରତିଯୋଗିତାର ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥି।

## ସଂକ୍ଷେପରେ

### ସ୍ୱୀକାରୋକ୍ତି ଅନୁସାରେ ମିଳେ ଆୟ ପ୍ରମାଣପତ୍ର

**ଧନୀ ବ୍ୟକ୍ତି ବାର୍ଦ୍ଧକ୍ୟ ଭତ୍ତା ପାଇବା ପ୍ରସଙ୍ଗ**

କଟକ ସଦର,୧୪।୭ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଆୟଉପୁର ଓ କିଶୋରନଗର ପଞ୍ଚାୟତର ୨ଜଣ ଧନୀ ବ୍ୟକ୍ତିଙ୍କ ନାମରେ ମଧୁବାବୁ ଭତ୍ତା ମଞ୍ଜୁର ହେବା କଟକ ସଦର ବ୍ଲକ ଅଞ୍ଚଳରେ ମୁଖ୍ୟ ଆଲୋଚନାର ପ୍ରସଙ୍ଗ ହୋଇଛି। ସ୍ୱଚ୍ଛଳ ବର୍ଗର ହୋଇଥିଲେ ସୁଦ୍ଧା ବାର୍ଷିକ ଆୟ ୪୦ ହଜାର ଟଙ୍କା ବୋଲି ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କଠାରୁ ପ୍ରମାଣ ପତ୍ର ଆଣି ଅନଲାଇନରେ ଆବେଦନ କରିଥିଲେ। ଇତି ମଧ୍ୟରେ ଭତ୍ତା କଟକ ବ୍ଲକ କର୍ତ୍ତୃପକ୍ଷ ରଦ୍ଦ କରିଦେଇଛନ୍ତି। ମାତ୍ର ଆୟ ପ୍ରମାଣ ପତ୍ର ହାତେଇବା ସଂକ୍ରାନ୍ତରେ କିଶନନଗର ତହସିଲଦାରଙ୍କ ଯୋଗାଯୋଗ କରାଯାଇଥିଲା। ରାଜସ୍ୱ ନୀରିକ୍ଷକମାନେ ଆବେଦନକାରୀଙ୍କ ସ୍ୱୀକାରୋକ୍ତିକୁ ଭିତ୍ତିକରି ଆୟ ପ୍ରମାଣପତ୍ର ପ୍ରଦାନ କରିଛନ୍ତି ବୋଲି କିଶନନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶ କହିଛନ୍ତି। ସରକାର ଆୟ ପ୍ରମାଣ ପତ୍ର ନିୟମରେ କୋହଳ କରିବା ପରେ ଆଉ ସରଜମିନି ତଦନ୍ତ କରାଯାଉନାହିଁ। କିନ୍ତୁ ଅଭିଯୋଗ ଆସିଲେ ପ୍ରମାଣ ପତ୍ର ରଦ୍ଦ କରାଯିବ। ଆରଆଇଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରୁନାହିଁ ବୋଲି ଦାଶ ସୂଚନା ଦେଇଛନ୍ତି।

### ସେବା ଧର୍ମ ସଂଘ ପକ୍ଷରୁ ଦନ୍ତ ଚିକିତ୍ସା ଶିବିର

କଟକ,୧୪।୭ (କାର୍ତ୍ତିକ ସାହୁ)

ଟାଙ୍ଗୀ ଅଞ୍ଚଳର ସେବା ଧର୍ମ ସଂଘ ଆନୁକୂଲ୍ୟରେ ନିଃଶୁଳ୍କ ଦନ୍ତ ଚିକିତ୍ସା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ଉପଦେଷ୍ଟା ତଥା ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କୋଟେଶ୍ୱର କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଶିବିରରେ ଯୋଗଦେଇ ଅନୁଷ୍ଠାନର ସେବାମୂଳକ କାର୍ଯ୍ୟକ୍ରମ ପ୍ରେରଣାଦାୟୀ ବୋଲି କହିଥିଲେ। ସଭାପତି ପ୍ରଦୀପ୍ତ ଚନ୍ଦ୍ର ରଥଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଶୁଭେନ୍ଦ୍ରନାଥ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇ ସଙ୍ଗଠନର ଆଗାମୀ କାର୍ଯ୍ୟଧାରା ସମ୍ପର୍କରେ ଉଲ୍ଲେଖ କରିଥିଲେ। ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ପୁରୁଷ, ମହିଳା ଓ ଶିଶୁଙ୍କ ଦନ୍ତ ପରୀକ୍ଷା ପରେ ପରାମର୍ଶ ସହ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଡା. ଜୁବିନ୍ ମହାନ୍ତି, ଡା. ଜ୍ୟୋତିର୍ମୟୀ ରଥ, ଡା. ଶୁଭସଂଧ୍ୟା ଷଡ଼ଙ୍ଗୀ ଏବଂ ଡା. ଶୁଭମ୍ ସ୍ୱାଗତ ମିଶ୍ର ପ୍ରମୁଖ ରୋଗୀ ଚିକିତ୍ସା କରିଥିଲେ। ଏହି ଅବସରରେ ଶିବିରରେ ଯୋଗଦେଇଥିବା ଡାକ୍ତରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାବାଜୀ ମହାନ୍ତି, କୃଷ୍ଣଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ଦାସ, ନାରାୟଣ ସ୍ୱାଇଁ, ବିଜୟ କୁମାର ସାହୁ, ଅଶୋକ କୁମାର ପୃଷ୍ଟି, ଜୀବନ କୁମାର ସ୍ୱାଇଁ, ପ୍ରଦୀପ୍ତ ଷଡ଼ଙ୍ଗୀ, ପ୍ରଭାକର ମହାନ୍ତିଙ୍କ ସମେତ ସଙ୍ଗଠନ କର୍ମକର୍ତ୍ତା ଓ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଦିବଂଗତ ସଦସ୍ୟ ଅଭିମନ୍ୟୁ ମହାରଣାଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା।

### ବିଦ୍ୟାଧରପୁର ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ

କଟକ,୧୪।୭ (ଶିଳ୍ପା ପ୍ରିୟଦର୍ଶିନୀ)

ବିଦ୍ୟାଧରପୁର ପୂଜା କମିଟି ପକ୍ଷରୁ ବିଦ୍ୟାଧରପୁର ଗ୍ରାମର ଗୋଷ୍ଠୀ ଉନ୍ନୟନ କେନ୍ଦ୍ରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଏମସି ୱାର୍ଡ ନଂ–୫୫ର କର୍ପୋରେଟର ବିଶ୍ୱବନ୍ଦିତା ପଣ୍ଡାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ବୈଠକରେ ୨୦୨୪ ବର୍ଷର ଦୁର୍ଗାପୂଜା ଓ କାଳୀପୂଜାର ଆୟ ବ୍ୟୟର ହିସାବ ଓ ନୂତନ କମିଟି ଗଠନ ସମ୍ବନ୍ଧୀୟ ବୈଠକରେ ଆଲୋଚନା କରାଯାଇଥିଲା। ଏହାସହ ନୂତନ କମିଟି ଗଠନ ଓ କର୍ମକର୍ତ୍ତା ଚୟନ କରାଯାଇଛି। ନୂତନ ସଭାପତି ଭାବେ ପ୍ରଶାନ୍ତ କୁମାର ମହାରଣା, ଉପସଭାପତି ଭାବେ ଅଜୟ କୁମାର ମହାରଣା, ସନାତନ ବାରିକ, ସମ୍ପାଦକ ଭାବେ ସୁନିଲ କୁମାର ପଣ୍ଡା, ସହ ସମ୍ପାଦକ ଭାବେ ନିଶାକର ସାହୁ, ମନୋରଞ୍ଜନ ମହାରଣା, ପ୍ରଦୀପ୍ତ କୁମାର ପଣ୍ଡା, ସଙ୍ଗଠନ ସମ୍ପାଦକ ଭାବେ ବିଜୟ କୁମାର ପଣ୍ଡା, ଚନ୍ଦ୍ର ଶେଖର ସାହୁ, ସଙ୍ଗଠନ ସହ ସମ୍ପାଦକ ଭାବେ ଟୁବୁଲା ବେହେରା, ପ୍ରତାପ ଭୋଇ, କୋଷାଧ୍ୟକ୍ଷ ଭାବେ ତାପସ କୁମାର ଲେଙ୍କା, ଯୁଗ୍ମ କୋଷାଧ୍ୟକ୍ଷ ଭାବେ ବିଶ୍ୱେଶ୍ୱର ଜେନା, ପ୍ରଦୀପ୍ତ କୁମାର ଦାସଙ୍କୁ ଚୟନ କରାଯାଇଛି।

# କୋକେଇ ଯାତ୍ରା କରି ଅଭିନବ ପ୍ରତିବାଦ

କଟକ,୧୪।୭ (ଶିଳ୍ପା ପ୍ରିୟଦର୍ଶିନୀ)



ସୁଭାଷ ସଙ୍ଗଠନ ପକ୍ଷରୁ କୋକେଇ ଯାତ୍ରା କରି ଅଭିନବ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କଟକର ଏକ ଘରୋଇ ହସ୍ପିଟାଲରେ ଜୀବତ ରୋଗୀଙ୍କୁ ଆୟୁଷ୍ମାନ ପୋର୍ଟାଲରେ ମୃତ ଦର୍ଶାଇବା ଘଟଣାକୁ ବିରୋଧ କରି ସାମାଜିକ ଅନୁଷ୍ଠାନ ସୁଭାଷ ସଙ୍ଗଠନ ପକ୍ଷରୁ କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ସଙ୍ଗଠନ ପକ୍ଷରୁ କ୍ୟାଣ୍ଟନମେଣ୍ଟ ରୋଡ ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରୁ ଏକ କୋକେଇ ଯାତ୍ରା କରାଯାଇ ଅଭିନବ ପ୍ରତିବାଦ କରାଯାଇଛି। ଉକ୍ତ ଦାବିପତ୍ରରେ କୃଷକ ବଜାର ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ରୋଗୀ ଚିକିତ୍ସା ଆଳରେ ଆୟୁଷ୍ମାନ କାର୍ଡରୁ ଟଙ୍କା ହଡପ କରିବା ପରେ ଜୀବିତ ରୋଗୀଙ୍କୁ ଆୟୁଷ୍ମାନ କାର୍ଡ ପୋର୍ଟାଲରେ ମୃତ ଦର୍ଶାଇବା ଭଳି ଅଭିଯୋଗ ଆସିଛି। ଏହାସହ ପୂର୍ବରୁ ରୋଗୀ ଚିକିତ୍ସାରେ ବହୁ ଘରୋଇ ହସ୍ପିଟାଲ ତ୍ରୁଟି କରି ଆସୁଥିବାବେଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିବା ଉଲ୍ଲେଖ କରାଯାଇଛି। ଏ ନେଇ ସଙ୍ଗଠନ ସମ୍ପାଦକ ସୁରେଶ ମହାନ୍ତି କହିଛନ୍ତି,

**ଜୀବିତ ରୋଗୀଙ୍କୁ ଆୟୁଷ୍ମାନ ପୋର୍ଟାଲରେ ମୃତ ଦର୍ଶାଇବା ଘଟଣା**

**ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବି ଜଣାଇଲା ସୁଭାଷ ସଙ୍ଗଠନ**

କଟକରେ ଥିବା ଘରୋଇ ହସ୍ପିଟାଲ ପ୍ରତି କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି, ଗୋଟିଏ ନୁହେଁ ବରଂ ଏବେ ଘଟଣାର ସଂଖ୍ୟା ବଢ଼ି ଚାଲିଥିବାବେଳେ ପ୍ରଶାସନ କେଉଁଥି ପାଇଁ ଚୁପ୍ ରହିଛି। ଏହି ଘଟଣାରେ ଯଦିଓ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ମହାନ୍ତି କହିଛନ୍ତି। ଅନ୍ୟପଟେ ଦାବିପତ୍ର ଗ୍ରହଣ କରି କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଶାନ୍ତ କୁମାର ହୋତା ଘଟଣାର ଯାଞ୍ଚ କରିବା ନିମନ୍ତେ ତଦନ୍ତ କମିଟି ଗଠନ କରାଯାଇଛି ଏବଂ କମିଟି ଯାହା ରିପୋର୍ଟ ଦେବ ସେ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



କଟକର ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ପୁନଃ ଉନ୍ନତୀକରଣ ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ ସୋମବାର କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ଏବଂ ପୋଲିସ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

## ଡିସ୍‌ଚାର୍ଜ ୧୩, ୧୨ଜଣଙ୍କ ଚିକିତ୍ସା ଜାରି

**ରେଭେନ୍‌ଶାରେ ଝାଡ଼ାବାନ୍ତି ଘଟଣା**

କଟକ,୧୪।୭ (ଶିଳ୍ପା ପ୍ରିୟଦର୍ଶିନୀ)

ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଆଉ ୧୩ଜଣ ଛାତ୍ରୀଛାତ୍ର ସୋମବାର ଡିସ୍‌ଚାର୍ଜ ହୋଇଛନ୍ତି। ଏହାସହ ଅନ୍ୟ ୧୨ଜଣ ଛାତ୍ରୀଛାତ୍ରଙ୍କ ମେଡିକାଲର ସ୍ୱତନ୍ତ୍ର ୱାର୍ଡରେ ଚିକିତ୍ସା ଜାରି ରହିଥିବାବେଳେ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ମେଡିକାଲରେ ଗଠନ କରାଯାଇଥିବା ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଆକ୍ରାନ୍ତ ଛାତ୍ରୀଛାତ୍ରଙ୍କ ଚିକିତ୍ସାରେ ନିୟୋଜିତ ରହିଥିବା ସୂଚନା ମିଳିଛି।

ସୂଚନାଥାଉ କି, ଗତ ଶନିବାର ରାତିରେ ରେଭେନଶା ବିଶ୍ୱବିଦ୍ୟାଳୟର ନ୍ୟୁ ପିଜି ହଷ୍ଟେଲ ଓ ଧର୍ମପଦ ହଷ୍ଟେଲର ପ୍ରାୟ ୩୨ଜଣ ଛାତ୍ରୀଛାତ୍ର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ସେଥିମଧ୍ୟରୁ ସୋମବାର ସନ୍ଧ୍ୟା ସୁଦ୍ଧା ମୋଟ୍ ୨୦ଜଣ ଡିସ୍‌ଚାର୍ଜ ହୋଇଛନ୍ତି।

## ଡାଇରିଆ ନିରାକରଣ ପାଇଁ ଦାବିପତ୍ର

କଟକ,୧୪।୭ (କାର୍ତ୍ତିକ ସାହୁ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନିୟୁ ପିଜି ଓ ଧର୍ମପଦ ହଷ୍ଟେଲରେ ୫୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୫ ଜଣ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଏଆଇଡିଏସଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କମିଟି ପକ୍ଷରୁ ୫ ଦଫା ସମ୍ବଳିତ ଦାବିପତ୍ର ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଡିଏସଡବ୍ଲ୍ୟୁଙ୍କ ଜରିଆରେ ସୋମବାର ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ତଥା ହଷ୍ଟେଲରେ ପରିମଳ ବ୍ୟବସ୍ଥାର ଉପଯୁକ୍ତ ପରିଚାଳନା, ଆବଶ୍ୟକ ମୁତାବକ ବିଭିନ୍ନ ବିଭାଗ ଓ ହଷ୍ଟେଲରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା, ହଷ୍ଟେଲ ମେସଗୁଡ଼ିକର ଭିତ୍ତିଭୂମିରେ ବିକାଶ ଘଟାଇବା, ଡିସପେନ୍‌ସାରୀରେ ୨୪ ଘଣ୍ଟିଆ ସ୍ଥାୟୀ ଡାକ୍ତର, କର୍ମଚାରୀ, ଆବଶ୍ୟକ ମୁତାବକ ଔଷଧ ମହଜୁଦ ରଖିବା, ହଷ୍ଟେଲ କର୍ମଚାରୀଙ୍କୁ ବିଶ୍ୱବିଦ୍ୟାଳୟର ସ୍ଥାୟୀ କର୍ମଚାରୀର ମାନ୍ୟତା ପ୍ରଦାନ କରିବା ଆଦି ଦାବି କରାଯାଇଛି। ଏଆଇଡିଏସଓ ବିଶ୍ୱବିଦ୍ୟାଳୟ କମିଟି ପକ୍ଷରୁ ଗାୟତ୍ରୀ ସାହୁ, କସକ ଜେନାଙ୍କ ନେତୃତ୍ୱରେ ଏହି ଦାବିପତ୍ର ପତ୍ର ପ୍ରଦାନ କରାଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ ତୀବ୍ର ହେବ ବୋଲି ଛାତ୍ରନେତାମାନେ ଆହ୍ୱାନ ଦେଇଛନ୍ତି।

### ଭାଗବତ ପାରାୟଣ, ପ୍ରବଚନ

ଚୌଦ୍ୱାର,୧୪।୭ (ଆଶୁତୋଷ ଦାସ)

ବାବା ବୈକୁଣ୍ଠନାଥ ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଟିଏମ୍ କଲୋନୀସ୍ଥିତ ବାବା ବୈକୁଣ୍ଠନାଥ ଆଶ୍ରମ ସତ୍ୟନାରାୟଣ ପଡ଼ିଆଠାରେ ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶୁଭାଧିବାସ, କଳସ ଯାତ୍ରା, ଘଟସ୍ଥାପନ, ଗୁରୁ ପୂଜନ, ଘୃତାହୁତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ଧାରାବାହିକ ପ୍ରବକ୍ତା ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସଙ୍କ ଦ୍ୱାରା ଭାଗବତ ପାରାୟଣ ଓ ପ୍ରବଚନ ଅନୁଷ୍ଠିତ ହେଉଛି। ସଞ୍ଜୟ ଜେନା ଓ ବିଜୟ ଲକ୍ଷ୍ମୀ ଜେନା କର୍ତ୍ତା ଓ କର୍ତ୍ତ୍ରୀ ଭାବେ ଘୃତ ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ। ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ସମ୍ପାଦକ ବିଜୟ ଅରିଶୋଲ, ସନ୍ତୋଷ କୁମାର ଧର, ରାଜ କିଶୋର ସାମନ୍ତରାୟ, ରାଜେନ୍ଦ୍ର ପ୍ରଧାନ, ସଚ୍ଚିଦାନନ୍ଦ ପାଲ, ତପନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

## ଚଳଚଞ୍ଚଳ ଧବଳେଶ୍ୱର ପୀଠ

**ଶ୍ରାବଣ ମାସର ପ୍ରଥମ ସୋମବାର**

**ଜଳ ଲାଗିକଲେ ୨୦ ହଜାର କାଉଡ଼ିଆ**

ଖୁଣ୍ଟୁଣୀ,୧୪।୭(ସଚ୍ଚିଦାନନ୍ଦ ପଣ୍ଡା)



ଶ୍ରାବଣ ମାସର ପ୍ରଥମ ସୋମବାରରେ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ଶ୍ରୀଶ୍ରୀ ଧବଳେଶ୍ୱରଙ୍କ ପୀଠରେ ୨୦ ହଜାରରୁ ଉର୍ଦ୍ଧ୍ୱ କାଉଡିଆ ଶ୍ରଦ୍ଧାଳୁ ଜଳଲାଗି କରିଛନ୍ତି। ରବିବାରଠାରୁ ଦୂରଦୁରାନ୍ତରୁ ଆସିଥିବା ମାନସିକ ଧାରୀ ବାବାଙ୍କ ମନ୍ଦିର ଚତୁର୍ପାଶ୍ୱରେ ଓ ବାହାରେ ମଞ୍ଜେଶ୍ୱର ପାଇକେରାପୁର ଗ୍ରାମରେ ରାତ୍ରି ଯାପନ କରି ଭୋରରୁ କଂକ୍ରିଟ ପୋଲ ଉପରେ ଆସି ଧବଳେଶ୍ୱରଙ୍କ ଶ୍ରାବଣୀ ଲିଙ୍ଗରେ ଜଳ ଲାଗି କରିଛନ୍ତି। ନୀତି ପାଳିଆ ସେବକ ପ୍ରମୋଦ କୁମାର ପତ୍ରି ଓ ତାଙ୍କ ସହଯୋଗୀ ପୂଜକ ସମିତି ପକ୍ଷରୁ ରାତି ସାଢ଼େ ୨ଟାରୁ ପହଡ ଖୋଲି ୧୦୮ ଗରା ସୁବାସିତ ଜଳରେ ବାବାଙ୍କୁ ସ୍ନାନ କରିଥିଲେ। ପରେ ମଙ୍ଗଳା ଆଳତୀ ସହିତ ବାଳ ଭୋଗ ଓ ଅନ୍ୟ ସମସ୍ତ ନିତିକାନ୍ତି ଶେଷ କରି ରାତ୍ର ସାଢ଼େ ୩ଟାରୁ ଶ୍ରଦ୍ଧାଳୁମାନଙ୍କୁ ଜଳଲାଗି ପାଇଁ ମନ୍ଦିର ଦ୍ୱାର ଖୋଲା ଯାଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ଦେବୋତ୍ତର ପ୍ରଶାସନ ପକ୍ଷରୁ ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ଓ ସାଗର ଦାସ ଏବଂ ଗୁରୁ ଥାନା ଅଧିକାରୀ ତପନ କୁମାର ପତି, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ରବିବାର ପୀଠରେ ଉପସ୍ଥିତ ରହି ବାରିକେଟ, ଆଲୋକୀକରଣ, ଟଏଲେଟ ପାନୀୟ ଜଳ ବ୍ୟବସ୍ଥାର ତଦାରଖ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଇ ସହ, ଅଗ୍ନିଶମ, ଓଡ୍ରାଫ ଓ ୩ ପ୍ଲାଟୁନ ପୋଲିସ ଫୋର୍ସ ସମେତ ୧୦ଜଣ ପୋଲିସ ଅଫିସ ମୃତୟନ କରାଯାଇଛି। ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭଞ୍ଜ ଓ କାଜଲ ପୀଠରେ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ପକ୍ଷରୁ କଂକ୍ରିଟ ପୋଲଠାରୁ ମନ୍ଦିର ବେଢ଼ା ପର୍ଯ୍ୟନ୍ତ ବ୍ୟାରିକେଡ଼ କରାଯାଇ ଭକ୍ତମାନଙ୍କୁ ସୁବିଧାରେ ଦର୍ଶନ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା।


ଧବଳେଶ୍ୱରଙ୍କ ପୀଠରେ ଜଳଲାଗି କାଉଡ଼ିଆଙ୍କ ଭିଡ଼।

# ନେଟ୍‌ବଲ ଖେଳର ବିକାଶ ପାଇଁ ଆହ୍ୱାନ

କଟକ,୧୪।୭ (କାର୍ତ୍ତିକ ସାହୁ)

**ନିମପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ନୂତନ ନେଟ୍‌ବଲ କୋର୍ଟ ଉଦ୍‌ଘାଟିତ**

କଟକ ଜିଲା ନେଟ୍‌ବଲ ଆସୋସିଏଶନ ପକ୍ଷରୁ ନିମପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ନୂତନ ନେଟ୍ ବଲ କୋର୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। କଟକ ଜିଲା ସଭାପତି ଜୟଦେବ ଜେନାଙ୍କ ଅଧ୍ୟକ୍ଷତାରେ ଶରୀର ଅଙ୍ଗଦାନ ସମିତି ଅଧ୍ୟକ୍ଷ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ନେଟ୍‌ବଲ କୋର୍ଟ ଉଦ୍‌ଘାଟନ କରିଥିଲେ। ଜିଲା ସମ୍ପାଦକ ଦାରିଦ୍ର୍ୟ ଭଞ୍ଜନ ନାୟକ ବିବରଣୀ ପ୍ରଦାନ କରି ନେଟ୍ ବଲ ଖେଳ ସମ୍ପ୍ରସାରଣ ନିଶ୍ଚିତ କରିବାକୁ ମତ ରଖିଥିଲେ। ସମ୍ମାନିତ ଅତିଥି କର୍ପୋରେଟର ପ୍ରତିନିଧି ନାଗେଶ୍ୱର ବେହେରା, କୃଷ୍ଣେଶ୍ୱର ମନ୍ଦିର ଟ୍ରଷ୍ଟି ରଶ୍ମିରଞ୍ଜନ ସାମଲ ଖେଳପଡ଼ିଆରେ ଆନୁଷଙ୍ଗିକ ଉପକରଣ ଯୋଗାଇ ଦେଇ ନେଟବଲ ଖେଳକୁ ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଥିଲେ। ଅନ୍ୟତମ ଅତିଥି ପୂର୍ବତନ ଖେଳାଳି ସିତାଂଶୁ ମହାରଣା ନେଟ୍ ବଲ ଖେଳକୁ ପୁନଃ ଜୀବଦାନ ଦେଇ ଆଗେଇ ନେବା ପାଇଁ ସମସ୍ତ ସହଯୋଗ କାମନା କରିଥିଲେ। ପୂର୍ବତନ ଖେଳାଳି ମାନସ କୁମାର ଭୂୟାଁ, ସଞ୍ଜୟ କୁମାର ସେନାପତି, କ୍ରୀଡ଼ା ଶିକ୍ଷକ ବିଶ୍ୱ ବିଜୟୀ ବେହେରା, କିଶନଜିତ ବେହେରା, ସେକ ସଲ୍ଲାଉଦ୍ଦିନ, ମାମୁନି ଦାସ, ବିକାଶ ସ୍ୱାଇଁ, ଧନଞ୍ଜୟ ବେହେରା, ଅମ୍ବିକା ରଥ, ଏମ୍‌ଡି ଆରିଫ ପ୍ରମୁଖ ଆଗାମୀ ଦିନରେ ନେଟ୍‌ବଲ ଖେଳକୁ ଜିଲା ଓ ଜାତୀୟସ୍ତରର ପ୍ରତିଯୋଗିତାର ପରିଗଣିତ କରିବାକୁ କଟକ ଜିଲା ନେଟ ବଲ ଆସୋସିଏଶନ ଉଦ୍ୟମ ପାଇଁ କହିଥିଲେ। ଜିଲା ଉପସଭାପତି ମହେଶ କୁମାର ମଲ୍ଲ ସଭା ପରିଚାଳନା କରିଥିଲେ। କଟକ ଜିଲା ନେଟ ବଲ କୋଷାଧ୍ୟକ୍ଷ ସୌରମୋହନ ସାମଲ ଧନ୍ୟବାଦ ଦେଇଥିଲେ।



ନେଟ୍‌ବଲ କୋର୍ଟ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଏବଂ ଖେଳାଳି।

### ୨ ମାଙ୍କଡ଼ କାବୁକଲା ବନ ବିଭାଗ: ଗ୍ରାମବାସୀ ଆଶ୍ୱସ୍ତ

କଣ୍ଟାପଡା,୧୪।୭(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ କୁଆଁରପୁର ଗ୍ରାମରେ ଗତ କିଛିଦିନ ହେଲା ଆତଙ୍କ ଖେଳାଇଥିବା ୨ ମାଙ୍କଡକୁ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ସୋମବାର ଟ୍ରାଙ୍କଲାଇଜ କରି କୁରୁ କରିନେଇଛି। ଫଳରେ ମାଙ୍କଡ ଭୟରେ ଥିବା ଗ୍ରାମବାସୀ ଆଶ୍ୱସ୍ତ ହୋଇଛନ୍ତି। ଗତ କିଛିଦିନ ହେଲା ଏକ ମାଙ୍କଡ କୁଆଁରପୁର ଗ୍ରମାର ଯେନାସାହି, ପଣ୍ଡାସାହି, ମାହନ୍ତିସାହି ଓ ଆଚାର୍ଯ୍ୟ ସାହିରେ ଆତଙ୍କ ସୃଷ୍ଟି କରି ୩୦ରୁ ଉର୍ଦ୍ଧ୍ୱ ପିଲା, ଯୁବକ ଓ ବୟସ୍କ ଲୋକଙ୍କୁ ଆକ୍ରମଣ କରି ଆହତ କରିଥିଲା। ଆଉ ଗୋଟିଏ ମାଙ୍କଡ ଗତ ୩/୪ଦିନ ହେଲା ସେହିଭଳି କରିବାରୁ ଗ୍ରାମରେ ଏକପ୍ରକାର ତାଟି କବାଟ ପଡିଯାଇଥିଲା। ବାଗଲପୁର ବନ ବିଭାଗ ଅଧିକାରୀ ସୁଜାତା ନାୟକ, ବନରକ୍ଷୀ ଉତ୍କଳ ବେହେରା, କୃଷ୍ଣଚନ୍ଦ୍ର ବସ୍ତିଆ, ନନ୍ଦନକାନନର ଟ୍ରାଙ୍କୁଲାଇଜ ଟିମ ସଦସ୍ୟ ଦୁଷ୍ମନ୍ତ ସାହୁ ଓ ସୁମିତ ଟୁଡୁ ସୋମବାର ଅପରାହ୍ନରେ ପହଞ୍ଚି ୨ଟି ମାଙ୍କଡକୁ ଟ୍ରଙ୍କୁଲାଇଜ କରିଥିଲେ।

# ହଇଜା, ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

ଚୌଦ୍ୱାର,୧୪।୭ (ଆଶୁତୋଷ ଦାସ)

ଆଗ୍ରାହାଟ ପଞ୍ଚାୟତ ଅନ୍ତର୍ଗତ କୁଜିବର ଗ୍ରାମରେ ହଇଜା ଓ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ୍ କଟକ ଅଭିନବ ଓ କୁଜିବର ଆର୍‌ସିସି ଆନୁକୂଲ୍ୟରେ ସ୍ଥାନୀୟ ଯୁବବର୍ଗ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଡେଙ୍ଗୁ ଓ ହଇଜା ରୋଗର କାରଣ ଓ ଏହାର ନିରାକରଣ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ଏଥି ସହିତ ମହାପୁରୁଷ ସାଧୁସୁନ୍ଦର ପୀଠରେ ଚାରାବୃକ୍ଷ ରୋପଣ କରାଯାଇଥିଲା। ରୋଟାରୀ କ୍ଲବ୍ ସଭାପତି ଜୀବନ ପଟ୍ଟନାୟକ, ସମ୍ପାଦକ ମନୋରମା ଜେନା, ବିଶ୍ୱନାଥ ପଣ୍ଡା, ଉମାକାନ୍ତ ମହାନ୍ତି, ସୁଧାଂଶୁ ଶେଖର ଜେନା, ବିବେକାନନ୍ଦ ଆର୍‌ସିସିର ମାନସ କୁମାର ସାହୁ, କୁଜିବର ଆରସିସିର ଉମେଶ ଚନ୍ଦ୍ର ସାହାଣୀ, ସତ୍ୟଭାମା ମହାରଣାଙ୍କ ସମେତ ସମସ୍ତ ସଦସ୍ୟା ଓ ସଦସ୍ୟ ଅଂଶ ଗ୍ରହଣ କରିଥିଲେ। ବାସୁଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଡେଙ୍ଗୁ ଓ ହଇଜା ପାଇଁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ସରକାରୀ ଜମିରେ ବେଆଇନ ନିର୍ମାଣ ଉପରେ ଅଙ୍କୁଶ

କଟକ ସଦର,୧୪।୭(ସୁଶାନ୍ତ କୁମାର ଜେନା)

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ କଟକ ସଦର ସମେତ ଜିଲାର ୧୪ଟି ବ୍ଲକରେ ବିଭିନ୍ନ ପ୍ରକାର ସ୍ଥାୟୀ ନିର୍ମାଣ ରାଜସ୍ୱ ବିଭାଗ ବିନା ଅନୁମତିରେ କରାଯାଉଥିଲା। ଏଭଳି ନିର୍ମାଣ କଟକ ଜିଲା ମଧ୍ୟରେ ହୋଇପାରିବ ନାହିଁ ବୋଲି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅଙ୍କୁଶ ଲଗାଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୭୦୧୮/୧୦।୭।୨୦୨୫ ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ସିଏମ୍‌ସି, ବ୍ଲକ ସମେତ ସରକାରୀ ନିର୍ମାଣ କାର୍ଯ୍ୟରେ ସମ୍ପୃକ୍ତ ୧୭ଟି ବିଭାଗ ମୁଖ୍ୟମାନଙ୍କୁ ଜିଲାପାଳ ଶିନ୍ଦେ ସତର୍କ କରିଦେଇଛନ୍ତି। ଘଟଣାରୁ ପ୍ରକାଶ କିଶନନଗର ତହସିଲ ଅଞ୍ଚଳରେ ଗୋଚର କିସମ ଜମିରେ ବ୍ଲକ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାୟୀ ନିର୍ମାଣ କରାଯାଉଥିଲା। ବରଦା, କିଶୋରନଗର, ଯଶପଡ଼ା, ଧରିଣା, ଇଶାଣି ବ୍ରହ୍ମପୁର ପଞ୍ଚାୟତରେ ଏଭଳି ନିର୍ମାଣ କାମ ବିଭାଗୀୟ ତତ୍ତ୍ୱାବଧାନରେ କରାଯାଇଥିଲା।

ହାଇକୋର୍ଟଙ୍କ ରାୟକୁ ଭିତ୍ତିକରି କିଶନନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାସ ଏକ ନିର୍ଦ୍ଦେଶନାମା ଜାରିକରି ଗୋଚର, ଅନାବାଦି, ଶ୍ମଶାନ, ଚକନାଳି ଆଦି ସରକାରୀ ଜମିରେ ସ୍ଥାୟୀ ନିର୍ମାଣ ପୂର୍ବରୁ ରାଜସ୍ୱ ବିଭାଗର ଅନୁମତି ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପତ୍ର ସଂଖ୍ୟା ୩୨୬୮/୨୬।୧୧।୨୦୨୪ରେ ନିର୍ଦ୍ଦେଶନାମାର କପି କଟକ ସଦର ବିଡିଓ, ନିଶ୍ଚିନ୍ତକୋଇଲି, ସାଲେପୁର, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପ୍ରଦାନ କରାଯାଇଥିଲା। ଏହି ନିର୍ଦ୍ଦେଶନାମାକୁ କଟକ ସଦର ବ୍ଲକରେ ଅନୁପାଳନ କରାଯାଇ ନ ଥିଲା। ତେଣୁ ବିଶ୍ୱ ଗୋ ସୁରକ୍ଷା ବାହିନୀ ଓଡ଼ିଶା ଶାଖା ସଭାପତି ଆଇନଜୀବୀ ସୁରେଶ କୁମାର ପଣ୍ଡା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ନିକଟରେ ୭ ତାରିଖରେ ଉଭୟ ଅଫ ଓ ଅନଲାଇନରେ ଅଭିଯୋଗ କରିଥିଲେ। ଜିଲାପାଳ ଶିନ୍ଦେ ଜାଣିବା ପରେ ତହସିଲଦାରଙ୍କଠାରୁ ପ୍ରଥମେ ଅନୁମତି ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା କାଠଯୋଡି ଓ ମହାନଦୀ ଜଳଧାର ପାର୍ଶ୍ୱରେ କୌଣସି ପ୍ରକାର ସ୍ଥାୟୀ ନିର୍ମାଣ ସରକାରୀ କିମ୍ବା ବେସରକାରୀ ଜମିରେ କରାଯାଇ ପାରିବ ନାହିଁ ବୋଲି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଥିବାରୁ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଏଡାଇବା ପାଇଁ ସମସ୍ତ ନିର୍ମାଣ ବିଭାଗର ଯନ୍ତ୍ରୀମାନେ ଦୃଷ୍ଟି ଦେବା ପାଇଁ ଉକ୍ତ ପତ୍ରରେ ତାଗିଦ କରାଯାଇଛି।

# ନିରପେକ୍ଷ ତଦନ୍ତ ଦାବିରେ ଏସ୍‌ପି ଅଫିସ ଘେରିଲେ

ଖୋର୍ଦ୍ଧା,୧୪।୭(ପ୍ରଭାତ ପାଣିଗ୍ରାହୀ)


ଏସ୍‌ପିଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଗ୍ରାମବାସୀ ଏବଂ ଜନପ୍ରତିନିଧି।

ମିକ୍ସଚର ପ୍ୟାକେଟରୁ ୧୫୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ ଘଟଣାରେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ କୁଞ୍ଜାରୀ ପଞ୍ଚାୟତର ପୋଡ଼ପାଟଣା ଗ୍ରାମର ମିକ୍ସଚର ବେପାରୀ ପଦ୍ମନାଭ ସାହୁଙ୍କୁ ଖୋର୍ଦ୍ଧା ଅବକାରୀ ବିଭାଗ ଗିରଫ କରି ଜେଲ ପଠାଇଦେଇଛି। ତାଙ୍କୁ ଯୋଜନବଦ୍ଧ ଭାବେ ଫସାଇ ଦିଆଯାଇଛି ବୋଲି ଅଭିଯୋଗ ଆଣି ଗ୍ରାମର ଶତାଧିକ ମହିଳା ପୁରୁଷ, ଜନପ୍ରତିନିଧି ସୋମବାର ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁଙ୍କ ସମେତ ଏକ ୬ଜଣିଆ ପ୍ରତିନିଧିଦଳ ଏସ୍‌ପି ସାଗରିକା ନାଥଙ୍କୁ ଭେଟି ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହି ଘଟଣାର ନିରପେକ୍ଷ ତଦନ୍ତ ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଅଭିଯୋଗପତ୍ର ଏସ୍‌ପିଙ୍କୁ ପ୍ରଦାନ କରିଥିଲେ। ତେବେ ଏହା ଅନ୍ୟ ବିଭାଗର ହୋଇଥିବାରୁ ଏସ୍‌ପି ଗ୍ରହଣ କରିନଥିଲେ, ଏ ସଂକ୍ରାନ୍ତରେ ଅବକାରୀ କମିଶନରଙ୍କ ନିକଟରେ ଅଭିଯୋଗ କରିବାକୁ କହିଥିଲେ। ତେବେ ନିଜ ସ୍ତରରେ ଏହି ଘଟଣାର ତଦନ୍ତ କରିବେ ବୋଲି ପ୍ରତିନିଧି ଟିମ୍‌କୁ ଜଣାଇଥିଲେ।

ଏନେଇ ବେଗୁନିଆ ବିଧାୟକ ପ୍ରଦୀପ କହିଛନ୍ତି ଯେ, ପଦ୍ମନାଭ ପୂର୍ବରୁ ସରପଞ୍ଚ

## ମିକ୍ସଚର ପ୍ୟାକେଟ୍‌ରୁ ବ୍ରାଉନ୍‌ସୁଗାର ଜବତ ଘଟଣା

ହୋଇଥିବା ବେଳେ ଏବେ ଗ୍ରାମ ସଭାପତି ଅଛନ୍ତି। ତାଙ୍କୁ ଷଡ଼ଯନ୍ତ୍ର ପୂର୍ବକ ଫସାଇ ଦିଆଯାଇଛି। ଏ ସଂକ୍ରାନ୍ତରେ ଏସ୍‌ପିଙ୍କ ସହ ଆଲୋଚନା କରାଯାଇଛି। ଆଗକୁ ଅବକାରୀ କମିଶନରଙ୍କ ନିକଟରେ ଅଭିଯୋଗ କରାଯିବ। ପୂର୍ବତନ ବିଧାୟକ ରାଜେନ୍ଦ୍ର କହିଥିଲେ ଯେ, ସେ ଜଣେ ଭଲ ବ୍ୟବସାୟୀ। ଦୀର୍ଘ ବର୍ଷ ଧରି ମିକ୍ସଚର ବ୍ୟବସାୟ କରନ୍ତି। ତାଙ୍କ ନାଁରେ କୌଣସି ଆପରାଧିକ ଅଭିଯୋଗ ନାହିଁ। ହଠାତ୍ ତାଙ୍କୁ ଅବକାରୀ ବିଭାଗ ବ୍ରାଉନ୍‌ସୁଗାର ମାମଲାରେ ଗିରଫ କରିଛି। କେତେଜଣ ଖଳ ପ୍ରକୃତିର ଲୋକ କିମ୍ବା ଅସାଧୁ ବ୍ୟବସାୟୀ ତାଙ୍କୁ ଫସାଇ ଦେଇଛନ୍ତି। ଯେଉଁମାନେ ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି, ତଦନ୍ତ କରାଯାଉ। ଅବକାରୀ କମିଶନର, ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏନେଇ ଅଭିଯୋଗ କରାଯିବ। ପ୍ରକୃତ ଘଟଣା ପଦାକୁ ଆସିବା ଦରକାର ବୋଲି କହିଛନ୍ତି। ସୂଚନାଥାଉ କି, ଗତ ୧୦ ତାରିଖ ରାତିରେ ଖୋର୍ଦ୍ଧା ମୋବାଇଲ ୟୁନିଟ କୌଣସି ସୂତ୍ରରୁ ଖବରପାଇ ପୋଡ଼ପାଟଣା ଗ୍ରାମର ପଦ୍ମନାଭଙ୍କ ଗୋଦାମରେ ଚଢ଼ାଉ କରିଥିଲା। ଫ୍ୟାକ୍ଟ୍ରି ବାହାରେ ଏକ ଜରି ଅଖା ଯାଞ୍ଚ କରିବା ବେଳେ ସେଥିରୁ ୬ଟି ମିକ୍ସର ପ୍ୟାକେଟରୁ ଛୋଟ ଜରି ପୁଡିଆ ବ୍ରାଉନ୍‌ସୁଗାର ଜବତ କରିଥିଲେ। ୧୧ ତାରିଖରେ ମିକ୍ସଚର ବେପାରୀ ପଦ୍ମନାଭ ଏବଂ ରଞ୍ଜନ କୁମାର ମହାପାତ୍ରଙ୍କୁ ଅବକାରୀ ବିଭାଗ ଗିରଫ କରି କୋର୍ଟଚାଲାଣ କରିଥିଲା। ଉକ୍ତ ଦିନ ଗ୍ରାମର ଶତାଧିକ ଗ୍ରାମବାସୀ ଏହାକୁ ବିରୋଧ କରି ଅବକାରୀ କାର୍ଯ୍ୟାଳୟ ଘେରାଉ କରିଥିଲେ। ପଦ୍ମନାଭ ନିର୍ଦ୍ଦୋଷ, ତାଙ୍କୁ ଷଡ଼ଯନ୍ତ୍ର ପୂର୍ବକ ଫସାଇ ଦିଆଯାଇଛି ବୋଲି ଅଭିଯୋଗ ଆଣି ଅବକାରୀ ଏବଂ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ।

# ‘ପ୍ରାଥମିକ ଶିକ୍ଷା ମାତୃଭାଷାରେ ହେବା ଜରୁରୀ’


କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରୀୟ ବିଦ୍ୟାଳୟ ଅସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ କରୁଛନ୍ତି।

ଖୋର୍ଦ୍ଧା,୧୪।୭(ପ୍ରଭାତ ପାଣିଗ୍ରାହୀ)

## କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସର ଭୂମିପୂଜନ, ଅସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ କଲେ ଧର୍ମେନ୍ଦ୍ର

ଖୋର୍ଦ୍ଧା ଆଇଟିବିପି ପରିସରରେ ସୋମବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ପାଇଁ ଭୂମିପୂଜନ ସହ ଅସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ କହିଥିଲେ ଯେ, ଚଳିତ ବର୍ଷ ଏକକାଳୀନ ୮ଟି କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ ହୋଇଛି। ଏସବୁକୁ ମିଶାଇ ଓଡ଼ିଶାରେ ମୋଟ୍ ୭୫ଟି କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିଛି । ସବୁ ସବ୍‌ଡିଭିଜନରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବାର ଆବଶ୍ୟକତା ରହିଛି। ୪୫ଟି ସବ୍‌ଡିଭିଜନରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲି ସାରିଲାଣି । ଅନ୍ୟ ସବ୍‌ଡିଭିଜନଗୁଡିକରେ ଖୁବ୍‌ଶୀଘ୍ର ଖୋଲିବ କେନ୍ଦ୍ରୀୟ ବିଦ୍ୟାଳୟ। ଖୋର୍ଦ୍ଧା ଅଞ୍ଚଳର ଏହା ଦଶମ ସ୍କୁଲ। ଅସ୍ଥାୟୀ କ୍ୟାମ୍ପସରେ ସ୍କୁଲ ଖୋଲିଥିବା ବେଳେ ସ୍ଥାୟୀ କ୍ୟାମ୍ପସ କାମ ୨ରୁ ୩ବର୍ଷ ମଧ୍ୟରେ ଶେଷ ହେବ। ଓଡ଼ିଶା ଇତିହାସରେ ଖୋର୍ଦ୍ଧାର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଆସିଛି। ଯେଉଁ ରାଜ୍ୟର ପିଲା ହୁଅନ୍ତୁ, ପ୍ରାଥମିକ ଶିକ୍ଷା ମାତୃଭାଷାରେ ହେବା ଦରକାର। ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ମାତୃଭାଷାରେ ପାଠ ପଢ଼ିଲେ ପିଲାମାନେ ଅବଦୁଲ କଲାମ ଓ ନରେନ୍ଦ୍ର ମୋଦିଙ୍କ ଭଳି ହୋଇପାରିବେ। ୨୦୩୬ ସୁଦ୍ଧା ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ହେଲେ ଆମକୁ ମାତୃଭାଷାରେ ଶିକ୍ଷା ପ୍ରଦାନ, ଡିଗ୍ରୀ ଅପେକ୍ଷା ଦକ୍ଷତା ବୃଦ୍ଧି ଏବଂ ଶିକ୍ଷାରେ ଏଆଇ ଭଳି ଅଗ୍ରଣୀ ଟେକ୍ନୋଲୋଜିର ବ୍ୟବହାରକୁ ପ୍ରାଥମିକତା ଦେବାକୁ ପଡ଼ିବ। ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ଆଇଟିବିପି ପରିସରରେ ଶହୀଦ ସ୍ମାରକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଭାରପ୍ରାପ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଆଇଟିବିପି ୪୧ବାଟାଲିୟନ କମାଣ୍ଡାଣ୍ଟ ନରେନ୍ଦ୍ର ସିଂହ, କେନ୍ଦ୍ରୀୟ ବିଦ୍ୟାଳୟ ଓଡ଼ିଶା ଡେପୁଟି କମିଶନର ଡ.ଶିହରଣ ବୋଷ, ଏସ୍‌ପି ସାଗରିକା ନାଥ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲାପାଳ କିଶୋର କୁମାର ପଣ୍ଡା, ଆଇଟିବିପି ଜନସମ୍ପର୍କ ଅଧିକାରୀ ଅଚ୍ୟୁତାନନ୍ଦ ବଳ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବ ଶତ୍ରୁତାରୁ ଭୁଜାଲି ଚୋଟ, ବାପପୁଅ ଗୁରୁତର

ଟାଙ୍ଗୀ,୧୪।୭(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ମଙ୍ଗଳାଯୋଡ଼ିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରବିବାର ପଡ଼ୋଶୀଙ୍କ ଭୁଜାଲି ଆକ୍ରମଣରେ ବାପପୁଅ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଝାଡୁ ବେହେରା (୭୦) ଏବଂ ତାଙ୍କ ପୁଅ ବିକାଶ ବେହେରା(୧୮)। ଝାଡୁଙ୍କ ମୁଣ୍ଡରେ ଗଭୀର କ୍ଷତ ହେବା ସହ ବିକାଶଙ୍କ ମୁହଁରେ କ୍ଷତ ହୋଇଛି। ପରିବାର ଲୋକେ ଉଭୟଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅଧିକ ଚିକିତ୍ସା ପାଇଁ ସେମାନଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଉଭୟ ପରିବାର ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଏନେଇ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।


ଶ୍ରାବଣ ମାସ ପ୍ରଥମ ସୋମବାର ଅବସରରେ ବାଲୁଗାଁ ଉମାମହେଶ୍ୱର ଦେବଙ୍କ ପୀଠରେ ଜଳଲାଗି ପାଇଁ ଅପେକ୍ଷାରତ କାଉଡ଼ିଆମାନେ।

# ଶୈବପୀଠରେ ଜଳଲାଗି କଲେ କାଉଡ଼ିଆ

ଖୋର୍ଦ୍ଧା,୧୪।୭(ପ୍ରଭାତ ପାଣିଗ୍ରାହୀ)

ଶ୍ରାବଣ ମାସ ପ୍ରଥମ ସୋମବାର ପାଇଁ ଖୋର୍ଦ୍ଧା ଜିଲାର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ରହିଥିଲା। ଓଁ ନମଃ ଶିବାୟ ଏବଂ ହର ହର ମହାଦେବ ଧ୍ୱନିରେ କମ୍ପିଥିଲା ପରିବେଶ। ଗୁରୁଜଙ୍ଗସ୍ଥିତ ବାବା ଧବଳେଶ୍ୱର, ଶ୍ରୀଲୋକେଶ୍ୱର, ଚନ୍ଦ୍ରଶେଖର, ସ୍ୱପ୍ନେଶ୍ୱର, ତାରକେଶ୍ୱର, ସିଦ୍ଧେଶ୍ୱର, ବାଘମାରୀ ଅତ୍ରି ସ୍ଥିତ ପ୍ରସିଦ୍ଧ ଏକାଦଶ ରୁଦ୍ର ବାବା ହଟକେଶ୍ୱର, ବାଲୁଗାଁ ଅଞ୍ଚଳର ଉମାମହେଶ୍ୱର ଦେବ, ଗୋଡ଼ାସ୍ଥିତ ଗୋଡାଲୋକନାଥଙ୍କ ପୀଠ ସମେତ ଜିଲା ସମସ୍ତ ଶୈବପୀଠରେ କାଉଡିଆମାନେ ଧାଡ଼ିରେ ଯାଇ ଜଳଲାଗି କରିଥିଲେ। ଧବଳେଶ୍ୱର, ଲୋକେଶ୍ୱର, ହଟକେଶ୍ୱର ଏବଂ ଗୋଡ଼ା ଲୋକନାଥଙ୍କ ପୀଠରେ ପ୍ରବଳ ଭିଡ ଜମିଥିଲା। ତେବେ ଶୃଙ୍ଖଳିତ ଦର୍ଶନ ଓ ଜଳଲାଗି ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

# ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଘଟଣା: ସ୍ୱାମୀ, ଶ୍ୱଶୁର ଗିରଫ

କୃଷ୍ଣପ୍ରସାଦ,୧୪। ୭(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅଧୀନ ଗୋପକୁଦା ଗ୍ରାମରେ ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଘଟଣାରେ ପୋଲିସ ସୋମବାର ଅଭିଯୁକ୍ତ ସ୍ୱାମୀ ରାମଚନ୍ଦ୍ର ଦଳେଇ ଏବଂ ଶ୍ୱଶୁର ପୂର୍ଣ୍ଣ ଚନ୍ଦ୍ର ଦଳେଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂଚନା ମୁତାବକ, ଗୋପକୁଦା ଗ୍ରାମର ରାମଚନ୍ଦ୍ର ୧୪ବର୍ଷ ପୂର୍ବେ ସାତପଡା ଗଡ଼ର ବେଣୁଧର ପରିଡାଙ୍କ ଝିଅ ସସ୍ମିତାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ସସ୍ମିତାଙ୍କୁ ବାପଘରୁ ଅଧିକ ଯୌତୁକ ଆଣିବା ପାଇଁ ଶାଶୁଘର ଲୋକେ କହିଥିଲେ। ସେ ଏଥିରେ ଅରାଜି ହେବାରୁ ତାଙ୍କ ସ୍ୱାମୀ ଓ ଶ୍ୱଶୁର ନିର୍ଯାତନା ଦେଇଆସୁଥିଲେ। ଯୌତୁକ ପାଇଁ ଗତ ୭ ତାରିଖରେ ତାଙ୍କ ଝିଅଙ୍କୁ ଶାଶୁଘର ଲୋକେ ମାରିଦେଇଛନ୍ତି ବୋଲି ବେଣୁଧର କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୫୪/୨୫)ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। କୃଷ୍ଣପ୍ରସାଦ ଆଇଆଇସି ଭାଗଗ୍ରାହୀ ରାଉତଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଚନ୍ଦ୍ରଶେଖର ନାୟକ ସଦଳବଳେ ଚଢ଼ାଉ କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଯାଁଳା,୧୪।୭(ବୁଲା ବାରିକ)

୧୬ନମ୍ବର ଜାତୀୟ ରାଜପଥର ପିତାପଲ୍ଲୀ ଛକ ନିକଟରେ ସୋମବାର ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏକ ସିମେଣ୍ଟ ମିକ୍ସର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିତାପଲ୍ଲୀ ଅଞ୍ଚଳର ଗୁଣ୍ଡ ସେନାପତି (୪୭)। ସୂଚନା ମୁତାବକ, ଅପରାହ୍ନ ପ୍ରାୟ ୫ଟାରେ ଗୁଣ୍ଡ ବାଇକରେ ପିତାପଲ୍ଲୀରୁ ଜଟଣୀ ରାସ୍ତା ଅଭିମୁଖେ ଯାଉଥିଲେ। ଏକ ସିମେଣ୍ଟ ମିକ୍ସର ଟ୍ରକ୍ ଦ୍ରୁତଗତିରେ ଆସି ଗୁଣ୍ଡଙ୍କ ବାଇକ୍ ପଛକୁ ଧକ୍କା ଦେଇଥିଲା। ଫଳରେ ଗୁଣ୍ଡ ଗାଡିରୁ ଛିଟିକି ତଳେପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ମୃତଦେହ ଜବତ କରିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

# ସଚେତନ ହେଲେ ପରିବେଶ ସୁରକ୍ଷିତ ହେବ



ଚାରାରୋପଣ ଅବସରରେ ଅତିଥି, ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ଜଟଣୀ,୧୪।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀରେ ଇକୋ କ୍ଲବ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଘୁନାଥ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଇଣ୍ଡସ ବୈଷୟିକ ବିଦ୍ୟାଳୟର ଅଧ୍ୟକ୍ଷ ଡ.ଜିତେନ୍ଦ୍ର ପାତ୍ର, ଭାରତ ବିକାଶ ଅଭିଯାନ ଅଧ୍ୟକ୍ଷ ଭକ୍ତିରଞ୍ଜନ ପଲାଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାଗୀରଥି ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବିରଞ୍ଚି ବେହେରା, କନ୍ତିଆ ପଞ୍ଚାୟତ ସେମିତି ସଭ୍ୟ ଭୀମସେନ ଭୁଜବଳ, ମୋ ସ୍କୁଲ ସଭାପତି ନାରାୟଣ ବେହେରା ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ପ୍ରଧାନ ଶିକ୍ଷକ ଅକ୍ଷୟ ପ୍ରଧାନ ସଭାପତିତ୍ୱ କରିଥିଲେ। ଚିତ୍ତରଞ୍ଜନ ସାହୁ, ବିପିନ ଦାସ, କିଶୋର ସୁବୁଦ୍ଧି, ସାବିତ୍ରୀ ମିଶ୍ର, ଗଣେଶ ବେହେରା, ଶିକ୍ଷକ ନରେନ୍ଦ୍ର କୁମାର ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଟାଙ୍ଗୀ,(ରଘୁନାଥ ସାହୁ):** ସୁନ୍ଦରପୁରସ୍ଥିତ ମୁକ୍ତେଶ୍ୱର ଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମା’ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ସମସ୍ତେ ନିଜ ମା’ଙ୍କ ପାଇଁ ଗୋଟିଏ ଗୋଟିଏ ଚାରା ଲଗାଇବା ସହ ତାର ଯତ୍ନ ନେବା ଲାଗି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଲିଲିପ୍ସା କୁମାରୀ ଜେନା, ବରିଷ୍ଠ ଶିକ୍ଷକ ସଲିଳ କୁମାର ସ୍ୱାଇଁ, ପ୍ରସନ୍ନ କୁମାର ମଙ୍ଗରାଜ, ଅମିତ କୁମାର ଚକ୍ରବର୍ତ୍ତୀ, ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ସନ୍ତୋଷ ବେହେରା, ପ୍ରଶାନ୍ତ ସାହୁ, ମାଧବ ମହାରଣା, ସତ୍ୟନାରାୟଣ ପଣ୍ଡା, ଶିକ୍ଷୟିତ୍ରୀ ପ୍ରତିମା ସାହୁ, ମୀନାକ୍ଷୀ ବେହେରା, ସବିତା ବେହେରା, ଚିନ୍ମୟୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା

# ୧୨୩ ଅଭିଯୋଗରୁ ୨୦ ସାମୂହିକ ସମସ୍ୟା

ବାଲିପାଟଣା, ୧୪।୭ (ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅନ୍ତର୍ଗତ ତୁରିନ୍ତିରା ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ସୋମବାର ବ୍ଲକସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ୍ ୧୨୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୦୩ଟି ବ୍ୟକ୍ତିଗତ ଏବଂ ୨୦ଟି ସାମୂହିକ ସମସ୍ୟା ରହିଥିଲା। ୩ଜଣଙ୍କ ସମସ୍ୟା ତତ୍କାଳ ସମାଧାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି, ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା କସ୍ତୁରୀବାଳା ସ୍ୱାଇଁ, ତହସିଲଦାର ତଥା ବିଡିଓ କଳ୍ପନା ଦାସ,ଏଲବିଏମ୍ ଅଜୟ କୁମାର ବେହେରା,ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ପ୍ରଭାତ କୁମାର ରଥ, ସରପଞ୍ଚ ମିତାରାଣୀ ମଲ୍ଲିକ, ସମିତିସଭ୍ୟ ସନାତନ ସେଠୀ, ସାଂସଦଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ, ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀକାନ୍ତ କୁମାର ବେହେରାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟଜ୍ୟୋତି ଭୁଞିଆ ଏବଂ ସଂଗ୍ରାମ କେଶରୀ ଦାସ ଶିବିର ପରିଚାଳନା କରିଥିଲେ।

# ପରିବା ଦରକୁ ନେଇ ଚିନ୍ତାରେ ଖାଉଟି

ଜଟଣୀ,୧୪।୭(ରବୀନ୍ଦ୍ରନାଥ ମହାକୁଡ଼)

ହିନ୍ଦୁମାନଙ୍କ ପବିତ୍ର ମାସ ଶ୍ରାବଣର ଆଜି ପ୍ରଥମ ସୋମବାର। ଶ୍ରାବଣ ଆରମ୍ଭରୁ ଜଟଣୀ ପରିବା ବଜାରରେ ପନିପରିବା ଦର ଆକାଶ ଛୁଆଁ। ଦର ଉପରେ ଲଗାମ ନାହିଁ। ବର୍ତ୍ତମାନ ପରିବା ଦର ଚିନ୍ତା ବ୍ରତଧାରୀଙ୍କୁ ଘାରିଛି। ଡ୍ରାଇଭରମାନଙ୍କ ଆନ୍ଦୋଳନ ଏବଂ ଶ୍ରାବଣ ମାସ ସାଧାରଣଲୋକଙ୍କ ହାଣ୍ଡିଶାଳକୁ ପ୍ରଭାବିତ କରୁଥିଲା ବେଳେ ଲୋକେ ଏବଂ ବ୍ରତଧାରୀ କ’ଣ ଖାଇବେ ନ ଖାଇବେ ସେହି ଚିନ୍ତାରେ। ୫୦୦ ଟଙ୍କାରେ ବି ବ୍ୟାଗ୍ ଭରୁନି। ଆଳୁ ଏବଂ ପିଆଜ, କଞ୍ଚା ଲଙ୍କା ଏବଂ ଅଦାକୁ ଛାଡ଼ିଦେଲେ ସବୁଜ ପରିବାକୁ କେତେ ଆଣିବେ, କ’ଣ ଆଣିବେ ତାକୁ ନେଇ ବ୍ୟତିବ୍ୟସ୍ତ ଲୋକେ। ଜଟଣୀର ପ୍ରମୁଖ ପନିପରିବା ଗୋଲେଇ ରେଲ୍‌ୱେ ମାର୍କେଟରେ ଏବଂ ସୀତାରାମ ଛକରେ ବାଇଗଣ କି.ଗ୍ରା. ୧୦୦ଟଙ୍କାରେ ବିକ୍ରି ହେଉଥିଲା ବେଳେ ଝୁଡୁଙ୍ଗ ୮୦, ଜହ୍ନି ୬୦, କାଙ୍କଣ ୬୦, ପୋଟଳ ୬୦, ଟମାଟୋ ୪୦, ସାରୁ ୬୦, ଭେଣ୍ଡି ୬୦, କାକୁଡ଼ି ୮୦, ସବୁ ଶ୍ରାବଣରେ ସବୁ ପନିପରିବା ୬୦ ଟଙ୍କା ଉପରେ ବିକ୍ରି ହେଉଛି। ନିରାମିଷ ଖାଉଥିବା ଲୋକେ କେବଳ କାମ ଚଳେଇବା ପାଇଁ ପରିବା ଆଣୁଥିବା ଗ୍ରାହକ ଦୀପକ କୁମାର ସାହୁ କହିଛନ୍ତି। ପନିପରିବା ଉପରେ ସ୍ଥାନୀୟ ପ୍ରଶାସନର ସେମିତି କିଛି ଲଗାମ ନ ଥିବାରୁ ପରିବା ବ୍ୟବସାୟୀ ମନଇଚ୍ଛା ଦରରେ ବିକ୍ରି କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଜଟଣୀ ନଗର ଭାଜପା ସମ୍ପାଦକ ପ୍ରଭାସ ମହାକୁଡ଼ ଦାବି କରିଛନ୍ତି।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ବୋଲଗଡ଼,୧୪।୭(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ମହିଳା ଶିଶୁବିକାଶ ପ୍ରକଳ୍ପର ବରିଷ୍ଠ କର୍ମଚାରୀ ମନୋରଞ୍ଜନ ସାହୁଙ୍କର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସୋମବାର ସ୍ଥାନୀୟ ନନ୍ଦିଘୋଷ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନୱାଡି କର୍ମୀ ସହାୟକ ସଂଘ ବରିଷ୍ଠ ଉପଦେଷ୍ଟା ଗଙ୍ଗାଧର ଦାଶଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସଂଘ ସଭାନେତ୍ରୀ ମେରିୟା ବେଗମ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରକଳ୍ପ ଅଧିକାରିଣୀ ସୁଷମା ପ୍ରଧାନ, ମୁଖ୍ୟବକ୍ତା ବରିଷ୍ଠ କର୍ମଚାରୀ ସମ୍ରାଟ ଆରିସଲ, ସମ୍ମାନିତ ଅତିଥିଭାବେ ମମତା କାର୍ଯକ୍ରମ ମୁଖ୍ୟ ବିଷ୍ଣୁପ୍ରିୟା ବାରିକ, ନମିତାରାଣୀ ମଙ୍ଗରାଜ, ଶର୍ମିଷ୍ଠା ବାରିକ, ଲିଲି ଟିର୍କୀ, ଭବାନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦାୟୀ କର୍ମଚାରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ଉପସଭାନେତ୍ରୀ ପ୍ରତିମା ଦେଇ, ସଙ୍ଗଠନ ସମ୍ପାଦିକା ନମିତାରାଣି ପ୍ରଧାନ, ସହସମ୍ପାଦିକା ପ୍ରଭାସିନୀ ମହାରଣା, କୋଷାଧ୍ୟକ୍ଷା ରେଣୁବାଳା ଦେଇ, ପ୍ରବୀଣା ରଣସିଂହ, ଶାନ୍ତିଲତା ଦେଇ, ଲକ୍ଷ୍ମୀ ଦେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଜାମୁକୋଳିର ଚାହିଦା ବଢୁଛି



ବାଘମାରୀ,୧୪।୭(ମିହିର ରଞ୍ଜନ ମହାପାତ୍ର)

ଆରମ୍ଭ ହେଇଛି ବର୍ଷାଋତୁ। ଏହି ଋତୁରେ ଫଳୁଥିବା ଜାମୁକୋଳି ଖାଇବାକୁ ଲୋକମାନେ ଅପେକ୍ଷା କରିଥାନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ବାଘମାରୀ–କଳାପଥର ରାସ୍ତାକଡ଼ରେ ଜମୁଛି ଜାମୁକୋଳିବେପାର। ଗୋବିନ୍ଦପୁରର ବିରଞ୍ଚି ବେହେରା, ଦୁର୍ଗାପୁରର ସନା ସାହୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ରାସ୍ତାକଡ଼ରେ ତାଙ୍କର ପସରା ମେଲାଇଛନ୍ତି। ଏହି ଜାମୁକୋଳି କିଣିବାକୁ ଲୋକଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳୁଛି। ବିଶେଷ କଥା ହେଲା, ଏଠାରେ ଓଜନ ନ ହୋଇ କୋଳିଗୁଡ଼ିକୁ ଭାଗ କରି ରଖାଯାଇଥାଏ। ବିରଞ୍ଚିଙ୍କ କହିବାନୁଯାୟୀ, ଏହି କୋଳିକୁ ନାଳ, ଜୋର କୂଳ ଏବଂ ଜଙ୍ଗଲରୁ ସଂଗ୍ରହ କରିଥାଉ। ଜାମୁ କୋଳି ସାଧାରଣତଃ ଦୁଇ ପ୍ରକାରର ଜମ୍ବୁଲ ଏବଂ ଜାମୁକୋଳି। ଜମ୍ବୁଲ କୋଳି ବିଭିନ୍ନ ଜଙ୍ଗଲରୁ ଆଉ ଜାମୁକୋଳି ପାଖ ନାଳ ଏବଂ ଜୋରକୂଳରୁ ଆମେ ସଂଗ୍ରହ କରିଥାଉ। ତାକୁ ଘରକୁ ଆଣି ଭଲଭାବରେ ଧୋଇ ସଫା କରି ବିକ୍ରୟ ପାଇଁ ଆଣିଥାଉ। ପ୍ରତି ଭାଗକୁ ୨୦ଟଙ୍କାରେ ବିକ୍ରି କରିଥାଉ। ଗ୍ରାହକମାନଙ୍କର କହିବା କଥା ଏହି କୋଳିରେ ବହୁତ ମାତ୍ରାରେ ଔଷଧୀୟ ଗୁଣ ରହିଛି, ଏହାକୁ ଖାଇଲେ ଡାଇବେଟିସ, ବ୍ଲଡ୍‌ପ୍ରେସର ଏବଂ ହୃଦ୍‌ରୋଗ ପାଇଁ ଲାଭଦାୟକ ହୋଇଥାଏ।

# ଆର୍‌ଆଇ କାର୍ଯ୍ୟାଳୟ ନିର୍ମାଣକୁ ନେଇ ବିବାଦ ତେଜିଲା

## କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ରଥିପୁର ଗ୍ରାମବାସୀଙ୍କ ଦାବି

ଜଟଣୀ,୧୪।୭(ରବୀନ୍ଦ୍ରନାଥ ମହାକୁଡ଼)


ରଥିପୁରରେ ନିର୍ମାଣାଧୀନ ଆର୍‌ଆଇ କାର୍ଯ୍ୟାଳୟ।


ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଥିବା ରଥିପୁର ଗ୍ରାମବାସୀ।

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ସ୍ଥାୟୀ କାର୍ଯ୍ୟାଳୟ ରଥିପୁରରେ ନିର୍ମାଣକୁ ନେଇ ବିରୋଧ ହୋଇଆସୁଛି। ଅପରପଟେ ସୋମବାର ରଥିପୁର ଗ୍ରାମର ବରିଷ୍ଠ ରାଜନେତା ପଦ୍ମଚରଣ ସୁବୁଦ୍ଧିଙ୍କ ନେତୃତ୍ୱରେ ଗ୍ରାମବାସୀ ରଥିପୁରଠାରେ ଉକ୍ତ ନିର୍ମାଣାଧୀନ ଆର୍‌ଆଇ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ କରିବା ପାଇଁ ଅତିରିକ୍ତ ତହସିଲଦାରଙ୍କୁ ଭେଟି ଦାବି କରିଛନ୍ତି। ଫଳରେ ଆର୍‌ଆଇ କାର୍ଯ୍ୟାଳୟ ନିର୍ମାଣକୁ ନେଇ ବିବାଦ ତେଜିବାରେ ଲାଗିଛି।

ସୂଚନାଥାଉ କି, ରଥିପୁରଠାରେ କୁଦିଆରୀ ଆର୍‌ଆଇ କାର୍ଯ୍ୟାଳୟ ନିର୍ମାଣ ନେଇ କୌଣସି ଉପଯୁକ୍ତ ସମାଧାନ ନ ହେବା ପର୍ଯ୍ୟନ୍ତ ବନ୍ଦ କରିବା ପାଇଁ ସ୍ଥାନୀୟ ତହସିଲ ପ୍ରଶାସନ ଗତ ୯ତାରିଖରେ ଗ୍ରାମ୍ୟ ଉନ୍ନୟନ ବିଭାଗ(ଆରଡି)ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି ବୋଲି ନଗରପାଳ ଅନନ୍ତ ବେହେରା କହିଥିଲେ। କୁଦିଆରୀ ରାଜସ୍ୱ ନିରୀକ୍ଷକଙ୍କ ଚିଠି ସଂଖ୍ୟା ୭୨୨ ଅନୁସାରେ ରଥିପୁରଠାରେ ନିର୍ମାଣାଧୀନ ଆର୍‌ଆଇ କାର୍ଯ୍ୟାଳୟ ଜମି ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ ମାର୍ଫତ୍ ଶ୍ରୀମନ୍ଦିର ପରିଚାଳନା କମିଟି ନାମରେ ରହିଥିବା ବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ଏନ୍‌ଓସି ନ ଆଣି ରଥିପୁରଠାରେ କାର୍ଯ୍ୟାଦେଶ ପାଇଥିବା ଠିକା ସଂସ୍ଥା ଆର୍‌ଆଇ କାର୍ଯ୍ୟାଳୟ ନିର୍ମାଣ କରୁଥିବାରୁ ଏହାକୁ ବନ୍ଦ କରିବା ପାଇଁ ଚିଠିରେ ଉଲେଖ ରହିଛି। ତେବେ କେଉଁ ଆଇନ ବଳରେ ରଥିପୁରଠାରେ ଆରଆଇ କାର୍ଯ୍ୟାଳୟ ନିର୍ମାଣ ହେଉଛି ବୋଲି ଗତ ୧୦ତାରିଖରେ କୁଦିଆରୀ ଦଶଦୋଳ ମେଳଣ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଶ୍ନ କରାଯାଇଥିଲା। ସୋମବାର ଏନେଇ ଦଶଦୋଳ ମେଳଣ କମିଟି ସଭାପତି ସୁଦର୍ଶନ ସୁନ୍ଦରାୟ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ରଥିପୁରଠାରେ ନିର୍ମାଣାଧୀନ ଆର୍‌ଆଇ କାର୍ଯ୍ୟାଳୟ ଜମି ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ପୁରୀ ନାମରେ ନାହିଁ, ତାହା ଓଡ଼ିଶା ସରକାରଙ୍କ ନାମରେ ରେକର୍ଡଭୁକ୍ତ ରହିଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନ୍‌ଓସି ମାଗିବା ହାସ୍ୟାସ୍ପଦ ଘଟଣା ବୋଲି ପଦ୍ମଚରଣ ସୁବୁଦ୍ଧି କହିବା ସହିତ ବର୍ତ୍ତମାନ ଯେଉଁ ସ୍ଥାନରେ କାର୍ଯ୍ୟାଳୟ ନିର୍ମାଣ କରାଯାଉଛି ତାହା ଉଚିତ ସ୍ଥାନରେ ପ୍ରଶାସନ କରୁଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ମହିଳା କାଉଡ଼ିଆ ଗୁରୁତର

ବାଣପୁର,୧୪।୭(ଦିଲୀପ କୁମାର ସ୍ୱାଇଁ)

ଶ୍ରାବଣ ମାସର ପ୍ରଥମ ସୋମବାରରେ ବାଲୁଗାଁ ଉମା ମହେଶ୍ୱର ଦେବଙ୍କ ପୀଠରେ ଜଳଲାଗି କରିବା ପାଇଁ ଆସୁଥିବା ଜଣେ ମହିଳା କାଉଡ଼ିଆ ଲଙ୍ଗଳେଶ୍ୱର ନିକଟ ୧୬ ନମ୍ବର ଜାତୀୟ ରାଜପଥରେ ଗାଡ଼ି ଧକ୍କାରେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବାଣପୁର ଥାନା ଅଞ୍ଚଳର ସୁଜ୍ଞାନୀ ନାୟକ। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି । ସୂଚନା ମୁତାବକ, ବାଣପୁର ଅଞ୍ଚଳର ସୁଜ୍ଞାନୀଙ୍କ ସହିତ କେତେଜଣ ମହିଳା ବାଲୁଗାଁ ଉମା ମହେଶ୍ୱରଙ୍କ ପୀଠରେ ଜଳଲାଗି ନିମନ୍ତେ ଗଞ୍ଜାମ ଜିଲା ଋଷିକୁଲ୍ୟା ନଦୀକୁ ଯାଇଥିଲେ। ସେଠାରୁ ପାଣିଆଣି ବାଲୁଗାଁ ଅଭିମୁଖେ ରାସ୍ତାରେ ଆସୁଥିବା ବେଳେ ଲଙ୍ଗଳେଶ୍ୱର ନିକଟରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ।

### ବିଗ୍ରହ ସ୍ଥାନାନ୍ତର କରାଯିବ: ଜିଲାପାଳ

#### ପାର୍କିଂରେ ଜରିପାଲ ତଳେ ମହାପ୍ରଭୁଙ୍କ ବିଗ୍ରହ ଘଟଣା

ପୁରୀ,୧୪।୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଚିତ୍ତବିନୋଦନ ଉଦ୍ୟାନ ଭାବେ ଜଣାଶୁଣା ଜଗନ୍ନାଥବଲ୍ଲଭସ୍ଥିତ ବହୁତଳ ପାର୍କିଂରେ ଦାରୁଦିଅଁଙ୍କ ପ୍ରତୀକାତ୍ମକ ବିଗ୍ରହମାନଙ୍କୁ ବାନ୍ଧିବୁନ୍ଧି ଅସୁରକ୍ଷିତ ଭାବେ ରଖାଯାଇଥିବା ନେଇ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ପ୍ରଶାସନ ତୁରନ୍ତ ମୂର୍ତ୍ତିଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ନେବା ସହ ଉଚିତ ସମ୍ମାନ ଦେବାକୁ ଦାବି କରାଯାଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ପ୍ରତିମୂର୍ତ୍ତିଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି। ଚତୁର୍ଦ୍ଧାବିଗ୍ରହଙ୍କ ୧୦୦ଟି ପ୍ରତୀକାତ୍ମକ ବିଗ୍ରହ ଶ୍ରୀଜଗନ୍ନାଥ ବଲ୍ଲଭ ବହୁତଳ ପାର୍କିଂରେ ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ଗଣମାଧ୍ୟମରୁ ସୂଚନା ମିଳିଥିଲା। ପରେ ସଂପୃକ୍ତ ନିଯୋଗ ଅର୍ଥାତ୍ ସିଂହାରୀ ନିଯୋଗ ସହ ଆଲୋଚନା କରାଯାଇଥିଲା। କାରଣ ସିଂହାରୀ ନିଯୋଗ ଜିମାରେ ତାହା ରହିବା କଥା। ଆଲୋଚନା ପରେ ବିଗ୍ରହଗୁଡ଼ିକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

### ଝଗଡ଼ା ନ କରିବାକୁ କହିବାରୁ ଆକ୍ରମଣ, ୩ ଗିରଫ

ଭୁବନେଶ୍ୱର,୧୪।୭
(ସତ୍ୟଜିତ୍ ରାଉତ)

ଝଗଡ଼ା ନ କରିବାକୁ କହିବାରୁ ଆକ୍ରମଣ ମାମଲାରେ ନୟାପଲ୍ଲୀ ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପିଣ୍ଟନ ନାୟକ, ମାନସ ନାୟକ ଓ ସେକ୍ ଅବଦୁଲ ଓରଫ ମୁନା। ରବିବାର ସକାଳେ ୩ ଅଭିଯୁକ୍ତ ଏବଂ ତାଙ୍କର କେତେଜଣ ସହଯୋଗୀ ନିଶାସକ୍ତ ଅବସ୍ଥାରେ ସିଆରପି ମୁଣ୍ଡା ସାହିରେ ଥିବା ବାଦଲ ବେହେରାଙ୍କ ଦୋକାନ ନିକଟରେ ଝଗଡ଼ା କରୁଥିଲେ। ଏହାଦେଖି ଝଗଡ଼ା ନ କରିବାକୁ ବାଦଲ ସେମାନଙ୍କୁ କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତମାନେ ଲାଠିରେ ବାଦଲଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ବାଦଲ ଗୁରୁତର ହୋଇଥିଲେ। ଏନେଇ ଭାଇ ପ୍ରକାଶଙ୍କ ଏତଲାକ୍ରମେ ପୋଲିସ ମାମଲା (ନଂ.୩୫୦/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ପିଣ୍ଟନଙ୍କ ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୪ଟି ମାମଲା ଏବଂ ମୁନାଙ୍କ ନାମରେ ୬ଟି ମାମଲା ରହିଥିବା ଜଣାପଡ଼ିଛି।

# ଧୋଇଗଲା କମାଗୁରୁ ବାଲିଆଚତରା ରାସ୍ତା

### ଭାସିଯାଉଥିବା ନାବାଳକ ଉଦ୍ଧାର

ନିରାକାରପୁର,୧୪।୭
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ହଜ୍-ବଡ଼ପୋଖରୀଆ ପୂର୍ତ୍ତ ବିଭାଗ ରାସ୍ତାର କମାଗୁରୁ ନିକଟ ବାଲିଆଚତରା ରାସ୍ତା ପ୍ରବଳ ବର୍ଷାଜଳ ସ୍ରୋତରେ ସୋମବାର ଧୋଇଯାଇଛି। ଉକ୍ତ ସମୟରେ ଜଣେ ନାବାଳକ ଯାଉଥିବା ବେଳେ କିଛି ବାଟ ଭାସିଯିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର



ବାଲିଆଚତରା ରାସ୍ତା ବର୍ଷାଜଳ ସ୍ରୋତରେ ଧୋଇଯାଇଛି।

କରିଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ କମାଗୁରୁ ଟାଙ୍ଗୋଳ ଗ୍ରାମବାସୀ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାଥାଉ କି, ହଜ୍‌ଠାରୁ ବଡ଼ପୋଖରୀଆ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତୀକରଣ ପାଇଁ କାର୍ଯ୍ୟ ଦୀର୍ଘ ଦିନ ହେବ ଚାଲିଛି। କମାଗୁରୁ ପୂର୍ବ ବାଲିଆଚତରା ଶଙ୍ଖ ଭାଙ୍ଗିଯାଇ ନୂତନ ବ୍ରିଜ ନିର୍ମାଣ କାର୍ଯ୍ୟ କରାଯାଉଛି। ରବିବାର ପ୍ରବଳ ବର୍ଷାରେ ଉକ୍ତ ରାସ୍ତା ଉପରେ ୪ଫୁଟ ଉଚ୍ଚର ପାଣି ପ୍ରବାହିତ ହୋଇଥିଲା। ତେବେ ସୋମବାର ରାସ୍ତାଟି ସମ୍ପୂର୍ଣ୍ଣ ଧୋଇଯାଇଥିଲା।

# ରାଜପଥରେ ଗୋରୁ, ବଢୁଛି ଦୁର୍ଘଟଣା



ବୋଲଗଡ଼,୧୪।୭(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଦେଇ ଯାଇଥିବା ୫୭ନଂ. ଜାତୀୟ ରାଜପଥର ଅନେକ ଛକ ବଜାର ଅଞ୍ଚଳରେ ଗୋରୁଙ୍କ ରାଜୁତି ଦେଖିବାକୁ ମିଳୁଛି। ଏନେଇ ଅନେକ ସ୍ଥାନରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟିହୋଇ ଦୁର୍ଘଟଣା ଘଟୁଥିବା ଦେଖାଯାଇଛି। ବ୍ଲକ ଅଞ୍ଚଳର ଟୀକାତଳ, ପିଟୁକୁଳି, ରାଜସୁନାଖଳା, କପାଶିଆ, ଚୁଡ଼ା, ବୋଲଗଡ଼, ଭୀମପଡା, ଦିଘିରି ଓ ବିଜିପୁର ଆଦି ବଜାରରେ ସନ୍ଧ୍ୟାରେ ଗୋରୁପଲଙ୍କ ଭିଡ଼ ଜମୁଛି। ଦିନତମାମ ଖାଦ୍ୟ ଅନ୍ୱେଷଣରେ ଏଣେତେଣେ ଘୁରିବୁଲି ସନ୍ଧ୍ୟା ନଇଁଲେ ଗୋରୁମାନେ ବିଶ୍ରାମ ପାଇଁ ରାଜପଥ ଉପରକୁ ଆସି ଗୋଠ ହୋଇ ବସି ରହିଥାନ୍ତି। ଏ ନେଇ ବସ୍, ଟ୍ରକ୍, କାର ଓ ଅନ୍ୟାନ୍ୟ ଗାଡ଼ିଗୁଡ଼ିକ ଗୋରୁପଲକୁ ଅତିକ୍ରମ କରିବା ସମୟରେ ନୟାନ୍ତ ହେଉଛନ୍ତି। ଗୋରୁମାନେ ରାସ୍ତାରୁ ହଟିବାକୁ ଅପେକ୍ଷାକରି ବିରକ୍ତି ପ୍ରକାଶ କରୁଛନ୍ତି। ହଠାତ୍ ରାସ୍ତା ଉପରକୁ ଗୋରୁ ଚାଲି ଆସିବାରୁ ଗୋରୁ ଓ ବାଇକ ଚାଳକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ବଜାର ସଉଦା କରିବାକୁ ଆସୁଥିବା ଲୋକେ ମଧ୍ୟ ଏଥିନେଇ ହଇରାଣ ହେଉଛନ୍ତି। ଗୋରୁମାନେ ରାସ୍ତା ଉପରେ ମଳମୂତ୍ର ତ୍ୟାଗକରି ଅପରିଷ୍କାର କରୁଛନ୍ତି। ଦୋକାନୀମାନେ ବାଧ ହୋଇ ସେମାନଙ୍କ ଦୋକାନ ସମ୍ମୁଖରୁ ଗୋରୁଙ୍କୁ ତଡ଼ି ହଟାଇଲେ ମଧ୍ୟ କିଛି ସମୟ ପରେ ପୁନର୍ବାର ଆସି ରାସ୍ତା ଉପରେ ବସି ରହୁଛନ୍ତି। ସାଧାରଣତଃ ବର୍ଷାଦିନେ ପ୍ରଚୁର ସବୁଜ ଘାସପତ୍ର ଉପଲବ୍ଧ ହେଉଥିବାରୁ ଏହି ଗୃହପାଳିତ ପଶୁମାନଙ୍କୁ ସେମାନଙ୍କ ମୁନିବମାନେ ବାହାରକୁ ଚରିବାକୁ ଛାଡ଼ି ଦେଇଥାନ୍ତି। ମାତ୍ର ସେମାନଙ୍କ ମଧ୍ୟରୁ ଅନେକେ ଘରକୁ ନ ଫେରି ଏଣେତେଣେ ବୁଲିଥାନ୍ତି। ଏଥିନେଇ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଗୋରୁମାନଙ୍କୁ ବାହାରକୁ ନ ଛାଡ଼ିବା ପାଇଁ ମାଲିକଙ୍କୁ ସଚେତନ କରିବା ସହ ବ୍ୟତିକ୍ରମ ହେଲେ କାର୍ଯ୍ୟାନୁଷ୍ଠାନ ନେବାପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ବୋଲି ବୋଲଗଡ଼ ବଣିକ ମହାସଂଘ ସଭାପତି ପାଣ୍ଡବ ସାହୁ କହିଛନ୍ତି।

# ବଟିକୁ ନେଇ ଅଟୋଚାଳକଙ୍କୁ ଗୋଡ଼ାଇ ହାଣିଲେ

ପୁରୀ,୧୪।୭(ଅଜିତ୍ କୁମାର ମହାନ୍ତି)

ପୁରୀ ସହରରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଶ୍ରୀମନ୍ଦିରଠାରୁ ମାତ୍ର ୧୦୦ ମିଟର ଓ ସିଂହଦ୍ୱାର ଥାନାଠାରୁ ୩୦୦ ମିଟର ଦୂର ଦୋଳବେଦିଠାରେ ସୋମବାର ସକାଳ ପ୍ରାୟ ୮ଟାରେ ୪ଜଣ ଦୁର୍ବୃତ୍ତ ଜଣେ ଅଟୋଚାଳକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଆକ୍ରମଣର ଶିକାର ହୋଇଥିବା ଅଟୋଚାଳକ ହେଲେ ପୁରୀ ବାସେଳିସାହି ଥାନା ଅନ୍ତର୍ଗତ ମିଶ୍ର ସାହି ଜଗନ୍ନାଥ ବସ୍ତିର ରଘୁନାଥ ରାଉତ। ତାଙ୍କ ଗୋଡ଼, ହାତ, କାନ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସୂଚନା ଅନୁଯାୟୀ, ରଘୁନାଥ ପ୍ରତ୍ୟେକ ଦିନ ପରି ସୋମବାର ସକାଳେ ଗାଡ଼ି ନେଇ ଦୋଳବେଦିସ୍ଥିତ ସତ୍ୟନାରାୟଣ ମନ୍ଦିର ନିକଟରେ ଠିଆହୋଇଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ତାଙ୍କ ନିକଟକୁ ଆସି ବଟି ମାଗିଥିଲେ। ଏହାକୁ ନେଇ ସେମାନଙ୍କ ସହ ରଘୁନାଥଙ୍କର କଥା କଟାକଟି ହୋଇଥିଲା। ପରେ ଦୁର୍ବୃତ୍ତମାନେ ରଘୁନାଥଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ରଘୁନାଥ ଜୀବନ ବଞ୍ଚାଇବା ପାଇଁ ଶ୍ରୀଦାଣ୍ଡ ଆଡ଼କୁ ଦୌଡୁଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଫଳରେ ରଘୁନାଥ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିବାର ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ରଘୁଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳ ଓ ମେଡିକାଲରେ ସିଂହଦ୍ୱାର ଥାନା ଅଧିକାରୀ ଏବଂ ସିଟି ଡିଏସ୍‌ପି ପ୍ରମୁଖ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ରଘୁନାଥ କହିଛନ୍ତି ଯେ, ତାଙ୍କୁ ଗୋଖାସାହିର ୭ରୁ ୮ଜଣ ବ୍ୟକ୍ତି ଆକ୍ରମଣ କରିଛନ୍ତି। ଅଟୋଷ୍ଟାଣ୍ଡରେ ତାଙ୍କ ଗାଡ଼ି ରଖିବାକୁ ନେଇ ସେମାନେ କିଛିଦିନ ହେଲା ୧ଲକ୍ଷ ଟଙ୍କା ବଟି ମାଗୁଥିଲେ। ବଟି ନ ଦେବାରୁ ସେମାନେ ତାଙ୍କୁ ଆକ୍ରମଣ କରିଛନ୍ତି। ପୂର୍ବରୁ ଏହାକୁ ନେଇ ସେମାନଙ୍କ ସହ ପାଟିତୁଣ୍ଡ ହୋଇଥିଲା ଏବଂ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରାଯାଇଥିଲା ବୋଲି ରଘୁନାଥ କହିଛନ୍ତି।

# ଦେଶୀମଦ ଜବତ, ୨ ଗିରଫ

ବାଣପୁର,୧୪।୭(ଦିଲୀପ କୁମାର ସ୍ୱାଇଁ): ବାଲୁଗାଁ ଅବକାରୀ ବିଭାଗ ସୋମବାର ବାଣପୁର ମଣ୍ଡଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫୦ଲିଟର ଦେଶୀ ମଦ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନାରୁଣୀ ଥାନା ବଉଳା ବନ୍ଧ ଗ୍ରାମର କାହ୍ନୁ ବେହେରା ଏବଂ ବାଣପୁର ଥାନା ବିଷ୍ଣୁଡିହର ଭିକାରି ବେହେରା। ଏନେଇ ଦୁଇଟି ମାମଲା ରୁଜପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।


## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜି./ରାଞ୍ଚି–୮୩୪୦୦୩, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ନୋଟିସ୍ ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: [୧]; ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୭୫-୨୦୨୫; ବରିଷ୍ଠ ଡିଇଏନ୍ (ଦକ୍ଷିଣ)/ରାଞ୍ଚିଙ୍କ କ୍ଷେତ୍ରାଧିକାର ଅଧୀନରେ ଆପ୍ରୋଚ୍ ରୋଡ୍ ଆର୍‌ୟୁବି/ଏନ୍‌ଏଚ୍‌ଏସ୍/ଏଲ୍‌ଏଚ୍‌ଏସ୍‌ର ଉନ୍ନତୀକରଣ ଏବଂ ଆର୍‌ଡିଏସ୍‌ଓ ମାନକ ହାଇଟ୍ ଗେଜ୍‌ର ବ୍ୟବସ୍ଥା; ₹୪,୩୭,୦୩,୭୦୮.୭୬; ₹୩,୬୮,୫୦୦.୦୦; [୨]; ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୭୬-୨୦୨୫; "ମିଶନ୍ ୩୦୦୦ଏମ୍‌ଟି-ଏସ୍‌ଇଆର୍-ରାଞ୍ଚି ଡିଭିଜନ : ହାଟିଆ-ଓର୍ଗା ସେକ୍ସନରେ @ ୧୦୦ କିମି ପ୍ରତିଘଣ୍ଟାରେ ୨୫ଟି ଏକ୍ସିଲ ଲୋଡେଡ୍ ଫ୍ରେଟ୍ ଟ୍ରେନ୍‌ଗୁଡ଼ିକର ଚଳାଚଳ ପାଇଁ ବ୍ରିଜ୍ ନଂ. ୫୨୦ (୧୧x୧୮.୩ ମି କ୍ଲି)ର ରିଗର୍ଡରିଂ" ସଂକ୍ରାନ୍ତରେ ସବ୍-ଷ୍ଟ୍ରକ୍ଚରର ସୁଦୃଢ଼ୀକରଣ ସମେତ ଆର୍‌ସିସି ଜ୍ୟାକେଟିଂ କାର୍ଯ୍ୟ; ₹୪,୯୫,୩୮,୫୨୭.୮୫; ₹୩,୯୭,୭୦୦.୦୦; ଟେଣ୍ଡର ବନ୍ଦ ହେବାର ତାରିଖ: ୦୧।୦୮।୨୦୨୫ (କ୍ର.ସଂ. ୧ ଓ ୨ ପାଇଁ); ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ଉପରଦର୍ଶିତ ତାରିଖର ୧୫.୦୦ ଘଟିକାରେ । ଟେଣ୍ଡରଦାତାମାନେ ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି ।
(PR-388)

## झारखण्ड सरकार
## खेलकूद एवं युवाकार्य निदेशालय
## (पर्यटन, कला-संस्कृति, खेलकूद एवं युवाकार्य विभाग)

गेट नं०–28, बिरसा मुण्डा फुटबॉल स्टेडियम, मोराबादी, राँची–834008
E-mail Id - directorsportsjharkhand@gmail.com

### आवश्यक सूचना

एतद् द्वारा सूचित किया जाता है कि खेलकूद एवं युवाकार्य निदेशालय, झारखण्ड, राँची द्वारा "Rate Contract For Supply Of Sports & Generic Kits" के निमित्त आमंत्रित निविदा(13/2025–26 दिनांक 26.05.2025) विज्ञापन संख्या – PR No. 353530 (Art, Culture, Sports & Youth Affairs) Dt. 27.05.2025 को अपरिहार्य कारणों से रद्द किया जाता है।

ह०/–
निदेशक,
खेलकूद एवं युवाकार्य निदेशालय, झारखण्ड, राँची।

PR.NO.357283 Art Culture Sports and Youth Affairs(25-26):D

## GOVERNMENT OF ODISHA
## OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR

No.C-664

E-Mail ID - acephcbam@gmail.com

NATIONAL COMPETITIVE BIDDING THROUGH e-PROCUREMENT

Invitation For Bids (IFB)

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of WTP and laying of RWRM and CWRM with ancillary works for Sorada NAC' under AMRUT 2.0, (SWAP-III) | Identification No. ACEPHCBAM 07/2025-26 Dt. 11.07.2025 | 684.70 | 12 (Twelve) Calendar Months | 11.00 Hrs. of 19.07.2025 | 17.30 Hrs. of 04.08.2025 | Chief Engineer, P.H. Circle, Berhampur |

The technical bid shall be opened on dt. 08.08.2025 at 12.30 P.M.
Further details can be seen from the e-Procurement portal http://tendersodisha.gov.in

OIPR-13004/11/0020/2526 Sd./- Chief Engineer (PH)

## राजकीय रेल थाना धनबाद

### आवश्यक सूचना

सर्व साधारण को सूचित किया जाता है कि रेल थाना धनबाद काण्ड संख्या–41/2022, दिनांक–01.02.2022, धारा–379 भा0द0वि0 के अप्राथमिकी अभियुक्त संजय हेम्ब्रम, पिता–कासरम हेम्ब्रम, पता–बेनासुली नयाग्राम गरमल, थाना–सालबनी (पीड़ाकाटा पुलिस पोस्ट), जिला–पश्चिमी मेदिनीपुर (प0बं0) जो गिरफ्तारी के डर से भागा फिर रहा है। उनके विरूद्ध माननीय रेलवे न्यायालय धनबाद के द्वारा इश्तेहार निर्गत किया गया है जिनका दिनांक–04.07.2025 को विधिवत् तामिला किया जा चुका है। अगर यदि वे एक महिना के अंदर रेल थाना धनबाद अथवा माननीय रेलवे न्यायालय धनबाद में आत्मसर्पण नहीं करते है तो उनके चल संपत्ति की कुर्क करने हेतु माननीय रेलवेग न्यायालय धनबाद से कुर्की अधिपत्र निर्गत करने हेतु अनुरोध किया जायेगा।

विश्वासभाजन
(कैलाश प्रसाद महतो)
पु0अ0नि0 रेल थाना धनबाद

PR 357294 (Police)25-26*D

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BOLANGIR

No.O-414

e-Procurement Notice

1 Name of work : Improvement to **NH-201 to Bhanpur** Road in the district of Bolangir under MMSY-Improvement to Existing RD Road for the year 2024-25 in the district of Bolangir
2 No. of work : 1 (One) work
3 Time for completion : 9 (Nine) Calendar Months
4 Approximate estimated cost : Rs.129.62 lakhs
5 Mode of submission of tender : Tender should be submitted online in www.tendersodisha.gov.in
6 **Other details are as follow**

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | **BLGR-Online-08/2025-26** | 16.07.2025 at 11.00 A.M. | 30.07.2025 upto 5.00 P.M. | 29.07.2025 upto 5.00 P.M. | 31.07.2025 at 11.00 A.M. | The date will be intimated later on |

- Further details can be seen from the website **www.tendersodisha.gov.in**
- Any Corrigendum/Addendum will be displayed in the above e tender website only.

Sd./- S.Mahali
Chief Construction Engineer
R.W.Circle, Bolangir

OIPR-25118/11/0040/2526

## OFFICE OF THE NOTIFIED AREA COUNCIL, NIMAPARA

At/PO/PS - Nimapara, Dist - Puri, Odisha, PIN - 752106
eMail ID - nimapadanac@gmail.com, eo-nacnimapada.od@gov.in,
Website - nimaparanac.in, Phone-06758-454167

**Letter No.1316/Date 13.07.2025**

### CORRIGENDUM

**No.C-670** : With Reference to the e-Procurement Notice No.2132/ Date 26.06.2025, Bid Reference No. : NP-NAC-01/2025-26 and Bid Identification No. : 2025_ORULB_114915_1 to 9, the Tender will be extended for submission of Bid Online till Dt.18.07.2025 upto 5.00 P.M. and Bids received online shall be opened at 11.00 A.M. on Dt.19.07.2025 for Technical Qualification due to unavoidable circumstances. Further details can be seen from the procurement portal i.e. www.tendersodisha.gov.in.

Sd./- Executive Officer
Nimapara N.A.C.

OIPR-13112/11/0029/2526

## OFFICE OF THE REGULATED MARKET COMMITTEE, SAMBALPUR

E-PROCUREMENT (INVITATION FOR BIDS)
TENDER CALL NOTICE No. 604/RMC. Dt.10.07.2025
BID IDENTIFICATION No.01/2025-26

**No.H-16** : Sub-Collector, Sambalpur-cum-Chairman, RMC, Sambalpur invites one construction work at Sanatanpali under RMC, Sambalpur. The details of which available at e-procurement portal www.tendersodisha.gov.in. Intending bidders are requested to visit the mentioned website for submission of e-tender.

Last date/time for submission of bid is 29.07.2025 upto 5.00 P.M.

Bids received online shall be opened on dt.31.07.2025 at 11.00 A.M.

Sd./- Sub-Collector, Sadar-cum-Chairman, RMC, Sambalpur

OIPR-15013/11/0060/2526

No.CAD-1070

idco | ODISHA NEW OPPORTUNITIES

## OFFICE OF THE DIVISIONAL HEAD, IDCO, CUTTACK DIVISION, JAGATPUR (NEW), CUTTACK-754021

Tender Call Notice No. IDCO/CTC/CIV/E : 1322 Dated : 05.07.2025

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. **Name of the work** : Construction of CC Road from IDCO Plot No.28 to Plot No.27 at Old Industrial Estate, Jagatpur, Cuttack.
2. **Estimated cost** : Rs.23.35 Lakh
3. **Period of completion** : 03 (Three) Calendar months
4. **Other details** :

| Procurement Officer | Bid ID/Tender reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Divisional Head, IDCO, Cuttack Division | Bid ID/Tender reference No. CTC/CIV/ EST/E-01/2025-26 | 17.07.2025 at 17.00 Hrs. | 31.07.2025 up to 17.00 Hrs. |

Further details can be seen from the e-procurement portal, **www.tendersodisha.gov.in** and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Divisional Head
IDCO, Cuttack Division

OIPR-14003/11/0198/2526

## FOREST DEPARTMENT
## OFFICE OF THE DIVISIONAL FOREST OFFICER, BARIPADA FOREST DIVISION

No.MM-123

e-mail : dfo.baripada@odisha.gov.in
Government of Odisha "e" Procurement Notice

**Bid Identification No. : DFO-BPD-04/2025-26**

1. Number of works : **3** (Three numbers of work)
2. Approximate estimated cost : **8.08 lakh to 27.23 lakh**
3. Period of Completion : **90 (Ninety)** days
4. Date & Time of availability of bid documents in the portal : **Dt.16.07.2025 to 25.07.2025**
5. Last Date / Time of receipt of bid in the portal : **Dt.25.07.2025 up to 5.00 P.M.**
6. Date of Opening of bid : **Dt.28.07.2025 at 11.00 A.M.**
7. Name & address of the Office inviting bid : **O/o the Divisional Forest Officer, Baripada Forest Division, Baripada, Mayurbhanj, Pin-757001**

Further details can be seen from the e-procurement portal **http://www.tendersodisha.gov.in**

Sd./- Divisional Forest Officer
Baripada Forest Division

OIPR-08065/11/0014/2526

## Government of Odisha, "e"-Procurement Notice
## WORKS DEPARTMENT

No.B-285

E-mail : ceroads.bbsr@gmail.com

RFP Identification No. CE-Roads-II-01/2025-26

1. The Chief Engineer, Roads-II, Odisha (Authority) on behalf of the Works Department, Govt. of Odisha is engaged in the Development of State Roads and Highways in Odisha and as part of this endeavour, Govt. of Odisha has decided to undertake the following "Projects" under EPC Contract (Engineering, Procurement and Construction) basis and has decided to carry out the bid process for selection of the parties/Joint Ventures to whom the Project may be awarded eventually.
2. Nature of project : Road works
3. No. of project : 2 Nos.
4. Tender Paper cost : Rs. 10,000.00
5. Class of Contractor : Super Class
6. Available of bid document in the website : From 10.00 A.M. of 22.07.2025 to 5.30 P.M. of 12.08.2025
7. Date of Pre-Application conference : 02.08.2025 at 12.30 P.M.
8. Date of opening of Bid : Dt.13.08.2025 at 11.30 A.M.
9. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Engineer (Roads-II), Odisha

OIPR-34181/11/0029/2526

## WORKS DEPARTMENT
## OFFICE OF THE SUPERINTENDING ENGINEER BHADRAK (R&B) DIVISION

No.B-300

e-mail : bhadrakrnbdivision@gmail.com

Government of Odisha "e" Procurement Notice
Bid Identification No. SE (R&B) BDK-06/2025-26
No.5473/dt.-11.07.2025

Nature of work : Civil Works
Number of works : 5 (Five) Nos
Amount put to Tender : Rs.16.60 to 87.97
Class of Contractor : B Class, B&C, C&D Class
Date & Time of availability of bid document in the portal : 21.07.2025 at 11.00 A.M.
Last Date / Time of receipt of bid in the portal : 30.07.2025 up to 05.00 P.M.
Date of opening of bid : Dt.31.07.2025 at 11.30 A.M.
Name & address of the Office inviting bid : Superintending Engineer, Bhadrak (R&B) Division
The bidders have to participate in ONLINE bidding only
Further details can be seen from the e-procurement portal "http//tendersodisha.gov.in."
All future corrigendum will be available on ONLINE mode only

Sd./- Superintending Engineer
Bhadrak (R&B) Division

OIPR-34079/11/0025/2526

ଫର୍ମ ନଂ.-୧୩

## ଋଣ ଅସୁଲି ପ୍ରାଧିକରଣ, କଟକ

ସି-୭୧, ସେକ୍ଟର-୭, ସି.ଡ଼ି.ଏ, କଟକ, ଓଡ଼ିଶା
ଓ.ଏ. ନଂ. ୧୧୬/୨୦୨୫

ବ୍ୟାଙ୍କ ଅଫ୍ ଇଣ୍ଡିଆ .....ଆବେଦନକାରୀ

ବନାମ

ଶ୍ରୀମତୀ ମଞ୍ଜୁଲତା ସାମନ୍ତରାୟ ଏବଂ ଅନ୍ୟମାନେ .....ପ୍ରତିବାଦୀମାନେ

ପ୍ରାପ୍ତେଷୁ,

୧) **ଶ୍ରୀମତୀ ମଞ୍ଜୁଲତା ସାମନ୍ତରାୟ,** ବୟସ ପ୍ରାୟ ୪୬ ବର୍ଷ, ସ୍ୱାମୀ- ଶ୍ରୀ ହେମନ୍ତ ସାମନ୍ତରାୟ ଏବଂ ପିତା- ଶ୍ରୀ ଭୀମସେନ ପାଟ୍ଟସିଂହ, ଗୋତପଲ୍ଲୀ, କୁଲେଇ, ପୋ- ଗଙ୍ଗାଧରପୁର, ଥାନା- ବାଲୁଗାଁ, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୨୦୩୪

୨) **ଶ୍ରୀ ହେମନ୍ତ ସାମନ୍ତରାୟ,** ବୟସ ପ୍ରାୟ ୪୭ ବର୍ଷ, ପିତା: ୰ ଯୁଧିଷ୍ଠିର ସାମନ୍ତରାୟ, ଗୋତପଲ୍ଲୀ, କୁଲେଇ, ପୋ- ଗଙ୍ଗାଧରପୁର, ଥାନା- ବାଲୁଗାଁ, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୨୦୩୪

**ପ୍ରାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ**
**ଖବରକାଗଜ ପ୍ରକାଶନ ଦ୍ୱାରା ଜାରୀ ସମନ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ଆବେଦନକାରୀ **ଓ.ଏ. ନଂ. ୧୧୬/୨୦୨୫** ଦ୍ୱାରା **ଟ.୭୧,୭୪,୭୨୭.୭୪ପଇସା (ଏକସ୍ତରୀ ଲକ୍ଷ ଚଉସ୍ତରୀ ହଜାର ସାତ ଶହ ସତେଇଶି ଟଙ୍କା ଏବଂ ଚଉସ୍ତରୀ ପଇସା ମାତ୍ର)** ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, ଓଡ଼ିଶା, କଟକ-୧୪ଙ୍କ ଇଜିଲାସରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପର ଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର **ତିରିଶି ଦିନ** ମଧ୍ୟରେ କିମ୍ବା **ତା.୨୨.୦୯.୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଛି କି ଯଦି ସେ ଏଥିରେ ଖିଲାପ କରନ୍ତି, ତେବେ ଆପଣଙ୍କ ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣୀ ଏବଂ ବିଚାର କରାଯିବ।

ଏହି ପ୍ରାଧିକରଣର ସହି ମୋହର ସହ ମୋ ଦ୍ୱାରା **ତା.୦୮.୦୭.୨୦୨୫ରିଖରେ** ଆଦିଷ୍ଟ।

ସ୍ୱା/– (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

No.A-380

## GOVERNMENT OF ODISHA
## DEPARTMENT OF WATER RESOURCES
## O/o THE CHIEF ENGINEER AND BASIN MANAGER, MAHANADI BASIN, AT-BURLA, DISTRICT-SAMBALPUR, PIN-768017

E-mail Id - cebmumbburla@gmail.com

**'e' Procurement Notice No-CE & BM-MB-02/2025-2026 (Online)**
Bid Identification No-CE & BM-MB-02/2025-2026 (Online)

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project of Kadobahal Canal Section |
| 2 | No of works | : | One (01) number |
| 3 | Class of contractor | : | "Special Class" and "Super Class" |
| 4 | Bid Identification No | : | CE&BM-MB-02/2025-2026 (Online) |
| 5 | Estimated cost | : | Rs.20.05 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated - 15.07.2025 at 11.30 A.M. to Dated - 04.08.2025 up to 5.00 P.M. |
| 8 | Last date/time for receipt of Bids in the portal | : | Dated - 04.08.2025 up to 5.00 P.M. |
| 9 | Date of opening of Technical Bid (Cover-I) | : | Dated - 05.08.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email Id : cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

Sd./- Chief Engineer & Basin Manager,
Mahanadi Basin, Burla

OIPR-32508/11/0005/2526

## ବିଦ୍ୟୁତ୍ ଆଘାତରେ ମାଈ ହାତୀ ମୃତ, ଜଣେ ଗିରଫ

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଖଜୁରିଆକଟା ସେକ୍ସନ ସରାସିଂ ବିଟ୍ ବାରିହା ରଗଡ଼ି ଗ୍ରାମ ନିକଟସ୍ଥ ଜଙ୍ଗଲରେ ସୋମବାର ସକାଳେ ବିଦ୍ୟୁତ୍ ଆଘାତରେ ଏକ ମାଈ ହାତୀର ମୃତ୍ୟୁ ହୋଇଛି। ହାତୀଟିର ବୟସ ୯ରୁ ୧୦ବର୍ଷ ମଧ୍ୟରେ ହେବ। ଏହି ଘଟଣାରେ ବନବିଭାଗ ପକ୍ଷରୁ ବାରିହା ରଗଡ଼ି ଗ୍ରାମର ପ୍ରଭାକର ସାହୁ(୫୫)ଙ୍କୁ ଗିରଫ କରାଯାଇଛି।

# ମିଳିତ ବିରୋଧୀ ଦଳର ନ୍ୟାୟିକ ତଦନ୍ତ ଦାବି



କଂଗ୍ରେସ ଭବନରେ ଅନୁଷ୍ଠିତ ମିଳିତ ବୈଠକରେ ଉପସ୍ଥିତ ବିଭିନ୍ନ ଦଳର ନେତୃବୃନ୍ଦ।

ଭୁବନେଶ୍ୱର,୧୪।୭ (ରବିନାରାୟଣ ଜେନା)

## ୧୮ରେ ଲୋକସେବା ଭବନ ସମ୍ମୁଖରେ ଗଣବିକ୍ଷୋଭ

ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ କଂଗ୍ରେସ ଓ ସମଭାବାପନ୍ନ ଧର୍ମନିରପେକ୍ଷ ବାମପନ୍ଥୀ ଦଳଗୁଡ଼ିକ ମିଳିତ ଭାବେ ନ୍ୟାୟିକ ତଦନ୍ତ ଦାବି କରିଛନ୍ତି। ସରକାର ଯଦି ଏଦିଗରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନ ନିଅନ୍ତି ତେବେ ଚଳିତମାସ ୧୮ରେ ଲୋକସେବା ଭବନ ସମ୍ମୁଖରେ ଗଣବିକ୍ଷୋଭ କରାଯିବ ବୋଲି କଂଗ୍ରେସ ଭବନରେ ଅନୁଷ୍ଠିତ ମିଳିତ ବୈଠକରୁ ଜଣାଯାଇଛି।

ସୋମବାର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲାରେ ସଂଗଠିତ ଗଣବଳାତ୍କାର ଘଟଣା ସମେତ ନିକଟ ଅତୀତରେ ଗୋପାଳପୁର ପରି ଏକାଧିକ ଅନୁରୂପ କାଣ୍ଡ ରାଜ୍ୟରେ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ରାଜ୍ୟରେ କିଟ୍ ଛାତ୍ରୀ ଆତ୍ମହତ୍ୟାଠାରୁ ଆରମ୍ଭ କରି ନୀଳଗିରି ବିଧାୟକଙ୍କ ଅଶାଳୀନ ମନ୍ତବ୍ୟ, ଶିମିଳିପାଳରେ ଆଦିବାସୀଙ୍କ ଉପରେ ନିର୍ଯାତନା, ଧରାକୋଟ ଘଟଣା, ବିଏମ୍‌ସିରେ ବର୍ବରତା, ରଥଯାତ୍ରାରେ ଅଘଟଣ ଓ ବାଂଲାଦେଶୀ ଆରୋପ ଘଟଣା ସରକାରଙ୍କ ଚରମ ବିଫଳତାକୁ ଦର୍ଶାଉଛି। ନୈତିକତା ଦୃଷ୍ଟିରୁ ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଏବଂ ବାଲେଶ୍ୱର ବିଧାୟକ ଇସ୍ତଫା ଦିଅନ୍ତୁ। ଯଦି ସରକାର ଏଥିରେ ବିଫଳ ହେବେ ତେବେ ଏହାକୁ ନେଇ ରାଜ୍ୟବ୍ୟାପୀ ଆଇନ ଅମାନ୍ୟ ଆନ୍ଦୋଳନ, ଗଣଧାରଣା, ଏପରି କି ରାଜଭବନ ଆଗରେ ଧାରଣା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ବୈଠକରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବରିଷ୍ଠ ନେତା ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ସନ୍ତୋଷ ସିଂ ସାଲୁଜା, ସିପିଆଇ ତରଫରୁ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ପୂର୍ବତନ ବିଧାୟକ ଏନ୍ ନାରାୟଣ ରେଡ୍ଡୀ, ଜୟନ୍ତ ଦାସ, ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଦୁଷ୍ମନ୍ତ କୁମାର ଦାଶ, ସିପିଆଇ (ଏମ୍‌ଏଲ)– ଲିବରେଶନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ରାଷ୍ଟ୍ରପତିଙ୍କୁ ଦଳ ପକ୍ଷରୁ ଏକ ସ୍ମାରକପତ୍ର ଦିଆଯାଇଛି। ଫକୀର ମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ନ୍ୟାୟିକ ତଦନ୍ତ ଦାବି କରାଯାଇଛି। ଏଥିସହିତ ତୁରନ୍ତ ମହିଳା କମିଶନର ସମସ୍ତ ପଦ ପୂରଣ କରିବା ପାଇଁ ଦାବି କରାଯାଇଥିବା ସେ କହିଛନ୍ତି।

# ବାଇକ୍ ଦୁର୍ଘଟଣାଗ୍ରସ୍ତ, ୨ ଭାଇ ମୃତ

ପୋଲସରା,୧୪।୭(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ଟିରିକିପଡ଼ା ଶାସନ ଶିବ ମନ୍ଦିର ନିକଟ ତିନିଛକଠାରେ ରବିବାର ରାତିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ସମ୍ପର୍କୀୟ ଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବଡ଼ ପଙ୍କଲବାଡି ପଞ୍ଚାୟତ ମଙ୍ଗଳପୁର ଗ୍ରାମର ଦୀପକ ନାୟକ (୨୦) ଓ ଆରତ ନାୟକ (୨୦)। ସୋମବାର ପୋଲିସ ପହଞ୍ଚି ୨ ମୃତଦେହକୁ ଅଗ୍ନିଶମ ବାହିନୀ ସହାୟତାରେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରୁ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଥିଲା। ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ପୋଲିସ ଜବତ କରିଛି। ରବିବାର ଅପରାହ୍ନ ପ୍ରାୟ ୫ଟାରେ ଦୀପକ ଓ ଆରତ ଟିରିକିପଡ଼ା ଶାସନ ଗ୍ରାମକୁ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇ ବିଳମ୍ବିତ ରାତିରେ ଫେରୁଥିଲେ। ଝିପିଝିପି ବର୍ଷାରେ ୨ ଭାଇ ବାଇକ୍‌ରେ ଆସୁଥିବା ବେଳେ ତିନିଛକଠାରେ ଭାରସାମ୍ୟ ହରାଇ ମା' ସିଂହାସନୀଙ୍କ ତୋରଣ ଖମ୍ବରେ ଧକ୍କା ହୋଇଥିଲେ।

# ବିହାର ସରକାରୀ ଆଇଟିଆଇର ୩୪ ପ୍ରଶିକ୍ଷକ ତାଲିମ ନେଲେ

ଭୁବନେଶ୍ୱର, ୧୪।୭ (ବନ୍ଦନା ସେଠୀ)

## ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ଟ୍ରେନିଂ ଅଫ୍ ଟ୍ରେନର୍ସ' ଉଦ୍‌ଯାପିତ



ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଚାଲିଥିବା 'ଟ୍ରେନିଂ ଅଫ୍ ଟ୍ରେନର୍ସ (ଟିଓଟି)' କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱ ଦକ୍ଷତା କେନ୍ଦ୍ର ଏକାଡେମୀ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିହାରର ବିଭିନ୍ନ ସରକାରୀ ଆଇଟିଆଇର ପ୍ରଶିକ୍ଷକମାନେ ଭାଗନେଇ ଅତ୍ୟାଧୁନିକ 'ଶିକ୍ଷାଦାନ ଓ ମୂଲ୍ୟାଙ୍କନ' ବିଷୟରେ ତାଲିମ ନେଇଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ବିହାର ଦକ୍ଷତା ମିଶନ ମଧ୍ୟରେ ହୋଇଥିବା ଏମ୍‌ଓୟୁ ଆଧାରରେ ଏହି କାର୍ଯ୍ୟକ୍ରମ ଦୁଇ ସପ୍ତାହଧରି ଚାଲିଥିଲା। ଏଥିରେ ୩୪ଜଣ ପ୍ରଶିକ୍ଷକ ଯୋଗଦେଇଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଦକ୍ଷତା ବିକାଶ ପ୍ରାଧିକରଣ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମିତା ପଣ୍ଡା କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଶିକ୍ଷକମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଦିଗରେ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଆଶା ପ୍ରକଟ କରାଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ଟି. ଥମ୍ପିରାଜା ଯୋଗଦେଇ କହିଲେ, ଦକ୍ଷତା ବିକାଶ ତାଲିମ କ୍ଷେତ୍ରରେ ବିଶ୍ୱ ଦକ୍ଷତା କେନ୍ଦ୍ର ଏବେ ସାରା ଦେଶରେ ଏକ ବିଶେଷ ପରିଚୟ ପାଇଛି। ଅନ୍ତର୍ଜାତୀୟସ୍ତରର ଢାଞ୍ଚାରେ ଏଠାରେ ଦିଆଯାଉଥିବା ତାଲିମ ବାହାର ରାଜ୍ୟର ପ୍ରଶିକ୍ଷକମାନଙ୍କ ପାଇଁ ଆକର୍ଷଣ ସାଜିଛି। ଏହାଦ୍ୱାରା ଭାରତରେ ଦକ୍ଷତା ବିକାଶ କ୍ଷେତ୍ରରେ ଯେଉଁ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ତାହା ସାକାର ହୋଇପାରିବ ବୋଲି ସେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଦକ୍ଷତା କେନ୍ଦ୍ରର ଉପନିର୍ଦ୍ଦେଶକ ଆଶୁତୋଷ ନୟନଦେ, ସିଇଓ ପିନାକୀ ପଟ୍ଟନାୟକ, ମୁଖ୍ୟ କୌଶଳ ଅଧିକାରୀ ବ୍ରୁସ ପୋହ ଏବଂ ଉପାଧ୍ୟକ୍ଷା ଜିତାମିତ୍ର ଶତପଥୀଙ୍କ ସହ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ପୂର୍ବ ସରକାରଙ୍କ ଭୁଲ୍ ପାଇଁ ବର୍ଷାଜଳ ନିଷ୍କାସନରେ ସମସ୍ୟା ଦେଖାଯାଉଛି: ମନ୍ତ୍ରୀ

ଭୁବନେଶ୍ୱର,୧୪।୭(ସୁନିତ୍ ମିଶ୍ର)

ରାଜ୍ୟର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ବଢ଼ିବାରେ ଲାଗିଛି। ସ୍ଥାୟୀ ସମାଧାନ ପାଇଁ ଏବେ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ବିଭିନ୍ନ ନଦୀର ଗତିପଥକୁ ସଫା କରିବା ପାଇଁ ସରକାର ଯୋଜନା କରୁଛନ୍ତି। ଖୁବ୍‌ଶୀଘ୍ର ସରକାର ନଦୀ ସଫେଇ ଅଭିଯାନ ଆରମ୍ଭ କରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ରାଜ୍ୟରେ ହେବାକୁ ଥିବା ବଡ଼ ବର୍ଷାର ମୁକାବିଲା ପାଇଁ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୪୮ ଘଣ୍ଟାର ମାଷ୍ଟର ପ୍ଲାନ୍ ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ବୈଠକ ପରେ ମନ୍ତ୍ରୀ ସୂଚନା ଦେଇଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ପୂଜାରୀ କହିଛନ୍ତି, ବିଭିନ୍ନ କାରଣରୁ ନଦୀର ଗତିପଥ ଅବରୋଧ ଥିବାରୁ ଜଳ ନିଷ୍କାସନ ସମସ୍ୟା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବଢ଼ି ଚାଲିଛି। ଏହାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାର ଆସନ୍ତା ୫୦ ବର୍ଷକୁ ଆଖି ଆଗରେ ରଖି ଯୋଜନା କରୁଛନ୍ତି। ପୂର୍ବ ସରକାରଙ୍କର ଭୁଲ୍ ପାଇଁ ବର୍ଷା ଜଳ ନିଷ୍କାସନ ହୋଇପାରିବାରେ ସମସ୍ୟା ଦେଖାଯାଉଛି। ରାଜ୍ୟ ସରକାର ଏ ଦିଗରେ ଯୋଜନାବଦ୍ଧ ପଦକ୍ଷେପ ଗ୍ରହଣ କରୁଛନ୍ତି। ପ୍ରବଳ ବର୍ଷା ହେଉଛି କିନ୍ତୁ ବଡ଼ ବନ୍ୟା ସ୍ଥିତି ଉପୁଜିବ ନାହିଁ। ନଦୀଗୁଡିକ ସତର୍କ ସଙ୍କେତଠାରୁ ମଧ୍ୟ ତଳେ ରହିଛି, କିନ୍ତୁ ଆସୁଥିବା ବଡ଼ ବର୍ଷା ଦ୍ୱାରା କିଛି ସ୍ଥାନରେ ପାଣି ପଶିବାର ସମ୍ଭାବନା ରହିଛି। ବିଶେଷ କରି ଏହି ବର୍ଷା ସମୟରେ ସହରାଞ୍ଚଳ ଲୋକେ ସତର୍କ ରହିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

# ଅତି ପ୍ରବଳ ବର୍ଷିବ, ବନ୍ୟା ଆଶଙ୍କା

## ଅବପାତର ରୂପ ନେଲା ଲଘୁଚାପ

ଭୁବନେଶ୍ୱର, ୧୪।୭ (ଅନୁରାଧା ମହାରଣା)

ଦକ୍ଷିଣପୂର୍ବ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଓ ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଅଞ୍ଚଳରେ ସକ୍ରିୟ ଲଘୁଚାପ କ୍ଷେତ୍ର ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଏହା ଆଗାମୀ ୨୪ ଘଣ୍ଟା ଯାଏ ପଶ୍ଚିମ ଉତ୍ତରପଶ୍ଚିମ ଦିଗରେ ଗାଙ୍ଗେୟ ପଶ୍ଚିମବଙ୍ଗ ମଧ୍ୟ ଦେଇ ଗତିକରିବାର ସମ୍ଭାବନା ରହିଛି। ଅବପାତ ପ୍ରଭାବରେ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଅବପାତଜନିତ ବର୍ଷା ରାଜ୍ୟରେ ବନ୍ୟା ଭଳି ପରିସ୍ଥିତି ଆଣିପାରେ ବୋଲି ଆଶଙ୍କା କରାଯାଉଛି।

ସୋମବାର ଉତ୍ତର ଓଡ଼ିଶାରେ ଅତି ପ୍ରବଳ ବର୍ଷା ହୋଇଥିବାବେଳେ ମଙ୍ଗଳବାରଠାରୁ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷିବ। ସୁବର୍ଣ୍ଣରେଖା, ବୁଢାବଳଙ୍ଗ ଅବବାହିକା, ମହାନଦୀ ଓ ବ୍ରାହ୍ମଣୀ ଅବବାହିକାରେ ବର୍ଷା ହେବ। କିଛି ସ୍ଥାନରେ ୨୦ ସେମି ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ଅନ୍ୟପଟେ ସମୁଦ୍ର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ଅତିରୁ ଅତି ପ୍ରବଳ ବର୍ଷା ହେବା ନେଇ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଆଦି ଜିଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ୩ ଜିଲାକୁ ବଜ୍ରପାତ ବିପଦ ରହିଥିବାବେଳେ ପବନର ବେଗ ଘଣ୍ଟାପ୍ରତି ୪୦ରୁ ୫୦ କିମି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।


### ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି./ରାଞ୍ଚି–୮୩୪୦୦୩, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ନୋଟିସ୍ ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: [୧]; ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୭୫-୨୦୨୫; ବରିଷ୍ଠ ଡିଇଏନ୍ (ଦକ୍ଷିଣ)/ରାଞ୍ଚିଙ୍କ କ୍ଷେତ୍ରାଧିକାର ଅଧୀନରେ ଆପ୍ରୋଚ୍ ରୋଡ୍ ଆର୍‌ୟୁବି/ଏନ୍‌ଏଚ୍‌ଏସ୍/ଏଲ୍‌ଏଚ୍‌ଏସ୍‌ର ଉନ୍ନତୀକରଣ ଏବଂ ଆର୍‌ଡିଏସ୍‌ଓ ମାନକ ହାଇଟ୍ ଗେଜ୍‌ର ବ୍ୟବସ୍ଥା; ₹୪,୩୭,୦୩,୭୦୮.୭୬; ₹୩,୬୮,୫୦୦.୦୦; [୨]; ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୭୬-୨୦୨୫; "ମିଶନ୍ ୩୦୦୦ଏମ୍‌ଟି-ଏସ୍‌ଇଆର୍-ରାଞ୍ଚି ଡିଭିଜନ : ହାଟିଆ-ଓର୍ଗା ସେକ୍ସନରେ @ ୧୦୦ କିମି ପ୍ରତିଘଣ୍ଟାରେ ୨୫ଟି ଏକ୍ସିଲ ଲୋଡେଡ୍ ଫ୍ରେଟ୍ ଟ୍ରେନ୍‌ଗୁଡ଼ିକର ଚଳାଚଳ ପାଇଁ ବ୍ରିଜ୍ ନଂ. ୫୨୦ (୧୧x୧୮.୩ ମି କି)ର ରିଗର୍ଡରିଂ" ସଂକ୍ରାନ୍ତରେ ସବ୍-ଷ୍ଟ୍ରକ୍ଚରର ସୁଦୃଢ଼ୀକରଣ ସମେତ ଆରସିସି ଜ୍ୟାକେଟିଂ କାର୍ଯ୍ୟ; ₹୪,୯୫,୩୮,୫୨୭.୮୫; ₹୩,୯୭,୭୦୦.୦୦; ଟେଣ୍ଡର ବନ୍ଦ ହେବାର ତାରିଖ: ୦୧।୦୮।୨୦୨୫ (କ୍ର.ସଂ. ୧ ଓ ୨ ପାଇଁ); ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ଉପରଦର୍ଶିତ ତାରିଖର ୧୫.୦୦ ଘଟିକାରେ। ଟେଣ୍ଡରଦାତାମାନେ ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। (PR-388)

### झारखण्ड सरकार
### खेलकूद एवं युवाकार्य निदेशालय
### (पर्यटन, कला-संस्कृति, खेलकूद एवं युवाकार्य विभाग)

गेट नं०–28, बिरसा मुण्डा फुटबॉल स्टेडियम, मोराबादी, राँची–834008
E-mail Id - directorsportsjharkhand@gmail.com

**आवश्यक सूचना**

एतद् द्वारा सूचित किया जाता है कि खेलकूद एवं युवाकार्य निदेशालय, झारखण्ड, राँची द्वारा "Rate Contract For Supply Of Sports & Generic Kits" के निमित्त आमंत्रित निविदा(13/2025–26 दिनांक 26.05.2025) विज्ञापन संख्या – PR No. 353530 (Art, Culture, Sports & Youth Affairs) Dt. 27.05.2025 को अपरिहार्य कारणों से रद्द किया जाता है।

ह०/–
निदेशक,
खेलकूद एवं युवाकार्य निदेशालय, झारखण्ड, राँची।

PR.NO.357283 Art Culture Sports and Youth Affairs(25-26):D

### GOVERNMENT OF ODISHA
### OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR

No.C-664

E-Mail ID - acephcbam@gmail.com

**NATIONAL COMPETITIVE BIDDING THROUGH e-PROCUREMENT**

**Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding From | To | Name & Address of Officer Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of WTP and laying of RWRM and CWRM with ancillary works for Sorada NAC' under AMRUT 2.0, (SWAP-III) | Identification No. ACEPHCBAM 07/2025-26 Dt. 11.07.2025 | 684.70 | 12 (Twelve) Calendar Months | 11.00 Hrs. of 19.07.2025 | 17.30 Hrs. of 04.08.2025 | Chief Engineer, P.H. Circle, Berhampur |

The technical bid shall be opened on dt. 08.08.2025 at 12.30 P.M.
Further details can be seen from the e-Procurement portal http://tendersodisha.gov.in

OIPR-13004/11/0020/2526 Sd./- Chief Engineer (PH)

### राजकीय रेल थाना धनबाद

**आवश्यक सूचना**

सर्व साधारण को सूचित किया जाता है कि रेल थाना धनबाद काण्ड संख्या–41/2022, दिनांक–01.02.2022, धारा–379 भा०द०वि० के अप्राथमिकी अभियुक्त संजय हेम्ब्रम, पिता–कासरम हेम्ब्रम, पता–बेनासुली नयाग्राम गरमल, थाना–सालबनी (पीड़ाकाटा पुलिस पोस्ट), जिला–पश्चिमी मेदिनीपुर (प०बं०) जो गिरफ्तारी के डर से भागा फिर रहा है। उनके विरूद्ध माननीय रेलवे न्यायालय धनबाद के द्वारा इश्तेहार निर्गत किया गया है जिनका दिनांक–04.07.2025 को विधिवत् तामिला किया जा चुका है। अगर यदि वे एक महिना के अंदर रेल थाना धनबाद अथवा माननीय रेलवे न्यायालय धनबाद में आत्मसर्पण नहीं करते है तो उनके चल संपत्ति की कुर्क करने हेतु माननीय रेलवेग न्यायालय धनबाद से कुर्की अधिपत्र निर्गत करने हेतु अनुरोध किया जायेगा।

विश्वासभाजन
(कैलाश प्रसाद महतो)
पु०अ०नि० रेल थाना धनबाद

PR 357294 (Police)25-26*D

### GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BOLANGIR

No.O-414

**e-Procurement Notice**

1 Name of work : Improvement to **NH-201 to Bhanpur** Road in the district of Bolangir under MMSY-Improvement to Existing RD Road for the year 2024-25 in the district of Bolangir
2 No. of work : 1 (One) work
3 Time for completion : 9 (Nine) Calendar Months
4 Approximate estimated cost : Rs.129.62 lakhs
5 Mode of submission of tender : Tender should be submitted online in www.tendersodisha.gov.in
6 **Other details are as follow**

| Procurement Officer | Bid Identification No. | Availability of Tender on line for bidding From | To | Last date and time of seeking tender clarification | Date & time of opening of tender Technical Bid | Financial Bid |
|---|---|---|---|---|---|---|
| Chief Construction Engineer, R.W. Circle, Bolangir | BLGR-Online-08/2025-26 | 16.07.2025 at 11.00 A.M. | 30.07.2025 upto 5.00 P.M. | 29.07.2025 upto 5.00 P.M. | 31.07.2025 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd./- S.Mahali
Chief Construction Engineer
R.W.Circle, Bolangir

OIPR-25118/11/0040/2526

### OFFICE OF THE NOTIFIED AREA COUNCIL, NIMAPARA

At/PO/PS - Nimapara, Dist - Puri, Odisha, PIN - 752106
eMail ID - nimapadanac@gmail.com, eo-nacnimapada.od@gov.in,
Website - nimaparanac.in, Phone-06758-454167

**Letter No.1316/Date 13.07.2025**

**CORRIGENDUM**

**No.C-670** : With Reference to the e-Procurement Notice No.2132/Date 26.06.2025, Bid Reference No. : NP-NAC-01/2025-26 and Bid Identification No. : 2025_ORULB_114915_1 to 9, the Tender will be extended for submission of Bid Online till Dt.18.07.2025 upto 5.00 P.M. and Bids received online shall be opened at 11.00 A.M. on Dt.19.07.2025 for Technical Qualification due to unavoidable circumstances. Further details can be seen from the procurement portal i.e. www.tendersodisha.gov.in.

Sd./- Executive Officer
Nimapara N.A.C.

OIPR-13112/11/0029/2526

### OFFICE OF THE REGULATED MARKET COMMITTEE, SAMBALPUR

E-PROCUREMENT (INVITATION FOR BIDS)
TENDER CALL NOTICE No. 604/RMC. Dt.10.07.2025
BID IDENTIFICATION No.01/2025-26

**No.H-16** : Sub-Collector, Sambalpur-cum-Chairman, RMC, Sambalpur invites one construction work at Sanatanpali under RMC, Sambalpur. The details of which available at e-procurement portal www.tendersodisha.gov.in. Intending bidders are requested to visit the mentioned website for submission of e-tender.

Last date/time for submission of bid is 29.07.2025 upto 5.00 P.M.

Bids received online shall be opened on dt.31.07.2025 at 11.00 A.M.

Sd./- Sub-Collector, Sadar-cum-Chairman, RMC, Sambalpur

OIPR-15013/11/0060/2526

### idco | ODISHA NEW OPPORTUNITIES
### OFFICE OF THE DIVISIONAL HEAD, IDCO, CUTTACK DIVISION, JAGATPUR (NEW), CUTTACK-754021

No.CAD-1070

Tender Call Notice No. IDCO/CTC/CIV/E : 1322 Dated : 05.07.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the work** : Construction of CC Road from IDCO Plot No.28 to Plot No.27 at Old Industrial Estate, Jagatpur, Cuttack.
2. **Estimated cost** : Rs.23.35 Lakh
3. **Period of completion** : 03 (Three) Calendar months
4. **Other details** :

| Procurement Officer | Bid ID/Tender reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Divisional Head, IDCO, Cuttack Division | Bid ID/Tender reference No. CTC/CIV/EST/E-01/2025-26 | 17.07.2025 at 17.00 Hrs. | 31.07.2025 up to 17.00 Hrs. |

Further details can be seen from the e-procurement portal, **www.tendersodisha.gov.in** and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Divisional Head
IDCO, Cuttack Division

OIPR-14003/11/0198/2526

### FOREST DEPARTMENT
### OFFICE OF THE DIVISIONAL FOREST OFFICER, BARIPADA FOREST DIVISION

No.MM-123

e-mail : dfo.baripada@odisha.gov.in
Government of Odisha "e" Procurement Notice
**Bid Identification No. : DFO-BPD-04/2025-26**

1. Number of works : **3** (Three numbers of work)
2. Approximate estimated cost : **8.08 lakh** to **27.23 lakh**
3. Period of Completion : **90 (Ninety)** days
4. Date & Time of availability of bid documents in the portal : **Dt.16.07.2025 to 25.07.2025**
5. Last Date / Time of receipt of bid in the portal : **Dt.25.07.2025 up to 5.00 P.M.**
6. Date of Opening of bid : **Dt.28.07.2025 at 11.00 A.M.**
7. Name & address of the Office inviting bid : **O/o the Divisional Forest Officer, Baripada Forest Division, Baripada, Mayurbhanj, Pin-757001**

Further details can be seen from the e-procurement portal http://www.tendersodisha.gov.in

Sd./- Divisional Forest Officer
Baripada Forest Division

OIPR-08065/11/0014/2526

### Government of Odisha, "e"-Procurement Notice
### WORKS DEPARTMENT

No.B-285

E-mail : ceroads.bbsr@gmail.com

**RFP Identification No. CE-Roads-II-01/2025-26**

1. The Chief Engineer, Roads-II, Odisha (Authority) on behalf of the Works Department, Govt. of Odisha is engaged in the Development of State Roads and Highways in Odisha and as part of this endeavour, Govt. of Odisha has decided to undertake the following "Projects" under EPC Contract (Engineering, Procurement and Construction) basis and has decided to carry out the bid process for selection of the parties/Joint Ventures to whom the Project may be awarded eventually.
2. Nature of project : Road works
3. No. of project : 2 Nos.
4. Tender Paper cost : Rs. 10,000.00
5. Class of Contractor : Super Class
6. Available of bid document in the website : From 10.00 A.M. of 22.07.2025 to 5.30 P.M. of 12.08.2025
7. Date of Pre-Application conference : 02.08.2025 at 12.30 P.M.
8. Date of opening of Bid : Dt.13.08.2025 at 11.30 A.M.
9. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Engineer (Roads-II), Odisha

OIPR-34181/11/0029/2526

### WORKS DEPARTMENT
### OFFICE OF THE SUPERINTENDING ENGINEER BHADRAK (R&B) DIVISION

No.B-300

e-mail : bhadrakrnbdivision@gmail.com

**Government of Odisha "e" Procurement Notice**
**Bid Identification No. SE (R&B) BDK-06/2025-26**
**No.5473/dt.-11.07.2025**

Nature of work : Civil Works
Number of works : 5 (Five) Nos
Amount put to Tender : Rs.16.60 to 87.97
Class of Contractor : B Class, B&C, C&D Class
Date & Time of availability of bid document in the portal : 21.07.2025 at 11.00 A.M.
Last Date / Time of receipt of bid in the portal : 30.07.2025 up to 05.00 P.M.
Date of opening of bid : Dt.31.07.2025 at 11.30 A.M.
Name & address of the Office inviting bid : Superintending Engineer, Bhadrak (R&B) Division
The bidders have to participate in ONLINE bidding only
Further details can be seen from the e-procurement portal "http//tendersodisha.gov.in."
All future corrigendum will be available on ONLINE mode only

Sd./- Superintending Engineer
Bhadrak (R&B) Division

OIPR-34079/11/0025/2526

### ଫର୍ମ ନଂ.-୧୩
### ଋଣ ଅସୁଲି ପ୍ରାଧିକରଣ, କଟକ

ସି-୭୧, ସେକ୍ଟର-୭, ସି.ଡ଼ି.ଏ, କଟକ, ଓଡ଼ିଶା
ଓ.ଏ. ନଂ. ୧୧୬/୨୦୨୫

ବ୍ୟାଙ୍କ ଅଫ୍ ଇଣ୍ଡିଆ .....ଆବେଦନକାରୀ
ବନାମ
ଶ୍ରୀମତୀ ମଞ୍ଜୁଲତା ସାମନ୍ତରାୟ ଏବଂ ଅନ୍ୟମାନେ .....ପ୍ରତିବାଦୀମାନେ

ପ୍ରାପ୍ତେଷୁ,

୧) **ଶ୍ରୀମତୀ ମଞ୍ଜୁଲତା ସାମନ୍ତରାୟ,** ବୟସ ପ୍ରାୟ ୪୬ ବର୍ଷ, ସ୍ୱାମୀ- ଶ୍ରୀ ହେମନ୍ତ ସାମନ୍ତରାୟ ଏବଂ ପିତା- ଶ୍ରୀ ଭୀମସେନ ପାଟ୍ଟସିଂହ, ଗୋତପଲ୍ଲୀ, କୁଲେଇ, ପୋ- ଗଙ୍ଗାଧରପୁର, ଥାନା- ବାଲୁଗାଁ, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୨୦୩୪

୨) **ଶ୍ରୀ ହେମନ୍ତ ସାମନ୍ତରାୟ,** ବୟସ ପ୍ରାୟ ୪୭ ବର୍ଷ, ପିତା: ୰ ଯୁଧିଷ୍ଠିର ସାମନ୍ତରାୟ, ଗୋତପଲ୍ଲୀ, କୁଲେଇ, ପୋ- ଗଙ୍ଗାଧରପୁର, ଥାନା- ବାଲୁଗାଁ, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୨୦୩୪

**ପ୍ରାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ଜାରୀ ସମନ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ଆବେଦନକାରୀ **ଓ.ଏ. ନଂ. ୧୧୬/୨୦୨୫** ଦ୍ୱାରା **ଟ.୭୧,୭୪,୭୨୭.୭୪ପଇସା (ଏକସ୍ତରୀ ଲକ୍ଷ ଚଉସ୍ତରୀ ହଜାର ସାତ ଶହ ସତେଇଶି ଟଙ୍କା ଏବଂ ଚଉସ୍ତରୀ ପଇସା ମାତ୍ର)** ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, ଓଡ଼ିଶା, କଟକ-୧୪ଙ୍କ ଇଜିଲାସରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପର ଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର **ତିରିଶି ଦିନ** ମଧ୍ୟରେ କିମ୍ବା **ତା.୨୨.୦୯.୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଛି କି ଯଦି ସେ ଏଥିରେ ଖିଲାପ କରନ୍ତି, ତେବେ ଆପଣଙ୍କ ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣୀ ଏବଂ ବିଚାର କରାଯିବ।

ଏହି ପ୍ରାଧିକରଣର ସହି ମୋହର ସହ ମୋ ଦ୍ୱାରା **ତା.୦୮.୦୭.୨୦୨୫ରିଖରେ** ଆଦିଷ୍ଟ।

ସ୍ୱା/– (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

### GOVERNMENT OF ODISHA
### DEPARTMENT OF WATER RESOURCES
### O/o THE CHIEF ENGINEER AND BASIN MANAGER, MAHANADI BASIN, AT-BURLA, DISTRICT-SAMBALPUR, PIN-768017

No.A-380

E-mail Id - cebmumbburla@gmail.com

**'e' Procurement Notice No-CE & BM-MB-02/2025-2026 (Online)**
Bid Identification No-CE & BM-MB-02/2025-2026 (Online)

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project of Kadobahal Canal Section |
| 2 | No of works | : | One (01) number |
| 3 | Class of contractor | : | "Special Class" and "Super Class" |
| 4 | Bid Identification No | : | CE&BM-MB-02/2025-2026 (Online) |
| 5 | Estimated cost | : | Rs.20.05 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated - 15.07.2025 at 11.30 A.M. to Dated - 04.08.2025 up to 5.00 P.M. |
| 8 | Last date/time for receipt of Bids in the portal | : | Dated - 04.08.2025 up to 5.00 P.M. |
| 9 | Date of opening of Technical Bid (Cover-I) | : | Dated - 05.08.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email Id : cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

Sd./- Chief Engineer & Basin Manager,
Mahanadi Basin, Burla

OIPR-32508/11/0005/2526

## ମଧୁବନ ଗ୍ରାମରେ ଚାରାରୋପଣ

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର ): ବାଙ୍କୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଧୁବନ ଗ୍ରାମ ନିକଟସ୍ଥ ପୁରୀ ମୁଖ୍ୟ କେନାଲ ଉତ୍ତର ପାଖେ ସୋମବାର ବର, ଓସ୍ତ, ନିମ୍ବ, ଜାମୁ, ବାହାଡା, ସୁନାରୀ ଆଦି ବିଭିନ୍ନ ଚାରା ରୋପଣ କରାଯାଇଛି। ମଧୁବନ ଗ୍ରାମ କମିଟି ଓ ଅଖଣ୍ଡ ବାରଙ୍ଗ ବିକାଶ ମଞ୍ଚ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ବିପିନ ବିହାରୀ ମହାନ୍ତି ଉଦ୍‌ଘାଟନ କରିଥିଲେ । ଏଥିରେ ଅତିଥି ଭାବେ ପଣ୍ଡିତ ଶେଷଦେବ ଷଡଙ୍ଗୀ ଯୋଗଦେଇ ବୈଦିକ ମନ୍ତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମରେ କିଶନ ଜେନା, ବସନ୍ତ ମହାପାତ୍ର, କାଙ୍ଗାଳି ଚରଣ ପରିଡା ପ୍ରମୁଖ ଚାରାରୋପଣରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ମୃତ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ପ୍ରତିବାଦ

ଆଠଗଡ: ୧୪।୭ (ସତ୍ୟ ପ୍ରସାଦ ରଥ) ଆଠଗଡ଼ ଓ ତିଗିରିଆ ନିର୍ବାଚନ ମଣ୍ଡଳୀ ବିଜୁ ଛାତ୍ର ଜନତା ଦଳ ତରଫରୁ ବାଲେଶ୍ୱର ଫକୀର ମୋହନ ମହା ବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ନିନ୍ଦା କରାଯାଇଛି। ବାରମ୍ବାର ନ୍ୟାୟ ପାଇଁ ଅଭିଯୋଗ କରିବା ପରେ ନ୍ୟାୟ ନପାଇ ଦେହରେ ନିଆଁ ଲଗାଇ ଦେଇଥିଲେ। ଏହାକୁ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦୃଢ ନିନ୍ଦା କରିବା ସହ ଆଠଗଡ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ସମ୍ମୁଖରେ ସୋମବାର ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଇଛି। ସେହିପରି ଦୋଷୀ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଆଠଗଡ ବ୍ଲକ୍ ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି, ଏନ୍‌ଏସି ସଭାପତି ଖଲିଦ ମହମ୍ମଦ, ଛାତ୍ର ନେତା ହିମାଂଶୁ ଶେଖର ସାଇଁ, ତୋଫାନ ସାମଲ, ପ୍ରଭାଜନ ସେଠୀ, ଧନେଶର ବେହେରା ଉପସ୍ଥିତ ଥିଲେ।

### ବାଙ୍କୀ ମହୋତ୍ସବ ସ୍ମରଣିକା କମିଟି ବୈଠକ

ବାଙ୍କୀ,୧୪।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର ): ବାଙ୍କୀ ପ୍ରେସକ୍ଲବ ତଥା ବିଦ୍ୟାରତ୍ନ ଭବନଠାରେ ସୋମବାର ବାଙ୍କୀ ମହୋତ୍ସବ ସ୍ମରଣିକା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଂ.ସତ୍ୟବ୍ରତ ରଥ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଚଳିତ ବର୍ଷ ବାଙ୍କୀ ମହୋତ୍ସବ ପାଳନର ରୌପ୍ୟଜୟନ୍ତୀ ଅବସରରେ ଏକ ସୁନ୍ଦର ଓ ସଚିତ୍ର ସ୍ମରଣିକା ପ୍ରକାଶ କରିବା ପାଇଁ ବୈଠକରେ ସ୍ଥିର ହୋଇଛି। ଏହି ସ୍ମରଣିକାରେ ବାଙ୍କୀର କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ସମ୍ପର୍କିତ ପ୍ରବନ୍ଧ ପ୍ରକାଶ ପାଇବା ସହ ବାଙ୍କୀର ବରପୁତ୍ର, ମଠମନ୍ଦିର, ଚର୍ଚ୍ଚିକା ସମ୍ମାନ ପାଇଥିବା ବ୍ୟକ୍ତିବିଶେଷ, ଧର୍ମ, ବିଭିନ୍ନ ଗ୍ରାମର ଜାନିଯାତ୍ରା, ଐତିହ୍ୟସମ୍ପନ୍ନ ବିଦ୍ୟାଳୟ ଆଦି ବିଷୟବସ୍ତୁ ଉପରେ ଲେଖା ଗୁଡିକ ଆହ୍ୱାନ କରାଯାଇଛି । ଲେଖାଗୁଡିକ ଜୁଲାଇ ୩୧ସୁଦ୍ଧା ଲେଖକମାନଙ୍କଠାରୁ ସଂଗ୍ରହ କରାଯିବ । ମହୋତ୍ସବ କମିଟିର ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି । ସ୍ମରଣିକା କମିଟିର ସମ୍ପାଦକ କବି କୌଶିକ ନାୟକ ସ୍ମରଣିକାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବୈଠକରେ ଜ୍ଞାନେନ୍ଦ୍ର ମୋହନ ମିଶ୍ର, ପ୍ରାଧ୍ୟାପକ ମନୋଜ ମହାପାତ୍ର, ସମରେନ୍ଦ୍ର ମହାପାତ୍ର, ସନାତନ ବେହେରା, ସୁନୀଲ ମିଶ୍ର, ରବିନାରାୟଣ ମଙ୍ଗରାଜ, ପଣ୍ଡିତ ନଗେନ୍ଦ୍ର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ବଳଭଦ୍ର ରଣା ପ୍ରମୁଖ ଯୋଗଦେଇଥିଲେ।

### ଆଦର୍ଶ ବିଦ୍ୟାଳୟରେ ଚାରାରୋପଣ

ତିଗିରିଆ,୧୪।୭(ଜାଫର ଖାଁ): ତିଗିରିଆ ବ୍ଲକ ଅଚଳକୋଟ ପଞ୍ଚାୟତସ୍ଥିତ ତିଗିରିଆ ଆଦର୍ଶ ବିଦ୍ୟାଳୟରେ ସୋମବାର ୭୬ତମ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଅମ୍ବୁଜ ଭୋଇ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ତିଗିରିଆ ବନଖଣ୍ଡର ବନପାଳ ପ୍ରଶାନ୍ତ ପରିଡ଼ା ଯୋଗଦେଇ ବିଦ୍ୟାଳୟ ପରିସରରେ ଚାରାରୋପଣ କରିବା ସହ ଛାତ୍ରୀଛାତ୍ରଙ୍କୁ ଚାରାରୋପଣର ମହତ୍ୱ ବୁଝାଇଥିଲେ। ବିଦ୍ୟାଳୟ ଇକୋ କ୍ଲବ ଦ୍ୱାରା ଏକ ଆଲୋଚନାଚକ୍ର ଓ ଚିତ୍ରାଙ୍କନ ସହ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସେୱାଲି ଜନ, ବେବି ସାହିଲ, ଶିକ୍ଷକ ଭଜମନ ନାୟକ, ଅମିୟ ରଞ୍ଜନ ଷଡଙ୍ଗୀ, ସୁଦୀପ୍ତ ଗୌଡ଼, ଦୀପ୍ତିରଞ୍ଜନ ନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ ସଂଯୋଜନା କରିଥିଲେ।

# ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିରରେ ୫୭ ଅଭିଯୋଗ



ଶିବିରରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଜନ ଅଭିଯୋଗର ଶୁଣାଣି କରୁଛନ୍ତି ।

- ବ୍ୟକ୍ତିଗତ ୪୧, ସାମୂହିକ ଅଭିଯୋଗ ୧୬
- ଦାରାବତୀପୁର ହତ୍ୟାକାଣ୍ଡରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ସ୍ତ୍ରୀ ଆକୁଳ ନିବେଦନ

**ଆଠଗଡ,୧୪।୭(ସତ୍ୟ ପ୍ରସାଦ ରଥ):** ଆଠଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ୫୭ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ୪୧ ଓ ସାମୂହିକ ୧୬ଟି ଅଭିଯୋଗ ହୋଇଥିଲା। ୨ ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଗୋଟିଏ ଅଭିଯୋଗ ଗ୍ରହଣ କରାଯାଇଥିଲା। ଅନ୍ୟାନ୍ୟ ଭତ୍ତା ସମ୍ପର୍କିତ ୯ଟି ଅଭିଯୋଗ ଥିଲା। ଜଣେ ହିତାକାରୀଙ୍କୁ ଏକ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ପ୍ରତୀକ ସିଂ, ଅତିରିକ୍ତ ଜିଲାପାଳ ଶିବ ଟୋପୋ, ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ବନ୍ଦନା ଖଟୁଆ, ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜୁଲାଇ ୮ରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଦାରାବତୀପୁରଠାରେ ହୋଇଥିବା ହତ୍ୟାକାଣ୍ଡରେ ମୃତ କାହ୍ନୁ ରାଉତଙ୍କ ବିଧବା ସ୍ତ୍ରୀ ମମତା ବେହେରା ଜିଲାପାଳଙ୍କୁ ଭେଟି ହତ୍ୟା ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଗୋଡ଼ ତଳେ ପଡି ନିବେଦନ କରିଥିଲେ। ତାଙ୍କର ଏହି ଭାବାବେଗ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା।

## ଲଗାଣ ବର୍ଷାରେ ଭାଙ୍ଗିଲା ୨ ଘର

ତିଗିରିଆ,୧୪।୭(ଜାଫର ଖାଁ): ଗତ କିଛିଦିନ ଧରି ହୋଇଥିବା ଲଘୁଚାପଜନିତ ଲଗାଣ ବର୍ଷାରେ ରବିବାର ବିଳମ୍ବିତ ରାତିରେ ତିଗିରିଆ ବ୍ଲକ ବିନ୍ଧାଣିମା ଗ୍ରାମ ଅନ୍ତର୍ଗତ ହାଟ ସାହିର ସନ୍ତୋଷ ରାଉତ ଓ ଟୁଟୁଙ୍କ ଘର ଭାଙ୍ଗି ଯାଇଛି। ଉଭୟ ପରିବାର ଗରିବ ଶ୍ରେଣୀର। ଅର୍ଥ ଅଭାବରୁ ଚାଳଘର ଛପର ହୋଇ ନଥିବାରୁ ଏପରି ଦୁର୍ଦ୍ଦଶା ହୋଇଥିବା ଜଣାପଡ଼ିଛି। ଏହି ଘଟଣାରେ ଉଭୟ ପରିବାରର ବିଶେଷ କ୍ଷୟକ୍ଷତି ହୋଇନଥିଲେ ମଧ୍ୟ ସନ୍ତୋଷଙ୍କ ସ୍ତ୍ରୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଟୁଟୁଙ୍କ ପରିବାର ଲୋକେ ଘର ଅବସ୍ଥା ଶୋଚନୀୟ ହୋଇଥିବାରୁ କିଛି ଦିନ ହେବ ଭଡ଼ାଘରେ ରହୁଥିବାରୁ ବର୍ତ୍ତିଯାଇଛନ୍ତି। ଉଭୟ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇଦେବା ସହ ଆବାସ ଯୋଜନାରେ ଘର ପ୍ରଦାନ ପାଇଁ ସାଧାରଣରେ ଦାବି କରାଯାଇଛି। ଏ ବିଷୟରେ ତିଗିରିଆ ବିଡିଓ ମନସ୍ୱିନି ଦାସଙ୍କୁ ପଚାରିବାରେ ଉଭୟଙ୍କୁ ତହସିଲ ପ୍ରଶାସନ ତରଫରୁ ପଲଥିନ ଯୋଗାଇ ଦିଆଯିବ ସହ ରିଲିଫ କୋଡ଼ ଅନୁଯାୟୀ ଘର ପ୍ରଦାନ କରାଯିବ ବୋଲି କହିଛନ୍ତି ।

# ଭାଜପାର ସାଙ୍ଗଠନିକ ପ୍ରସ୍ତୁତି ବୈଠକ

### ବୁଥ୍ ସଶକ୍ତ କର

ବାଙ୍କୀ, ୧୪।୭(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ବ୍ରହ୍ମପୁରା ମଣ୍ଡଳରେ ୩୫ ନଂ ଜୋନ ଅନୁଆରି ଶକ୍ତି କେନ୍ଦ୍ରର ୫ ବୁଥ କମିଟିର ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମଇଜୋରିସ୍ଥିତ ବନ୍ୟା ଆଶ୍ରୟସ୍ଥଳୀରେ ସାଙ୍ଗଠନିକ ବୈଠକରେ ବୁଥ୍ ନଂ ୬୧,୬୨,୬୪,୬୫ ଏବଂ ୬୬ ନମ୍ବର ସମସ୍ତ ବୁଥ କମିଟିର ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ। ମଣ୍ଡଳ ସଭାପତି ବିଜୟ ବରାଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ସରୋଜ ମଓଗଜସିଂ, ସରୋଜ ସାମନ୍ତରାୟ, ମଣ୍ଡଳ ପ୍ରଭାରୀ ସୁଶାନ୍ତ ଭଞ୍ଜ, ନବ କିଶୋର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ବୁଥ୍ ସଶକ୍ତ କରିବା, ବିରୋଧୀ ଦଳଙ୍କୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ମୁକାବିଲା କରିବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନକଲ୍ୟାଣ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ସେଥିପ୍ରତି ମୁଖ୍ୟ ଅତିଥି ଅବଗତ କରାଇଥିଲେ। ଏହି ବୈଠକରେ ଉକ୍ତ ଶକ୍ତିକେନ୍ଦ୍ରର ବିଭିନ୍ନ ଗ୍ରାମର ଶହେରୁ ଊର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀମାନେ ଭାଜପାରେ ସାମିଲ ହୋଇଥିଲେ। ଏଥିସହ କୁରୁମଚଇନି ଗ୍ରାମର ମଦନମୋହନ ଗୋପାଳ ସେଠ, ଦୀପକ କୁମାର ରାଉତ। ବୋତଲମା ଗ୍ରାମର ସନ୍ତୋଷ କୁମାର ଦଳେଇ, ସୁମନ ଦେହୁରୀ, ନିତ୍ୟାନନ୍ଦ ମାଝୀ, ମଇଜୋରି ଗ୍ରାମର ପ୍ରଭାତ ସାମଲ, ସନ୍ତୋଷ କୁମାର ସାମଲ, ଗୋପ ଗ୍ରାମର ରେବତୀ ରାଉତ ଏବଂ ଦିଗମ୍ବର ରାଉତ ପ୍ରମୁଖ ଦଳରେ ସାମିଲ ହୋଇ ନିଷ୍ଠାର ସହିତ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଭିଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଯାଇ ସମ୍ମାନିତ କରାଯାଇଥିଲା ।

# ଗୋଟିଏ ରାତିରେ ୫ ଘରୁ ଚୋରିକଲେ ଦୁର୍ବୃତ୍ତ

ବାଙ୍କୀ, ୧୪।୭ (ଶୁଭେନ୍ଦୁ ମହାପାତ୍ର)

- ବୈଦେଶ୍ୱର ଥାନା ଅଞ୍ଚଳରେ ସିରିଜ ଚୋରି
- ବାରମ୍ବାର ଚୋରି ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ

କଟକ ଜିଲାର ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦେଶ୍ୱର୍ ଥାନା ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ସିରିଜ ଚୋରି ହୋଇଛି। ବୈଦେଶ୍ୱର ଥାନାଠାରୁ ମାତ୍ର ପାଞ୍ଚଶହ ମିଟର ଦୂରରେ ଥିବା ଶାସନ ସାହିର ୨ ଜଣଙ୍କ ଘରୁ ଓ ବଡସାହିର ୨ ଓ କରସାହିର ଜଣଙ୍କ ଘରୁ ଏହିପରି ମୋଟ ୫ ଜଣଙ୍କ ଘରୁ ଚୋରି ହୋଇଛି। ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଶାସନସାହିର ବିଜୟ କୁମାର ସାହୁ, ଓ ଉର୍ମିଳା ମିଶ୍ରଙ୍କ ଘର୍ ତାଲା ଭାଙ୍ଗି ଆଲମାରୀ ତାଡ଼ି ଟଙ୍କା, ସୁନାଗହଣା ଚୋରି କରିନେଇଛନ୍ତି। ସେହିପରି ବଡ଼ସାହିର ପବିତ୍ର ସାହୁ, ରତ୍ନାକର ସାହୁ ଏବଂ କର ସାହିର ଜଣଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବୈଦେଶ୍ୱର ଥାନା ଅଞ୍ଚଳରୁ ବାରମ୍ବାର ଏପରି ଚୋରି ହେଉଥିଲେ ମଧ୍ୟ ପୋଲିସର ନିଷ୍କ୍ରିୟତା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗତ କିଛିଦିନ ତଳେ ଏହି ଥାନା ଅନ୍ତର୍ଗତ ପୁଇଞ୍ଚା, ପଣ୍ଡାଳମା ଗହିର ଗାଡ଼ିଆ, ଲେମୱରି ଓ ଅଳସୁଆ ଗ୍ରାମରୁ ଏପରି ସିରିଜ ଚୋରି ହୋଇଛି। ଗତ ସପ୍ତାହରେ ଜଗନ୍ନାଥପୁର ପଞ୍ଚାୟତର ଖଳିପଲିଠାରେ ଗୋଟିଏ ରାତିରେ ତିନି ଜଣଙ୍କ ଘରୁ ଲକ୍ଷାଧିକ ଟଙ୍କା ସହ ସୁନାଗହଣା ଚୋରି ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବୈଦେଶ୍ୱର ଥାନା ଆଇଆଇସି ସଞ୍ଜୟ ଜେନାଙ୍କୁ ପଚାରିବାରେ ଅନୁପସ୍ଥିତ ଥିବା ଲୋକଙ୍କ ଘରୁ ଚୋରି ହୋଇଛି। ଏନେଇ ଅଧିକ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଆଇଆଇସି ଜେନା ପ୍ରକାଶ କରିଛନ୍ତି ।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜି./ରାଞ୍ଚି–୮୩୪୦୦୩, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ନୋଟିସ୍ ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: [୧]; ଡିଆର୍‌ଏମ୍‌ଇଏନ୍‌ଜିଆର୍‌ଏନ୍‌ସି-୭୫-୨୦୨୫; ବରିଷ୍ଠ ଡିଇଏନ୍ (ଦକ୍ଷିଣ)/ରାଞ୍ଚିଙ୍କ କ୍ଷେତ୍ରାଧିକାର ଅଧୀନରେ ଆପ୍ରୋଚ୍ ରୋଡ୍ ଆର୍‌ୟୁବି/ଏନ୍‌ଏଚ୍‌ଏସ୍/ଏଲ୍‌ଏଚ୍‌ଏସ୍‌ର ଉନ୍ନତୀକରଣ ଏବଂ ଆର୍‌ଡିଏସ୍‌ଓ ମାନକ ହାଇଟ୍ ଗେଜ୍‌ର ବ୍ୟବସ୍ଥା; ₹୪,୩୭,୦୩,୭୦୮.୭୬; ₹୩,୬୮,୫୦୦.୦୦; [୨]; ଡିଆର୍‌ଏମ୍‌ଇଏନ୍‌ଜିଆର୍‌ଏନ୍‌ସି-୭୬-୨୦୨୫; "ମିଶନ୍ ୩୦୦୦ଏମ୍‌ଟି-ଏସ୍‌ଇଆର୍-ରାଞ୍ଚି ଡିଭିଜନ : ହାଟିଆ-ଓର୍ଗା ସେକ୍ସନରେ @ ୧୦୦ କିମି ପ୍ରତିଘଣ୍ଟାରେ ୨୫ଟି ଏକ୍ସିଲ ଲୋଡେଡ୍ ଫ୍ରେଟ୍ ଟ୍ରେନ୍‌ଗୁଡ଼ିକର ଚଳାଚଳ ପାଇଁ ବ୍ରିଜ୍ ନଂ. ୫୨୦ (୧୧x୧୮.୩ ମି କି)ର ରିଗର୍ଡରିଂ" ସଂକ୍ରାନ୍ତରେ ସବ୍–ଷ୍ଟ୍ରକ୍ଚରର ସୁଦୃଢ଼ୀକରଣ ସମେତ ଆର୍‌ସିସି ଜ୍ୟାକେଟିଂ କାର୍ଯ୍ୟ; ₹୪,୯୫,୩୮,୫୨୭.୮୫; ₹୩,୯୭,୭୦୦.୦୦; ଟେଣ୍ଡର ବନ୍ଦ ହେବାର ତାରିଖ: ୦୧।୦୮।୨୦୨୫ (କ୍ର.ସଂ. ୧ ଓ ୨ ପାଇଁ); ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ଉପରଦର୍ଶିତ ତାରିଖର ୧୫.୦୦ ଘଣ୍ଟିକାରେ । ଟେଣ୍ଡରଦାତାମାନେ ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । (PR-388)

**झारखण्ड सरकार**
**खेलकूद एवं युवाकार्य निदेशालय**
**(पर्यटन, कला-संस्कृति, खेलकूद एवं युवाकार्य विभाग)**
गेट नं०-28, बिरसा मुण्डा फुटबॉल स्टेडियम, मोराबादी, राँची-834008
E-mail Id - directorsportsjharkhand@gmail.com

**आवश्यक सूचना**

एतद् द्वारा सूचित किया जाता है कि खेलकूद एवं युवाकार्य निदेशालय, झारखण्ड, राँची द्वारा "Rate Contract For Supply Of Sports & Generic Kits" के निमित्त आमंत्रित निविदा(13/2025-26 दिनांक 26.05.2025) विज्ञापन संख्या – PR No. 353530 (Art, Culture, Sports & Youth Affairs) Dt. 27.05.2025 को अपरिहार्य कारणों से रद्द किया जाता है।

ह०/–
**निदेशक,**
खेलकूद एवं युवाकार्य निदेशालय, झारखण्ड, राँची।
PR.NO.357283 Art Culture Sports and Youth Affairs(25-26):D

**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR** — No.C-664
E-Mail ID - acephcbam@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of WTP and laying of RWRM and CWRM with ancillary works for Sorada NAC' under AMRUT 2.0, (SWAP-III) | Identification No. ACEPHCBAM 07/2025-26 Dt. 11.07.2025 | 684.70 | 12 (Twelve) Calendar Months | 11.00 Hrs. of 19.07.2025 | 17.30 Hrs. of 04.08.2025 | Chief Engineer, P.H. Circle, Berhampur |

The technical bid shall be opened on dt. 08.08.2025 at 12.30 P.M.
Further details can be seen from the e-Procurement portal http://tendersodisha.gov.in
OIPR-13004/11/0020/2526 — Sd./- Chief Engineer (PH)

**राजकीय रेल थाना धनबाद**

**आवश्यक सूचना**

सर्व साधारण को सूचित किया जाता है कि रेल थाना धनबाद काण्ड संख्या–41/2022, दिनांक–01.02.2022, धारा–379 भा0द0वि0 के अप्राथमिकी अभियुक्त संजय हेम्ब्रम, पिता–कासरम हेम्ब्रम, पता–बेनासुली नयाग्राम गरमल, थाना–सालबनी (पीड़ाकाटा पुलिस पोस्ट), जिला–पश्चिमी मेदिनीपुर (प0बं0) जो गिरफ्तारी के डर से भागा फिर रहा है। उनके विरूद्ध माननीय रेलवे न्यायालय धनबाद के द्वारा इश्तेहार निर्गत किया गया है जिनका दिनांक–04.07.2025 को विधिवत् तामिला किया जा चुका है। अगर यदि वे एक महिना के अंदर रेल थाना धनबाद अथवा माननीय रेलवे न्यायालय धनबाद में आत्मसर्पण नहीं करते है तो उनके चल संपत्ति की कुर्क करने हेतु माननीय रेलवेग न्यायालय धनबाद से कुर्की अधिपत्र निर्गत करने हेतु अनुरोध किया जायेगा।

विश्वासभाजन
(कैलाश प्रसाद महतो)
पु0अ0नि0 रेल थाना धनबाद
PR 357294 (Police)25-26*D

**GOVERNMENT OF ODISHA** — No.O-414
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BOLANGIR**
**e-Procurement Notice**

1. Name of work : Improvement to **NH-201 to Bhanpur** Road in the district of Bolangir under MMSY-Improvement to Existing RD Road for the year 2024-25 in the district of Bolangir
2. No. of work : 1 (One) work
3. Time for completion : 9 (Nine) Calendar Months
4. Approximate estimated cost : Rs.129.62 lakhs
5. Mode of submission of tender : Tender should be submitted online in www.tendersodisha.gov.in
6. **Other details are as follow**

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-08/2025-26 | 16.07.2025 at 11.00 A.M. | 30.07.2025 upto 5.00 P.M. | 29.07.2025 upto 5.00 P.M. | 31.07.2025 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd./- S.Mahali
Chief Construction Engineer
R.W.Circle, Bolangir
OIPR-25118/11/0040/2526

**OFFICE OF THE NOTIFIED AREA COUNCIL, NIMAPARA**
At/PO/PS - Nimapara, Dist - Puri, Odisha, PIN - 752106
eMail ID - nimapadanac@gmail.com, eo-nacnimapada.od@gov.in,
Website - nimaparanac.in, Phone-06758-454167
**Letter No.1316/Date 13.07.2025**
**CORRIGENDUM**

**No.C-670** : With Reference to the e-Procurement Notice No.2132/ Date 26.06.2025, Bid Reference No. : NP-NAC-01/2025-26 and Bid Identification No. : 2025_ORULB_114915_1 to 9, the Tender will be extended for submission of Bid Online till Dt.18.07.2025 upto 5.00 P.M. and Bids received online shall be opened at 11.00 A.M. on Dt.19.07.2025 for Technical Qualification due to unavoidable circumstances. Further details can be seen from the procurement portal i.e. www.tendersodisha.gov.in.

Sd./- Executive Officer, Nimapara N.A.C.
OIPR-13112/11/0029/2526

**OFFICE OF THE REGULATED MARKET COMMITTEE, SAMBALPUR**
E-PROCUREMENT (INVITATION FOR BIDS)
TENDER CALL NOTICE No. 604/RMC. Dt.10.07.2025
BID IDENTIFICATION No.01/2025-26

**No.H-16** : Sub-Collector, Sambalpur-cum-Chairman, RMC, Sambalpur invites one construction work at Sanatanpali under RMC, Sambalpur. The details of which available at e-procurement portal www.tendersodisha.gov.in. Intending bidders are requested to visit the mentioned website for submission of e-tender.
Last date/time for submission of bid is 29.07.2025 upto 5.00 P.M.
Bids received online shall be opened on dt.31.07.2025 at 11.00 A.M.

Sd./- Sub-Collector, Sadar-cum-Chairman, RMC, Sambalpur
OIPR-15013/11/0060/2526

idco | ODISHA NEW OPPORTUNITIES — No.CAD-1070
**OFFICE OF THE DIVISIONAL HEAD, IDCO, CUTTACK DIVISION, JAGATPUR (NEW), CUTTACK-754021**
Tender Call Notice No. IDCO/CTC/CIV/E : 1322 — Dated : 05.07.2025
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the work** : Construction of CC Road from IDCO Plot No.28 to Plot No.27 at Old Industrial Estate, Jagatpur, Cuttack.
2. **Estimated cost** : Rs.23.35 Lakh
3. **Period of completion** : 03 (Three) Calendar months
4. **Other details** :

| Procurement Officer | Bid ID/Tender reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Divisional Head, IDCO, Cuttack Division | Bid ID/Tender reference No. CTC/CIV/ EST/E-01/2025-26 | 17.07.2025 at 17.00 Hrs. | 31.07.2025 up to 17.00 Hrs. |

Further details can be seen from the e-procurement portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Divisional Head, IDCO, Cuttack Division
OIPR-14003/11/0198/2526

**Government of Odisha, "e"-Procurement Notice**
**WORKS DEPARTMENT** — No.B-285
E-mail : ceroads.bbsr@gmail.com
**RFP Identification No. CE-Roads-II-01/2025-26**

1. The Chief Engineer, Roads-II, Odisha (Authority) on behalf of the Works Department, Govt. of Odisha is engaged in the Development of State Roads and Highways in Odisha and as part of this endeavour, Govt. of Odisha has decided to undertake the following "Projects" under EPC Contract (Engineering, Procurement and Construction) basis and has decided to carry out the bid process for selection of the parties/Joint Ventures to whom the Project may be awarded eventually.
2. Nature of project : Road works
3. No. of project : 2 Nos.
4. Tender Paper cost : Rs. 10,000.00
5. Class of Contractor : Super Class
6. Available of bid document in the website : From 10.00 A.M. of 22.07.2025 to 5.30 P.M. of 12.08.2025
7. Date of Pre-Application conference : 02.08.2025 at 12.30 P.M.
8. Date of opening of Bid : Dt.13.08.2025 at 11.30 A.M.
9. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Engineer (Roads-II), Odisha
OIPR-34181/11/0029/2526

ଫର୍ମ ନଂ.-୧୩
**ଋଣ ଅସୁଲି ପ୍ରାଧିକରଣ, କଟକ**
ସି-୭୧, ସେକ୍ଟର-୭, ସି.ଡ଼ି.ଏ, କଟକ, ଓଡ଼ିଶା
ଓ.ଏ. ନଂ. ୧୧୬/୨୦୨୫

ବ୍ୟାଙ୍କ ଅଫ୍ ଇଣ୍ଡିଆ .....ଆବେଦନକାରୀ
ବନାମ
ଶ୍ରୀମତୀ ମଞ୍ଜୁଲତା ସାମନ୍ତରାୟ ଏବଂ ଅନ୍ୟମାନେ .....ପ୍ରତିବାଦୀମାନେ
ପ୍ରାପ୍ତେଷୁ,
୧) ଶ୍ରୀମତୀ ମଞ୍ଜୁଲତା ସାମନ୍ତରାୟ, ବୟସ ପ୍ରାୟ ୪୬ ବର୍ଷ, ସ୍ୱାମୀ- ଶ୍ରୀ ହେମନ୍ତ ସାମନ୍ତରାୟ ଏବଂ ପିତା- ଶ୍ରୀ ଭୀମସେନ ପାଟସିଂହ, ଗୋତପଲ୍ଲୀ, କୁଲେଇ, ପୋ- ଗଙ୍ଗାଧରପୁର, ଥାନା- ବାଲୁଗାଁ, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୨୦୩୪
୨) ଶ୍ରୀ ହେମନ୍ତ ସାମନ୍ତରାୟ, ବୟସ ପ୍ରାୟ ୪୭ ବର୍ଷ, ପିତା: ୰ ଯୁଧିଷ୍ଠିର ସାମନ୍ତରାୟ, ଗୋତପଲ୍ଲୀ, କୁଲେଇ, ପୋ- ଗଙ୍ଗାଧରପୁର, ଥାନା- ବାଲୁଗାଁ, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୨୦୩୪

ପ୍ରାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ
ଖବରକାଗଜ ପ୍ରକାଶନ ଦ୍ୱାରା ଜାରୀ ସମନ୍

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ଆବେଦନକାରୀ ଓ.ଏ. ନଂ. ୧୧୬/୨୦୨୫ ଦ୍ୱାରା ଟ.୭୧,୭୪,୭୨୭.୭୪ପଇସା (ଏକସ୍ତରୀ ଲକ୍ଷ ଚଉସ୍ତରୀ ହଜାର ସାତ ଶହ ସତେଇଶି ଟଙ୍କା ଏବଂ ଚଉସ୍ତରୀ ପଇସା ମାତ୍ର) ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, ଓଡ଼ିଶା, କଟକ-୧୪ଙ୍କ ଇଜିଲାସରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପର ଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର ତିରିଶି ଦିନ ମଧ୍ୟରେ କିମ୍ବା ତା.୨୨.୦୯.୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।
ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଛି କି ଯଦି ସେ ଏଥିରେ ଖିଲାପ କରନ୍ତି, ତେବେ ଆପଣଙ୍କ ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣୀ ଏବଂ ବିଚାର କରାଯିବ।
ଏହି ପ୍ରାଧିକରଣର ସହି ମୋହର ସହ ମୋ ଦ୍ୱାରା ତା.୦୮.୦୭.୨୦୨୫ରିଖରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

**FOREST DEPARTMENT** — No.MM-123
**OFFICE OF THE DIVISIONAL FOREST OFFICER, BARIPADA FOREST DIVISION**
e-mail : dfo.baripada@odisha.gov.in
Government of Odisha "e" Procurement Notice
**Bid Identification No. : DFO-BPD-04/2025-26**

1. Number of works : **3** (Three numbers of work)
2. Approximate estimated cost : **8.08 lakh** to **27.23 lakh**
3. Period of Completion : **90 (Ninety)** days
4. Date & Time of availability of bid documents in the portal : **Dt.16.07.2025 to 25.07.2025**
5. Last Date / Time of receipt of bid in the portal : **Dt.25.07.2025 up to 5.00 P.M.**
6. Date of Opening of bid : **Dt.28.07.2025 at 11.00 A.M.**
7. Name & address of the Office inviting bid : **O/o the Divisional Forest Officer, Baripada Forest Division, Baripada, Mayurbhanj, Pin-757001**

Further details can be seen from the e-procurement portal http://www.tendersodisha.gov.in

Sd./- Divisional Forest Officer, Baripada Forest Division
OIPR-08065/11/0014/2526

**WORKS DEPARTMENT**
**OFFICE OF THE SUPERINTENDING ENGINEER BHADRAK (R&B) DIVISION**
No.B-300
e-mail : bhadrakrnbdivision@gmail.com
**Government of Odisha "e" Procurement Notice**
**Bid Identification No. SE (R&B) BDK-06/2025-26**
**No.5473/dt.-11.07.2025**

Nature of work : Civil Works
Number of works : 5 (Five) Nos
Amount put to Tender : Rs.16.60 to 87.97
Class of Contractor : B Class, B&C, C&D Class
Date & Time of availability of bid document in the portal : 21.07.2025 at 11.00 A.M.
Last Date / Time of receipt of bid in the portal : 30.07.2025 up to 05.00 P.M.
Date of opening of bid : Dt.31.07.2025 at 11.30 A.M.
Name & address of the Office inviting bid : Superintending Engineer, Bhadrak (R&B) Division
The bidders have to participate in ONLINE bidding only
Further details can be seen from the e-procurement portal "http//tendersodisha.gov.in."
All future corrigendum will be available on ONLINE mode only

Sd./- Superintending Engineer, Bhadrak (R&B) Division
OIPR-34079/11/0025/2526

No.A-380
**GOVERNMENT OF ODISHA**
**DEPARTMENT OF WATER RESOURCES**
**O/o THE CHIEF ENGINEER AND BASIN MANAGER, MAHANADI BASIN, AT-BURLA, DISTRICT-SAMBALPUR, PIN-768017**
E-mail Id - cebmumbburla@gmail.com
**'e' Procurement Notice No-CE & BM-MB-02/2025-2026 (Online)**
Bid Identification No-CE & BM-MB-02/2025-2026 (Online)

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project of Kadobahal Canal Section |
| 2 | No of works | : | One (01) number |
| 3 | Class of contractor | : | "Special Class" and "Super Class" |
| 4 | Bid Identification No | : | CE&BM-MB-02/2025-2026 (Online) |
| 5 | Estimated cost | : | Rs.20.05 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated - 15.07.2025 at 11.30 A.M. to Dated - 04.08.2025 up to 5.00 P.M. |
| 8 | Last date/time for receipt of Bids in the portal | : | Dated - 04.08.2025 up to 5.00 P.M. |
| 9 | Date of opening of Technical Bid (Cover-I) | : | Dated - 05.08.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email Id : cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

Sd./- Chief Engineer & Basin Manager, Mahanadi Basin, Burla
OIPR-32508/11/0005/2526

# ବଟିକୁ ନେଇ ଅଟୋଚାଳକଙ୍କୁ ଗୋଡ଼ାଇ ହାଣିଲେ

**ପୁରୀ, ୧୪।୭(ଅଜିତ୍ କୁମାର ମହାନ୍ତି)**

ପୁରୀ ସହରରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଶ୍ରୀମନ୍ଦିରଠାରୁ ମାତ୍ର ୧୦୦ ମିଟର ଓ ସିଂହଦ୍ୱାର ଥାନାଠାରୁ ୩୦୦ ମିଟର ଦୂର ଦୋଳବେଦିଠାରେ ସୋମବାର ସକାଳ ପ୍ରାୟ ୮ଟାରେ ୪ଜଣ ଦୁର୍ବୃତ୍ତ ଜଣେ ଅଟୋଚାଳକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଆକ୍ରମଣର ଶିକାର ହୋଇଥିବା ଅଟୋଚାଳକ ହେଲେ ପୁରୀ ବାସେଳିସାହି ଥାନା ଅନ୍ତର୍ଗତ ମିଶ୍ର ସାହି ଜଗନ୍ନାଥ ବସ୍ତିର ରଘୁନାଥ ରାଉତ। ତାଙ୍କ ଗୋଡ଼, ହାତ, କାନ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି।

ସୂଚନା ଅନୁଯାୟୀ, ରଘୁନାଥ ପ୍ରତ୍ୟେକ ଦିନ ପରି ସୋମବାର ସକାଳେ ଗାଡ଼ି ନେଇ ଦୋଳବେଦିସ୍ଥିତ ସତ୍ୟନାରାୟଣ ମନ୍ଦିର ନିକଟରେ ଠିଆହୋଇଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ତାଙ୍କ ନିକଟକୁ ଆସି ବଟି ମାଗିଥିଲେ। ଏହାକୁ ନେଇ ସେମାନଙ୍କ ସହ ରଘୁନାଥଙ୍କର କଥା କଟାକଟି ହୋଇଥିଲା। ପରେ ଦୁର୍ବୃତ୍ତମାନେ ରଘୁନାଥଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ରଘୁନାଥ ଜୀବନ ବଞ୍ଚାଇବା ପାଇଁ ଶ୍ରୀଦାଣ୍ଡ ଆଡ଼କୁ ଦୌଡୁଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଫଳରେ ରଘୁନାଥ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିବାର ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ରଘୁଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳ ଓ ମେଡିକାଲରେ ସିଂହଦ୍ୱାର ଥାନା ଅଧିକାରୀ ଏବଂ ସିଟି ଡିଏସ୍‌ପି ପ୍ରମୁଖ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ରଘୁନାଥ କହିଛନ୍ତି ଯେ, ତାଙ୍କୁ ଗୋଖାସାହିର ୭ରୁ ୮ଜଣ ବ୍ୟକ୍ତି ଆକ୍ରମଣ କରିଛନ୍ତି। ଅଟୋଷ୍ଟାଣ୍ଡରେ ତାଙ୍କ ଗାଡ଼ି ରଖିବାକୁ ନେଇ ସେମାନେ କିଛିଦିନ ହେଲା ୧ଲକ୍ଷ ଟଙ୍କା ବଟି ମାଗୁଥିଲେ। ବଟି ନ ଦେବାରୁ ସେମାନେ ତାଙ୍କୁ ଆକ୍ରମଣ କରିଛନ୍ତି। ପୂର୍ବରୁ ଏହାକୁ ନେଇ ସେମାନଙ୍କ ସହ ପାଟିତୁଣ୍ଡ ହୋଇଥିଲା ଏବଂ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରାଯାଇଥିଲା ବୋଲି ରଘୁନାଥ ପ୍ରକାଶ କରିଛନ୍ତି। ସେହିପରି ରଘୁନାଥଙ୍କ ମା' ସାବିତ୍ରୀ ରାଉତ କହିଛନ୍ତି ଯେ, ବାଣୁଆ ସାହି ଓ ଗୋଖା ସାହିର ପିଲାମାନେ ମିଶି ତାଙ୍କ ପୁଅଙ୍କୁ ହାଣିଛନ୍ତି। ଆକ୍ରମଣରେ ରଘୁନାଥଙ୍କ ହାତ, ଗୋଡ଼, କାନ ଓ ମୁଣ୍ଡରେ ଆଘାତ ଲାଗିଛି। ଆକ୍ରମଣକାରୀମାନଙ୍କ ବିରୋଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପାର୍ବତୀ ଦାବି କରିଛନ୍ତି।


ଆକ୍ରମଣରେ ଗୁରୁତର ହୋଇଥିବା ରଘୁନାଥ ରାଉତ।

# ଧାନ ଉଠାଉନାହାନ୍ତି ମିଲର: ତହସିଲଦାରଙ୍କୁ ଦାବିପତ୍ର

**କଣାସ, ୧୪।୭(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକର ଚାଷୀମାନେ ମାତ୍ର ୩୦ ଶତକଡ଼ା ଧାନ ମିଲର୍‌ଙ୍କୁ ଦେଉଥିବା ବେଳେ ୭୦ ଭାଗ ଧାନ ଚାଷୀଙ୍କ ପାଖରେ ଗଚ୍ଛିତ ରହିଛି। ମିଲର୍‌ମାନେ ଉକ୍ତ ଧାନକୁ ଉଠାଉ ନ ଥିବାରୁ ସୋମବାର କଣାସ ବ୍ଲକର ଅନେକ ଚାଷୀ ତହସିଲଦାର ହିମାଂଶୁଶେଖର ଗିରିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

ଦାବିପତ୍ରରେ ଉଲ୍ଲେଖ ଯେ, କଣାସ ବ୍ଲକରେ ୨୧ଟି ସମବାୟ ସମିତି ଥିବାବେଳେ ୧୪ଟି ସେବା ସମବାୟ ସମିତିକୁ ଧାନମଣ୍ଡି ଖୋଲିବା ପାଇଁ ମଞ୍ଜୁରି ମିଳିଛି। ଉକ୍ତ ୧୪ଟି ସେବା ସମବାୟ ସମିତି ଚାଷୀମାନଙ୍କଠାରୁ ଧାନ କିଣିବା ପାଇଁ ସମ୍ପାଦକମାନେ ଅନ୍‌ଲାଇନ୍‌ରେ ଚାଷୀମାନଙ୍କ ନାମ ଓ କେତେ ପରିମାଣର ଧାନଦେବେ ପଞ୍ଜୀକୃତ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ମଣ୍ଡିରୁ ମିଲର୍‌ମାନେ ୩୦ଭାଗ ଧାନ ଉଠାଇଛନ୍ତି। ୧୪ଟି କୃଷି ସମବାୟ ସମିତି ୧ଲକ୍ଷ ୪୦ହଜାର କୁଇଣ୍ଟାଲ ଧାନ କ୍ରୟ କରିବା ନିମନ୍ତେ ଚାଷୀମାନେ ନାମ ପଞ୍ଜୀକରଣ କରିଥିଲେ। ଦୁଃଖର ବିଷୟ ସରକାରଙ୍କ ଦ୍ୱାରା ସ୍ୱୀକୃତ ମିଲର୍‌ମାନେ ମାତ୍ର ୩୦ଭାଗ ଧାନ କ୍ରୟ କରିଛନ୍ତି। ମିଲର୍‌ମାନେ ଚାଷୀମାନଙ୍କୁ ଭୟଭୀତ କରାଇ କୁଇଣ୍ଟାଲ ପିଛା ୮କେଜିରୁ ୧୮କେଜି କାଟି ନେଉଛନ୍ତି। ଏଭଳି କି ରାତିଅଧିଆ ଆଇ ସ୍କାନ୍ କରି ଅନ୍ୟସ୍ଥାନରୁ କେବଳ ଶାସକ ଦଳର ଚାଷୀମାନଙ୍କଠାରୁ ଧାନ ଉଠାଉଛନ୍ତି। ସମ୍ପାଦକମାନେ ଅନେକ ଜାଗାରେ ହାତଗୁଞ୍ଜା ନ ଦେଲେ ପଞ୍ଜୀକୃତ ଚାଷୀଙ୍କର ମିଲର୍ ଦ୍ୱାରା କ୍ରୟ ନ କରାଇ ହଇରାଣ କରୁଛନ୍ତି। ଅନେକ ଜାଗାରେ ସମ୍ପାଦକମାନେ ବିଭିନ୍ନ ଚାଷୀଙ୍କ ନାମରେ ଧାନ ବିକ୍ରୟ କରିବା ପାଇଁ ପଞ୍ଜୀକରଣ କରିଛନ୍ତି। ଯେଉଁମାନେ ବାହାରେ ରହୁଛନ୍ତି ତାଙ୍କ ଚାଷଜମିକୁ ପଞ୍ଜୀକୃତ କରି ସମ୍ପାଦକମାନେ ନିଜେ ଧାନ ବେପାରୀଙ୍କଠାରୁ ୧୮୦୦ରେ ଧାନ କିଣି ଏହି ଲୋକମାନଙ୍କ ନାମରେ ବିକ୍ରି କରୁଛନ୍ତି। ବିକ୍ରି ଧାନର ଟଙ୍କା ସମ୍ପୃକ୍ତ ଚାଷୀଙ୍କ ଜମାଖାତାକୁ ଗଲାପରେ ସମ୍ପାଦକମାନେ ଜମାଖାତାଧାରୀଙ୍କୁ ସ୍ୱଳ୍ପ କିଛି ଖର୍ଚ୍ଚ ଦେଇ ଅବଶିଷ୍ଟ ସିଂହଭାଗ ଆଣି ମାଲାମାଲ ହେଉଛନ୍ତି। ଫଳରେ ପ୍ରକୃତ ପଞ୍ଜୀକୃତ ଚାଷୀମାନେ ଧାନ ବିକ୍ରି କରି ନ ପାରି ମୁଣ୍ଡରେ ହାତ ଦେଇ ବସିଥିବା ଦାବିପତ୍ରରେ ଦର୍ଶାଇଛନ୍ତି।


ଚାଷୀମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

# ଖାଦ୍ୟ ମାନ ଯାଞ୍ଚ ହେଉ ନ ଥିବା ଅଭିଯୋଗ

**ପୁରୀ, ୧୪।୭(ଅଜିତ୍ କୁମାର ମହାନ୍ତି)**

ପୁରୀ ସହର ଓ ଜିଲାରେ ଡାଇରିଆ ବ୍ୟାପୁଛି। ଭୂତଳ ଜଳ ଦୂଷିତ ହେବା ଓ ଅପମିଶ୍ରିତ ଖାଦ୍ୟ ଏହାର କାରଣ ବୋଲି କୁହାଯାଉଛି। ପୁରୀକୁ ପ୍ରତିଦିନ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକ ଆସିଥାନ୍ତି। ବେଳାଭୂମିଠାରୁ ଆରମ୍ଭ କରି ସହରର ବିଭିନ୍ନ ସ୍ଥାନରେ ଖାଦ୍ୟ ପଦାର୍ଥ ଷ୍ଟଲ ଖୋଲାଯାଇଛି। ତେବେ ଅନେକ ସମୟରେ ଅପମିଶ୍ରିତ ତଥା ନିମ୍ନମାନର ଖାଦ୍ୟ ବିକ୍ରି କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ମାଛ, କଙ୍କଡ଼ା ଓ ମାଂସରେ ରାସାୟନିକ ରଙ୍ଗ ମିଶାଯାଉଛି। ଫ୍ରିଜରରେ ରଖାଯାଇଥିବା ବାସି ଖାଦ୍ୟ ପରଷାଯାଉଥିବା ଅଭିଯୋଗ ହେଉଛି। ପ୍ରଶାସନ ପକ୍ଷରୁ ନିୟମିତ ଭାବେ ଖାଦ୍ୟ ସାମଗ୍ରୀର ମାନ ଯାଞ୍ଚ କରାଯାଉ ନ ଥିବା ଅଭିଯୋଗ ହେଉଛି।

# ଭୂତକୋଠି ପାଲଟିଛି କଲ୍ୟାଣମଣ୍ଡପ

**ଯୋଗେଶ୍ୱରପୁର, ୧୪।୭**
**(ରଶ୍ମି ରଞ୍ଜନ ସାହୁ)**



ଗରିବ ଶ୍ରେଣୀ ଲୋକଙ୍କ ଝିଅ ଓ ପୁଅଙ୍କ ପାଇଁ କମ୍ ଖର୍ଚ୍ଚରେ ବାହାଘର କରିବା ଲାଗି ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ କଲ୍ୟାଣମଣ୍ଡପ ନିର୍ମାଣ କରାଯାଇଛି। ନୟାହାଟ ଫାଣ୍ଡି ଅଧୀନ ସୋରୋବା ପଞ୍ଚାୟତରେ ନିର୍ମାଣ ହୋଇଥିବା କଲ୍ୟାଣମଣ୍ଡପ ଏବେ ଭୂତକୋଠି ପାଲଟିଛି। ଅନାବନା ଗଛ ଉଠି କାନ୍ଥ ଫାଟିବା ସହ ବିଭିନ୍ନ ପ୍ରକାରର ସରୀସୃପ ବାସ କଲେଣି। ୨୦୧୫ ମସିହାରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ପୂର୍ବତନ ସରପଞ୍ଚ ବାବୁଲାଲ ସ୍ୱାଇଁ ଉକ୍ତ କଲ୍ୟାଣ ମଣ୍ଡପ ନିର୍ମାଣ କରିଥିଲେ। ୨୦ ଲକ୍ଷ ଟଙ୍କା ବିଲ୍ ହୋଇସାରିଥିବାବେଳେ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ପାରିନାହିଁ। ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ବାବୁଲାଲ କୁହନ୍ତି, ନିର୍ମାଣ ହେଉଥିବା କଲ୍ୟାଣ ମଣ୍ଡପଟି ଗୋଚର ଜାଗାରେ ହେଉଥିବାରୁ ପଞ୍ଚାୟତର କେତେଜଣ ବ୍ୟକ୍ତି ଗୋପ ବ୍ଲକରେ ଅଭିଯୋଗ କରିବାରୁ କାର୍ଯ୍ୟକୁ ପ୍ରଶାସନ ବନ୍ଦ କରିଥିଲା। ଫଳରେ ଆଉ ଟଙ୍କା ନ ଦେବାରୁ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇପାରି ନ ଥିବା ପୂର୍ବତନ ସରପଞ୍ଚ ସ୍ୱାଇଁ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗୋପ ବିଡିଓ ଛବିରାଣି ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରିନାହିଁ।

# 'ସତ୍ୟଖବର' ସମ୍ପାଦକଙ୍କ ବିରୋଧରେ ଥାନାରେ ମାମଲା

**ନିମାପଡ଼ା, ୧୪।୭**
**(ରଞ୍ଜନ ପଟ୍ଟନାୟକ)**

ନିମାପଡ଼ାରୁ ପ୍ରକାଶ ପାଉଥିବା ସାପ୍ତାହିକ ଖବରକାଗଜ 'ସତ୍ୟଖବର' ସମ୍ପାଦକ ଅକ୍ଷୟ କୁମାର ନାୟକଙ୍କ ବିଶୃଙ୍ଖଳିତ ଆଚରଣ, ଜାତିଆଣ ଆକ୍ଷେପ କରିବା ଘଟଣାରେ ରବିବାର ନିମାପଡ଼ା ଥାନାରେ ୨ଟି ମାମଲା ରୁଜୁ ହୋଇଛି। ହେଲେ ଘଟଣାକୁ କିଛିଦିନ ବିତିଯାଇଥିଲେ ମଧ୍ୟ ପୋଲିସ ତାଙ୍କୁ ଗିରଫ ନ କରିବାରୁ ଖବରଦାତା ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି।

ସୂଚନା ମୁତାବକ, ବିଶୃଙ୍ଖଳିତ ଆଚରଣ ଯୋଗୁ ଗତ ସପ୍ତାହରେ ନିମାପଡ଼ା ପ୍ରେସ୍‌କ୍ଲବରୁ ଅକ୍ଷୟଙ୍କୁ ବହିଷ୍କାର କରାଯାଇଥିଲା। ଗତ ୯ ତାରିଖରେ ପ୍ରେସ୍‌କ୍ଲବର କର୍ମକର୍ତ୍ତା ବ୍ଲକ ଛକସ୍ଥିତ କଦମ୍ବ ଗଛ ପିଣ୍ଡି ନିକଟରେ ଆଲୋଚନା କରୁଥିଲେ। ଏହି ସମୟରେ ଅକ୍ଷୟ କ୍ରୋଧାନ୍ୱିତ ହୋଇ କର୍ମକର୍ତ୍ତାଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଏଥିସହ କ୍ଲବ ସଭାପତି ଅକ୍ଷୟ ବେହେରାଙ୍କ ବେକରୁ ସୁନାଚେନ ଝାମ୍ପି ନେଇଥିଲେ। ଏହି ଘଟଣାର ପ୍ରତିବାଦରେ କ୍ଲବ କର୍ମକର୍ତ୍ତା ଏବଂ ସଦସ୍ୟ ଅକ୍ଷୟଙ୍କ ନାମରେ ଶନିବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ରବିବାର ୧୯୭/୨୫ରେ ଏକ ମାମଲା ରୁଜୁ କରିଛି। ଅନ୍ୟପକ୍ଷେ କ୍ଲବର ସାଙ୍ଗଠନିକ ସମ୍ପାଦକ ସୁଦର୍ଶନ ବେହେରାଙ୍କୁ ବ୍ଲକ ଛକରେ ଅଟକାଇ ଜାତିଆଣ ଆକ୍ଷେପ କରିବା ଓ ତାଙ୍କ ପକେଟରୁ ୩୦୦୦ ଟଙ୍କା ନେଇଯିବା ଅଭିଯୋଗରେ ସେ ଅକ୍ଷୟଙ୍କ ବିରୋଧରେ ଥାନାରେ ଶନିବାର ଅଭିଯୋଗ କରିଛନ୍ତି। ଏନେଇ ନିମାପଡ଼ା ଥାନା ପୋଲିସ ରବିବାର ୨୦୨/୨୫ରେ ଆଉ ଏକ ମାମଲା ରୁଜୁ କରିଛି। ଏ ଘଟଣା ସମ୍ପର୍କରେ ଖବର ପାଇ ଜିଲା ପେସାଦାର ସାମ୍ବାଦିକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ସମ୍ପାଦକ ଆଦିତ୍ୟ ରାଉତ ନିମାପଡ଼ା ଆସି ପ୍ରେସ୍‌କ୍ଲବର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଘଟଣାର ତୀବ୍ର ନିନ୍ଦା କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ନିକଟରେ ଦାବି କରିଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି./ରାଞ୍ଚି–୮୩୪୦୦୩, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ନୋଟିସ୍ ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: [୧]; ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୭୫-୨୦୨୫; ବରିଷ୍ଠ ଡିଇଏନ୍ (ଦକ୍ଷିଣ)/ରାଞ୍ଚିଙ୍କ କ୍ଷେତ୍ରାଧିକାର ଅଧୀନରେ ଆପ୍ରୋଚ୍ ରୋଡ୍ ଆର୍‌ୟୁବି/ଏନ୍‌ଏଚ୍‌ଏସ୍/ଏଲ୍‌ଏଚ୍‌ଏସ୍‌ର ଉନ୍ନତୀକରଣ ଏବଂ ଆରଡିଏସଓ ମାନକ ହାଇଟ୍ ଗେଜ୍‌ର ବ୍ୟବସ୍ଥା; ₹୪,୩୭,୦୩,୭୦୮.୭୬; ₹୩,୬୮,୫୦୦.୦୦; [୨]; ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୭୬-୨୦୨୫; "ମିଶନ୍ ୩୦୦୦ଏମ୍‌ଟି-ଏସ୍‌ଇଆର୍-ରାଞ୍ଚି ଡିଭିଜନ : ହାଟିଆ-ଓର୍ଗା ସେକ୍ସନରେ @ ୧୦୦ କିମି ପ୍ରତିଘଣ୍ଟାରେ ୨୫ଟି ଏକ୍ସଲ ଲୋଡେଡ୍ ଫ୍ରେଟ୍ ଟ୍ରେନ୍‌ଗୁଡ଼ିକର ଚଳାଚଳ ପାଇଁ ବ୍ରିଜ୍ ନଂ. ୫୨୦ (୧୧x୧୮.୩ ମି ଜି)ର ରିଗର୍ଡରିଂ" ସଂକ୍ରାନ୍ତରେ ସବ୍-ଷ୍ଟ୍ରକ୍ଚରର ସୁଦୃଢ଼ୀକରଣ ସମେତ ଆର୍‌ସିସି ଜ୍ୟାକେଟିଂ କାର୍ଯ୍ୟ; ₹୪,୯୫,୩୮,୫୨୭.୮୫; ₹୩,୯୭,୭୦୦.୦୦; ଟେଣ୍ଡର ବନ୍ଦ ହେବାର ତାରିଖ: ୦୧।୦୮।୨୦୨୫ (କ୍ର.ସଂ. ୧ ଓ ୨ ପାଇଁ); ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ଉପରଦର୍ଶିତ ତାରିଖର ୧୫.୦୦ ଘଟିକାରେ । ଟେଣ୍ଡରଦାତାମାନେ ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି ।
(PR-388)



**झारखण्ड सरकार**
**खेलकूद एवं युवाकार्य निदेशालय**
**(पर्यटन, कला-संस्कृति, खेलकूद एवं युवाकार्य विभाग)**
गेट नं०–28, बिरसा मुण्डा फुटबॉल स्टेडियम, मोराबादी, राँची–834008
E-mail Id - directorsportsjharkhand@gmail.com

**आवश्यक सूचना**

एतद् द्वारा सूचित किया जाता है कि खेलकूद एवं युवाकार्य निदेशालय, झारखण्ड, राँची द्वारा "Rate Contract For Supply Of Sports & Generic Kits" के निमित्त आमंत्रित निविदा(13/2025–26 दिनांक 26.05.2025) विज्ञापन संख्या – PR No. 353530 (Art, Culture, Sports & Youth Affairs) Dt. 27.05.2025 को अपरिहार्य कारणों से रद्द किया जाता है।

ह०/–
**निदेशक,**
खेलकूद एवं युवाकार्य निदेशालय, झारखण्ड, राँची।
PR.NO.357283 Art Culture Sports and Youth Affairs(25-26):D



No.C-664
**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER,**
**PUBLIC HEALTH CIRCLE, BERHAMPUR**
E-Mail ID - acephcbam@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of WTP and laying of RWRM and CWRM with ancillary works for Sorada NAC' under AMRUT 2.0, (SWAP-III) | Identification No. ACEPHCBAM 07/2025-26 Dt. 11.07.2025 | 684.70 | 12 (Twelve) Calendar Months | 11.00 Hrs. of 19.07.2025 | 17.30 Hrs. of 04.08.2025 | Chief Engineer, P.H. Circle, Berhampur |

The technical bid shall be opened on dt. 08.08.2025 at 12.30 P.M.
Further details can be seen from the e-Procurement portal http://tendersodisha.gov.in
OIPR-13004/11/0020/2526 Sd./- Chief Engineer (PH)



**राजकीय रेल थाना धनबाद**

**आवश्यक सूचना**

सर्व साधारण को सूचित किया जाता है कि रेल थाना धनबाद काण्ड संख्या–41/2022, दिनांक–01.02.2022, धारा–379 भा0द0वि0 के अप्राथमिकी अभियुक्त संजय हेम्ब्रम, पिता–कासरम हेम्ब्रम, पता–बेनासुली नयाग्राम गरमल, थाना–सालबनी (पीड़ाकाटा पुलिस पोस्ट), जिला–पश्चिमी मेदिनीपुर (प0बं0) जो गिरफ्तारी के डर से भागा फिर रहा है। उनके विरूद्ध माननीय रेलवे न्यायालय धनबाद के द्वारा इश्तेहार निर्गत किया गया है जिनका दिनांक–04.07.2025 को विधिवत् तामिला किया जा चुका है। अगर यदि वे एक महिना के अंदर रेल थाना धनबाद अथवा माननीय रेलवे न्यायालय धनबाद में आत्मसर्पण नहीं करते है तो उनके चल संपत्ति की कुर्क करने हेतु माननीय रेलवेग न्यायालय धनबाद से कुर्की अधिपत्र निर्गत करने हेतु अनुरोध किया जायेगा।

विश्वासभाजन
(कैलाश प्रसाद महतो)
पु0अ0नि0 रेल थाना धनबाद
PR 357294 (Police)25-26*D



No.O-414
**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BOLANGIR**
**e-Procurement Notice**

1 Name of work : Improvement to **NH-201 to Bhanpur** Road in the district of Bolangir under MMSY-Improvement to Existing RD Road for the year 2024-25 in the district of Bolangir
2 No. of work : 1 (One) work
3 Time for completion : 9 (Nine) Calendar Months
4 Approximate estimated cost : Rs.129.62 lakhs
5 Mode of submission of tender : Tender should be submitted online in www.tendersodisha.gov.in
6 **Other details are as follow**

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | **BLGR-Online-08/2025-26** | 16.07.2025 at 11.00 A.M. | 30.07.2025 upto 5.00 P.M. | 29.07.2025 upto 5.00 P.M. | 31.07.2025 at 11.00 A.M. | The date will be intimated later on |

- Further details can be seen from the website **www.tendersodisha.gov.in**
- Any Corrigendum/Addendum will be displayed in the above e tender website only.

Sd./- S.Mahali
Chief Construction Engineer
R.W.Circle, Bolangir
OIPR-25118/11/0040/2526



**OFFICE OF THE**
**NOTIFIED AREA COUNCIL, NIMAPARA**
At/PO/PS - Nimapara, Dist - Puri, Odisha, PIN - 752106
eMail ID - nimapadanac@gmail.com, eo-nacnimapada.od@gov.in,
Website - nimaparanac.in, Phone-06758-454167
**Letter No.1316/Date 13.07.2025**
**CORRIGENDUM**

**No.C-670** : With Reference to the e-Procurement Notice No.2132/ Date 26.06.2025, Bid Reference No. : NP-NAC-01/2025-26 and Bid Identification No. : 2025_ORULB_114915_1 to 9, the Tender will be extended for submission of Bid Online till Dt.18.07.2025 upto 5.00 P.M. and Bids received online shall be opened at 11.00 A.M. on Dt.19.07.2025 for Technical Qualification due to unavoidable circumstances. Further details can be seen from the procurement portal i.e. www.tendersodisha.gov.in.

Sd./- Executive Officer
Nimapara N.A.C.
OIPR-13112/11/0029/2526



**OFFICE OF THE**
**REGULATED MARKET COMMITTEE, SAMBALPUR**
E-PROCUREMENT (INVITATION FOR BIDS)
TENDER CALL NOTICE No. 604/RMC. Dt.10.07.2025
BID IDENTIFICATION No.01/2025-26

**No.H-16** : Sub-Collector, Sambalpur-cum-Chairman, RMC, Sambalpur invites one construction work at Sanatanpali under RMC, Sambalpur. The details of which available at e-procurement portal www.tendersodisha.gov.in. Intending bidders are requested to visit the mentioned website for submission of e-tender.
Last date/time for submission of bid is 29.07.2025 upto 5.00 P.M.
Bids received online shall be opened on dt.31.07.2025 at 11.00 A.M.

Sd./- Sub-Collector, Sadar-cum-Chairman, RMC, Sambalpur
OIPR-15013/11/0060/2526



No.CAD-1070
idco | ODISHA NEW OPPORTUNITIES
**OFFICE OF THE DIVISIONAL HEAD, IDCO, CUTTACK DIVISION, JAGATPUR (NEW), CUTTACK-754021**
Tender Call Notice No. IDCO/CTC/CIV/E : 1322 Dated : 05.07.2025
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the work** : Construction of CC Road from IDCO Plot No.28 to Plot No.27 at Old Industrial Estate, Jagatpur, Cuttack.
2. **Estimated cost** : Rs.23.35 Lakh
3. **Period of completion** : 03 (Three) Calendar months
4. **Other details** :

| Procurement Officer | Bid ID/Tender reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Divisional Head, IDCO, Cuttack Division | Bid ID/Tender reference No. CTC/CIV/ EST/E-01/2025-26 | 17.07.2025 at 17.00 Hrs. | 31.07.2025 up to 17.00 Hrs. |

Further details can be seen from the e-procurement portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Divisional Head
IDCO, Cuttack Division
OIPR-14003/11/0198/2526



**Government of Odisha, "e"-Procurement Notice**
**WORKS DEPARTMENT**
No.B-285
E-mail : ceroads.bbsr@gmail.com
**RFP Identification No. CE-Roads-II-01/2025-26**

1. The Chief Engineer, Roads-II, Odisha (Authority) on behalf of the Works Department, Govt. of Odisha is engaged in the Development of State Roads and Highways in Odisha and as part of this endeavour, Govt. of Odisha has decided to undertake the following "Projects" under EPC Contract (Engineering, Procurement and Construction) basis and has decided to carry out the bid process for selection of the parties/Joint Ventures to whom the Project may be awarded eventually.
2. Nature of project : Road works
3. No. of project : 2 Nos.
4. Tender Paper cost : Rs. 10,000.00
5. Class of Contractor : Super Class
6. Available of bid document in the website : From 10.00 A.M. of 22.07.2025 to 5.30 P.M. of 12.08.2025
7. Date of Pre-Application conference : 02.08.2025 at 12.30 P.M.
8. Date of opening of Bid : Dt.13.08.2025 at 11.30 A.M.
9. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Engineer (Roads-II), Odisha
OIPR-34181/11/0029/2526



ଫର୍ମ ନଂ.-୧୩
**ଋଣ ଅସୁଲି ପ୍ରାଧିକରଣ, କଟକ**
ସି-୭୧, ସେକ୍ଟର-୭, ସି.ଡ଼ି.ଏ, କଟକ, ଓଡ଼ିଶା
ଓ.ଏ. ନଂ. ୧୧୬/୨୦୨୫

ବ୍ୟାଙ୍କ ଅଫ୍ ଇଣ୍ଡିଆ .....ଆବେଦନକାରୀ
ବନାମ
ଶ୍ରୀମତୀ ମଞ୍ଜୁଲତା ସାମନ୍ତରାୟ ଏବଂ ଅନ୍ୟମାନେ .....ପ୍ରତିବାଦୀମାନେ

ପ୍ରାପ୍ତେଷୁ,
୧) **ଶ୍ରୀମତୀ ମଞ୍ଜୁଲତା ସାମନ୍ତରାୟ,** ବୟସ ପ୍ରାୟ ୪୬ ବର୍ଷ, ସ୍ୱାମୀ- ଶ୍ରୀ ହେମନ୍ତ ସାମନ୍ତରାୟ ଏବଂ ପିତା- ଶ୍ରୀ ଭୀମସେନ ପାଟ୍ଟସିଂହ, ଗୋତପଲ୍ଲୀ, କୁଲେଇ, ପୋ- ଗଙ୍ଗାଧରପୁର, ଥାନା- ବାଲୁଗାଁ, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୨୦୩୪
୨) **ଶ୍ରୀ ହେମନ୍ତ ସାମନ୍ତରାୟ,** ବୟସ ପ୍ରାୟ ୪୭ ବର୍ଷ, ପିତା: ✓ ଯୁଧିଷ୍ଠିର ସାମନ୍ତରାୟ, ଗୋତପଲ୍ଲୀ, କୁଲେଇ, ପୋ- ଗଙ୍ଗାଧରପୁର, ଥାନା- ବାଲୁଗାଁ, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୨୦୩୪

**ପ୍ରାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ**
**ଖବରକାଗଜ ପ୍ରକାଶନ ଦ୍ୱାରା ଜାରୀ ସମନ୍**

ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି ଆବେଦନକାରୀ ଓ.ଏ. ନଂ. ୧୧୬/୨୦୨୫ ଦ୍ୱାରା **ଟ.୭୧,୭୪,୭୨୭.୭୪ପଇସା (ଏକସ୍ତରୀ ଲକ୍ଷ ଚଉସ୍ତରୀ ହଜାର ସାତ ଶହ ସତେଇଶି ଟଙ୍କା ଏବଂ ଚଉସ୍ତରୀ ପଇସା ମାତ୍ର)** ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, ଓଡ଼ିଶା, କଟକ-୧୪ଙ୍କ ଇଜିଲାସରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍ଦ୍ୱାରା ଉପର ଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର **ତିରିଶି ଦିନ** ମଧ୍ୟରେ କିମ୍ବା **ତା.୨୨.୦୯.୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଛି କି ଯଦି ସେ ଏଥିରେ ଖିଲାପ କରନ୍ତି, ତେବେ ଆପଣଙ୍କ ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣୀ ଏବଂ ବିଚାର କରାଯିବ।

ଏହି ପ୍ରାଧିକରଣର ସହି ମୋହର ସହ ମୋ ଦ୍ୱାରା **ତା.୦୮.୦୭.୨୦୨୫ରିଖରେ** ଆଦିଷ୍ଟ।

ସ୍ୱା/– (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର



No.MM-123
**FOREST DEPARTMENT**
**OFFICE OF THE DIVISIONAL FOREST OFFICER, BARIPADA FOREST DIVISION**
e-mail : dfo.baripada@odisha.gov.in
Government of Odisha "e" Procurement Notice
**Bid Identification No. : DFO-BPD-04/2025-26**

1. Number of works : **3** (Three numbers of work)
2. Approximate estimated cost : **8.08 lakh** to **27.23 lakh**
3. Period of Completion : **90 (Ninety)** days
4. Date & Time of availability of bid documents in the portal : **Dt.16.07.2025 to 25.07.2025**
5. Last Date / Time of receipt of bid in the portal : **Dt.25.07.2025 up to 5.00 P.M.**
6. Date of Opening of bid : **Dt.28.07.2025 at 11.00 A.M.**
7. Name & address of the Office inviting bid : **O/o the Divisional Forest Officer, Baripada Forest Division, Baripada, Mayurbhanj, Pin-757001**

Further details can be seen from the e-procurement portal **http://www.tendersodisha.gov.in**

Sd./- Divisional Forest Officer
Baripada Forest Division
OIPR-08065/11/0014/2526



**WORKS DEPARTMENT**
**OFFICE OF THE SUPERINTENDING ENGINEER BHADRAK (R&B) DIVISION**
No.B-300
e-mail : bhadrakrnbdivision@gmail.com
**Government of Odisha "e" Procurement Notice**
**Bid Identification No. SE (R&B) BDK-06/2025-26**
**No.5473/dt.-11.07.2025**

Nature of work : Civil Works
Number of works : 5 (Five) Nos
Amount put to Tender : Rs.16.60 to 87.97
Class of Contractor : B Class, B&C, C&D Class
Date & Time of availability of bid document in the portal : 21.07.2025 at 11.00 A.M.
Last Date / Time of receipt of bid in the portal : 30.07.2025 up to 05.00 P.M.
Date of opening of bid : Dt.31.07.2025 at 11.30 A.M.
Name & address of the Office inviting bid : Superintending Engineer, Bhadrak (R&B) Division
The bidders have to participate in ONLINE bidding only
Further details can be seen from the e-procurement portal "http//tendersodisha.gov.in."
All future corrigendum will be available on ONLINE mode only

Sd./- Superintending Engineer
Bhadrak (R&B) Division
OIPR-34079/11/0025/2526



No.A-380
**GOVERNMENT OF ODISHA**
**DEPARTMENT OF WATER RESOURCES**
**O/o THE CHIEF ENGINEER AND BASIN MANAGER,**
**MAHANADI BASIN, AT-BURLA, DISTRICT-SAMBALPUR, PIN-768017**
E-mail Id - cebmumbburla@gmail.com
**'e' Procurement Notice No-CE & BM-MB-02/2025-2026 (Online)**
Bid Identification No-CE & BM-MB-02/2025-2026 (Online)

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project of Kadobahal Canal Section |
| 2 | No of works | : | One (01) number |
| 3 | Class of contractor | : | "Special Class" and "Super Class" |
| 4 | Bid Identification No | : | CE&BM-MB-02/2025-2026 (Online) |
| 5 | Estimated cost | : | Rs.20.05 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated - 15.07.2025 at 11.30 A.M. to Dated - 04.08.2025 up to 5.00 P.M. |
| 8 | Last date/time for receipt of Bids in the portal | : | Dated - 04.08.2025 up to 5.00 P.M. |
| 9 | Date of opening of Technical Bid (Cover-I) | : | Dated - 05.08.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email Id : cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

Sd./- Chief Engineer & Basin Manager,
Mahanadi Basin, Burla
OIPR-32508/11/0005/2526

## ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୪।୭(ସତ୍ୟଜିତ୍ ରାଉତ)

ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର ଅଭିଯୋଗରେ ଭୁବନେଶ୍ୱର ମହିଳା ଥାନା ପୋଲିସ ଜଣେ ଯୁବକଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଆଁଳା ଅଞ୍ଚଳର ଆଶିଷ ପ୍ରଧାନ ଓରଫ ଗୁଡ୍ଡୁ (୨୩)। କୋର୍ଟ ଚାଲାଣ ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗକାରିଣୀ ନୟାଗଡ଼ରେ ୧୧ବର୍ଷ ତଳେ ବିବାହ କରିଥିଲେ। ୨୦୨୨ରେ ସେ ତାଙ୍କ ସ୍ୱାମୀ ଓ ଦୁଇ ପୁଅ ଯାଆଁଳାରେ ଭଡ଼ା ଘରେ ରହୁଥିଲେ। ୨୦୨୩ରେ ଆଶିଷ ମହିଳାଙ୍କ ସମ୍ପର୍କରେ ଆସିଥିଲେ। ପରେ ଅଭିଯୁକ୍ତ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କୁ ବଳାତ୍କାର କରିଥିଲେ। ସେହି ସମୟରେ ଆଶିଷ କିଛି ଫଟୋ ଏବଂ ଭିଡିଓ ମୋବାଇଲରେ ଉଠାଇ ରଖିଥିଲେ। ଏପରି କି ମହିଳାଙ୍କୁ ନେଇ ପିପିଲିରେ ଭଡ଼ା ଘରେ ରଖି ଶାରୀରିକ ଏବଂ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ପରେ ମହିଳା ଜଣକ ବାପଘରକୁ ଫେରି ଆସିଥିଲେ। ଆଶିଷ ତାଙ୍କୁ କଳାରାହାଙ୍ଗରେ ଏକ ଭଡ଼ା ଘରେ ରଖି ଗର୍ଭନଷ୍ଟ କରାଇବାସହ ଅଶ୍ଳୀଳ ଫଟୋ ଭାଇରାଲ କରିଥିଲେ।

# ପୁଣି ମୁଣ୍ଡନେଲା ଆମ ବସ୍

**➤ ବାଇକ୍‌କୁ ପଛରୁ ଧକ୍କା ଦେଇ ଚଢ଼ିଗଲା ➤ ବସ୍ ଭଙ୍ଗାରୁଜା କଲେ ଉତ୍ତ୍ୟକ୍ତ ଲୋକେ**

ବାରଙ୍ଗ/ତ୍ରିଶୂଳିଆ,୧୪।୭(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବେପରୁଆ ଗାଡ଼ିଚାଳନା ଯୋଗୁ ଆମ ବସ୍ ଧକ୍କାରେ ସୋମବାର ରାତିରେ ପୁଣି ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଟକ ରାଣୀହାଟ ବେହେରା ସାହିର ଶୁଭେନ୍ଦୁ ପରିଡ଼ା। ଏହାକୁ ନେଇ କରି ଉତ୍ତ୍ୟକ୍ତ ଲୋକେ ସେଠାରେ ହୋହଲ୍ଲା କରିଥିଲେ। ବାରଙ୍ଗ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବାରୁ ଉତ୍ତେଜନା ଥମିଥିଲା। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ଆମ ବସ୍‌କୁ ଜବତ କରି ଥାନାକୁ ଆଣିଥିଲା। ତେବେ ଘଟଣାସ୍ଥଳରୁ ବସ୍‌ଚାଳକ ଫେରାର ହୋଇଯାଇଥିବା ପୋଲିସ କହିଛି।

ପ୍ରକାଶ ଯେ, ସୋମବାର ରାତିରେ



ଦୁର୍ଘଟଣାପରେ ଉତ୍ତ୍ୟକ୍ତ ଲୋକେ ଆମ ବସ୍ ଭଙ୍ଗାରୁଜା କରିବା ସହ ହୋହଲ୍ଲା କରୁଛନ୍ତି।

୧୮ନଂ. ରୁଟ୍‌ରେ ଯାଉଥିବା ଆମ ବସ୍ (ଓଡ଼ି ୩୩ ଭି ୪୫୭୭) ଭୁବନେଶ୍ୱରରୁ ଯାତ୍ରୀ ନେଇ ଜଗତପୁର ଅଭିମୁଖେ ଦ୍ରୁତଗତିରେ ଯାଉଥିଲା। ରାତି ପ୍ରାୟ ୮ଟା ୧୦ ମିନିଟ୍ ସୁଦ୍ଧା ଆମ ବସ୍‌ଟି ବାରଙ୍ଗ ବ୍ଲକ ସାମ୍ନାରେ ପହଞ୍ଚିଥିଲା। ଶୁଭେନ୍ଦୁ ବସ୍ ଆଗରେ ଯାଉଥିବେଳେ ବାରଙ୍ଗ ମୁଖ୍ୟରାସ୍ତାରେ ଏକ ଖାଲ ଥିବାରୁ ସେ ବାଇକ୍‌ର ଗତି କମାଇଥିଲେ। ଏହି ସମୟରେ ଆମ ବସ୍ ତାଙ୍କ ବାଇକ୍ (ଓଡ଼ି ୦୫ ଏଜେଡ୍ ୪୦୩୨)କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଶୁଭେନ୍ଦୁ ବାଇକ୍‌ରୁ ଛିଟିକି ପଡ଼ି ଆମ ବସ୍‌ରେ ପିଚିହୋଇ ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ଉପସ୍ଥିତ ସ୍ଥାନୀୟ ଲୋକେ କହିଛନ୍ତି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଆମ ବସ୍‌ର ଆଗ କାଚକୁ ଭାଙ୍ଗିବା ସହ ଚାଳକଙ୍କ ବେପରବାୟ ଗାଡ଼ି ଚାଳନାକୁ ବିରୋଧ କରି ହୋହଲ୍ଲା ଆରମ୍ଭ କରିଥିଲେ। ଖବରପାଇ ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଆମ ବସ୍‌ର ମନମାନୀ ଉପରେ ଅଙ୍କୁଶ ଲଗାଇବା ଜିଦ୍‌ରେ ଉତ୍ତ୍ୟକ୍ତ ଲୋକେ ଅଟଳ ରହିଥିଲେ। ଏହି ଘଟଣା ପରେ ପ୍ରାୟ ଅଧଘଣ୍ଟା ପାଇଁ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ପୋଲିସ ଦୁର୍ଘଟଣାପଟ ରାସ୍ତାକୁ ବନ୍ଦ କରି ଅନ୍ୟପଟ ରାସ୍ତାରେ ଯାତାୟାତର ସୁବିଧା କରିବାରୁ ସାଧାରଣ ଲୋକ ଯାତାୟାତ କରିପାରିଥିଲେ। ଖବରପାଇ ଏସିପି ଅମିତାଭ ମହାପାତ୍ର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବା ସହ ଆଇନଗତ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା କମିଥିଲା।



ସୋମବାର ଅପରାହ୍ନରେ ଭୁବନେଶ୍ୱରରେ ହୋଇଥିବା ପ୍ରବଳ ବର୍ଷା ସମୟରେ ରସୁଲଗଡ଼ ଛକର ଦୃଶ୍ୟ। (ଫଟୋ-ବିକାଶ ନାୟକ)

## ଆଜିଠୁ ଆରମ୍ଭ ହେବ ସାକ୍ଷୀଗୋପାଳ ରେଳ ଓଭରବ୍ରିଜ୍ ନିର୍ମାଣ ପ୍ରକ୍ରିୟା

ସାକ୍ଷୀଗୋପାଳ,୧୪।୭(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସାକ୍ଷୀଗୋପାଳ ବଜାର ମୁଖ୍ୟରାସ୍ତାରେ ରେଳ ଓଭରବ୍ରିଜ୍ ନିମନ୍ତେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ ଜିଲାପାଳ ଏବଂ ଜିଲା ମାଜିଷ୍ଟ୍ରେଟ୍ ପୁରୀଙ୍କ ପକ୍ଷରୁ ଓଭରବ୍ରିଜ୍ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ବିଭାଗ ପୁରୀକୁ ଗତ ୭ ତାରିଖରେ ଆଦେଶ ସଂଖ୍ୟା ୮୬୧ରେ ସୂଚିତ କରାଯାଇଛି। ପୂର୍ବରୁ ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତି ଅନୁଯାୟୀ, ଏହି ପ୍ରକ୍ରିୟା ସମ୍ପାଦନ ନିମନ୍ତେ ଭୂମି ଅଧିଗ୍ରହଣ ବିଭାଗ, ପୁରୀ ଏବଂ ତହସିଲ କାର୍ଯ୍ୟାଳୟ, ସତ୍ୟବାଦୀର ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏଥିରେ ଖୋର୍ଦ୍ଧା-ପୁରୀ ମୁଖ୍ୟ ଲାଇନ ସାକ୍ଷୀଗୋପାଳ-ଅଳଗୁମ ରାସ୍ତାରେ ପ୍ରସ୍ତାବିତ ରେଳ ଓଭରବ୍ରିଜ୍ ପ୍ରକଳ୍ପ ପାଇଁ ଜମି ଚିହ୍ନଟ, ପୁନର୍ବାସ ଏବଂ ପୁନର୍ବାସ ଯୋଜନା ପ୍ରସ୍ତୁତ କରିବା ପାଇଁ ଆଇନ-୨୦୧୩ର ଧାରା ୧୨ ଏବଂ ଧାରା ୧୬ ଅନୁଯାୟୀ ସର୍ଭେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକଳ୍ପ ନିମନ୍ତେ ଜୟପୁର ପଞ୍ଚାୟତ ଓ ପେଣ୍ଠପଡ଼ା ବା ଗୋପାଳପୁରପାଟଣା ମୌଜାର ଜମି ଚିହ୍ନଟ ପାଇଁ ମଙ୍ଗଳବାର ପ୍ରାଥମିକ ସର୍ଭେ ଆରମ୍ଭ ହେବ। ଏହି ସର୍ଭେ କାର୍ଯ୍ୟ ସମ୍ପାଦନ ଓ ଗଠନ ମୂଲ୍ୟାଙ୍କନ ପାଇଁ ସତ୍ୟବାଦୀ ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା ଓ ସହକାରୀ ଜିଲାପାଳ ପୁରୀର ଆଶୁତୋଷ ଦେଙ୍କ ଦ୍ୱାରା ଏକ କମିଟି ଗଠନ କରାଯିବା ସହ ଆର୍ ଆଣ୍ଡ ବି ପୁରୀ(ଡିଭିଜନ)ର ଅଧୀକ୍ଷଣ ଯନ୍ତ୍ରୀ ବିଭିନ୍ନ ପଦକ୍ଷେପ ନେବେ ବୋଲି ଉଲ୍ଲେଖ ରହିଛି। ଏଥିପାଇଁ ୨ଟି କମିଟି ଗଠନ କରାଯାଇଛି। ପ୍ରଥମ କମିଟିରେ ପେଣ୍ଠପଡ଼ା ପଞ୍ଚାୟତ ଭୂମି ଅଧିଗ୍ରହଣ ନିମନ୍ତେ ସତ୍ୟବାଦୀ ଅତିରିକ୍ତ ତହସିଲଦାର ପରିଡ଼ା ମୁଖ୍ୟ ଅଛନ୍ତି। ତାଙ୍କ ଟିମ୍‌ରେ (ଆର୍ ଆଣ୍ଡ ବି) ଡିଭିଜନ ପୁରୀର ଯନ୍ତ୍ରୀ ଜି. ଜିତେନ୍ଦ୍ର ବେହେରା, ଆର୍‌ଆଇ ପ୍ରଶାନ୍ତ ଜେନା, ଅମିନ ଶିଖର ଜେନା ଓ ଶକ୍ତିପ୍ରସାଦ ଶତପଥୀ ଓ ସହାୟକ ହେମନ୍ତ କୁମାର ପ୍ରଧାନ ପ୍ରମୁଖ ରହିଛନ୍ତି। ସେହିପରି ଗୋପାଳପୁରପାଟଣା ନିମନ୍ତେ ସହକାରୀ ଜିଲାପାଳ ଆଶୁତୋଷ ଦେ, ପୁରୀ(ଆର୍ ଆଣ୍ଡ ବି) ସ୍ମୃତିରଞ୍ଜନ ଦଳାଇ, ଆର୍‌ଆଇ ଅଙ୍ଗଦ କୁମାର ଭୋଇ ଓ ରଶ୍ମିରଞ୍ଜନ ସିଂ, ଅମିନ ମୃତ୍ୟୁଞ୍ଜୟ ସିଂ, ଅକ୍ଷୟ କୁମାର ସାହୁ ପ୍ରମୁଖ ରହିଛନ୍ତି। ଏଥିପାଇଁ ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଡାକବାଜି ଯନ୍ତ୍ର ସାହାଯ୍ୟରେ ଜନସାଧାରଣ ଓ ବ୍ୟବସାୟୀଙ୍କୁ ଅବଗତ କରାଯାଇଛି।

## ଛାତ୍ରୀଛାତ୍ରଙ୍କ ସ୍ୱର୍ଣ୍ଣାଭ ଭବିଷ୍ୟତ ପାଇଁ ଶିକ୍ଷକଙ୍କ ଦକ୍ଷତା ବିକାଶ ଜରୁରୀ

ଭୁବନେଶ୍ୱର,୧୪।୭(ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ସ୍ନାତକୋତ୍ତର ବା ପିଜିଟି ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ୫ ଦିନିଆ ପ୍ରଶିକ୍ଷଣ କର୍ମଶାଳା ଶିରିପୁରସ୍ଥିତ ଇମେଜଠାରେ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ ଯୋଗଦେଇ କହିଲେ, ଛାତ୍ରୀଛାତ୍ରଙ୍କ ସ୍ୱର୍ଣ୍ଣାଭ ଭବିଷ୍ୟତ ଗଠନ ନିମନ୍ତେ ଶିକ୍ଷକଙ୍କ ଦକ୍ଷତା ବିକାଶର ଆବଶ୍ୟକତା ରହିଛି। ଏହି

**ପିଜିଟି ଶିକ୍ଷକଙ୍କ ପାଞ୍ଚଦିନିଆ ତାଲିମ କାର୍ଯ୍ୟକ୍ରମ**

ତାଲିମ କାର୍ଯ୍ୟକ୍ରମ ଜ୍ଞାନର ପରିସୀମାକୁ ପରିବ୍ୟାପ୍ତ କରିବ। ଏଥିସହ ସ୍ୱ-ଅଧ୍ୟୟନକୁ ଗୁରୁତ୍ୱ ଦେବା ଦ୍ୱାରା ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ଗଠନ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି। ସେହିପରି ନିର୍ଦ୍ଦେଶକ ରଘୁରାମ ଆର୍ ଆୟର୍ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀ ବ୍ୟକ୍ତିଗତ ବିକାଶକୁ ଅଧିକ ଗୁରୁତ୍ୱ ଦେବା ଜରୁରୀ ବୋଲି କହିଥିଲେ। ଓଡ଼ିଶା କ୍ୟାରିୟର ପୋର୍ଟାଲ ପରିଚାଳନା, ଶିକ୍ଷକଙ୍କ ବୃତ୍ତିଗତ ବିକାଶ, ଶ୍ରେଣୀଗୃହ ପରିଚାଳନା ଓ ଶିକ୍ଷଣ ଦକ୍ଷତା ବିକାଶ, ଗ୍ରୁପ ଆକ୍ଟିଭିଟି, ଆକାଂକ୍ଷା ବିଦ୍ୟାଳୟର ଗଠନ ଆଦି ସମ୍ପର୍କରେ ତାଲିମ ଦିଆଯିବ। ଏହି ତାଲିମ କାର୍ଯ୍ୟକ୍ରମରେ ଆଇ-ଜିଓଟି କର୍ମଯୋଗୀ ଆପ୍‌ର ବ୍ୟବହାର, ଧନ୍ଦାମୂଳକ ଶିକ୍ଷା, ଛାତ୍ରବୃତ୍ତି, ସୁସ୍ଥ ଶ୍ରେଣୀଗୃହ ପାଇଁ ବ୍ୟକ୍ତିଗତ ପୁଷ୍ଟିସାରସ୍ତର ବୃଦ୍ଧି ଓ ସ୍ୱାସ୍ଥ୍ୟର ଉନ୍ନତି, କ୍ଲାଇମେଟ ରେଜିଲିଏଣ୍ଟ ବିଦ୍ୟାଳୟ ଆଦି ସମ୍ପର୍କରେ ଜାଣିବେ ଶିକ୍ଷକ। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି, ସ୍ନିଗ୍ଧା ମିଶ୍ର ଓ ଉପ-ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ଉପସ୍ଥିତ ଥିବାବେଳେ ୧୨୫ ଜଣ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ।



ପିଜିଟି ଶିକ୍ଷକଙ୍କ ପାଞ୍ଚଦିନିଆ ତାଲିମ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦଙ୍କ ସହ ଅନ୍ୟ ଅତିଥି।

## ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଶ୍ରମିକଙ୍କ ମୃତ୍ୟୁ

ଅସ୍ତରଙ୍ଗ,୧୪।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଥାନା ଛୁରିଆନା ପଞ୍ଚାୟତ ଆଇସିଣିଆ ଗ୍ରାମରେ କାମ କରୁଥିବାବେଳେ ସୋମବାର ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅଧୀନ କୁରୁମୋଇ ଅଞ୍ଚଳର ଶ୍ରମିକ ଶିବଲାଲ ଜୋଜ (୨୩)। ଏନେଇ ପୋଲିସ ୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ଶିବଲାଲ ସୋମବାର ଅପରାହ୍ନରେ ସେ ବିଲରେ ପାଣି ମଡ଼ାଇବା ପାଇଁ ମଟର ଲଗାଇବାବେଳେ ଶର୍ଟ ସର୍କିଟ ଯୋଗୁ ଅଚେତ ହୋଇ ତଳେ ପଡ଼ିଥିଲେ। ତାଙ୍କ ସମ୍ପର୍କୀୟ ଭାଇ ଓ ସ୍ଥାନୀୟ ଲୋକେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com


@ ଚନ୍ଦ୍ରଶେଖର


@ ସାଇ ସର୍ବେଶ୍ୱର


@ ପୁଷ୍ପଲତା


@ ଚନ୍ଦନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନିଯୁକ୍ତି ସୃଷ୍ଟିକାରୀ ରପ୍ତାନିଭିତ୍ତିକ ଅଭିବୃଦ୍ଧିକୁ ଗୁରୁତ୍ୱ

ଭୁବନେଶ୍ୱର,୧୪।୭(ଅନୁରାଧା ମହାରଣା)

ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ରାଜ୍ୟ ଅର୍ଥନୈତିକ ସର୍ବେକ୍ଷଣ ୨୦୨୫-୨୬ ପାଇଁ ପରାମର୍ଶଦାତା ପରିଚାଳନା କମିଟି (ସିଏମ୍‌ସି) ବୈଠକ ସୋମବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅର୍ଥନୈତିକ ସର୍ବେକ୍ଷଣର ରୂପରେଖ ଏବଂ ନିଯୁକ୍ତିସୃଷ୍ଟିକାରୀ ରପ୍ତାନିଭିତ୍ତିକ ଅଭିବୃଦ୍ଧି ପାଇଁ ରାଜ୍ୟର ରଣନୈତିକ ପଦକ୍ଷେପ ନିଆଯିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ଅନୁ କହିଛନ୍ତି, 'ବିକଶିତ ଓଡ଼ିଶା ୨୦୩୬'ଓ 'ବିକଶିତ ଭାରତ ୨୦୪୭'କୁ ଦୃଷ୍ଟିରେ ରଖି ଭିଜନ ଡକ୍ୟୁମେଣ୍ଟ କାର୍ଯ୍ୟକାରୀ କରାଯାଉଛି। ବର୍ତ୍ତମାନ ଦେଶର ରପ୍ତାନି କ୍ଷେତ୍ରରେ ଓଡ଼ିଶାର ନିଯୁକ୍ତିଭିତ୍ତିକ ରପ୍ତାନୀର ଅବଦାନ ପ୍ରାୟ ୧ ଲକ୍ଷ କୋଟି ଟଙ୍କା

**ରାଜ୍ୟ ଅର୍ଥନୈତିକ ସର୍ବେକ୍ଷଣ ୨୦୨୫-୨୬ ପାଇଁ ପରାମର୍ଶଦାତା ପରିଚାଳନା କମିଟି ବୈଠକ**

(ଦେଶର ପ୍ରାୟ ୩%) ରହିଥିବାବେଳେ ଭିଜନ ଡକ୍ୟୁମେଣ୍ଟ ଅନୁଯାୟୀ ୨୦୩୬ ସୁଦ୍ଧା ଏହା ୩ଲକ୍ଷ ୫୦ହଜାର କୋଟିରୁ ୪ ଲକ୍ଷ ୫୦ହଜାର କୋଟି (ପ୍ରାୟ୫%) ଏବଂ ୨୦୪୭ ସୁଦ୍ଧା ଏହା ୨୫ଲକ୍ଷ କୋଟିରୁ ୨୭ଲକ୍ଷ କୋଟି ଛୁଇଁବା ଲକ୍ଷ୍ୟ ରଖିଛି।


ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସହ ଅନ୍ୟ ଅଧିକାରୀମାନେ।

ଏଥିପାଇଁ ବିଭିନ୍ନ କ୍ଷେତ୍ରରେ ଉତ୍ପାଦନକୁ ବୃଦ୍ଧି କରାଯାଇ ସ୍ଥାନୀୟ ଆବଶ୍ୟକତା ପୂରଣ କରିବା ସହ ଆମଦାନୀ ହ୍ରାସ ଓ ରପ୍ତାନି ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିସହିତ ଖଣିଜଦ୍ରବ୍ୟ, କଞ୍ଚାମାଲ ଆଦିରୁ ମଧ୍ୟବର୍ତ୍ତିକାଳୀନ ମୂଲ୍ୟଯୁକ୍ତ ଉତ୍ପାଦନ ପ୍ରସ୍ତୁତ କରି ବୈଶ୍ୱିକ ମୂଲ୍ୟଶୃଙ୍ଖଳା (ଗ୍ଲୋବାଲ ଭ୍ୟାଲ୍ୟୁ ଚେନ୍) ଅଭିବୃଦ୍ଧି କରାଯିବାକ ଆହ୍ୱାନ ଦିଆଯାଇଥିଲା। ବିଭିନ୍ନ କ୍ଷେତ୍ରରେ ନିଯୁକ୍ତିଭିତ୍ତିକ ରପ୍ତାନି ସମ୍ଭାବନା, ରଣନୈତିକ ପଦକ୍ଷେପ, ରପ୍ତାନୀରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଆବଶ୍ୟକ ଇକୋସିଷ୍ଟମ ସୃଷ୍ଟି ଓ ଢାଞ୍ଚାଗତ ସଂସ୍କାର ପାଇଁ ସହଭାଗୀଙ୍କ ସହ ନିୟମିତ ବୈଠକ କରି ପରାମର୍ଶ କରିବାର ଆବଶ୍ୟକତା ସମ୍ପର୍କରେ ଉନ୍ନୟନ କମିଶନର ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ବ୍ଲୁ-ଇକୋନୋମିର ଗୁରୁତ୍ୱ, ଶିଳ୍ପ ଓ ସେବା କ୍ଷେତ୍ରରେ ୨୦୨୫-୨୬ ବର୍ଷ ପାଇଁ ଆଭିମୁଖ୍ୟ, ଭିତ୍ତିଭୂମି, ଶିକ୍ଷା, ଦକ୍ଷତା, ସମାଜିକ ବିକାଶକୁ ଗୁରୁତ୍ୱ ଦେବା ସହ ଅଭିବୃଦ୍ଧି କ୍ଷେତ୍ରରେ ପ୍ରତିବନ୍ଧକ ସାଜୁଥିବା ପ୍ରମୁଖ ଦିଗପ୍ରତି ଦୃଷ୍ଟି ଦେବାନେଇ ଆଲୋଚନା କରାଯାଇଥିଲା। ଏଥିସହ ଓଡିଶାର ରପ୍ତାନୀ ଭିତ୍ତିଭୂମି, ସାମର୍ଥ୍ୟ, ବନ୍ଦର ସୁବିଧା, ଶିଳ୍ପ ଆଭିମୁଖ୍ୟ ସହ ସୁଦୃଢ଼ ରପ୍ତାନୀଭିତ୍ତିକ ଅର୍ଥନୀତି, ସ୍ଥଳଭାଗ ପରିବେଷ୍ଟିତ ଛତିଶଗଡ଼, ଝାଡଖଣ୍ଡ ଭଳି ଅନ୍ୟ ରାଜ୍ୟକୁ ଓଡ଼ିଶା ସହଯୋଗିତାଭିତ୍ତିରେ ରପ୍ତାନୀ ଭିତ୍ତିକ ବିକାଶରେ ସହଯୋଗ କରିବା ସମ୍ପର୍କରେ ବୈଠକରେ ଆଲୋକପାତ କରାଯାଇଥିଲା।

## ଗ୍ରୀଡ୍‌କୋ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୧୪।୭(ଅନୁରାଧା ମହାରଣା)

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଲୋକସେବା ଭବନରେ ଗ୍ରୀଡ୍‌କୋର ସମସ୍ତ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ରାଜ୍ୟର ଶକ୍ତି ଭିତ୍ତିଭୂମିକୁ ସୁଦୃଢ଼ କରି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ସବୁଜ ଲକ୍ଷ୍ୟକୁ ହାସଲ କରିବା ଦିଗରେ ଓଡ଼ିଶା ଅଗ୍ରସର ହେଉଛି। ଗ୍ରୀଡ଼କୋ ଦ୍ୱାରା ସମୁଦାୟ ୧୦ ହଜାର ୯୬୦ ମେଗାୱାଟର ପ୍ରକଳ୍ପ ବିକଶିତ ହେଉଛି। ଏଥିରେ ୭୫୦୦ ମେଗାୱାଟ ସୋଲାର୍ ପ୍ରକଳ୍ପ, ୨୦୦୦ ମେଗାୱାଟ ପବନଶକ୍ତି ପ୍ରକଳ୍ପ, ୧୨୦୦ ମେଗାୱାଟ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ସହ ଅନ୍ୟାନ୍ୟ କ୍ଷୁଦ୍ର ଜଳବିଦ୍ୟୁତ ପ୍ରକଳ୍ପ ରହିଛି।


ସୀମକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ।

ପ୍ରକଳ୍ପଗୁଡିକର ବିଳମ୍ବ ହେବାର କାରଣଗୁଡିକୁ ଉପମୁଖ୍ୟମନ୍ତ୍ରୀ ସିଂହଦେଓ ଅନୁଧ୍ୟାନ କରି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିବେଶଗତ ମଞ୍ଜୁରୀ ସହ ଅନ୍ୟ କେତେକ କାରଣକୁ ନେଇ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହୋଇଥିବାବେଳେ ପୂର୍ବରୁ ଏନେଇ ଗତ ଦିଲ୍ଲୀ ଗସ୍ତ ସମୟରେ କେନ୍ଦ୍ର ସରକାରଙ୍କ ପାଖରେ ଉପସ୍ଥାପନ କରିଥିଲେ ସିଂହଦେଓ। ଏହି ସମୀକ୍ଷା ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଗ୍ରୀଡ୍‌କୋ ଏମଡି ଡ. ସତ୍ୟପ୍ରିୟ ରଥ, ବିତ୍ତ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଦେବୀଦତ୍ତ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ନିବେଦିତା ମିଶ୍ରଙ୍କ ସହ ଗ୍ରୀଡ୍‌କୋ, ଓରେଡା ଓ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ୨ ଛାତ୍ରୀଙ୍କୁ ଅସଦାଚରଣ

# ଶିକ୍ଷକଙ୍କ ନାଁରେ ମାମଲା

ଝାରସୁଗୁଡ଼ା/ଲଇକେରା, ୧୪।୭(ଆଶିଷ ରଞ୍ଜନ ଦାଶ/ରଞ୍ଜନ କୁମାର ମେହେର)

ବାଲେଶ୍ୱରସ୍ଥିତ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଜଣେ ଛାତ୍ରୀ ଯୌନ ନିର୍ଯାତନାର ଶିକାର ହୋଇ ଆତ୍ମାହୁତି ଉଦ୍ୟମ କରିବା ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଞ୍ଚଳରେ ଥିବା ଏକ ହାଇସ୍କୁଲର ୨ ଜଣ ଛାତ୍ରୀଙ୍କୁ ଶିକ୍ଷକ ଅସଦାରଣ କରିଥିବା ସୋମବାର ଅଭିଯୋଗ ହୋଇଛି। ସମ୍ପୃକ୍ତା ଛାତ୍ରୀ ଦ୍ୱୟଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୨୦/୨୫) ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଶନିବାର ଉକ୍ତ ହାଇସ୍କୁଲର ଶିକ୍ଷକ ତ୍ରୈଲୋକ୍ୟନାଥ ମହାପାତ୍ର କ୍ଲାସ୍‌ରୁମ୍‌ରେ ପାଠ ପଢାଉଥିବାବେଳେ ୨ ଜଣ ଛାତ୍ରୀଙ୍କୁ ପାଖକୁ ଡାକି ଅସଦାଚରଣ କରିଥିଲେ। ପରେ ଛାତ୍ରୀ ଦ୍ୱୟ ଘରକୁ ଯାଇ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଏହାପରେ ୨ ଛାତ୍ରୀଙ୍କ ପରିବାର ସଦସ୍ୟ ଘଟଣା ସମ୍ପର୍କରେ ଲଇକେରା ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ହିମାଂଶୁ ବାଗ୍‌ଙ୍କୁ ଜଣାଇଥିଲେ। ଏଥିସହ ଥାନାରେ ଅଭିଯୋଗ କରି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏନେଇ ବିଇଓ ବାଗ୍ କହିଛନ୍ତି, ଏହି ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯିବା ସହ ସମ୍ପୃକ୍ତ ଶିକ୍ଷକଙ୍କୁ ଡେପୁଟେଶନରେ ଅନ୍ୟ ବିଦ୍ୟାଳୟକୁ ପଠାଯାଇଛି। କମିଟିର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷେ ଝାରସୁଗୁଡ଼ା ଏସ୍‌ଡିପିଓ ଉମାଶଙ୍କର ସିଂ କହିଛନ୍ତି, ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ତଦନ୍ତର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରୁଛି। ତଦନ୍ତ ପରେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ସମ୍ପୃକ୍ତ ଶିକ୍ଷକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# କଲେଜରେ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

## ଦସ୍ତଖତ ନେଇ ତଦନ୍ତ ସାରିଲେ ଅଧ୍ୟକ୍ଷ

ଟିଟିଲାଗଡ଼, ୧୪।୭(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଅଞ୍ଚଳର ଏକ କଲେଜରେ ଜଣେ ବିଜ୍ଞାନ ଛାତ୍ରୀଙ୍କୁ ଅଧ୍ୟାପିକା ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ସୋମବାର ଘଟଣାର ସମାଧାନ ନେଇ ଉକ୍ତ କଲେଜରେ ବୈଠକ ହୋଇଥିଲା। ଏହି ବୈଠକରେ ଅଧ୍ୟକ୍ଷ ଉକ୍ତ ଛାତ୍ରୀଙ୍କ ସମେତ ତାଙ୍କ ବାପା, ମା' ଏବଂ ଭଉଣୀଙ୍କଠାରୁ ଘଟଣାର ସମାଧାନ କରିଦେବା ଓ ଆଗକୁ କଥା ନ ବଢ଼ାଇବା ପାଇଁ ଦସ୍ତଖତ ନେଇଯାଇଛନ୍ତି। ଅଧ୍ୟକ୍ଷ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଗଣମାଧ୍ୟମକୁ କାହିଁକି ଜଣାଇଲ ବୋଲି ପଚାରିଥିଲେ। ଅଧ୍ୟକ୍ଷଙ୍କ ଧମକପୂର୍ଣ୍ଣ ଆଚରଣ, ଦସ୍ତଖତ ସଂଗ୍ରହ କାର୍ଯ୍ୟ ଆଲୋଚନାର ବିଷୟ ହୋଇଛି।

ଉକ୍ତ ଛାତ୍ରୀଙ୍କୁ ସମ୍ପୃକ୍ତ ଅଧ୍ୟାପିକା ବହୁ ଦିନରୁ ନିର୍ଯାତନା ଦେଇଆସୁଥିଲେ। ଗତ ଶନିବାର ଅଧ୍ୟାପିକା ଅଚାନକ ସକାଳ ୭ଟା ୪୭ରେ ମୋବାଇଲ ଫୋନ୍‌ରେ ମେସେଜ କରି ସକାଳ ୯ ଟାରେ ପ୍ରାକ୍ଟିକାଲ ପରୀକ୍ଷା ପାଇଁ ଆସିବାକୁ କହିଥିଲେ। ତେବେ ଛାତ୍ରୀ ଜଣକ ୩୦ମିନିଟ ବିଳମ୍ବରେ ଆସିବାରୁ ତାଙ୍କୁ ଗାଳିଗୁଲଜ ସହ ପରୀକ୍ଷା ଦେବାକୁ ବାରଣକରି ହଲ୍‌ରୁ ବାହାର କରିଦେଇଥିଲେ। ପ୍ରାକ୍ଟିକାଲ କ୍ଲାସରୁ ବଞ୍ଚିତ ହେବାରୁ ଛାତ୍ରୀଙ୍କ ମାର୍କ କଟିଛି। ଏନେଇ ଅପମାନିତ ହେବା ପରେ ଛାତ୍ରୀ ଘରକୁ ଯାଇ କାନ୍ଦି କାନ୍ଦି ବେହୋସ ହୋଇପଡ଼ିଥିଲେ। ତୁରନ୍ତ ତାଙ୍କ ମାତାପିତା ଏବଂ ଭଉଣୀ କଲେଜକୁ ଯାଇ ଅଧ୍ୟକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଗଣମାଧ୍ୟମ ପ୍ରତିନିଧି ଯାଇ ଅଧ୍ୟକ୍ଷଙ୍କୁ ପଚାରିବାରୁ ସେ କିଛି କହି ନ ଥିଲେ। ଅନ୍ୟପକ୍ଷରେ ଛାତ୍ରୀ ଜଣକ ରବିବାର ଟିଟିଲାଗଡ଼ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ଘଟଣା ସମ୍ପର୍କରେ ଟିଟିଲାଗଡ଼ ଥାନା ଆଇଆଇସି କଲ୍ୟାଣୀ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଛାତ୍ରୀଙ୍କ ସମେତ ପରିବାର ସଦସ୍ୟ, ଅଧ୍ୟାପିକା, ଅଧ୍ୟକ୍ଷଙ୍କୁ ଡାକି ପଚରାଉଚରା କରାଯାଉଛି। ଏନେଇ ଆମେ ସଚେତନ ରହିଛୁ। ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ନିଶା ଇଞ୍ଜେକ୍ସନ ଦେଇ ୨ଜଣଙ୍କ ସହ ମିଶି ସ୍ତ୍ରୀଙ୍କୁ ଗଣବଳାତ୍କାର

ଗଞ୍ଜାମ, ୧୪।୭(ବିଦ୍ୟାଧର ସାହୁ)

ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ନିଶା ଇଞ୍ଜେକ୍ସନ ଦେଇ ଅନ୍ୟ ୨ଯୁବକଙ୍କ ସହ ମିଶି ବଳାତ୍କାର କରିଛନ୍ତି। ଗଞ୍ଜାମ ଜିଲାରେ ରବିବାର ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଥିବାବେଳେ ସୋମବାର ସକାଳେ ଏନେଇ ସମ୍ପୃକ୍ତା ମହିଳା ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ହେଲେ ପୋଲିସ କିଛି ନ ଶୁଣିବାରୁ ପୀଡ଼ିତା ମହିଳା ବ୍ରହ୍ମପୁରସ୍ଥିତ ମହିଳା କମିଶନଙ୍କୁ ଭେଟିଥିଲେ। ଏହା ଶୁଣିବା ପରେ କମିଶନ ନିଜ ଅଞ୍ଚଳର ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ମହିଳା ଜଣକ ଗଞ୍ଜାମରେ ପହଞ୍ଚି ବସ୍‌ରୁ ଓହ୍ଲାଇ ଭାରତୀ ବିଦ୍ୟାପୀଠ ସ୍କୁଲ ସମ୍ମୁଖରେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ଗଞ୍ଜାମ ଆଇଆଇସି ସୁମିତ୍ରା ପାତ୍ର ଓ ଏଏସ୍‌ଆଇ ସୁପ୍ରଭା ସାହୁ ମେଡିକାଲରେ ପହଞ୍ଚି ମହିଳାଙ୍କ ବୟାନ ରେକର୍ଡ କରିଥିଲେ। ସେଠାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ନ ଥିବାରୁ ପୋଲିସ ନିଜ ଗାଡ଼ିରେ ତାଙ୍କୁ ବ୍ରହ୍ମପୁର ନେଇଥିଲା। ଏନେଇ ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଥିବା ବେଳେ ମହିଳାଙ୍କ ଏଭଳି ଅଭିଯୋଗକୁ ତାଙ୍କ ଶ୍ୱଶୁର ଖଣ୍ଡନ କରିବା ସହିତ ଏହାର କୌଣସି ସତ୍ୟତା ନ ଥିବା ଗଣମାଧ୍ୟମକୁ କହିଛନ୍ତି।

# ମାଇନ୍ସ କଲୋନୀ କ୍ୱାର୍ଟର୍ସରେ ମହିଳାଙ୍କ ମୃତ୍ୟୁ

## ଶରୀରରେ କ୍ଷତଚିହ୍ନ, ସ୍ୱାମୀ ଅଟକ

ବଡ଼ବିଲ, ୧୪।୭(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଏକ ଘରୋଇ ମାଇନ୍ସ କଲୋନି କ୍ୱାର୍ଟର୍ସରୁ ସୋମବାର ଜଣେ ମହିଳାଙ୍କ ମୃତଦେହ ମିଳିଛି। ମୃତ ମହିଳା ହେଲେ ସ୍ଥାନୀୟ ଏକ ମାଇନ୍ସରେ କାମ କରୁଥିବା ଆସିଷ୍ଟାଣ୍ଟ ମ୍ୟାନେଜର ନୀଲ ପ୍ରସାଦ ଶର୍ମାଙ୍କ ସ୍ତ୍ରୀ ନିର୍ମଳା(୪୧)। ପୋଲିସ ମୃତଦେହ ଜବତ କରିବା ସହ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଏ ନେଇ ପୋଲିସ ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନ ଥିଲେ ହେଁ ମୃତ ଶରୀରରେ ଏକାଧିକ କ୍ଷତଚିହ୍ନ ଥିବାରୁ ମାଡ଼ ମରାଯାଇଥିବା ସନ୍ଦେହ କରାଯାଉଛି।

ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନରେ ଘରୋଇ ମାଇନ୍ସ କଲୋନିରେ ରହୁଥିବା କମ୍ପାନୀର ଆସିଷ୍ଟାଣ୍ଟ ମ୍ୟାନେଜର ନୀଲ ପ୍ରସାଦ ଶର୍ମାଙ୍କ କ୍ୱାର୍ଟର୍ସରେ ସ୍ତ୍ରୀ ନିର୍ମଳା ମୁମୂର୍ଷୁ ଅବସ୍ଥାରେ ପଡ଼ିଥିଲେ। ନୀଲ ପ୍ରସାଦ ପଡ଼ୋଶୀଙ୍କ ସହାୟତାରେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶରୀରରେ ଏକାଧିକ କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଥିଲା। ଫଳରେ ନିର୍ମଳାଙ୍କୁ ପିଟି ହତ୍ୟା କରାଯାଇଥିବା ସନ୍ଦେହ ଘନୀଭୂତ ହୋଇଛି। ମୃତଦେହ ବ୍ୟବଚ୍ଛେଦ କରାଯାଇଥିବାବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ନୀଲ ଓ ନିର୍ମଳାଙ୍କ ୨ ସନ୍ତାନ ମଧ୍ୟରୁ ଝିଅ ଭୁବନେଶ୍ୱରରେ ରହି ଉଚ୍ଚ ଶିକ୍ଷା ଲାଭ କରୁଥିବାବେଳେ ପୁଅ ବଡ଼ବିଲରେ ଏକ ଘରୋଇ ସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନରତ। ପୋଲିସ ସ୍ୱାମୀଙ୍କୁ ଥାନାରେ ଅଟକ ରଖିଛି। ରିପୋର୍ଟ ଲେଖାହେବା ବେଳକୁ ମୃତାଙ୍କ ଝିଅ ଓ ବାପଘର ଲୋକେ ବଡ଼ବିଲରେ ପହଞ୍ଚିଥିବା ବେଳେ ପୋଲିସ ତାଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଥାନା ଅଧିକାରୀ ଅଶୋକ କୁମାର ନାୟକ କହିଛନ୍ତି, ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଓ ଏତଲା ଅନୁଯାୟୀ ତଦନ୍ତ ଜାରି ରହିବ। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲ ସେ କହିଛନ୍ତି।

# ଶ୍ରଦ୍ଧାଞ୍ଜଳି, ଅକ୍ଷୟ ପରିଜାଙ୍କ ସାକ୍ଷ୍ୟ ଗ୍ରହଣ

## ଅର୍ଚ୍ଚନା ନାଗ ହନିଟ୍ରାପ୍ ମାମଲା

ଭୁବନେଶ୍ୱର, ୧୪।୭(ସତ୍ୟଜିତ୍ ରାଉତ)

ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗଙ୍କ ହନିଟ୍ରାପ୍ ମାମଲାରେ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ସିଜେଏମ୍ କୋର୍ଟରେ ସୋମବାର ଶୁଣାଣି ଆରମ୍ଭ ହୋଇଛି। ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନାରେ ରୁଜୁ ହୋଇଥିବା ମାମଲା (ନଂ.୪୯୬/୨୦୨୨)ରେ ଏହି ଶୁଣାଣି ହୋଇଥିବାବେଳେ ସାକ୍ଷ୍ୟଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁଣାଣିର ପ୍ରଥମ ଦିନରେ ଅଭିଯୋଗକାରିଣୀ ଶ୍ରଦ୍ଧାଞ୍ଜଳି ଓ ସାକ୍ଷୀ ଥିବା ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିବା ସରକାରୀ ଓକିଲ ରତ୍ନାକର ନାୟକ ସୂଚନା ଦେଇଛନ୍ତି। ସାକ୍ଷ୍ୟଗ୍ରହଣ ସମୟରେ ମାମଲାରେ ଅଭିଯୁକ୍ତ ଥିବା ଅର୍ଚ୍ଚନା ନାଗ, ସ୍ୱାମୀ ଜଗବନ୍ଧୁ ଚାନ୍ଦ କୋର୍ଟରେ ଉପସ୍ଥିତ ଥିଲେ। ଆସନ୍ତା ଜୁଲାଇ ୨୯ତାରିଖକୁ ପରବର୍ତ୍ତୀ ଶୁଣାଣି ଥିବାବେଳେ ଅନ୍ୟସାକ୍ଷୀମାନଙ୍କୁ ସମନ କରାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଶ୍ରଦ୍ଧାଞ୍ଜଳିଙ୍କ ମାଧ୍ୟମରେ ଅର୍ଚ୍ଚନା ବ୍ଲାକ୍‌ମେଲ କରି ଟଙ୍କା ମାଗୁଥିବା ସମ୍ପର୍କରେ ଅକ୍ଷୟ ୨୦୨୨ ସେପ୍ଟେମ୍ବର ୩୦ରେ ନୟାପଲ୍ଲୀ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରିଥିଲା। ସେପଟେ ଅର୍ଚ୍ଚନା, ଜଗବନ୍ଧୁ ଓ ସହଯୋଗୀ ଖଗେଶ୍ୱର ପାତ୍ର ନିଶାଦେଇ ନଗ୍ନ ଭିଡିଓ ସହ ବ୍ଲାକ୍‌ମେଲ୍ କରି ବଡ଼ବଡ଼ିଆଙ୍କୁ ହନିଟ୍ରାପରେ ଫସାଇବାକୁ ବାଧ୍ୟ କରୁଥିବା ଶ୍ରଦ୍ଧାଞ୍ଜଳି ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ। ଏହି ମାମଲାରେ ପୋଲିସ ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ ଗିରଫ କରିଥିଲା।

# ଅଭିଯୁକ୍ତ ଦେବୁଙ୍କୁ ଆଜୀବନ କାରାଦଣ୍ଡ

## ବହୁ ଚର୍ଚ୍ଚିତ ପ୍ରକାଶ ଦାସ ହତ୍ୟା ମାମଲା

ଯାଜପୁରଟାଉନ, ୧୪।୭ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଥାନା ଅନ୍ତର୍ଗତ ବୃନ୍ଦାବନପୁର ଗ୍ରାମରେ ଘଟିଥିବା ବହୁ ଚର୍ଚ୍ଚିତ ପ୍ରକାଶ ଦାସ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଯାଜପୁର ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଅଭିଯୁକ୍ତ ଦେବ ପ୍ରସାଦ ମଲିକ ଓରଫ ଦେବୁଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ କୋର୍ଟ ୧୦ହଜାର ଟଙ୍କା ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ଯାଜପୁର ଥାନା ରାହାସୋଇ ଗ୍ରାମ ବୃନ୍ଦାବନପୁରର ପ୍ରକାଶ ଦାସ ୨୦୨୧ ଡିସେମ୍ବର ୧୨ ତାରିଖ ସକାଳେ ହନୁମାନ ମନ୍ଦିର ନିକଟରେ ଦାନ୍ତ ଘଷୁଥିବା ବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସେହି ଗ୍ରାମର ଦେବ ପ୍ରସାଦ ମଲିକ (୩୨) ନିଜ ଜ୍ୟାକେଟରେ ଲୁଚାଇ ରଖିଥିବା ଏକ କଟୁରିରେ ପ୍ରକାଶଙ୍କ ବେକକୁ ହାଣି ଦେଇଥିଲେ । ଘଟଣାସ୍ଥଳରେ ଥିବା ଗ୍ରାମବାସୀ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପ୍ରକାଶଙ୍କ ସ୍ତ୍ରୀ ଯଶୋବନ୍ତୀ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ଦେବୁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସେଦିନଠାରୁ ଦେବୁ ବିଚାରାଧୀନ କଏଦୀ ଭାବେ ଯାଜପୁର ଜେଲ୍‌ରେ ଅଛନ୍ତି।



ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୨୨ଜଣ ସାକ୍ଷୀ ଓ ୧୮ଟି ଦସ୍ତାବିଜ୍‌କୁ ଆଧାର କରି ଯାଜପୁର ଜିଲା ଦୌରାଜଜ୍ ନନ୍ଦ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା ପାଇଁ ରାୟ ଦେଇଛନ୍ତି। ଏହି ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତ ଅଧିକ ୬ମାସ ଜେଲଦଣ୍ଡ ଭୋଗିବେ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ମୋନାଲି ରାଇସା, ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ସମରେନ୍ଦ୍ର ଦାସ ମାମଲା ପରିଚାଳନା କରିଥିଲେ।

# ହାତୀର ଗଳିତ ମୃତଦେହ ଠାବ



କେନ୍ଦୁଝର, ୧୪।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ ବର୍‌ହାଦେବତା ବିଟ ସଲେଇକେନା ଗ୍ରାମ ନିକଟ ଏକ ଡ୍ୟାମ ନିକଟରୁ ବନ ବିଭାଗ ଏକ ହାତୀର ଗଳିତ ମୃତଦେହ ଠାବ କରିଛି। କିଛି ଦିନ ତଳେ ହାତୀ ମରିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ହାତୀର ବୟସ ୭ରୁ ୮ ବର୍ଷ ହେବ ବୋଲି ବନ ବିଭାଗ ଅନୁମାନ କରୁଥିବା ବେଳେ ମାଈ କି ଅଣ୍ଡିରା ଜଣାପଡ଼ିନାହିଁ। ସୋମବାର ଅପରାହ୍ନରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିବା ବେଳେ ହାତୀ ମୃତ୍ୟୁର କାରଣ ଖୋଜୁଛନ୍ତି। ବର୍ଷା ଯୋଗୁ ବନ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିପାରି ନ ଥିବା ଜଣାପଡ଼ିଛି। ତେଲକୋଇ ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି, ହାତୀ ମୃତ୍ୟୁବରଣ କରିଥିବା ଖବର ପାଇବା ପରେ ସେ ଘଟଣାସ୍ଥଳକୁ ଯାଉଛନ୍ତି। ଦେଖିବା ପରେ ଯାହା କହିବେ।

# ଶ୍ମଶାନରୁ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

ଟିଗିରିଆ, ୧୪।୭(ଜାଫର ଖାଁ)

କଟକ ଜିଲା ଟିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ତଳଗଡ଼ ଗ୍ରାମ ନିକଟ ଶ୍ମଶାନରୁ ରବିବାର ଜଣେ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରାଯାଇଛି। ମୃତା ଯୁବତୀ ଏହି ଗ୍ରାମର ହୋଇଥିବାବେଳେ ରବିବାର କୌଣସି କାରଣରୁ ସେ ନିଜ ଘରେ ଆତ୍ମହତ୍ୟା କରିଥିବା କୁହାଯାଉଛି। ତାଙ୍କ ପରିବାର ଲୋକେ ଏବିଷୟରେ କାହାକୁ କିଛି ନ ଜଣାଇ ତରବରିଆ ଭାବେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରୁଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ତାଙ୍କ ବାପାଙ୍କୁ ଟିଗିରିଆ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମୃତା ଯୁବତୀଙ୍କ ନିର୍ବନ୍ଧ ସରିଥିବା ବେଳେ କିଛିଦିନ ପରେ ବିବାହ ହେବାର ଥିଲା। ସେ ଏକ ଘରୋଇ ଫାଇନାନ୍ସ କମ୍ପାନୀରେ ଚାକିରି କରିଥିଲେ। ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏ ସମ୍ପର୍କିତ ଅଧିକ ତଥ୍ୟ ମିଳିପାରିବ ବୋଲି ପୋଲିସ କହିଛି।

# କମେଣ୍ଟମରାରୁ ଛୁରାମାଡ:ଜଣେ ଗୁରୁତର

ସୋର, ୧୪।୭(ଜନ୍ମେଜୟ ମିଶ୍ର): ବାଲେଶ୍ୱର ଜିଲା ସୋର ଥାନା ଦହିସଡା ପଞ୍ଚାୟତ ପାଟଣା ସାହିରେ ଗତ ୪ ଦିନ ତଳେ କମେଣ୍ଟମରାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା। ସୋମବାର ରାତିରେ ଏନେଇ ଉଭୟ ପକ୍ଷକୁ ବସାଇ ସମାଧାନ ପାଇଁ କଥାବାର୍ତ୍ତା ଚାଲିଥିବା ବେଳେ ଉଭୟଙ୍କ ମଧ୍ୟରେ ଛୁରାମାଡ ହେବାରୁ ମାର୍କଣ୍ଡ ମଲିକ ସାମାନ୍ୟ ଆହତ ହୋଇଥିବା ବେଳେ ଶଶିକାନ୍ତ ମଲିକ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ଲାଗି ଗାଁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶଶିକାନ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଭୁବନେଶ୍ୱରରୁ ମାଷ୍ଟରମାଇଣ୍ଡଙ୍କୁ ବାନ୍ଧିଲା ପୋଲିସ

## ରେଲ୍‌ୱେରେ ଚାକିରି ନାଁରେ ୬୨ ଲକ୍ଷ ଠକେଇ ଘଟଣା

ବ୍ରହ୍ମପୁର, ୧୪।୭(ସୁବାସ ଚନ୍ଦ୍ର ପାଢ଼ୀ)

ରେଲ୍‌ୱେରେ ୫ ଯୁବକଙ୍କୁ ଚାକିରି କରାଇ ଦେବା ନାଁରେ ୬୨ ଲକ୍ଷ ୫୦ ହଜାର ଟଙ୍କା ଠକେଇ ଘଟଣାର ମାଷ୍ଟରମାଇଣ୍ଡଙ୍କୁ ସଦର ଥାନା ପୋଲିସ ସୋମବାର ଭୁବନେଶ୍ୱରରୁ ବାନ୍ଧିଛି। ସେ ହେଲେ ଶୁଭଲକ୍ଷ୍ମୀ ରାଉତ। ଶୁଭଲକ୍ଷ୍ମୀଙ୍କୁ ମାମଲା ନଂ.୩୦୩/୨୫ରେ କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ଏହି ଘଟଣାରେ ପୋଲିସ ଗତ ୧୧ ତାରିଖରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ କୁକୁଡ଼ାଖଣ୍ଡି ଶାନ୍ତିନଗରର ଏ. ବିଘ୍ନେଶ୍ୱର ରାଓ ଦୋରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାଷ୍ଟରମାଇଣ୍ଡ ସମରଜିତ ରାଉତ ଓରଫ ବସନ୍ତ ସିଂ ଏବଂ ଶୁଭଲକ୍ଷ୍ମୀ ଫେରାର ଥିଲେ। ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୩ ମାର୍ଚ୍ଚ ୧୮ ତାରିଖରେ ଦିଗପହଣ୍ଡି ବସ୍‌ଷ୍ଟାଣ୍ଡରେ ପାଟପୁର ଥାନା ଅନ୍ତର୍ଗତ କଂସମାରି ଗ୍ରାମର ଏସ. କୃଷ୍ଣଚନ୍ଦ୍ର ଦୋରା ଓ ତାଙ୍କ ସାଙ୍ଗମାନଙ୍କ ସହ ବିଘ୍ନେଶ୍ୱରଙ୍କ ଭେଟ ହୋଇଥିଲା। ବିଘ୍ନେଶ୍ୱର ରେଲ୍‌ୱେରେ ଚାକିରି କରାଇଦେବେ ବୋଲି ସେମାନଙ୍କୁ କହିଥିଲେ। ଜଣ ପିଛା ୧୨ ଲକ୍ଷ ୫୦ ହଜାର ଟଙ୍କା ଦେଲେ ଗ୍ରୁପ ସି (ଟିଟିଇ)ରେ ଚାକିରି ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଚାକିରି ଆଶାୟୀମାନେ ସମରଜିତ ଓ ଶୁଭଲକ୍ଷ୍ମୀଙ୍କୁ ବିଘ୍ନେଶ୍ୱରଙ୍କ ଉପସ୍ଥିତିରେ ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡ ନିକଟରେ ଭେଟି ମୋଟ ୬୨ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। ହେଲେ ସେମାନଙ୍କୁ ଚାକିରି ମିଳି ନ ଥିଲା। ଠକେଇର ଶିକାର ହୋଇଥିବା ଜାଣିବା ପରେ ଜଣେ ଆଶାୟୀ ସଦର ଥାନାରେ ଅଭିଯୋଗ କରିଥିଲେ।



ଗିରଫ ଶୁଭଲକ୍ଷ୍ମୀ ରାଉତ।

# ପ୍ରଶଂସକଙ୍କ ଉପରେ ବିଗିଡ଼ିଲେ ଜୁନିୟର ଏନ୍‌ଟିଆର୍

ହାଇଦ୍ରାବାଦ

ସାଉଥ୍ ସୁପରଷ୍ଟାର ଜୁନିୟର୍ ଏନ୍‌ଟିଆର୍‌ଙ୍କର ଏକ ବଡ଼ ଫ୍ୟାନ୍ ଫଲୋଇଙ୍ଗ ରହିଛି। ସୋମବାର ତାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ତାଙ୍କର ଜଣେ ପ୍ରଶଂସକଙ୍କ ଉପରେ ରାଗିଯାଇଥିବାର ଦେଖିବାକୁ ମିଳିଛି।

ସାଧାରଣତଃ ଜୁନିୟର୍ ଏନ୍‌ଟିଆର୍‌ଙ୍କ ଏକ ଝଲକ ପାଇ ପ୍ରଶଂସକମାନେ ଉତ୍ସାହିତ ହୋଇ ଯାଇଥାନ୍ତି ଏବଂ ତାଙ୍କ ସପକ୍ଷରେ ସ୍ଲୋଗାନ ଦେବା ଆରମ୍ଭ କରିଦିଅନ୍ତି। ରବିବାର ସନ୍ଧ୍ୟାରେ ଜୁନିୟର୍ ଏନ୍‌ଟିଆର ଦିବଂଗତ ଦକ୍ଷିଣ ଭାରତୀୟ ଅଭିନେତା କୋଟା ଶ୍ରୀନିବାସ ରାଓଙ୍କ ହାଇଦ୍ରାବାଦସ୍ଥିତ ବାସଭବନକୁ ଯାଇ ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହାପରେ ସେ ଗଣମାଧ୍ୟମକୁ ସମ୍ବୋଧନ କରି କୋଟା ଶ୍ରୀନିବାସ ରାଓଙ୍କ ସହ ନିଜର ଥିବା ସ୍ମୃତିଗୁଡ଼ିକୁ ମନେ ପକାଉଥିଲେ। ଏହି ସମୟରେ ସେ ଭାବବିହ୍ୱଳ ହୋଇଯାଇଥିଲେ। ସେତେବେଳେ ସେଠାରେ ଉପସ୍ଥିତ ଥିବା ତାଙ୍କର ଜଣେ ପ୍ରଶଂସକ 'ଜୟ ଏନ୍‌ଟିଆର୍'ର ସ୍ଲୋଗାନ ଦେଇଥିଲେ। ପ୍ରଶଂସକଙ୍କ ଏହି ସ୍ଲୋଗାନରେ ଜୁନିୟର ଏନ୍‌ଟିଆର୍ ବିଗିଡ଼ି ଯାଇଥିଲେ। ସେ ନିଜ ସମ୍ବୋଧନକୁ ଅଧାରେ ଏପରି ନ କରିବାକୁ ଉକ୍ତ ପ୍ରଶଂସକଙ୍କୁ ପରାମର୍ଶ ଦେଇଥିଲେ। 'ଜୟ ଏନ୍‌ଟିଆର୍' ନୁହେଁ ବରଂ 'ଜୟ କୋଟା ଶ୍ରୀନିବାସ ରାଓ' କୁହ ବୋଲି ସେ କହିଥିଲେ।




**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

**Bid Identification No.S.E.E.C (R&B) 08/2025-26**

No. 2501 / Date : 10.07.2025

**No.B-296** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.23.07.2025 at 05.00 P.M. to dt.06.08.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.07.08.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer Electrical Circle (R&B) Odisha, BBSR

OIPR-34006/11/0040/2526

**OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR-751001 (UNIT-IV, SACHIVALAYA MARG, BHUBANESWAR)**

E-mail ID : cerwbuilding_bbsr@yahoo.com

File No.Bld.215/2024 22232 Date : 10.07.2025

Bid Identification No.-01-Bld.-2025-26

**NOTICE INVITING REQUEST FOR PROPOSAL THROUGH E-PROCUREMENT PORTAL OF GOVT. OF ODISHA**

**No.O-420** : Chief Engineer, Buildings & Bridges, O/o the EIC, Rural Works, Odisha, Bhubaneswar invites technical and financial proposals from reputed Architectural and Planning consulting firms for **"Engagement of Consultant for Preparation of Plan, DPR (CIVIL+EI+PH), BOQ, bid Documents & Construction Monitoring for Construction of Block Level Stadiums (componets like Football / Cricket Field, Clay Athletic Track with throw and jump area, Volleyball / Kho Kho / Kabaddi Court, Indoor Hall (Badminton, Table Tennis etc.), Common facility centre etc.) in different Districts of Odisha (Eastern Zone, Southern Zone, Western Zone & Northern Zone)."** Details are as follows :

| | | |
|---|---|---|
| 1. | Bid documents such as RFP etc. can be seen/downloaded during the period | 16.07.2025 to 30.07.2025 upto 05:30 P.M. |
| 2. | Deadline for Submission of Pre-Bid Queries to **cerwbuilding_bbsr@yahoo.com** | Upto 05:30 P.M. on 24.07.2025 |
| 3. | Online bids shall be received till | Upto 05:30 P.M. on 30.07.2025 |
| 4. | Date of opening of technical bids | At 11:30 A.M. on 31.07.2025 |
| 5. | Date of opening of financial Bid | To be intimated later |
| 6. | Bid Processing Fee (Non-Refundable) | Rs.10000/- (Rupees Ten Thousand) only |

Chief Engineer, Buildings & Bridges has the right to accept or reject the Notice/RFP without assigning any reasons thereof.

Sd./- Chief Engineer, Buildings & Bridges Rural Works, Odisha, Bhubaneswar

OIPR-25191/11/0007/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, CUTTACK**

E-Mail I.D.- rw_cuttack@yahoo.co.in, Ph.No.0671-2440662

**1st Corrigendum to Tender Call Notice No. Tender-Online-RWD Ctc-02/2025-26, dt.02.07.2025**

**No.O-428: Due to unavoidable circumstances the dates are changing as follow:-**

| Procurement Officer | Bid Identification No. | Availability of tender On-line for bidding | | | | Last date & Time of seeking Tender Clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| | | From | | To | | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| | | Previously fixed on | Presently Changed to | Previously fixed on | Presently Changed to | Previously fixed on | Presently Changed to | Previously fixed on | Presently Changed to | Previously fixed on | Presently Changed to |
| Superintending Engineer, Rural Works Division, Cuttack | RWD Ctc-02/2025-26 | 11.07.2025 At 11.00 AM | 21.07.2025 At 11.00 AM | 22.07.2025 upto 5.00 PM | 02.08.2025 upto 5.00 AM | 21.07.2025 upto 5.00 AM | 01.08.2025 upto 5.00 AM | 23.07.2025 upto 11.00 AM | 04.08.2025 upto 11.00 AM | Will be intimated later | Will be intimated later |

All other terms & conditions remain unchanged.

OIPR-25053/11/0034/2526

Sd./- Superintending Engineer, Rural Works Division, Cuttack

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଅଭିଲିପ୍ସା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମିଥ୍ୟା ରିଟର୍ନ ଦାଖଲ କରୁଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ଚିହ୍ନଟ

## ଆୟକର ବିଭାଗର କଡ଼ା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୪।୭(ଅନୁରାଧା ମହାରଣା)





ଆୟକର ରିଟର୍ନ (ଆଇଟିଆର)ରେ ମିଥ୍ୟା ଡିଡକ୍ସନ ଓ ଛାଡ଼ ଦାବି କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଆୟକର ବିଭାଗ କଡ଼ା ପଦକ୍ଷେପ ଗ୍ରହଣ କରିଛି। ସାରା ଦେଶରେ ଯେଉଁ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଓ ଆକାଉଣ୍ଟାଣ୍ଟମାନେ ମିଥ୍ୟା ଉପାୟରେ ରିଟର୍ନ ଦାଖଲ କରି ରିଫଣ୍ଡ ନେଉଥିଲେ ସେମାନଙ୍କୁ ଚିହ୍ନଟ କରାଯାଉଛି। ଏହି ବୃହତ୍ ତଦନ୍ତରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଟୁଲସ୍ ଏବଂ ତୃତୀୟ ପକ୍ଷ ଡାଟାର ବ୍ୟବହାର କରାଯାଇଛି। ଏହାଦ୍ୱାରା ଏପର୍ଯ୍ୟନ୍ତ ସିଷ୍ଟମରୁ ବାହାରେ ଥିବା ସନ୍ଦିଗ୍ଧ ପ୍ୟାଟର୍ନକୁ ଚିହ୍ନଟ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନକୁ ଦେଶର ଅନ୍ୟତମ ବୃହତ୍ ଟ୍ୟାକ୍ସ କ୍ଲେମ୍ ଜାଲିଆତି ମାମଲା ଭାବେ ବିବେଚନା କରାଯାଉଛି। ସେଣ୍ଟ୍ରାଲ ବୋର୍ଡ ଅଫ ଡାଇରେକ୍ଟ ଟ୍ୟାକ୍ସେସ (ସିବିଡିଟି) ଜଣାଇଛି ଯେ, ଏହି ମିଥ୍ୟା କ୍ଲେମ୍‌ଗୁଡ଼ିକର ପରିସର ଛୋଟ ହୋଇଥିଲେ ମଧ୍ୟ ଏହା ସାରା ଦେଶରେ ବ୍ୟାପକ ଭାବେ ବିସ୍ତାର ଲାଭ କରିଛି। ଅନେକ ମାମଲାରେ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଓ ଆକାଉଣ୍ଟାଣ୍ଟମାନେ ଧାରା ୧୦(୧୩ଏ), ୮୦ଡି, ୮୦ଇ, ୮୦ଜି, ଓ ୮୦ଡିଡିବି ଆଦି ଛାଡ଼ର ଅପବ୍ୟବହାର କରି ମିଥ୍ୟା ରିଫଣ୍ଡ ହାସଲ କରୁଥିଲେ। ବାରମ୍ବାର ମିଥ୍ୟା ଦାବି କରୁଥିବା ଅନେକ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଓ ଟିକସ ପ୍ରୋଫେସନାଲଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି, ଯେଉଁମାନେ ଆୟକର ବ୍ୟବସ୍ଥାର ଅପବ୍ୟବହାର କରୁଥିଲେ। ଏହି ଅଭିଯାନରେ କୃତ୍ରିମ ବୁଦ୍ଧିମତା(ଏଆଇ)ର ବ୍ୟବହାର କରାଯାଇଛି। ଏହାଦ୍ୱାରା ମିଛ ଘୋଷଣା ଓ ସନ୍ଦିଗ୍ଧ ପ୍ୟାଟର୍ନ ଧରାପଡ଼ିଛି। ଏପର୍ଯ୍ୟନ୍ତ ୧୦୦ରୁ ଅଧିକ ଟିକସଦାତାଙ୍କୁ ସେମାନଙ୍କର ଆଇଟିଆର ଅପଡେଟ କରିବା ପାଇଁ ସୁଯୋଗ ଦିଆଯାଇଛି। ତେବେ ସିବିଡିଟି ସ୍ପଷ୍ଟ କରିଛି ଯେ, ଏପରି ଅପବ୍ୟବହାରକୁ ଏବେ ସମ୍ପୂର୍ଣ୍ଣ ରୋକାଯିବ। ସିବିଡିଟି ସୂଚନା ଅନୁଯାୟୀ, ଲୋକମାନେ ମିଥ୍ୟା ଦାବି କରି ପୁରୁଣା ଟିକସ ବ୍ୟବସ୍ଥାର ଅନୁଚିତ ଲାଭ ଉଠାଉଥିଲେ। ସରକାର ଚାହୁଁଛନ୍ତି ଯେ ଲୋକେ ନୂଆ ଟିକସ ରେଜିମର ସଠିକ ଉପଯୋଗ କରନ୍ତୁ। ଏବେ ପାରଦର୍ଶିତା ଓ ସତ୍ୟତାର ସହିତ ଟିକସ ଦାଖଲ ଉପରେ ଗୁରୁତ୍ୱ ଦିଆଯାଉଛି।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ, ୧୪।୭

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୨୪୭ (୨୪୭.୦୧) ପଏଣ୍ଟ ହ୍ରାସ ଘଟି ୮୨,୨୫୩ (୮୨,୨୫୩.୪୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୬୭ (୬୭.୫୫) ପଏଣ୍ଟ କମି ୨୫,୦୮୨ (୨୫,୦୮୨.୩୦) ଅଙ୍କରେ କାରବାର ଶେଷ ହୋଇଥିଲା।

# ୨୦୨୭ ସୁଦ୍ଧା ୧,୦୦୦ କୋଟିର ଟର୍ନଓଭର



ନୂଆଦିଲ୍ଲୀ, ୧୪।୭ (ଅଭୟ ଦାଶ)

## ହାର୍ଭାର୍ଡ ବିଜ୍‌ନେସ ସ୍କୁଲର କେସ୍ ଷ୍ଟଡିରେ ଜେଡ୍ ବ୍ଲାକ୍

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ମହୀଶୂର ଡିପ୍ ପରଫ୍ୟୁମେରି ହାଉସ୍ (ଏମ୍‌ଡିପିଏଚ୍)ର ଧୂପ ବ୍ରାଣ୍ଡ 'ଜେଡ୍ ବ୍ଲାକ୍'କୁ ନିକଟରେ ଆଉ ଏକ ସଫଳତା ଓ ସ୍ୱୀକୃତି ମିଳିଛି। ବର୍ତ୍ତମାନ ସମୟରେ ଭାରତୀୟ ଉଦ୍ୟୋଗ ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ ଓ କ୍ରିକେଟ କିମ୍ବଦନ୍ତୀ ଏମ୍ ଏସ୍ ଧୋନିଙ୍କ ଦ୍ୱାରା ଅନୁମୋଦିତ ଧୂପ ବ୍ରାଣ୍ଡ 'ଜେଡ୍ ବ୍ଲାକ୍' ହାର୍ଭାର୍ଡ ବିଜ୍‌ନେସ ସ୍କୁଲରେ ଏକ କେସ୍ ଷ୍ଟଡି ଭାବେ ପ୍ରଦର୍ଶିତ ହୋଇଛି। ଏସ୍‌ପି ଜୈନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ରିସର୍ଚ୍ଚର ପ୍ରଫେସର ତୁଳସୀ ଜୟକୁମାରଙ୍କ ଦ୍ୱାରା ଲିଖିତ ଏହି କେସ/ଘଟଣା ଫ୍ୟାଶନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏଫ୍‌ଆଇଟି) ନ୍ୟୁୟର୍କ ସମେତ ବିଶ୍ୱସ୍ତରୀୟ ପ୍ରତିଷ୍ଠାନଗୁଡ଼ିକରେ ମଧ୍ୟ ପଢ଼ାଯାଉଛି।

୧୯୯୦ ଦଶକର ପ୍ରାରମ୍ଭରେ ପ୍ରକାଶ ଅଗରୱାଲଙ୍କ ଦ୍ୱାରା ପ୍ରତିଷ୍ଠିତ ଏମ୍‌ଡିପିଏଚ୍ ବର୍ତ୍ତମାନ ୯.୪ ଲକ୍ଷ ବର୍ଗଫୁଟ ଉତ୍ପାଦନ ସ୍ଥାନରେ କାର୍ଯ୍ୟ କରୁଛି। ୩.୫ କୋଟି ଧୂପକାଠି ଉତ୍ପାଦନ ସହ ପ୍ରତିଦିନ ୧୫ ଲକ୍ଷ ଜେଡ୍ ବ୍ଲାକ୍ ପ୍ୟାକ୍ ବିକ୍ରି କରୁଛି। ୪୫ରୁ ଅଧିକ ଦେଶକୁ ରପ୍ତାନି ସହିତ କମ୍ପାନୀ ୪,୦୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ମଧ୍ୟ ଦେଇଛି, ଯାହାଙ୍କ ମଧ୍ୟରୁ ୮୦% ମହିଳା ସାମିଲ ଅଛନ୍ତି। ଏହାର ପ୍ରମୁଖ ବ୍ରାଣ୍ଡଗୁଡ଼ିକ ମଧ୍ୟରେ ଜେଡ୍ ବ୍ଲାକ୍ ଅଗରବତି, ମନ୍ଥନ ଧୂପ, ସମର୍ପଣ ଏବଂ ଓରଭା ଆଦି ସାମିଲ ରହିଛି।

ଏ ସମ୍ପର୍କରେ ଏମ୍‌ଡିପିଏଚ୍‌ର ନିର୍ଦ୍ଦେଶକ ଅଙ୍କିତ ଅଗରୱାଲ କହିଛନ୍ତି,ଏହି କେସ୍ ଆମ ପାଇଁ ଏକ ମାଇଲଖୁଣ୍ଟଠାରୁ ଅଧିକ ହୋଇଥିଲାବେଳେ ଏହା ମୂଲ୍ୟବୋଧରେ ମୂଳ ଏବଂ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହେଉଛି। ଅପରପକ୍ଷରେ ଏମ୍‌ଡିପିଏଚ୍‌ର ବ୍ୟବସାୟିକ ଆଭିମୁଖ୍ୟ ଏହାର ପରମ୍ପରା ସହିତ ବିକଶିତ ହୋଇଛି। ଏହାର ଡିଜିଟାଲ୍ ଭିତ୍ତିଭୂମି ଭୌଗୋଳିକ ଏବଂ ବର୍ଗଗୁଡ଼ିକରେ ସ୍କେଲେବିଲିଟି ସୁନିଶ୍ଚିତ କରିଛି, କାରଣ କମ୍ପାନୀ ୨୦୨୭ ଆର୍ଥିକ ବର୍ଷ ସୁଦ୍ଧା ପ୍ରାୟ ୧,୦୦୦ କୋଟି ଟର୍ନଓଭର ପାଇଁ ଲକ୍ଷ୍ୟ ରଖିଛି।

# ବିଆଇପିଏଫ୍‌ର ନୂତନ ଆଉଟ୍‌ରିଚ୍ ପ୍ରୋଗ୍ରାମ

ଭୁବନେଶ୍ୱର, ୧୪।୭





ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ ଲିମିଟେଡ୍(ଇମ୍ଫା)ର ସାମାଜିକ କଲ୍ୟାଣ ଶାଖା ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏଫ୍)ର ନୂତନ ଆଉଟ୍‌ରିଚ୍ ପ୍ରୋଗ୍ରାମ 'କନ୍ୟା ଏକ୍ସପ୍ରେସ ଏବଂ ଇ-ଶିକ୍ଷା ଏକ୍ସପ୍ରେସ'ର ଶୁଭାରମ୍ଭ ସୋମବାର ଯାଜପୁରର କଳିଙ୍ଗ ନଗରଠାରେ ହୋଇଯାଇଛି। ଏହି ଅବସରରେ ଯାଜପୁର ଜିଲାପାଳ ପି. ଅନୱେସା ରେଡ୍ଡି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଏ ସମ୍ପର୍କରେ ବିଆଇପିଏଫ୍‌ର ଟ୍ରଷ୍ଟି ତଥା ସିଇଓ ଶୈଫାଳିକା ପଣ୍ଡା କହିଛନ୍ତି, ପ୍ରକୃତବିକାଶ କାର୍ଯ୍ୟ ଆରମ୍ଭ ହେବା ପାଇଁ ଅପେକ୍ଷା କରିବା ନୁହେଁ, ଏହା ପ୍ରଥମ ଦିନରୁ ସମ୍ପ୍ରଦାୟ ପାଇଁ ଉପସ୍ଥିତ ହେବା ଆବଶ୍ୟକ। କନ୍ୟା ଏକ୍ସପ୍ରେସ ଏବଂ ଇ-ଶିକ୍ଷା ଏକ୍ସପ୍ରେସ ସହିତ ଆମେ ଅତ୍ୟାବଶ୍ୟକ ସେବାଗୁଡ଼ିକୁ ସିଧାସଳଖ ସେହିସ୍ଥାନକୁ ନେଇ ଯାଉଛୁ ଯେଉଁଠାରେ ସେମାନଙ୍କର ସବୁଠାରୁ ଅଧିକ ଆବଶ୍ୟକତା ଅଛି। ଏହି ପଦକ୍ଷେପଗୁଡ଼ିକ ଆମର ବିଶ୍ୱାସକୁ ପ୍ରତିଫଳିତ କରିଛି। ଯେତେବେଳେ ଆପଣ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମର୍ଯ୍ୟାଦା ପାଇଁ ପ୍ରାରମ୍ଭିକ ବିନିଯୋଗ କରନ୍ତି, ଆପଣ ଏକ ଅଧିକ ସ୍ଥିର ଏବଂ ଅନ୍ତର୍ଭୁକ୍ତ ଭବିଷ୍ୟତ ପାଇ ମୂଳଦୁଆ ସ୍ଥାପନ କରନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ଉପଜିଲାପାଳ ସପନ କୁମାର ନନ୍ଦ , ଜିଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ମୁଖ୍ୟ ଜିଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ବିଜୟ ମିଶ୍ର, ବ୍ଲକ ବିକାଶ ଅଧିକାରୀ ପ୍ରଦୀପ ସେଠୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନନ୍ଦିନୀ ପ୍ରଭା ମିଶ୍ର, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡକ୍ଟର ଜ୍ୟୋତି ମହାପାତ୍ର ଏବଂ ଇମ୍ଫା ଓ ବିଆଇପିଏଫର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସେପ୍ଟେମ୍ବର ୨ରୁ ସେମିକନ୍ ଇଣ୍ଡିଆ

ଭୁବନେଶ୍ୱର, ୧୪।୭

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏକ ୩ ଦିନିଆ ଶିଳ୍ପ ପ୍ରଦର୍ଶନୀ 'ସେମିକନ ଇଣ୍ଡିଆ' ନୂଆଦିଲ୍ଲୀର ଯଶୋଭୂମିଠାରେ ଆୟୋଜିତ ହେବାକୁ ଯାଉଛି। ୨୦୨୫ ସେପ୍ଟେମ୍ବର ୨ ରୁ ୪ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରଦର୍ଶନୀ ପାଇଁ ପରିଦର୍ଶକ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ଏହି ପ୍ରଦର୍ଶନୀ ସେମି ଓ ଆଇଏସ୍‌ଏମ୍ ଦ୍ୱାରା ଶିଳ୍ପ ଅଂଶୀଦାରମାନଙ୍କ ସହଯୋଗରେ ପରିଚାଳିତ ହେବ। ଚଳିତ ବର୍ଷ 'ବିଲଡିଂ ଦି ନେକ୍ସଟ ସେମିକଣ୍ଡକ୍ଟର ପାୱାର ହାଉସ' ଶୀର୍ଷକ ବିଷୟବସ୍ତୁ ଉପରେ ଏହି ପ୍ରଦର୍ଶନୀ ଆୟୋଜିତ ହେଉଛି। ବିଶେଷ କରି ଏହି କାର୍ଯ୍ୟକ୍ରମ ମାଇକ୍ରୋ ଇଲେକ୍ଟ୍ରୋନିକ ଓ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳା ଉପରେ ଭାରତର ବୃଦ୍ଧି ପାଉଥିବା କ୍ଷମତା ଓ ମହତ୍ୱାକାଂକ୍ଷାକୁ ଦର୍ଶାଇବ। ଉଲ୍ଲେଖଯୋଗ୍ୟ, ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରାଦ୍ୟୋଗିକୀ ମନ୍ତ୍ରଣାଳୟର ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ତତ୍ତ୍ୱାବଧାନରେ ଏହି ପ୍ରଦର୍ଶନୀ ଆୟୋଜିତ ହେବ। ଏପରିକି ସେମିକନ ଇଣ୍ଡିଆ ହେଉଛି ସେମି ଦ୍ୱାରା ବିଶ୍ୱବ୍ୟାପୀ ଆୟୋଜିତ ୮ଟି ବାର୍ଷିକ ସେମିକନ ପ୍ରଦର୍ଶନୀ ମଧ୍ୟରୁ ଅନ୍ୟତମ। ଯାହା ବିଶ୍ୱ ସେମିକଣ୍ଡକ୍ଟର ଡିଜାଇନ ଓ ଉତ୍ପାଦନ ଇକୋ ସିଷ୍ଟମରେ କାର୍ଯ୍ୟ ନିର୍ବାହୀ ଏବଂ ଅଗ୍ରଣୀ ବିଶେଷଜ୍ଞମାନଙ୍କୁ ଏକତ୍ରିତ କରିଥାଏ। ସେହିପରି ଏହି ପ୍ରଦର୍ଶନୀରେ ମୋଟ ୧୮ ଟି ଦେଶ ଓ ଅଞ୍ଚଳର ୩୦୦ରୁ ଅଧିକ କମ୍ପାନୀ ସେମାନଙ୍କର ସାମଗ୍ରୀ ଓ ଇଲେକ୍ଟ୍ରୋନିକ ମୂଲ୍ୟ ଶୃଙ୍ଖଳା ପ୍ରଦର୍ଶନ କରୁଛନ୍ତି। ବିଶ୍ୱସ୍ତରୀୟ ସିଏକ୍ସଓ ଏବଂ ଶିଳ୍ପ ବିଶେଷଜ୍ଞମାନେ ଯୋଗ ଦେଉଥିବାବେଳେ ପ୍ରମୁଖ ବକ୍ତାମାନଙ୍କ ସହ ଏହି ୩ ଦିନିଆ ସମ୍ମିଳନୀରେ ୪ଟି ଅନ୍ତର୍ଜାତୀୟ ପାଭିଲିୟନ, ୯ଟି ଅଂଶଗ୍ରହଣକାରୀ ରାଜ୍ୟ ସରକାରଙ୍କ ପାଭିଲିୟନ ରହିଛି।

# ହାଇଟେକ୍‌ରେ ନୂତନ ସେବାର ଶୁଭାରମ୍ଭ



ଭୁବନେଶ୍ୱର, ୧୪।୭

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ପାଣ୍ଡରାସ୍ଥିତ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଏକ ନୂତନ ସେବାର ଶୁଭାରମ୍ଭ କରାଯାଇଛି। ବିଶେଷ କରି ବିଶ୍ୱରାଜ୍ ଫାର୍ମାସ୍ୟୁଟିକାଲ ଏଲଏଲପି ସହ ପ୍ରସୂତୀ ବିଭାଗ ଏବଂ ଚର୍ମ, କେଶ ଓ ସ୍କାଲ୍ପ ଡିଟେକ୍ଟର କ୍ଲିନିକକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଛି। ଏହି ଅବସରରେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଏହି ଅବସରରେ ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀଙ୍କ ସମେତ ହାଇଟେକ୍ ଗ୍ରୁପ୍‌ର ସିଇଓ ତଥା ଏମଡି ସୁରେଶ କୁମାର ପାଣିଗ୍ରାହୀ, ନିର୍ଦ୍ଦେଶକ ଡା. ରାକେଶ କୁମାର ପାଣିଗ୍ରାହୀ, ନିର୍ଦ୍ଦେଶକ ବିଶ୍ୱରାଜ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ।

ସେହିଭଳି ନୂତନ ଜ୍ଞାନକୌଶଳରେ ନିର୍ମିତ ଏହି ପ୍ରସୂତୀ ବିଭାଗରେ ସମସ୍ତ ସୁବିଧା ସାମିଲ କରାଯାଇଛି। ମୁଖ୍ୟତଃ ବର୍ତ୍ତମାନ ସମୟରେ ବଢୁଥିବା ସିଜେରୀଆନ ଡେଲିଭେରିକୁ ହ୍ରାସ କରାଯାଇ ନର୍ମାଲ ଡେଲିଭେରି ସହ ପେନ୍‌ଲେସ୍ ଡେଲିଭେରିକୁ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ କହିଛନ୍ତି। ସେହିପରି ପେନ୍‌ଲେସ୍ ଡେଲିଭେରିକୁ ଗୁରୁତ୍ୱ ଦିଆଯିବା ସହ ଶିଶୁମାନଙ୍କ ନିମନ୍ତେ ଉନ୍ନତ ମାନର ଏନ୍‌ଆଇସିୟୁ ଓ ପିଆଇସିୟୁର ସୁବିଧା ମଧ୍ୟ ରହିଛି ବୋଲି ସୁରେଶ କୁମାର ପାଣିଗ୍ରାହୀ କହିଛନ୍ତି। ଅପରପକ୍ଷରେ ଚର୍ମ, କେଶ ଓ ସ୍କାଲ୍ପ ଡିଟେକ୍ଟର ଦ୍ୱାରା ଚୁଟି ଝଡିବା ଓ ପତଳା ହେବା, ରୁପି ସମସ୍ୟା ଏବଂ ଚର୍ମରେ କଳାଦାଗ, ବ୍ରଣ ସମସ୍ୟାକୁ ଡିଟେକ୍ଟ କରାଯାଇ ତା'ର ଚିକିତ୍ସା ଦିଆଯିବ। ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ମେଡିକାଲ ସୁପରିଟେଣ୍ଡେଣ୍ଟ ଡା. ରବିନ୍ଦ୍ରନାଥ ବେହେରା, ସାଧାରଣ ପ୍ରଶାସକ ଡ. ବାସୁଦେବ ବେହେରା, ଡେପୁଟି ମେଡିକାଲ ସୁପରିଟେଣ୍ଡେଣ୍ଟ ଡ. ଚନ୍ଦନ ସାମନ୍ତରାୟ, ପ୍ରିନ୍ସିପାଲ ପ୍ରଫେସର୍ ଡା. ପୂର୍ଣ୍ଣଚନ୍ଦ୍ର ଦାଶ, ଡିନ୍ ଓ ନିର୍ଦ୍ଦେଶକ ପ୍ରଫେସର୍ ଡା. ରାଧାମାଧବ ତ୍ରିପାଠୀ, ସାଇକାଟ୍ରିକ୍ ପ୍ରଫେସର୍ ଡା. ଅମ୍ରିତ୍ ପଟ୍ଟଯୋଶୀ, ଅସ୍ଥିଶଲ୍ୟ ବିଭାଗର ପ୍ରଫେସର୍ ଡା. ନରେଶ କୁମାର ପାଣିଗ୍ରାହୀ ଏବଂ କର୍ଣ୍ଣ ନାସା ଓ ଗଳା ବିଭାଗର ମୁଖ୍ୟ ପ୍ରଫେସର୍ ଡା. ରାଜଲକ୍ଷ୍ମୀ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର ଓ ନର୍ସିଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମ୍ୟୁଚୁଆଲ ଫଣ୍ଡରେ ବନ୍ଧନ ଏଏମ୍‌ସିର ରୌପ୍ୟଜୟନ୍ତୀ

ଭୁବନେଶ୍ୱର, ୧୪।୭

ଭାରତୀୟ ମ୍ୟୁଚୁଆଲ ଫଣ୍ଡ୍ ଶିଳ୍ପରେ ବନ୍ଧନ ଏଏମ୍‌ସି ଲିମିଟେଡର ଅବଦାନ ବେଶ୍ ଉଲ୍ଲେଖନୀୟ ରହିଛି। ଏପରିକି କମ୍ପାନୀ ନିକଟରେ ରୌପ୍ୟଜୟନ୍ତୀ/୨୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିଛି, ଯାହାକି ବିଶ୍ୱାସ, ଉଦ୍ଭାବନ ଓ ସଞ୍ଚୟକାରୀଙ୍କୁ ନିବେଶକରେ ପରିଣତ ହେବାରେ ସାହାଯ୍ୟ କରିବା ପାଇଁ ଦୃଢ଼ ପ୍ରତିବଦ୍ଧତା ଉପରେ ନିର୍ମିତ ହୋଇଛି।

ସେହିଭଳି କମ୍ପାନୀ ନିବେଶକ ଓ ପାର୍ଟନରଙ୍କ ସହ ଏହି ସଫଳତାକୁ ପାଳନ କରିଛି। ବନ୍ଧନ ଏଏମ୍‌ସି ପକ୍ଷରୁ ସଙ୍ଗୀତ-ଭିତ୍ତିକ କାହାଣୀ 'ରାଜୁ ଭୈୟା କୀ କାହାନୀ'କୁ ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରାଯାଇଛି, ଏହା ସଞ୍ଚୟଠାରୁ ଆରମ୍ଭ କରି ଆତ୍ମବିଶ୍ୱାସର ସହ ନିବେଶ କରିବା ପର୍ଯ୍ୟନ୍ତ ଅନେକ ନିବେଶକଙ୍କ ପରିଚିତ ଯାତ୍ରା ସହ ପ୍ରତିଫଳିତ ହେଉଛି। ବିଶେଷ କରି ଏକ ହୃଦୟସ୍ପର୍ଶୀ ଜିଙ୍ଗଲ ଓ ଆକର୍ଷଣୀୟ ଆନିମେଶନ ମାଧ୍ୟମରେ ଏହାକୁ ବ୍ୟାଖ୍ୟା କରାଯାଇଥିବାବେଳେ ଏହି ଫିଲ୍ମ ବିଗତ ବର୍ଷଗୁଡିକରେ ସାଧାରଣ ନିବେଶକଙ୍କ ପ୍ରଗତିକୁ ସେଲିବ୍ରେଟ କରିଛି।

ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଶିଳ୍ପରେ ଆମେ ଆମ ଯାତ୍ରାର ୨୫ ବର୍ଷ ପାଳନ କରୁଥିବାରୁ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଲକ୍ଷ ଲକ୍ଷ ସଞ୍ଚୟକାରୀଙ୍କୁ ନିବେଶକରେ ପରିଣତ କରିବାରେ ସାହାଯ୍ୟ କରିବା କ୍ଷେତ୍ରରେ ଗ୍ରହଣ କରିଥିବା ଆମର ଭୂମିକାକୁ ନେଇ ଗର୍ବିତ ଅଛୁ।


# Classified Everyday

0674-2580101, 9692975378



**REAL ESTATE**

**SALE**

ଗୃହୋପଯୋଗି **Single** ପ୍ଲଟ୍ ପାଚେରି ସହିତ ହଂସପାଳ ମୁଖ୍ୟ କେନାଲ୍ ପାଖରେ **2100sqft. area** ବିକ୍ରିହେବ। **6370469894.** D-76292

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

**3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347.** D-1241

**Duplex sale near AIIMS Hospital Bhubaneswar, apartment Sum Hospital. 9777433701.** D-76285

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

**Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668.** D-76287

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288





5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

ବିବାହମଣ୍ଡପ ଚନ୍ଦ୍ରଶେଖରପୁରଠାରେ ଭଡ଼ା ଦିଆଯିବ, ସାଜସଜ୍ଜା ଅଡ଼ିଓ ଏବଂ କ୍ୟାଟରିଂ ସାମଗ୍ରୀ। **9437008388.** D-1294

**LOST**

ମୁଁ ଶ୍ରୀମତୀ ସୀଲା ରାଣୀ ସାହୁ, ସ୍ୱାମୀ: ଲଳିତ କୁମାର ସାହୁ, ପ୍ଲଟ୍ ନମ୍ବର:- LB- 293, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର ଘୋଷଣା କରୁଅଛିକି ମୋ ନିଜ ଦ୍ୱାରା କିଣା ଯାଇଥିବା ଜାଗା ଖାତା ନମ୍ବର- 884/1294 ପ୍ଲଟ୍ ନମ୍ବର- 1367/2659 ଏରିଆ- ୧୦୦ ଡେସିମିଲ, ମୌଜା- କପିଳ ପ୍ରସାଦ, ଭୁବନେଶ୍ୱର ସହର, ୟୁନିଟ୍ 23. ମୋ ଜାଗାର ପୁରୁଣା ଲିଙ୍କ୍ କବଲା ନମ୍ବର:- 8115, ତାରିଖ- 29/10/1979 ମାଲିକଙ୍କ ନାମ ଶୈଳବାଳା ଦେବୀ, ସ୍ୱାମୀ- ସତ୍ୟବାଦୀ ହୋତା ଯାହାଙ୍କ ପାଖରୁ ମୁଁ ଜାଗା କ୍ରୟ କରିଥିଲି। ସେହି କବଲାଟି ମୁଁ ଅଫିସ୍ ଯିବା ସମୟରେ ବଡ଼ଗଡ଼ ଅଞ୍ଚଳରେ କେଉଁଠାରେ ହଜିଯାଇଛି। ମୁଁ ତାରିଖ- 09.07.2025ରେ ବଡ଼ଗଡ଼ ଥାନାରେ Lost report ଦାଖଲ କରିଅଛି। D-1299

**AFFIDAVIT**

By virtue of an affidavit in the Court of Executive Magistrate, Simulia, I declare that in my Bank Passbook name is recorded as Sabita Dash of Village- Kalamchua, P.O.- Haripur, P.S.- Khaira, Dist.- Balasore. But in Aadhaar & Voter ID Card my name is mentioned as Anjali Tiadi, W/o- Purnachandra Tiadi, resident of village Salomadhapur, P.S.- Simulia, Dist.- Balasore. Both the above name belongs to one & same person.

Anjali Tiadi D-1295

By virtue of an affidavit before Executive Magistrate, Bhubaneswar, on dtd- 09.07.25, I Sri Hrusi Kesha Kabi, Plot No.- 3450, Badagada Jharna, Badagada, Bhubaneswar, Dist.- Khurda, PIN- 751018, declare that my name was mentioned Hrushi Kesh Kabi instead of Hrusi Kesha Kabi and my wife's name was mentioned Bhanumati Kabi instead of Bhanumati Prusty in Son's KV.No.- I School register. Henceforth my name was known as Hrusi Kesha Kabi and my wife's name was Bhanumati Prusty for all future purposes. D-1297

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Bhagirathi Swain, S/o. Harihar Swain, At/P.O.- Tarava, P.S.- Dhenkanal Sadar, Dist.- Dhenkanal- 759013, Odisha, have changed of my minor son name from Captain Raj aged 14years to Capt Raj on dtd- 26.06.2025, before Executive Magistrate, Dhenkanal. D-1292

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

**ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପ୍ରଶାନ୍ତ କୁମାର ଆଚାର୍ଯ୍ୟ**

ହୋଟେଲ ଭୂପତି, ନୂଆ ବସ୍‌ଷ୍ଟାଣ୍ଡ ରୋଡ୍, ବ୍ରହ୍ମପୁର, ଗଞ୍ଜାମ

ଆବିର୍ଭାବ: ୧୫।୦୩।୧୯୭୮

ତିରୋଧାନ: ୦୪।୦୭।୨୦୨୫

ତାହୁଁ ତାହୁଁ ବାରଦିନ ବିତିଗଲା। ହଠାତ୍ ଆମ ଠାରୁ ଦୂରେଇ ଯିବା ଆମକୁ ବହୁତ କଷ୍ଟ ଦେଇଛି। ପବିତ୍ର ଆତ୍ମାର ଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ହୋଟେଲ ଭୂପତି କର୍ମଚାରୀ ବୃନ୍ଦ ଓ ସାଙ୍ଗସାଥି

ଧ-୧୨୯୬

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସ୍ୱର୍ଣ୍ଣଲତା ଦାଶ**

ପାରିବାସୁଦେଇପୁର, ବାଲିଅନ୍ତା, ଖୋର୍ଦ୍ଧା

ଜନ୍ମ: ୧୯୩୬ ମାର୍ଗଶୀର ମାସ ୬ ତାରିଖ

ମୃତ୍ୟୁ: ୨୦୨୫ ଜୁଲାଇ ମାସ ୪ ତାରିଖ

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା।

ଶୋକସନ୍ତପ୍ତ: ଦାଶ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁ ପରିଜନ

ଧ-୧୨୯୮

# ଆସିବେ ନାହିଁ ପୋକ

ବର୍ଷାଦିନେ ସାଧାରଣତଃ କୀଟପତଙ୍ଗଙ୍କ ସଂଖ୍ୟା ବହୁତ ବଢ଼ିଯାଏ। ତେବେ ଘରକୁ ଏମାନଙ୍କଠାରୁ ସୁରକ୍ଷିତ ରଖିବାକୁ ହେଲେ କିଭଳି ପ୍ରତିକାର କରିବେ ଜାଣିରଖନ୍ତୁ...



-ବର୍ଷାଦିନେ ଘର ଭିତରକୁ କୀଟପତଙ୍ଗଠାରୁ ସୁରକ୍ଷା ଦେବା ପାଇଁ ଏକ ଘରୋଇ ସ୍ପ୍ରେ ତିଆରି କରନ୍ତୁ। ଏଥିପାଇଁ ଏକ ପାତ୍ରରେ ପ୍ରଥମେ ପାଣି ଗରମ କରନ୍ତୁ। ସେଥିରେ ଲବଙ୍ଗ ପକାଇ କିଛି ସମୟ ଫୁଟାନ୍ତୁ। ପାଣିର ରଙ୍ଗ ବଦଳିଗଲା ପରେ ସେଥିରେ ୧ ଚାମଚ ବେକିଂ ସୋଡ଼ା ଓ ତେଜପତ୍ର ପକାଇ ଫୁଟାନ୍ତୁ। ଏବେ ଏହାକୁ ଥଣ୍ଡାକରି ଏକ ସ୍ପ୍ରେ ବୋତଲରେ ରଖନ୍ତୁ। ଏହାକୁ ଘରର ବିଭିନ୍ନ ସ୍ଥାନରେ ସ୍ପ୍ରେ କରି ଦିଅନ୍ତୁ।

-କୀଟ ହେଉଥିବା ସ୍ଥାନରେ ଧଳା ଭିନେଗାର ପକାନ୍ତୁ। ପୋକ ହେବେ ନାହିଁ।

-କୀଟପତଙ୍ଗ ଦୂରେଇବା ପାଇଁ ସେହି ସ୍ଥାନରେ ଲୁଣ ପକାନ୍ତୁ। ଏହା ପ୍ରଭାବରେ ପୋକମାନଙ୍କ ସଂଖ୍ୟା କମ୍ ହୋଇଯିବ।

-ଲେମ୍ବୁରସ ସ୍ପ୍ରେ କରିବା ଫଳରେ ପୋକ ଆସିବେ ନାହିଁ।

-ଘରୁ ପୋକ ବାହାରକରିବା ପାଇଁ ରସୁଣ ମଧ୍ୟ ବେଶ୍ ଉପାଦେୟ। ଏଥିପାଇଁ ରସୁଣକୁ ଛେଚି ପାଣିରେ ମିଶାନ୍ତୁ। ଏହାକୁ ପୋକ ଆସୁଥିବା ସ୍ଥାନରେ ପକାନ୍ତୁ।

# ଭଲ ନୁହେଁ ବିଳମ୍ବରେ ଭୋଜନ

ଆଧୁନିକ ଜୀବନଶୈଳୀରେ ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରିବା ଓ ବିଳମ୍ବରେ ଭୋଜନ କରିବା ଏକ ସାଧାରଣ କଥା ହୋଇଗଲାଣି। କିନ୍ତୁ ଏହି ଅଭ୍ୟାସ ଭବିଷ୍ୟତରେ ଅନେକ ସମସ୍ୟା ସୃଷ୍ଟି କରିପାରେ।



◆ବିଳମ୍ବରେ ଭୋଜନ କରିବା ଅଭ୍ୟାସ ମୋଟାପଣ, ଡାଇବେଟିସ୍ ଓ ହୃଦ୍‌ରୋଗ ଭଳି ବିଭିନ୍ନ ସମସ୍ୟା ସୃଷ୍ଟି କରିପାରେ।

◆ରାତିରେ ଖାଦ୍ୟ ଠିକ୍ ଭାବରେ ହଜମ ହୋଇପାରି ନ ଥାଏ। ତେଣୁ ଏହା ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି କରିଥାଏ।

◆ରାତିରେ ଶରୀର ବିଶ୍ରାମ କରିଥାଏ। ତେଣୁ ବିଳମ୍ବରେ ହୋଇଥିବା ଭୋଜନ କ୍ୟାଲୋରିଭାବେ ଜମା ହୋଇଯାଏ। ଫଳରେ ମେଦବହୁଳତା ଭଳି ସମସ୍ୟା ଦେଖାଦିଏ।

◆ଏହି ଅଭ୍ୟାସ ଶରୀରରେ ଇନ୍‌ସୁଲିନ୍‌ର ମାତ୍ରାକୁ ବି ପ୍ରଭାବିତ କରିଥାଏ। ତେଣୁ ଟାଇପ୍-୨ ଡାଇବେଟିସ୍ ହେବା ଆଶଙ୍କା ସୃଷ୍ଟି କରାଇଥାଏ।

◆ବିଳମ୍ବିତ ରାତିରେ ଅଧିକ ଗରିଷ୍ଠ ଭୋଜନ କଲେ ତାହା ପାଚନକ୍ରିୟା ଉପରେ ପ୍ରଭାବ ପକାଇଥାଏ। ତେଣୁ ଏସିଡିଟି ଓ ବଦହଜମୀ ଭଳି ସମସ୍ୟା ଦେଖା ଦେଇଥାଏ। ଏହା ଅନେକାଂଶରେ ନିଦ ମଧ୍ୟ ଖରାପ କରିପାରେ।

◆ରାତିରେ ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଖାଇଲେ କୋଲେଷ୍ଟରଲ ଲେଭଲ ବଢ଼ାଇଥାଏ, ଯାହା ହୃଦ୍‌ରୋଗ ଭଳି ସମସ୍ୟାକୁ ନିମନ୍ତ୍ରଣ କରିଥାଏ। ନିଦ କମ୍ ହେଲେ ହୃଦ୍‌ରୋଗ ସହ ରକ୍ତଚାପ ମଧ୍ୟ ବଢ଼ିଥାଏ। ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହାର କିଛିମାତ୍ରାରେ ପ୍ରଭାବ ପଡ଼େ।

◆ଶୋଇବାର ୨-୩ ଘଣ୍ଟା ପୂର୍ବରୁ ହିଁ ସବୁବେଳେ ରାତ୍ରିଭୋଜନ କରିବା ଦରକାର। ଅର୍ଥାତ୍ ୭-୮ଟା ମଧ୍ୟରେ ଖାଇବା ଭଲ। ଫଳରେ ଖାଦ୍ୟ ହଜମ ହେବା ପାଇଁ ବହୁତ ସମୟ ମିଳିଥାଏ।

# ମାଇଣ୍ଡ ଫ୍ରି...

ଅତ୍ୟଧିକ କାମ ଚାପରେ ବ୍ୟତିବ୍ୟସ୍ତ ହୋଇ ଅନେକ ସମୟରେ ଭାରାକ୍ରାନ୍ତ ହୋଇଯାଏ ମନ। ନୀତିଦିନିଆ ଜୀବନରେ ବିଭିନ୍ନ ଭାବରେ ଏହାର ପ୍ରଭାବ ପଡ଼େ। କାର୍ଯ୍ୟ ଦକ୍ଷତା କମିଯାଏ, ବିରକ୍ତ ଲାଗେ। ଏମିତି ଅନୁଭବକଲେ ମନକୁ ରିଲାକ୍ସ କରିବାର ଉପାୟ ଜାଣନ୍ତୁ...



ଅତ୍ୟଧିକ କାମର ଚାପରେ ଅନେକ ସମୟରେ ମନ ଭାରାକ୍ରାନ୍ତ ହୋଇଯାଏ। ଶରୀର ବି ଥକିଯାଏ, ତା' ସହ ମନ ବି ଅଶାନ୍ତ ରହେ। ଏଥିପାଇଁ ବିରକ୍ତି ଭାବନା ସୃଷ୍ଟି ହୁଏ ଓ ଚିଡ଼ିଚିଡ଼ା ବି ଅନୁଭବ ହୁଏ। ମନେହୁଏ ଯେମିତି କିଛି କାମ କରିହେବ ନାହିଁ। ବାଧ୍ୟବାଧକତାରେ ସବୁ କାମ କରିବା ଫଳରେ ବିଭିନ୍ନ ସମସ୍ୟା ସୃଷ୍ଟିହୁଏ। ଏଭଳି ସ୍ଥିତି ଆସିଲେ ଜାଣିନେବାକୁ ହେବ ଯେ ମନ ଭାରାକ୍ରାନ୍ତ ହୋଇଯାଇଛି। ତେଣୁ ମନକୁ ଖୁସି କରି ପୁଣି ଥରେ ଉତ୍ସାହ ଭରିବାକୁ ହେବ। ଏମିତି ଅବସ୍ଥାକୁ ମୁଡ୍ ଖରାପ ଅଛି ବୋଲି କହିହେବ। ମୁଡ୍ ଖରାପ ଥିଲେ କାମ କରିବାକୁ ଇଛା ହୁଏନି, ଦୁର୍ବଳ ଲାଗେ। ଏଭଳି ପରିସ୍ଥିତିରୁ ମୁକୁଳିବାକୁ ହେଲେ ଆପଣଙ୍କୁ କିଛି ସମୟରେ ମାନସିକ ବିଶ୍ରାମ ଦରକାର। ତେବେ କେଉଁ ସବୁ ଲକ୍ଷଣ ଥିଲେ ଏନେଇ ସଚେତନ ହେବେ ଜାଣିରଖନ୍ତୁ।

**କାମ ଶେଷ କରିପାରୁ ନ ଥିବେ:** ବେଳେବେଳେ ଏମିତି ମନେହେବ କି ଅନେକ ସମୟ ହେଲାଣି କାମ ଆରମ୍ଭ କରିଛନ୍ତି କିନ୍ତୁ ଶେଷ କରିପାରୁନାହାନ୍ତି। ଆରମ୍ଭ ବେଳକୁ କାମଟି ଖୁବ୍ ସହଜ ଲାଗିବ ହେଲେ ଶେଷ କରିବା ପାଇଁ ବହୁ କଷ୍ଟ ଲାଗୁଥିବ। ଏମିତିକି ଛୋଟ ବା ସହଜ କାମ ମଧ୍ୟ ବୋଝ ଭଳି ଲାଗିବ। ତେଣୁ ବାରମ୍ବାର କାମ ଶେଷ କରିବା ପାଇଁ ସମୟ ନେବାକୁ ବାଧ୍ୟ ହେବେ। ଆଉ କିଛି ସମୟ ପରେ ଅବା କାଲି କରିବି ଭାବି କାମ ବନ୍ଦ କରି ଦେଉଥିବେ। ଏମିତି ବାରମ୍ବାର କରିବା ପରେ ବହୁ ବିଳମ୍ବରେ କାମଟିକୁ ଶେଷ କରିପାରିବେ। ଏଭଳି ଅବସ୍ଥା ଏହି ସଙ୍କେତ ଦେଇଥାଏ ଯେ ଆପଣଙ୍କ ମାନସିକ ସ୍ୱାସ୍ଥ୍ୟ ଭଲ ନାହିଁ। ଏହା ହେଉଛି ମନର ଓଭରଲୋଡ୍ ଅବସ୍ଥା। ମସ୍ତିଷ୍କ କ୍ଳାନ୍ତ, ବିକ୍ଷିପ୍ତ ଓ ଧ୍ୟାନ କେନ୍ଦ୍ରିତ କରିବାକୁ ସଂଘର୍ଷ କରୁଛି।

**ବାରମ୍ବାର ବିଭିନ୍ନ ଆପ୍ ବଦଳାଇବା:** ଡିଜିଟାଲ କ୍ଷେତ୍ରରେ ବିଭିନ୍ନ କାମ କରୁଥିଲେ ସେ କ୍ଷେତ୍ରରେ ମଧ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବେ। କୌଣସି କାମରେ ମନ ଲଗାଇପାରୁ ନ ଥିବେ। କାମ କରିବା ସମୟରେ ଅତି ଶୀଘ୍ର ବିଚଳିତ ହୋଇପଡ଼ିବା ଓ ବ୍ୟତିବ୍ୟସ୍ତ ହୋଇ ଫୋନ୍ କିମ୍ବା କମ୍ପ୍ୟୁଟରରେ ବାରମ୍ବାର ବିଭିନ୍ନ ଆପ୍ ବଦଳାଇ ଚାଲିଥିବେ। ଏହି ଅବସ୍ଥାକୁ ଅନ୍ୟମନସ୍କତା ବୋଲି ଭାବିବା ଭୁଲ୍ ହୋଇପାରେ। ଏହା ମାନସିକ ଅସ୍ଥିରତାର ଏକ ଲକ୍ଷଣ। ଏହା ଦର୍ଶାଏ ଯେ ଆପଣଙ୍କ ମନ ଦିଆଯାଇଥିବା କାମ ଉପରେ ଫୋକସ୍ କରିପାରୁନାହିଁ। କାରଣ ମନ ଅତ୍ୟଧିକ ଉତ୍ତେଜିତ ଓ କ୍ଳାନ୍ତ ହୋଇପଡ଼ିଛି। ଏହି ଅବସ୍ଥା ରହିଲେ ଧୀରେ ଧୀରେ କାର୍ଯ୍ୟଦକ୍ଷତା ବି କମ୍ ହୋଇଯିବ।

**ଅତ୍ୟନ୍ତ କଷ୍ଟ:** ଯେଉଁ କାମ ଦିନେ କରିବା ପାଇଁ ଅତ୍ୟନ୍ତ ସହଜ ମନେ ହେଉଥିଲା ସେହି କାମ କରିବା ପାଇଁ ଖୁବ୍ କଷ୍ଟ ଲାଗିବ। ଅତ୍ୟନ୍ତ ଉତ୍ସାହର ସହ କାମ ଶେଷକରି ଲକ୍ଷ୍ୟ ହାସଲ କରିଥିବା କାମ ମଧ୍ୟ କରିବା ପାଇଁ କଷ୍ଟ ଲାଗିବ। କାମ କରିବାର ଶକ୍ତି କ୍ଷୀଣ ହେବା ଭଳି ମନେ ହେବ। ସମ୍ପୂର୍ଣ୍ଣ ଅନାଗ୍ରହରେ କାମ କରୁଥିବେ। ଏହି ଅବସ୍ଥାର ଅର୍ଥ ହେଉଛି ମନ ଅତ୍ୟନ୍ତ ଭାରାକ୍ରାନ୍ତ ହୋଇପଡ଼ିଛି। ଏହି ସମୟରେ ତୁରନ୍ତ ମନକୁ ରିଚାର୍ଜ କରିବାକୁ ହେବ।

**ନିଦ ଅଳସୁଆ:** ଶୋଇକି ଉଠିବା ପରେ ସମସ୍ତଙ୍କୁ ଫ୍ରେଶ୍ ଲାଗେ। ହେଲେ ବେଳେବେଳେ ବହୁ ସମୟ ଶୋଇବା ପରେ ବି ଉଠିବା ପରେ ସେମିତି ଅନୁଭବ ହେଉ ନ ଥିବ। ତେଣୁ କିଛି ବି କାମ କରିବା ପାଇଁ ଆଦୌ ଇଚ୍ଛା ହେଉ ନ ଥିବ। ଏମିତିକି ଶରୀର ବି ଅସୁସ୍ଥ ଥିବା ଭଳି ଲାଗୁଥିବ। ଏହାର ଏକମାତ୍ର କାରଣ ହେଉଛି ମନ। ମାନସିକ କ୍ଳାନ୍ତି ଅନେକ ସମୟରେ ଶାରୀରିକ ଅସୁସ୍ଥତା ଅନୁଭବ କରାଇଥାଏ। ତେଣୁ ଅଧିକ ସମୟ ଶୋଇବା ପରେ ହୁଏତ ଶରୀର କିଛିମାତ୍ରାରେ ସୁସ୍ଥ ହୋଇପାରେ, ମାତ୍ର ମନକୁ ସୁସ୍ଥକରିବା ନିହାତି ଦରକାର। ସତେଜ ଅନୁଭବ କରିବା ପାଇଁ ସ୍ଥିରତା, ସଚେତନତା ଓ କିଛି ସମୟ ଆବଶ୍ୟକ।

**ଚିଡ଼ିଚିଡ଼ା ଲାଗିବା:** କୌଣସି କାରଣ ନ ଥାଇ ପ୍ରତ୍ୟେକ କଥାରେ ଚିଡ଼ିଚିଡ଼ା ଲାଗୁଥିବ। ବେଳେବେଳେ ଚାହୁଁ ନ ଥିଲେ ବି ଅନ୍ୟମାନଙ୍କୁ ବିରକ୍ତି ଭାବରେ ଏଣୁତେଣୁ କିଛି କହିଦେଉଥିବେ। ଏସବୁ ପାଇଁ କେବେକେବେ ଅନ୍ୟମାନଙ୍କ ସହ ଝଗଡ଼ା ବି ହୋଇପାରେ। ସବୁ ସରିବା ପରେ ଆପଣ ହୁଏତ ଚିନ୍ତା କରିପାରନ୍ତି କି ଭୁଲ୍ ହୋଇଗଲା। ଅନାବଶ୍ୟକଭାବେ ଆପଣ ଅନେକ କିଛି କଟୁ କଥା କହି ଦେଇଛନ୍ତି। ଏସବୁ ଲକ୍ଷଣ ବି ମନ ଉପରେ ଚାପ କାରଣରୁ ହୋଇଥାଏ। ଏହି ପରିସ୍ଥିତିରେ ବୁଝିନେବା ଦରକାର କି ମନ ଭାରାକ୍ରାନ୍ତ ହୋଇଯାଇଛି, ଏଥିରୁ ମୁକୁଳିବାକୁ ହେଲେ ଏକ ଗ୍ୟାପ୍ ଦରକାର।





**ଉପାୟ:**

❖ମନର ବିଚାର ଓ ଭାବନାକୁ ପ୍ରଥମେ ଡାଏରୀରେ ଲେଖନ୍ତୁ। ଦେଖିବେ ମନ କିଛି ମାତ୍ରାରେ ହାଲ୍‌କା ହୋଇଯିବ। ପ୍ରତିଦିନ ଏଭଳି ଅଭ୍ୟାସକରି ଡାଏରୀ ଲେଖିଲେ ନିଜକୁ ବହୁତ ଭଲ ଲାଗିବ। ପର ମୁହୂର୍ତ୍ତରେ ନିଜେ ସେସବୁ ପଢ଼ିଲେ ବି ଏକ ଭିନ୍ନ ଆନନ୍ଦ ପାଇପାରିବେ ଓ ନିଜ କାମରେ ଅଧିକ ଫୋକସ୍ କରିପାରିବେ।

❖ମନ ଅଶାନ୍ତ ଥିଲେ ଆପଣଙ୍କୁ ଭଲ ଲାଗୁଥିବା ଭଳି ବିଭିନ୍ନ ପ୍ରକାର ସଙ୍ଗୀତ ଶୁଣନ୍ତୁ। ଏହା ଏକ ଥେରାପୀ ଭଳି କାମ ଦେଇଥାଏ। ଫଳରେ ଆଙ୍ଗଜାଇଟି କମ୍ ହେବା ସହ ମନ ଶାନ୍ତ ରହିଥାଏ।

❖ମାନସିକ ଶାନ୍ତି ନିମନ୍ତେ ଭଲଭାବେ ଶୋଇବା ଜରୁରୀ। ରାତିରେ ୭ ଘଣ୍ଟା ଭଲ ନିଦରେ ଶୁଅନ୍ତୁ। ଥକ୍କାପଣ ଦୂରହେବା ସହ ମନ ବି ଭଲ ଲାଗିବ।

❖ଯଦି କାମ କରିବାକୁ ଇଚ୍ଛା ହେଉ ନ ଥାଏ ତେବେ କିଛି ସମୟର ବ୍ରେକ୍ ନିଅନ୍ତୁ। ଏହି ସମୟରେ ଘର ବାହାରେ ଏକ ଖୋଲା ପରିବେଶରେ ଅଥବା ନିଜ ବଗିଚାରେ ଥିବା ଗଛ ମୂଳରେ କଟାନ୍ତୁ। ନଚେତ୍ ସୁବିଧା ହେଲେ କିଛି ସମୟ ପାଇଁ ବାହାରେ କୌଣସି ସ୍ଥାନ କିମ୍ବା ପାର୍କକୁ ଯାଆନ୍ତୁ। ଏହା ପରେ ମନ ଫ୍ରେଶ୍ ଲାଗିବ।

❖ ଘରେ ହେଉ ଅବା ଅଫିସ ଯେଉଁଠି କାମ କରୁଛନ୍ତି ସେହି ସ୍ଥାନକୁ ନିଜ ଢଙ୍ଗରେ ସଜାଇ ରଖନ୍ତୁ। ଫଳରେ କାମ କରିବା ପାଇଁ ଆଗ୍ରହ ସୃଷ୍ଟି ହେବ।

❖ମହିଳାଙ୍କୁ ସବୁଠୁ ବେଶି ଭଲ ଲାଗେ ମାର୍କେଟିଂ। ଯଦି ସୁବିଧା ହୁଏ ତେବେ ସପିଂ କରନ୍ତୁ। ମନ ଭଲ ଲାଗିବ।

❖ ମେଡିଟେଶନ କଲେ ଅବସାଦରୁ ମୁକ୍ତି ମିଳିବା ସହ ରିଲାକ୍ସ ଅନୁଭବ କରିହେବ।

❖ମନକୁ ଏକ ନିର୍ଦ୍ଦିଷ୍ଟ ଗ୍ୟାପ୍‌ରେ ଡିଜିଟାଲ ଡିଟକ୍ସ କରାନ୍ତୁ। ଏସବୁ କାମରୁ ବାହାରି ମନପସନ୍ଦର କିଛି କାମକରି ପୁଣି ଥରେ ରିସେଟ୍ କରନ୍ତୁ।





ସୌନ୍ଦର୍ଯ୍ୟ

# ବର୍ଷାଦିନେ ସୁନ୍ଦର କେଶ

ବର୍ଷାପାଣିରେ ବିଭିନ୍ନ ପ୍ରକାର ସ୍କିନ୍ ଇନ୍‌ଫେକସନ୍ ହୋଇଥାଏ। ତେଣୁ ଏହି ଦିନେ ଯଦି କେଶ ବାରମ୍ବାର ଓଦା ହୁଏ ତେବେ ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ତେଣୁ ଏହି ଦିନେ କିଭଳି ଯତ୍ନ ନେବେ ଜାଣିରଖନ୍ତୁ।



★ବର୍ଷାରେ କେଶ ବାରମ୍ବାର ଓଦା ହେଲେ ତାହା ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। କେଶ ମୂଳ କୁଣ୍ଡାଇହେବା, ରୁପି ତଥା କେଶ ଝଡ଼ିବା ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ଏହି ଋତୁରେ କେଶର ଅଧିକ ଯତ୍ନନେବା ଦରକାର।

★ବର୍ଷାଋତୁରେ କେଶ ମୂଳକୁ ଇନ୍‌ଫେକଶନରୁ ରକ୍ଷା କରିବା ନିମନ୍ତେ ତେଲ ଲଗାନ୍ତୁ। ସପ୍ତାହକୁ ଅତିକମ୍‌ରେ ୨ଥର ତେଲ ଗରମକରି ମାଲିସ କରନ୍ତୁ। ଫଳରେ କେଶ ମୂଳରେ ରକ୍ତ ସଞ୍ଚାଳନ ବୃଦ୍ଧି ପାଇବ ଓ କେଶ ଝଡ଼ିବା କମ୍ ହେବ।

★କୌଣସି କାରଣରୁ ଯଦି ବର୍ଷାପାଣିରେ କେଶ ଓଦା ହୋଇଯାଏ ତା'ହେଲେ ଘରକୁ ଆସି କେଶ ଧୋଇଦିଅନ୍ତୁ। ନଚେତ୍ ବର୍ଷାପାଣି କେଶ ମୂଳରେ ପିଏଚ୍ ଲେବର ଅସନ୍ତୁଳନ କରାଇଥାଏ।

★ ଭଲ କ୍ୱାଲିଟିର ଶାମ୍ପୁ ଓ କଣ୍ଡିସନର ଲଗାନ୍ତୁ, ଏହା କେଶ ମୂଳକୁ ଅଧିକ ରୁକ୍ଷ କରିବ ନାହିଁ, ତେଣୁ କେଶ ଝଡ଼ିବା କମ୍ ହେବ।

★କେଶକୁ ସବୁବେଳେ ଶୁଖିଲା ରଖିବା ଦରକାର। ଶାମ୍ପୁ କରିବା ପରେ ପ୍ରାକୃତିକଭାବେ ଶୁଖିବା ପାଇଁ ଦିଅନ୍ତୁ। ଓଦା ଥିବା ସମୟରେ କେଶ ବାନ୍ଧନ୍ତୁ ନାହିଁ। ବର୍ଷାରେ ବାହାରକୁ ଯାଉଥିଲେ କେଶକୁ ଭଲଭାବରେ ଘୋଡ଼ାଇ ଯାଆନ୍ତୁ।




★ଓଦା କେଶକୁ କୁଣ୍ଡାଇବା ସମୟରେ ବଡ଼ ତଥା ଫାଙ୍କା ଥିବା ପାନିଆ ବ୍ୟବହାର କରନ୍ତୁ। ଏପରି ହେଲେ କେଶ ଅଧିକ ଛିଣ୍ଡିବ ନାହିଁ।

★ମନ୍‌ସୁନ୍‌ରେ କେଶକୁ କୋମଳ ରଖିବା ପାଇଁ ସପ୍ତାହକୁ ଥରେ କଣ୍ଡିସନର ନିଶ୍ଚୟ ଲଗାନ୍ତୁ।

★ସୁନ୍ଦର କେଶ ପାଇଁ ସନ୍ତୁଳିତ ଆହାର ନିଅନ୍ତୁ। କମ୍ ତେଲ ମସଲାର ଖାଦ୍ୟ ଖାଆନ୍ତୁ ଓ ପ୍ରଚୁର ପାଣି ପିଅନ୍ତୁ।

★ଦୋମୁହାଁ କେଶ ଓ ମଝିରୁ ନ ଫାଟିବା ପାଇଁ ନିୟମିତଭାବେ ଟ୍ରିମ୍ କରନ୍ତୁ।

★ତୈଳୀୟ କେଶ ହୋଇଥିଲେ ସପ୍ତାହକୁ ୨-୩ ଥର ସାମ୍ପୁ କରନ୍ତୁ ଓ କଣ୍ଡିସନର ଅଳ୍ପ ଲଗାନ୍ତୁ।

★ରୁକ୍ଷ କେଶ ହୋଇଥିଲେ ମଶ୍ଚରାଇଜ୍ ଥିବା ସାମ୍ପୁ ଓ କଣ୍ଡିସନର ବ୍ୟବହାର କରନ୍ତୁ। କେଶ ଶୁଖାଇବାକୁ ଆଦୌ ଡ୍ରାୟର ବ୍ୟବହାର କରନ୍ତୁ ନାହିଁ।

★କୁଞ୍ଚୁକୁଞ୍ଚିଆ କେଶରେ କର୍ଲ ଡିଫାଇନିଂ କ୍ରିମ୍ କିମ୍ବା ଜେଲ ଲଗାନ୍ତୁ। ବାରମ୍ବାର ସାମ୍ପୁ କରନ୍ତୁ ନାହିଁ। ଖୋଲା ତଥା ବଡ ପାନିଆରେ କେଶ କୁଣ୍ଡାନ୍ତୁ।

ଖାଦ୍ୟରୁଚି

# ଲାଉ ଉତ୍ତପମ୍

**ଆବଶ୍ୟକ ସାମଗ୍ରୀ–**
ଲାଉ ୧ଟି, ପିଆଜ ୨ଟି, କଞ୍ଚାଲଙ୍କା ୪-୫ଟି, ଆଳୁ ୨ଟି(ସିଝା), ଚାଉଳ ୧ କପ୍, ଦହି ଅଧା କପ୍, ଫୁଟଣ ପାଇଁ ଶୁଖିଲା ଲଙ୍କା, ଭୃସଙ୍ଗପତ୍ର, ଜିରା ଓ ସୋରିଷ, ହେଙ୍ଗୁ ଅଳ୍ପ, ସ୍ୱାଦ ଅନୁସାରେ ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ–**
ଚାଉଳକୁ ଧୋଇ ୨-୩ ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ଦିଅନ୍ତୁ। ପ୍ରଥମେ ଲାଉର ଚୋପା ଛଡ଼ାଇ ଭଲଭାବେ ଧୋଇଦିଅନ୍ତୁ। ଏବେ ଏହାକୁ କଟରରେ କୋରାଇ ରଖିଦିଅନ୍ତୁ। ଯଦି ମଞ୍ଜି ହୋଇଥାଏ ତେବେ ବାହାର କରି ଅଲଗା କରିଦିଅନ୍ତୁ। କୋରା ହୋଇଥିବା ଲାଉରେ ପିଆଜ ଓ କଞ୍ଚାଲଙ୍କାକୁ ଛୋଟ ଛୋଟ କାଟି ପକାନ୍ତୁ। ଏହାପରେ ଲୁଣ ପକାଇ ଗୋଳାଇ ଦେଇ ୫ ମିନିଟ୍ ରଖି ଦିଅନ୍ତୁ। ଏବେ ଭିଜା ହୋଇଥିବା ଚାଉଳ ସହିତ ଆଳୁକୁ ମିଶାଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏହି ମିଶ୍ରଣରେ କୋରା ହୋଇଥିବା ଲାଉକୁ ମିଶାନ୍ତୁ। ଆପଣ ଚାହିଁଲେ ଏହି କୋରା ଲାଉକୁ ଅଳ୍ପ ଗ୍ରାଇଣ୍ଡିଂ କରି ମିଶାଇ ପାରିବେ। ଏବେ ଏକ କଡ଼େଇରେ ୨ ଚାମଚ ତେଲ ଗରମ କରି ସେଥିରେ ହେଙ୍ଗୁ, ଶୁଖିଲା ଲଙ୍କା ଓ ଜିରା ସୋରିଷ ଫୁଟାନ୍ତୁ। ଏହାପରେ ଭୃସୁଙ୍ଗ ପତ୍ର ପକାଇ ମିଶ୍ରଣରେ ପକାଇ ଦିଅନ୍ତୁ। ଏଥିରେ ଅଳ୍ପ ଦହି ପକାଇ ସ୍ୱାଦ ଅନୁସାରେ ଲୁଣ ମିଶାନ୍ତୁ। ଅଧା ଚାମଚ ବେକିଂ ସୋଡ଼ା କିମ୍ବା ଇନୋ ମିଶାଇ ଗୋଳାଇ ଦିଅନ୍ତୁ। ଫୁଟଣ, ଭୃସଙ୍ଗପତ୍ର ସବୁ ମିଶିବା ପରେ ମିଶ୍ରଣ ସୁନ୍ଦର ଦେଖାଯିବ। ଏବେ ତାୱା ଗରମକରି ସେଥିରେ ତେଲ ଲଗାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଥିବା ମିଶ୍ରଣକୁ ଟିକିଏ ମୋଟାକରି ତାୱା ଉପରେ ଢାଳନ୍ତୁ। କମ୍ ଆଞ୍ଚରେ ଦୁଇପଟକୁ ସେକି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଲାଉ ଉତ୍ତପମ୍। ଏହାକୁ ଯେକୌଣସି ଚଟଣୀ ସହ ଗରମ ଗରମ ଖାଆନ୍ତୁ ବହୁତ ଭଲ ଲାଗିବ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୫/୨୦୨୫ Bhubaneswar, Tuesday, July 15/ 2025




# ଜାଡେଜାଙ୍କ ଲଢ଼େଇ ସତ୍ତ୍ୱେ ଭାରତ ପରାସ୍ତ

**ଲର୍ଡ୍ସ, ୧୪।୭**

ଲର୍ଡ୍ସ ଟେଷ୍ଟରେ ଭାରତ ସମ୍ମୁଖରେ ବିଜୟ ଲକ୍ଷ୍ୟ ଥିଲା ୧୯୩ ରନ। ଦଳ ୮୨ ରନ ମଧ୍ୟରେ ୭ ଉଇକେଟ ହରାଇ ସଂଘର୍ଷ କରୁଥିବାବେଳେ ସାହସର ସହ ଏକାକୀ ଲଢ଼ିଥିଲେ ରବୀନ୍ଦ୍ର ଜାଡେଜା। ସେ ୮ମ ଉଇକେଟରେ ନୀତୀଶ କୁମାର ରେଡ୍ଡୀ (୧୩)ଙ୍କ ସହ ୩୦ ଓ ୯ମ ଉଇକେଟରେ ଯଶପ୍ରୀତ୍ ବୁମ୍‌ରା (୫)ଙ୍କ ସହ ୩୫ ରନ ଯୋଡ଼ି ଦଳକୁ ବିଜୟର ନିକଟତର କରିଥିଲେ। ଅନ୍ତିମ ଉଇକେଟରେ ମହମ୍ମଦ ସିରାଜ (୪)ଙ୍କ ସହ ୨୩ ରନର ମୂଲ୍ୟବାନ ଭାଗୀଦାରି ଗଢ଼ିଥିଲେ ହେଁ ଭାରତ ବିଜୟ ଲକ୍ଷ୍ୟଠାରୁ ଦୂରରେ ରହି ଯାଇଥିଲା। ୭୫ତମ ଓଭରର ୫ମ ବଲ୍‌ରେ ସିରାଜଙ୍କୁ ସ୍ପିନର ଶୋଏବ ବଶିର ବୋଲ୍ଡ କରିଦେବାରୁ ଇଂଲଣ୍ଡ ୨୨ ରନରେ ବିଜୟୀ ହୋଇଥିଲା। ଫଳରେ ଅପରାଜିତ ୬୧ ରନର ଲଢୁଆ ଇନିଂସ ଖେଳିବା ସତ୍ତ୍ୱେ ପରାଜୟର ସ୍ମୃତି ନେଇ ଫେରିଥିଲେ ଜାଡେଜା। ଅନ୍ୟପକ୍ଷରେ


ସ୍ପିରିଟ ଅଫ୍ କ୍ରିକେଟ: ଆଉଟ ହୋଇ ଦୁଃଖରେ ଭାଙ୍ଗିପଡ଼ିଥିବା ମହମ୍ମଦ ସିରାଜଙ୍କୁ ହ୍ୟାରି ବ୍ରୁକ୍ ସାନ୍ତ୍ୱନା ଦେଉଛନ୍ତି।

ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୪ ଚୌକା ଓ ୧ ଛକା ମାରିଥିଲେ। ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚର ଓ ବେନ୍ ଷ୍ଟୋକ୍ସ ୩ଟି ଲେଖାଏ, ବ୍ରାଇଡନ କାର୍ସ ୨ଟି ଏବଂ କ୍ରିସ୍ ୱୋକ୍ସ ଓ ଶୋଏବ ବଶିର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୭। ଭାରତ ପ୍ରଥମ ଇନିଂସ: ୩୮୭। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୯୨। ଭାରତ ଦ୍ୱିତୀୟ ଇନିଂସ: ୧୭୦/ଅଲ୍‌ଆଉଟ (ରବୀନ୍ଦ୍ର ଜାଡେଜା-୬୧*, ଲୋକେଶ ରାହୁଲ-୩୯, ଜୋଫ୍ରା ଆର୍ଚର-୩/୫୫, ବେନ୍ ଷ୍ଟୋକ୍ସ-୩/୪୮, ବ୍ରାଇଡନ କାର୍ସ-୨/୩୦, କ୍ରିସ୍ ୱୋକ୍ସ-୧/୨୧, ଶୋଏବ ବଶିର-୧/୬)।




## ■ ଭାରତ ଦ୍ୱିତୀୟ ଇନିଂସ ୧୭୦ରେ ସୀମିତ
## ■ ଇଂଲଣ୍ଡ ୨-୧ରେ ସିରିଜ ଅଗ୍ରଣୀ

ତୃତୀୟ ଟେଷ୍ଟରେ ବିଜୟ ସହ ଇଂଲଣ୍ଡ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୨-୧ରେ ଅଗ୍ରଣୀଲାଭ କରିଛି। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଅଧିନାୟକ ବେନ୍ ଷ୍ଟୋକ୍ସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଚତୁର୍ଥ ଟେଷ୍ଟ ଆସନ୍ତା ୨୩ ତାରିଖରୁ ମାଞ୍ଚେଷ୍ଟରଠାରେ ଖେଳାଯିବ।

ଚତୁର୍ଥ ଦିବସର ଅସମାପ୍ତ ସ୍କୋର ୫୮/୪ରୁ ଖେଳ ଆରମ୍ଭ କରିଥିବା ଭାରତ ଶୀଘ୍ର ରିଷଭ ପନ୍ତ, ଲୋକେଶ ରାହୁଲ ଓ ୱାଶିଂଟନ ସୁନ୍ଦରଙ୍କ ଉଇକେଟ ହରାଇଥିଲା। ପନ୍ତ ୯, ରାହୁଲ ୩୯ ରନ କରିଥିବାବେଳେ ସୁନ୍ଦର ଖାତାଖୋଲି ପାରି ନ ଥିଲେ। ରବୀନ୍ଦ୍ର ଜାଡେଜା ଓ ନୀତୀଶ କୁମାର ରେଡ୍ଡୀ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳି ନେବାକୁ ଚେଷ୍ଟା କରିଥିଲେ। ନୀତୀଶ ୫୩ ବଲ୍‌ରୁ ୧୩ ରନକରି ଆଉଟ ହୋଇଥିବାବେଳେ ଏକାକୀ ଲଢ଼ିଥିଲେ ଜାଡେଜା। ଯଶପ୍ରୀତ୍ ବୁମ୍‌ରା ମାତ୍ର ୫ ରନ କରିଥିଲେ ହେଁ ସେ ତାଙ୍କ ସହିତ ୯ମ ଉଇକେଟରେ ୧୩୨ ବଲ୍‌ରୁ ୩୫ ରନ ଯୋଗକରି ଭାରତକୁ ଲକ୍ଷ୍ୟ ପଥରେ ଆଗେଇ ନେଇଥିଲେ। ବୁମ୍‌ରା ୫୪ଟି ବଲ୍‌ର ସମ୍ମୁଖୀନ ହେବାପରେ ଧୈର୍ଯ୍ୟହରା ହୋଇ ବେନ୍ ଷ୍ଟୋକ୍ସଙ୍କ ଏକ ବଲ୍‌କୁ ପୁଲ୍ କରିବାକୁ ଯାଇ ମିଡ୍-ଅନ୍‌ରେ ସବ୍‌ଷ୍ଟିଚ୍ୟୁଟ ଖେଳାଳି ସାମ୍ କୁକ୍‌ଙ୍କୁ କ୍ୟାଚ୍ ଦେଇଥିଲେ। ଜାଡେଜା ୧୫୦ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହାଥିଲା ତାଙ୍କ କ୍ୟାରିୟରର ଏବଂ ଚଳିତ ସିରିଜର ସବୁଠାରୁ ଧିମା ଅର୍ଦ୍ଧଶତକ। ଜାଡେଜା ୧୮୧ଟି ବଲ୍‌ର

## ସିରାଜଙ୍କୁ ଜରିମାନା

**ଲଣ୍ଡନ, ୧୪।୭ (ପି.ଟି.):** ଭାରତୀୟ ପେସ୍ ବୋଲର ମହମ୍ମଦ ସିରାଜଙ୍କୁ ତାଙ୍କ ମ୍ୟାଚ୍ ଫି'ର ୧୫ ପ୍ରତିଶତ ଜରିମାନା କରାଯାଇଛି। ଏହାଛଡ଼ା ତାଙ୍କ ଶୃଙ୍ଖଳାଗତ ଖାତାରେ ଏକ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଛି। ଫଳରେ ତାଙ୍କ ଡିମେରିଟ ପଏଣ୍ଟ ସଂଖ୍ୟ ୨ରେ ପହଞ୍ଚିଛି। ସ୍ଥାନୀୟ ଲର୍ଡ୍ସଠାରେ ଚାଲିଥିବା ତୃତୀୟ ଟେଷ୍ଟର ଚତୁର୍ଥ ଦିବସରେ ଇଂଲଣ୍ଡ ଓପନର ବେନ୍ ଡକେଟଙ୍କ ଉଇକେଟ ପତନ ପରେ ସେ ଆକ୍ରମଣାତ୍ମକ ଭଙ୍ଗୀରେ ତାଙ୍କର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହି ଟେଷ୍ଟରେ ୪ଉଇକେଟ ଅକ୍ତିଆର କରିଥିବା ସିରାଜ ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍ ପାଇଁ ରହିଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆଚରଣ ସଂହିତାର ଧାରା ୨.୫ ନିୟମର ଉଲ୍ଲଂଘନ କରିଛନ୍ତି।

# ସାଇନା-କଶ୍ୟପଙ୍କ ବିବାହ ବିଚ୍ଛେଦ


ସାଇନା ନେହ୍ୱାଲ ଓ ପାରୁପଲ୍ଲୀ କାଶ୍ୟପ।

**ନୂଆଦିଲ୍ଲୀ, ୧୪।୭(ପି.ଟି.)**

ଦୁଇ ପୂର୍ବତନ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ଓ ତାଙ୍କ ସ୍ୱାମୀ ପାରୁପଲୀ କଶ୍ୟପ ଆପୋସ ବୁଝାମଣାରେ ଅଲଗା ହେବାକୁ ନିଷ୍ପତ୍ତି ନେଇଥିବା ଘୋଷଣା କରିଛନ୍ତି। ସାଇନା ରବିବାର ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ତାଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଅପଡେଟ୍ ଦେଇଛନ୍ତି।

ବେଳେବେଳେ ଜୀବନ ଆମକୁ ଭିନ୍ନ ଭିନ୍ନ ଦିଗରେ ନେଇଯାଏ। ଖୁବ୍ ବିଚାର ଓ ବିମର୍ଶ କରିବା ପରେ କଶ୍ୟପ ଓ ମୁଁ ଅଲଗା ହେବାକୁ ନିଷ୍ପତ୍ତି ନେଇଛୁ। ଆମେ ପରସ୍ପର ଲାଗି ଶାନ୍ତି, ଉନ୍ନତି ଓ ଆରୋଗ୍ୟ କାମନା କରୁଛୁ ବୋଲି ସାଇନା ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସାଇନା ଓ କଶ୍ୟପ ୨୦୧୮ ଡିସେମ୍ବରରେ ବିବାହ କରିଥିଲେ। ସେମାନେ ଖେଳାଳି ଜୀବନ ଆରମ୍ଭ କରିବା ବେଳେ ଏକାଠି ହାଇଦ୍ରାବାଦସ୍ଥିତ ପୁଲେଲା ଗୋପିଚାନ୍ଦ ଏକାଡେମୀରେ ଟ୍ରେନିଂ କରିଥିଲେ।

# ମାରକ୍ରାମ୍ ପ୍ଲେୟର ଅଫ୍ ଦି ମନ୍ଥ୍

**ଦୁବାଇ, ୧୪।୭:** ଦକ୍ଷିଣ ଆଫ୍ରିକାର ଷ୍ଟାର ବ୍ୟାଟର ଏଡେନ୍ ମାରକ୍ରାମ ୨୦୨୫ ଜୁନ୍ ମାସ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ସେହିପରି ମହିଳା ବିଭାଗରେ ୱେଷ୍ଟଇଣ୍ଡିଜର ମହିଳା ଖେଳାଳି ହେଲି ମାଥ୍ୟୁସ ଓମେନ୍ସ ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ମାରାକ୍ରମ ନିଜ ଦେଶର ଟେମ୍ବା ବଭୁମା ଓ ଶ୍ରୀଲଙ୍କାର ପାଥୁମ ନିସାଙ୍କାଙ୍କୁ ପଛରେ ପକାଇ ଏହି ପୁରସ୍କାର ଲାଭ କରିଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଦକ୍ଷିଣ ଆଫ୍ରିକାକୁ ଐତିହାସିକ ଟାଇଟଲ ବିଜୟୀ କରାଇବାରେ ତାଙ୍କର ବିଶେଷ ଭୂମିକା ରହିଥିଲା। ଅନ୍ୟପକ୍ଷରେ ମହିଳା ବିଭାଗରେ ମାଥ୍ୟୁସ ଦକ୍ଷିଣ ଆଫ୍ରିକାର ତାଜମିନ୍ ବ୍ରିଟ୍ସ ଓ ୱେଷ୍ଟଇଣ୍ଡିଜର ଆଫି ଫ୍ଲେଚରଙ୍କୁ ପଛରେ ପକାଇ ପୁରସ୍କାର ଜିତିଛନ୍ତି। ଏହି ୨୭ବର୍ଷୀୟା ଷ୍ଟାର ଅଲ୍‌ରାଉଣ୍ଡର ଅଷ୍ଟ୍ରେଲିଆର ଆଶ୍‌ଲେ ଗାର୍ଡନରଙ୍କ ପରେ ଦ୍ୱିତୀୟ ମହିଳା ଖେଳାଳି ଭାବେ ୪ଥର ଆଇସିସି ପିଓଟିଏମ୍ ପୁରସ୍କାର ଲାଭ କରିଛନ୍ତି।

# ନିଶା ନିବାରଣ ଲାଗି କ୍ରୀଡ଼ା ମନ୍ତ୍ରଣାଳୟର ବଡ଼ ପଦକ୍ଷେପ

**ନୂଆଦିଲ୍ଲୀ, ୧୪।୭(ପି.ଟି.)**

କ୍ରୀଡ଼ ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ନିଶା ସେବନର କୁପ୍ରଭାବ ସମ୍ପର୍କରେ ଦେଶର ଯୁବ ପିଢ଼ିକୁ ଅବଗତ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛି। ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ବାରାଣସୀରେ 'ବିକଶିତ ଭାରତ ପାଇଁ ନିଷାମୁକ୍ତ ଯୁବ' ନାମକ ଏକ ୩ ଦିନିଆ ଚିନ୍ତନ ଶିବିର ଆୟୋଜନ କରାଯିବ। ୨୦୪୭ ସୁଦ୍ଧା ଭାରତକୁ ନିଷାମୁକ୍ତ କରିବା ଲାଗି ଏକ ରଣନୀତି ପ୍ରସ୍ତୁତ କରିବା ଏହାର ଲକ୍ଷ୍ୟ। ଏଥିଲାଗି ଆସନ୍ତା ୧୮ ତାରିଖରେ ପଞ୍ଜୀକରଣ ହେବ ଏବଂ ଏହାର ପରଦିନଠାରୁ କନକ୍ଲେଭ ଆରମ୍ଭ ହେବ। କନକ୍ଲେଭ ଶେଷ ହେବା ପରେ ଚୂଡ଼ାନ୍ତ କାର୍ଯ୍ୟାନୁଷ୍ଠାନ ଯୋଜନା 'କାଶି ଡିକ୍ଲାରେଶନ' ପ୍ରକାଶ କରାଯିବ। ଏହି ଶିବିରରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ସାମାଜିକ ନ୍ୟାୟ ମନ୍ତ୍ରଣାଳୟ, ସଂସ୍କୃତି ମନ୍ତ୍ରଣାଳୟ ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି), ନ୍ୟାଶନାଲ ଲିଗାଲ ସର୍ଭିସ ଅଥରିଟି (ଏନ୍‌ଏଲ୍‌ଏସ୍‌ଏ) ଓ ୧୦୦ ଆଧ୍ୟାତ୍ମିକ ସଂଗଠନର ଯୁବ ଶାଖା ଏକତ୍ରିତ ହେବେ। ଏହି କନକ୍ଲେଭ ରୁଦ୍ରାକେଶ କନଭେନଶନ ସେଣ୍ଟରରେ ହେବ ଏବଂ ଏଥିରେ ୫୦୦ ଅଂଶଗ୍ରହଣକାରୀ ଭାଗ ନେବେ।

ଏହି ପଦକ୍ଷେପ ସମ୍ପର୍କରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ କହିଛନ୍ତି ଯେ, ଏହା ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବାରେ ସହାୟକ ହେବ, ଯାହାକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣର ଅଂଶବିଶେଷ। ଭାରତ ଏକ ଯୁବ ଦେଶ ଓ ଯୁବ ପିଢ଼ି ଆମର ଶକ୍ତି। ନିଶା ଓ ଡ୍ରଗ୍ସ ଆମ ପାଇଁ ବଡ଼ ସମସ୍ୟା ପାଲଟିଛି।

# ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟରର ପ୍ରଥମ ବାର୍ଷିକୀ

**ଭୁବନେଶ୍ୱର, ୧୪।୭ (ବିଜୟ ରଣା)**

ପୁରୀର ତାଳବଣିଆସ୍ଥିତ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋଖୋ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ର ପ୍ରଥମ ବାର୍ଷିକୀ ପାଳିତ ହୋଇଯାଇଛି। ତୃଣମୂଳସ୍ତରର ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଏବଂ ଖୋ ଖୋ ଭଳି ସ୍ୱଦେଶୀ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ଏଚ୍‌ପିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ଚଳିତବର୍ଷ ଏହାର ଆଥଲେଟମାନେ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ୩ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ହାସଲ କରିପାରିଛନ୍ତି। ୫୦ଜଣ ଆବାସିକ ଆଥ୍‌ଲେଟଙ୍କ ମଧ୍ୟରୁ ୪୨ ଜଣ ବିଭିନ୍ନ ରାଜ୍ୟ ଦଳ ଏବଂ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରୁଛନ୍ତି, ଯାହା କି କୌଣସି ଏଚ୍‌ପିସି ପାଇଁ ଏକ ବଡ଼ ସଫଳତା। ତାଳବଣିଆସ୍ଥିତ ଏହି ଏଚ୍‌ପିସି ପ୍ରଥମ ବାର୍ଷିକୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ଆର୍ଥିକ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ନେଲ୍‌ସନ ଲାକ୍ରା, ବିଭାଗୀୟ ଉପସଚିବ ପଦ୍ମ ଚରଣ ସାହୁ, ଏଏମ୍/ଏନ୍‌ଏସ୍ ଇଣ୍ଡିଆର ବିଭାଗୀୟ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ, ସ୍ପୋର୍ଟ୍ସ ଫର୍ ଅଲ୍ (ଏସ୍‌ଏଫ୍‌ଏ)ର ପ୍ରତିଷ୍ଠାତା ବିଶ୍ୱାସ ଚୋକସି, ପୁରୀ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଏବଂ ଓଡ଼ିଶା ଏମ୍‌ଏନ୍/ଏନ୍‌ଏସ୍ ଇଣ୍ଡିଆ ଖୋଖୋ ଏଚ୍‌ପିସି ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଥମ ବାର୍ଷିକୀ ଅବସରରେ ଅତିଥିମାନଙ୍କ ସହ ଖେଳାଳି।

# ଚେଲସି କ୍ଲବ ୱାର୍ଲ୍ଡକପ୍ ଚାମ୍ପିୟନ

**ଇଷ୍ଟ ରଦରଫୋର୍ଡ, ୧୪।୭ (ଏପି):** କୋଲ ପାମରଙ୍କ ଡବଲ୍ ଗୋଲ ବଳରେ ଚେଲସି ୩-୦ ଗୋଲରେ ପ୍ୟାରିସ ସେଣ୍ଟ-ଜର୍ମେନ(ପିଏସ୍‌ଜି)କୁ ପରାସ୍ତ କରି ପ୍ରଥମ କ୍ଲବ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଛି। ନିକଟରେ ପ୍ରଥମ ଥର ପାଇଁ ୟୁରୋପିଆନ ଚାମ୍ପିୟନ୍ସ ଲିଗ୍ ଜିତିଥିବା ପିଏସ୍‌ଜି ରନରଅପ୍ ଭାବେ ଅଭିଯାନ ଶେଷ କରିଛି। ମେଟଲାଇଫ୍ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ଲାଗି ୮୧,୧୮୮ ଦର୍ଶକଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସହ ଉପସ୍ଥିତ ଥିଲେ। ମ୍ୟାଚ୍ ପରେ ଟ୍ରମ୍ପ ଓ ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ଚେଲସି ଅଧିନାୟକ ରିସ ଜେମ୍ସଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

# ଏସ୍‌ଆର୍ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ୨୦ରେ

**ଭୁବନେଶ୍ୱର, ୧୪।୭ (ତପନ ସ୍ୱାଇଁ)**

ରାଜ୍ୟର ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର ଚେସ୍ ଓ ଡି. ୱେଟବିୱେବ ଆନୁକୂଲ୍ୟରେ ଚଳିତ ମାସ ୨୦ ତାରିଖରେ ଅନ୍ତର୍ଜାତୀୟ ଚେସ୍ ଦିବସ ଅବସରରେ ଏକ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। କଟକ ତ୍ରିଶୁଳିଆ ଛକସ୍ଥିତ ସେରିମୋନିୟମ ମଣ୍ଡପରେ ଏହା ଆୟୋଜନ କରାଯିବ। ପ୍ରତିଯୋଗିତାର ଶ୍ରେଷ୍ଠ ୧୫ ପ୍ରତିଯୋଗୀଙ୍କୁ ୨୦,୦୦୦ ଟଙ୍କାର ପୁରସ୍କାର ସହ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ଚେସ୍ ପ୍ରତିଭାଙ୍କୁ ଉତ୍ସାହିତ କରାଯିବା ଲକ୍ଷ୍ୟରେ ୫, ୬, ୭, ୯, ୧୧ ଓ ୧୩ ବର୍ଷରୁ କମ୍ ବର୍ଗର ଶ୍ରେଷ୍ଠ ୪ ବାଳକ ଓ ୩ ବାଳିକାଙ୍କୁ ସ୍ୱତନ୍ତ୍ର ଟ୍ରଫି ଦିଆଯିବ। ପ୍ରତିଯୋଗିତା ୭ ରାଉଣ୍ଡ ବିଶିଷ୍ଟ ହେବ। ୧୦ମ ଶ୍ରେଣୀ ପର୍ଯ୍ୟନ୍ତ କିମ୍ବା ୧।୧।୨୦୧୦ ପରେ ଜନ୍ମଗ୍ରହଣ କରିଥିବା ପିଲାମାନେ ଏଥିରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ। ରାଜ୍ୟର ଯେ କୌଣସି ଚେସ୍ ଖେଳାଳି ୫୦୦ ଟଙ୍କାର ଏଣ୍ଟ୍ରି ଫି' ଦେଇ ଏଥିରେ ଅଂଶଗ୍ରହଣ କରିପାରିବେ ବୋଲି ଏସ୍‌ଆର୍ ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଅଂଶଗ୍ରହଣକାରୀ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରମାଣପତ୍ର ପ୍ରଦାନ କରାଯିବ। ସବିଶେଷ ବିବରଣୀ ପାଇଁ ଖେଳାଳିମାନେ ଏସ୍‌ଆର ଚେସ୍ ସେଣ୍ଟର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ଡି. ୱେଟବିୱେବ ପ୍ରତିଷ୍ଠାତା ଆଇଫିୟା ଖାଁ କିମ୍ବା ଚେୟାରମ୍ୟାନ ନବୀନ କୁମାର ବର୍ମାଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# ମେର୍ଲେର ଜିତିଲେ ୯ମ ଷ୍ଟେଜ

**ପ୍ୟାରିସ, ୧୪।୭**

ବେଲଜିୟମର ଟିମ୍ ମେର୍ଲେର ଟୁର୍ ଡି ଫ୍ରାନ୍ସ ସାଇକେଲ ରେସ୍‌ର ୯ମ ଷ୍ଟେଜ ବିଜେତା ହୋଇଛନ୍ତି। ଚିନନଠାରୁ ଚାଟାଉରକ୍ସ ପର୍ଯ୍ୟନ୍ତ ଅନୁଷ୍ଠିତ ୧୭୪.୧ (୧୦୮.୨ ମାଇଲ) କିଲୋମିଟର ବିଶିଷ୍ଟ ଫ୍ଲାଟ୍ ଷ୍ଟେଜର ଦୂରତ୍ୱକୁ ମେର୍ଲେର ୩ ଘଣ୍ଟା ୨୮ ମିନିଟ ୫୨ ସେକେଣ୍ଡ ସମୟ ନେଇ ଶେଷ କରିଥିଲେ। ମେର୍ଲେର ହେଉଛନ୍ତି ସୌଡାଲ-କ୍ୱିକ୍ ଷ୍ଟେପ୍ ଟିମ୍ ରାଇଡର। ଲିଡଲ-ଟ୍ରେକ୍ ଟିମ୍‌ର ଇଟାଲିଆନ ରାଇଡର ଜୋନାଥନ ମିଲାନ ଦ୍ୱିତୀୟ ଓ ଲୋଟୋର ବେଲଜିଆନ ସାଇକ୍ଲିଷ୍ଟ ଅର୍ନାଉଡ୍ ଡି ଲିଏ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୯ମ ଷ୍ଟେଜ୍ ଶେଷରେ ୟୁଏଇ ଟିମ୍ ଏମିରେଟ୍ସ ଏକ୍ସଆରଜି ରାଇଡର ଟାଡେଜ ପୋଗାକର ଓଭରଅଲ୍ ଅଗ୍ରଣୀ ରହିଛନ୍ତି। ସ୍ଲୋଭେନିଆର ଏହି ସାଇକ୍ଲିଷ୍ଟ ୯ଟି ଯାକ ଷ୍ଟେଜ୍‌କୁ ସମ୍ପୂର୍ଣ୍ଣ କରିବାପାଇଁ ମୋଟ ୩୩ ଘଣ୍ଟା ୧୭ମିନିଟ

**ଟୁର୍ ଡି ଫ୍ରାନ୍ସ**

୨୨ ସେକେଣ୍ଡ ସମୟ ନେଇଛନ୍ତି। ୫୪ ସେକେଣ୍ଡ ସମୟ ଅଧିକ ନେଇ ସୌଡାଲ-କ୍ୱିକ୍ ଷ୍ଟେପ୍ ଟିମ୍‌ର ବେଲଜିଆନ ରାଇଡର ରେମ୍‌କୋ ଇଭେନେପୋଏଲ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।



ଟୁର୍ ଡି ଫ୍ରାନ୍ସ ସାଇକେଲ ରେସ୍‌ର ୯ମ ଷ୍ଟେଜ ଜିତିବାପରେ ଉଲ୍ଲସିତ ବେଲଜିୟମର ଟିମ୍ ମେର୍ଲେର।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ